୫୧ ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 1/2024 | Page 16 | ₹ 7.00
୫୧ଶ ଭାଗ ୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 8 | ମୂଲ୍ୟ ₹୭/-

# ହାଇବ୍ରିଡ୍ ମଡେଲ | କେଁ ରଖି ହଁ କଲା ପାକିସ୍ତାନ

## ୨୦୩୧ ଯାଏ ଭାରତରେ ଖେଳିବନି

**୨୦୨୫ ଫେବୃଆରୀ-ମାର୍ଚ୍ଚରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ଆୟୋଜକ ପାକିସ୍ତାନ ଶେଷରେ ହାଇବ୍ରିଡ୍ ମଡେଲ ଆପଣାଇବାକୁ ରାଜି ହୋଇଛି। କିନ୍ତୁ ୨୦୩୧ ପର୍ଯ୍ୟନ୍ତ ଭାରତରେ ହେବାକୁ ଥିବା କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ ନାହିଁ। ତେବେ ହାଇବ୍ରିଡ୍ ମୋଡ୍‌ରେ ଖେଳିବ ବୋଲି ସର୍ତ୍ତ ବାଢ଼ିଛି। ଆସନ୍ତା ୬ ବର୍ଷ ମଧ୍ୟରେ ଭାରତରେ ୩ଟି ଆଇସିସି ଟୁର୍ନାମେଣ୍ଟ ଖେଳାଯିବ। ପାକିସ୍ତାନ ନ ଆସିଲେ କ୍ରିକେଟ ପ୍ରଶଂସକ ହାଇଭୋଲ୍‌ଟେଜ ମ୍ୟାଚ ଦେଖିବାରୁ ବଞ୍ଚିତ ହେବେ।**

**ଦୁବାଇ,୩୦।୧୧(ପି.ଟି.)**

ପାକିସ୍ତାନରେ ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଆୟୋଜନକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଆଇସିସି ମଧ୍ୟସ୍ଥତାରେ ଅନୁଷ୍ଠିତ ବୈଠକରେ ହାଇବ୍ରିଡ ମଡେଲ ପାଇଁ ସହମତି ପ୍ରକାଶ କରିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ମୁଖ୍ୟ ମୋହସିନ୍ ନକ୍‌ଭି। ଆସନ୍ତା ଫେବୃଆରୀ-ମାର୍ଚ୍ଚ ମାସରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ଯିବାକୁ ଭାରତ ମନା କରିଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ଭାରତ ସରକାର ମଧ୍ୟ ସେଠାକୁ ଯିବା ପାଇଁ ଅନୁମତି ଦେଇ ନ ଥିଲେ। ଦୀର୍ଘ ଦିନର ବୈଠକ ପରେ ନକ୍‌ଭି ଶେଷରେ ହାଇବ୍ରିଡ ମଡେଲ ପାଇଁ ସହମତି ପ୍ରକାଶ କରିଥିଲେ ମଧ୍ୟ ଏକ ସର୍ତ୍ତ ରଖିଛନ୍ତି। ୨୦୩୧ ଯାଏ ଭାରତରେ ହେବାକୁ ଥିବା କୌଣସି ଟୁର୍ନାମେଣ୍ଟରେ ପାକିସ୍ତାନ ଅଂଶଗ୍ରହଣ କରିବ ନାହିଁ ବୋଲି ନକ୍‌ଭି କହିଛନ୍ତି। ଏହି ସମସ୍ତ ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ହାଇବ୍ରିଡ୍ ମଡେଲରେ ଖେଳିବା ପାଇଁ ସର୍ତ୍ତ ରଖିଛି। ଭାରତ ଓ ପାକିସ୍ତାନ ନିଜର ମତ ରଖିଥିବା ବେଳେ ଉଭୟଙ୍କୁ ସୁହାଇବା ଭଳି ନିଷ୍ପତ୍ତି ନିଆଯାଇଥିଲା। ଉଭୟ ପକ୍ଷଙ୍କ ସମ୍ମାନକୁ ଦୃଷ୍ଟିରେ ରଖିବା ସହ କ୍ରିକେଟର ଦୃଷ୍ଟିକୋଣକୁ ମଧ୍ୟ ଗୁରୁତ୍ୱ ଦେଇ ପିସିବି ହାଇବ୍ରିଡ ମଡେଲ ପାଇଁ ରାଜି ହୋଇଥିବା ନକ୍‌ଭି ମତ ରଖିଥିଲେ। କ୍ରିକେଟର ସ୍ୱାର୍ଥ ସହିତ ପାକିସ୍ତାନର ସମ୍ମାନ ମଧ୍ୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ୨୦୩୧ ଯାଏ ଭାରତରେ ହେବାକୁ ଥିବା ସମସ୍ତ ଟୁର୍ନାମେଣ୍ଟ ହାଇବ୍ରିଡ ମୋଡରେ ଖେଳିବା ପାଇଁ ପିସିବି ନିଷ୍ପତ୍ତି ନେଇଥିବା କହିଛନ୍ତି ନକ୍‌ଭି। ଆଇସିସି ଏହି ନିଷ୍ପତ୍ତିକୁ ଗ୍ରୀନ୍ ସିଗ୍‌ନାଲ ଦେବା ପରେ ହାଇବ୍ରିଡ ମଡେଲ ପାଇଁ ପିସିବି ରାଜି ହେବ ବୋଲି ସେ କହିଛନ୍ତି।

ଏହା ସହ ଚଳିତ ଆର୍ଥିକ ବର୍ଷରେ ପାକିସ୍ତାନର ରେଭିନ୍ୟୁରେ ୫.୭୫ ପ୍ରତିଶତ ବୃଦ୍ଧି କରିବା ପାଇଁ ନକ୍‌ଭି ଅନୁରୋଧ କରିଛନ୍ତି। ଦୁବାଇରେ ଅନୁଷ୍ଠିତ ଆଇସିସି ବୈଠକରେ ମୋହସିନ୍ ନକ୍‌ଭି ଏବଂ ବିସିସିଆଇ ସମ୍ପାଦକ ଜୟ ଶାହା ଅଂଶଗ୍ରହଣ କରିଥିଲେ। ମୋହସିନ୍ ଏହି ବୈଠକରେ ଉପସ୍ଥିତ ଥିବା ସମୟରେ ଶାହା ଭର୍ଚ୍ୟୁଆଲରେ ଯୋଗ ଦେଇଥିଲେ। ୨୦୩୧ ମଧ୍ୟରେ ଭାରତରେ ୩ଟି ଆଇସିସି ଟୁର୍ନାମେଣ୍ଟ ଖେଳାଯିବ। ଶ୍ରୀଲଙ୍କା ସହ ମିଳିତ ଭାବରେ ୨୦୨୬ ଟି୨୦ ବିଶ୍ୱକପ, ୨୦୨୯ ଚାମ୍ପିୟନ୍ସ ଟ୍ରଫି ଓ ବାଂଲାଦେଶ ସହ ମିଳିତ ଭାବରେ ୨୦୩୧ ଦିନିକିଆ ବିଶ୍ୱକପ ଆୟୋଜନ କରିବାକୁ ଯାଉଛି ଭାରତ।






## ଏନ୍‌ଜିଟି କାର୍ଯ୍ୟରେ ପରିବେଶ ମନ୍ତ୍ରଣାଳୟ ବାଧକ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ନ୍ୟାଶନାଲଗ୍ରୀନ୍‌ଟ୍ରିବ୍ୟୁନାଲ୍(ଏନ୍‌ଜିଟି)ରକାର୍ଯ୍ୟରେକେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗମ୍ଭୀର ପ୍ରତିବନ୍ଧକ ସୃଷ୍ଟି କରୁଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଜବେଷ୍ଟସ୍ ଶିଟ୍ ବ୍ୟବହାର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ପ୍ରସଙ୍ଗରେ ମନ୍ତ୍ରଣାଳୟ ଉପଯୁକ୍ତ ଜବାବ ଦେଉ ନ ଥିବା ଟ୍ରିବ୍ୟୁନାଲ କହିଛନ୍ତି।

ଗତ ଜୁଲାଇରେ ଟ୍ରିବ୍ୟୁନାଲ ଏ ସମ୍ପର୍କରେ ମନ୍ତ୍ରଣାଳୟକୁ ଜବାବ ମାଗିଥିଲେ। ଆଜବେଷ୍ଟସ୍ କାର୍ଯ୍ୟଜନିତ ବିପଦ ଶିଳ୍ପ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ଶ୍ରମିକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଭିନ୍ନ କି ବୋଲି ଖୋଜି ବାହାର କରିବାକୁ ଗ୍ରୀନ୍ ପ୍ୟାନେଲ୍ ମନ୍ତ୍ରଣାଳୟକୁ କହିଥିଲେ। ଯଦି ବିପଦ ଭିନ୍ନ ଭିନ୍ନ ହୋଇଥାଏ, ତେବେ ଏହାର ବିଜ୍ଞାନସମ୍ମତ ଅଧ୍ୟୟନ କରି ☞ପୃଷ୍ଠା-୨









## ୧୫ରେ ମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

ରାୟଗଡ଼ା,୩୦।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ାରେ ହେବାକୁ ଥିବା ଆଦିତ୍ୟ ଆଲୁମିନା କମ୍ପାନୀର ଶିଳାନ୍ୟାସ ପାଇଁ ଡିସେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ଼ା ଜିଲା ଗସ୍ତରେ ଆସିବେ। ଏନେଇ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି। ଭାଜପା ସରକାର ଗଠନପରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଗସ୍ତରେ ଆସୁଛନ୍ତି। ଯାହାକୁ ନେଇ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ତେବେ ଅନ୍ୟପଟେ ଜିଲାର ୩ ବିଧାନସଭା ଆସନ ସମେତ କୋରାପୁଟ ଲୋକସଭା ଆସନ କଂଗ୍ରେସ ଦଖଲରେ ଥିବାରୁ ଭାଜପାର ନଜର ଜିଲା ଉପରେ ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଆଗକୁ ଭାଜପାର ସାଂଗଠନିକ ନିର୍ବାଚନ ରହିଛି। ନୂତନ ଜିଲା ସଭାପତି ସାଙ୍ଗକୁ ଅନ୍ୟାନ୍ୟ ପଦପଦବୀ ପାଇଁ କର୍ମକର୍ତ୍ତା ଚୟନ ହେବ। ତେଣୁ ଭାଜପା ଭିତରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି।

## ହେମଗିର ତହସିଲଦାର ନିଲମ୍ବିତ

ସୁନ୍ଦରଗଡ଼/ହେମଗିର,୩୦।୧୧(ଜୟନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)

କାର୍ଯ୍ୟରେ ଅବହେଳା ଯୋଗୁ ସୁନ୍ଦରଗଡ଼ ଜିଲା ହେମଗିର ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି। କାର୍ଯ୍ୟାଳୟକୁ ନିୟମିତ ନ ଆସିବା, କାର୍ଯ୍ୟରେ ଅବହେଳା ଅଭିଯୋଗ ପରେ ସୁନ୍ଦରଗଡ଼ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏହି ନିଲମ୍ବନ ଆଦେଶ ଦେଇଛନ୍ତି। ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ସହ ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି।


ଲାବଣ୍ୟେନ୍ଦୁ ମହାନ୍ତି




## ଆଜିଠୁ କୋଣାର୍କ ଉତ୍ସବ, ବାଲୁକାକଳା ଉତ୍ସବ

# ଝଲସୁଛି ମୁକ୍ତାକାଶ ରଙ୍ଗମଞ୍ଚ

କୋଣାର୍କ,୩୦।୧୧
(ଜ୍ୟୋତିରାଜ ମହାନ୍ତି)



କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ରବିବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ରଙ୍ଗୀନ ହେବ ରଙ୍ଗମଞ୍ଚ। ସଜେଇ ହୋଇଛି ମୁକ୍ତାକାଶ ରଙ୍ଗମଞ୍ଚ। ରାସ୍ତାଘାଟରେ ଓ ରଙ୍ଗମଞ୍ଚ ପରିସରରେ ଛୋଟବଡ଼ ବୃକ୍ଷରାଜି, ରଙ୍ଗବେରଙ୍ଗର ଚାନ୍ଦୁଆ ରାତିର ଶୋଭାକୁ ଅତ୍ୟନ୍ତ ଲୋଭନୀୟ କରୁଛି। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଓଡ଼ିଶୀ, କଥକ, କୁଚିପୁଡ଼ି, ମଣିପୁରୀ ମୋହିନୀ ଆଟମ୍, ଭାରତନାଟ୍ୟମ୍ ଆଦି ନୃତ୍ୟ ପରିବେଷଣ ସହିତ ଚନ୍ଦ୍ରଭାଗା ବେଳାଭୂମିରେ ଦେଶବିଦେଶର ଶତାଧିକ ବାଲୁକାଶିଳ୍ପୀ ବିଭିନ୍ନ ପ୍ରସଙ୍ଗରେ ବିଭିନ୍ନ କଳାକୃତି ପ୍ରଦର୍ଶନ କରିବେ। କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପ୍ୟାକେଜ୍ ଟୁର୍ ବ୍ୟବସ୍ଥା କରାଯାଇଛି। ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ବାଲୁକା କଳା ଉତ୍ସବ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିରେ ଦେଶ ବିଦେଶର ଶତାଧିକ ବାଲୁକାଶିଳ୍ପୀ ଅଂଶଗ୍ରହଣ କରୁଛନ୍ତି। ଏହି ଉତ୍ସବ ଉପଲକ୍ଷେ ତୀର୍ଥ ପଡ଼ିଆରେ ହସ୍ତଶିଳ୍ପ ବଜାର ଖୋଲାଯାଇଛି। ଉତ୍ସବକୁ ଦୃଷ୍ଟିରେ ରଖି ୫ଦିନ ସୂର୍ଯ୍ୟମନ୍ଦିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ବନ୍ଦ ରହିବ। ଉତ୍ସବ ସମୟରେ ଦୈନିକ ଭୁବନେଶ୍ୱର ଓ ପୁରୀରୁ ସ୍ୱତନ୍ତ୍ର ଏସି ବସ୍ ଚାଲିବ। ଏହି ବସ୍ ଅପରାହ୍ନ ୨.୩୦ରୁ ବାହାରି ରାତି ୧୧ଟାରେ ଫେରିବ। ଦିନିକିଆ ଟୁର୍‌ରେ ଭୁବନେଶ୍ୱରରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି, ବାଲୁକା କଳା ଉତ୍ସବ, କୋଣାର୍କ ଉତ୍ସବ ନିମନ୍ତେ ଜଣକ ପ୍ରତି ୧୭୭୦ଟଙ୍କା ରହିଥିବା ବେଳେ ପୁରୀରୁ କୋଣାର୍କ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର, ବାଲୁକା କଳା ଉତ୍ସବ, କୋଣାର୍କ ଉତ୍ସବ ନିମନ୍ତେ ଜଣକ ପ୍ରତି ୧୫୧୦ଟଙ୍କା ରହିଥିବା କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ସୂଚନା ଦେଇଛନ୍ତି। ସେହିଭଳି ହେଲିପ୍ୟାଡ୍‌ରେ ୩ଟି ଅପେରା, ଦୋଳି ଓ ମିନାବଜାର ଅନ୍ୟତମ ଆକର୍ଷଣ ସାଜିବ।



୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧/୨୦୨୪ | Bhubaneswar, Sunday, December 1/2024 | ପୃଷ୍ଠା-୧



ନୌସେନା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ସମୁଦ୍ର ଆକାଶରେ ପ୍ରଦର୍ଶିତ ଯୁଦ୍ଧ କୌଶଳ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ପୁଣି ଶିଶୁ ଚୋରି ଅଭିଯୋଗ

**ନୟାଗଡ଼/ରଣପୁର,୩୦।୧୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

- **ବିବାଦ ଘେରରେ ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ର**
- **ଅଭିଯୋଗକୁ ଖଣ୍ଡନ କଲେ ମେଡିକାଲ ଅଫିସର**
- **ସିସିଟିଭି ଯାଞ୍ଚ ପରେ ପ୍ରସବ ହୋଇ ନ ଥିବା ଏସ୍‌ଡିପିଓଙ୍କ ସୂଚନା**

ଗତ କିଛିଦିନ ହେବ ରାଜ୍ୟରେ ବିଭିନ୍ନ ମେଡିକାଲରୁ ଶିଶୁ ଚୋରି ହେଉଥିବା ଅଭିଯୋଗ ହୋଇଛି। ଶନିବାର ସେମିତି ଏକ ଘଟଣା ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଛି। ଏହାକୁ ନେଇ ନୟାଗଡ଼ରେ ଆଲୋଡ଼ନ ସୃଷ୍ଟି ହୋଇଛି। ହେଲେ ପିଲାଚୋରି ଅଭିଯୋଗକୁ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଅସ୍ୱୀକାର କରିଛନ୍ତି। ନୟାଗଡ଼ ଏସ୍‌ଡିପିଓ ସ୍ୱାସ୍ଥ୍ୟକେନ୍ଦ୍ର ସିସିଟିଭି ଯାଞ୍ଚ କରି ଉକ୍ତ ଡାକ୍ତରଖାନାରେ ସମ୍ପୃକ୍ତ ମହିଳାଙ୍କ ପ୍ରସବ ହୋଇ ନ ଥିବା କହିଛନ୍ତି। ଏଭଳିସ୍ଥଳେ ଶିଶୁ ଚୋରିକୁ ନେଇ ରାଜସୁନାଖଳାରେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ପ୍ରକୃତରେ ଶିଶୁ ଚୋରି ହୋଇଛି କି ନାହିଁ ତାହା ଜାଣିବା ପାଇଁ ସାଧାରଣରେ ଉତ୍କଣ୍ଠା ଦେଖା ଦେଇଛି।

ଏନେଇ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଗୋଡଭଙ୍ଗା ଗାଁର ବିଜୟ କୁମାର ପରିଡ଼ା କୁହନ୍ତି, ମୋ ସ୍ତ୍ରୀ ସୁଦିସ୍ମିତାଙ୍କ ଶୁକ୍ରବାର ଗର୍ଭ ଯନ୍ତ୍ରଣା ଆରମ୍ଭ ହେବା ପରେ ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲି। ମହିଳା ନର୍ସଙ୍କୁ ଦେଖା କଲାପରେ ହାପ୍ ଫିଙ୍ଗର ହୋଇଥିବା କହିଥିଲେ। ପେନ୍ ଆସିବା ପାଇଁ ଇଞ୍ଜେକ୍‌ଶନ ଦେଇ ଘରକୁ ନେଇ ଯିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ସୁଦିସ୍ମିତାଙ୍କୁ ଘରକୁ ନ ନେଇ ଆମ ଦଦାଘର ରାଜସୁନାଖଳାରେ ଶୁକ୍ରବାର ରଖିଥିଲୁ। ଶନିବାର ସକାଳ ପ୍ରାୟ ୯ଟାରେ ମହିଳା ନର୍ସ ଫୋନ କଲେ। ସକାଳ ସାଢ଼େ ୯ଟା ଭିତରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲୁ। ସେ ମୋ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କଲେ। ଏହାର କିଛି ସମୟ ପରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମୁଁ ସୁନାଖଳା ଘରକୁ ଯାଇ ବୋଉକୁ ଧରି ଆସିଲା ବେଳକୁ ନବଜାତ ଶିଶୁପୁତ୍ରକୁ କିଏ ଚୋରାଇ ନେଇଥିବା ଜାଣିବାକୁ ପାଇଲି। ଶାଶୁ ଶକୁନ୍ତଳା ପରିଡ଼ା କୁହନ୍ତି, ସୁଦିସ୍ମିତାଙ୍କ ଡେଲିଭରି ସମୟ ହୋଇ ଯାଇଥିଲା। ସେ ପୂର୍ବରୁ ଡା.ଖାଁଙ୍କ ପରାମର୍ଶ ନେଉଥିଲେ। ଡା.ଖାଁ ମହିଳା ନର୍ସଙ୍କ ସହ ପରିଚିତ କରାଇବା ପରେ ଆମେ ନର୍ସଙ୍କୁ ଦେଖାଉଥିଲୁ। ଶନିବାର ପ୍ରସବ ହେଲା। ପୁଅଟିଏ ହୋଇଥିଲା। ଖାଁ ସାର ଓ ମହିଳା ଡାକ୍ତର ମିଶି ପିଲାକୁ ଗାଏବ କରି ନେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରର ସିସିଟିଭି ଯାଞ୍ଚ କଲା ପରେ ଜଣାପଡିଛି ସୁନାଖଳା ହସ୍ପିଟାଲରେ ଡେଲିଭରି ହୋଇନାହିଁ। ଆଉଟଡୋର ହେଉ କି ନର୍ସଙ୍କ ସହ କିଏ ଯୋଗାଯୋଗ କରିନାହାନ୍ତି। ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁଦିସ୍ମିତା ଆସିବାବେଳେ ୨ ଜଣ ତାଙ୍କୁ ଧରି ଆସିଥିଲେ। ସେତେବେଳେ ସେ ଗର୍ଭବତୀ ଥିଲେ। ଶନିବାର କିନ୍ତୁ ସିସିଟିଭିରେ ସେ ଗର୍ଭବତୀ ନ ଥିବା ଜଣାପଡୁଛି। ଘଟଣାର ତଦନ୍ତ ଜାରି ରହିଛି। ପିଲା ଚୋରି ନେଇ ମିଥ୍ୟା ଅଭିଯୋଗ କରିଥିବା ଦମ୍ପତିଙ୍କ ବିରୋଧରେ ମେଡିକାଲ ଅଫିସର ଅଭିଯୋଗ କରିବେ ବୋଲି କହିଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଜଗଦୀଶ ଜେନା କୁହନ୍ତି, ଶନିବାର ସୁଦିସ୍ମିତାଙ୍କ ମେଡିକାଲରେ ଡେଲିଭରି ହୋଇନାହିଁ। ତାଙ୍କ ପରିବାର ପକ୍ଷରୁ ଓପିଡି ଟିକେଟ୍ କରାଯାଇନାହିଁ। ଶିଶୁ ଚୋରି ନେଇ ଯେଉଁ ଅଭିଯୋଗ ହୋଇଛି ତାହା ଭିତ୍ତିହୀନ ଓ କପୋଳକଳ୍ପିତ। ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ କାହିଁକି ପିଲା ଚୋରି ପରି ଏକ ମିଥ୍ୟା ଅଭିଯୋଗ ସେ ଆଣିଛନ୍ତି ଜଣାପଡ଼ିନାହିଁ। ଏ ନେଇ ଆମେ ଥାନାରେ ଅଭିଯୋଗ କରିବୁ। ଅନ୍ୟପକ୍ଷେ ପ୍ରସୂତି ମହିଳା ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ବୋଲି ସେ କହିଛନ୍ତି।

## ଆଜିର ସମ୍ପାଦକୀୟ

**କେବଳ ଦେଖଣାହାରି**

## ଆଜିର ମନ୍ତବ୍ୟ

"ମହିଳାମାନେ ନିଜକୁ ଅଧିକ ସମର୍ଥ ଓ ସଶକ୍ତ କରିବା ପାଇଁ ଆଗକୁ ଆସି କେନ୍ଦ୍ରୀୟ ଯୋଜନାଗୁଡ଼ିକର ସୁବିଧା ହାସଲ କରିବା ଉଚିତ।

-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ

# ମଧ୍ୟାହ୍ନଭୋଜନ ଖର୍ଚ୍ଚ ପୁଣି ବଢ଼ିଲା

**ଭୁବନେଶ୍ୱର,୩୦।୧୧(ଅନିଲ ଦାସ/ ସୁଚିସ୍ମିତା ସାହୁ)**

ମଧ୍ୟାହ୍ନଭୋଜନକୁ ନେଇ ଶନିବାର ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନ ଖର୍ଚ୍ଚ ରାଶିରେ ପୂର୍ବରୁ ୧ଟଙ୍କା ବୃଦ୍ଧି କରାଯାଇଥିବାବେଳେ ଏବେ ବର୍ଦ୍ଧିତ ବଜାର ଦର ଆଧାରରେ ଏଥିରେ ପୁଣି ପରିବର୍ତ୍ତନ ହୋଇଛି।

**ମଧ୍ୟାହ୍ନଭୋଜନ ଖର୍ଚ୍ଚ (ଟଙ୍କାରେ)**

| ଶ୍ରେଣୀ | ଥିଲା | ହେଲା |
|---|---|---|
| ୧ମରୁ ୫ମ | ୫.୯୦ | ୭.୬୪ |
| ୬ଷ୍ଠରୁ ୮ମ | ୮.୮୨ | ୧୦.୯୪ |

**ଆଜିଠାରୁ ଲାଗୁ ହେବ**

ପ୍ରଥମରୁ ପଞ୍ଚମ ଶ୍ରେଣୀର ପ୍ରତି ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ୭ଟଙ୍କା ୬୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୫ ଟଙ୍କା ୯୦ ପଇସା ଥିଲା। ସେହିପରି ଷଷ୍ଠରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ବାବଦ ଖର୍ଚ୍ଚ ପିଲା ପିଛା ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: କିଟ୍ ୟୁନିଭର୍ସିଟି, ସମୟ: ସକାଳ ୮ଟା।
- ଉତ୍କଳ ଶତରୂପା ସାହିତ୍ୟାୟନର ୫ମ ବାର୍ଷିକୋତ୍ସବ, ସ୍ଥାନ: ଓଡ଼ିଶୋ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କର୍ମଯୋଗୀ କନ୍‌କ୍ଲେଭ, ସ୍ଥାନ: ହୋଟେଲ ଏମ୍ପାୟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯୁବ ଲେଖକ ସମ୍ମାନ, ସ୍ଥାନ: ହୋଟେଲ ଶୀତଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଏଡ୍‌ସ ଦିବସ ପାଳନ, ସ୍ଥାନ: ନୀଳାଚଳ ପଲିଟେକ୍ନିକ୍, କିସ୍ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଲେଖିକା ସଂସଦର ସାହିତ୍ୟାଲୋଚନା, ସ୍ଥାନ: ରାଜଧାନୀ କଳା ସଂସଦ, ୟୁନିଟ୍-୩, ସମୟ: ଅପରାହ୍ନ ୪ଟା।
- ପ୍ରତିଭା ସ୍କୁଲ ଅଫ୍ ଡ୍ୟାନ୍ସ, ଆର୍ଟ ଏବଂ ମ୍ୟୁଜିକ୍‌ର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଲକ୍ଷ୍ମୀସାଗର, ମେଳଣ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଗୁରୁକୂଳ ଗୀତାଞ୍ଜଳି ପକ୍ଷରୁ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଦି ଇଲାଇଟ୍ ପ୍ଲେଲିଷ୍ଟ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ମର୍କତ ନଗର ସାମାଜିକ ସଙ୍ଗଠନ ପକ୍ଷରୁ ଗଣ ବିରୋଧ ପ୍ରଦର୍ଶନ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ସମ୍ମୁଖ ପଡ଼ିଆ, ସିଡିଏ ସେକ୍ଟର-୯ ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ୪୬ତମ ରାଜ୍ୟସ୍ତରୀୟ ଅଧିବେଶନ, ସ୍ଥାନ: କର୍ମବୀର ଗୌରୀଶଙ୍କର ରାୟ ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା ୪୫।
- ଧର୍ମପଦ ପୁରସ୍କାର ବିଜେତା ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟଙ୍କ ୧୦୨ତମ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ଗଣଦୌଡ଼, ସ୍ଥାନ: ସୂର୍ଯ୍ୟ ମନ୍ଦିର, କୋଣାର୍କ, ସମୟ: ସକାଳ ୭ଟା।
- ୪ର୍ଥ ଟୁବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ କୋଣାର୍କ ମହୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସ୍ୱର୍ଗତ ମନୋରଞ୍ଜନ ସାହୁଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ବୀଣାପାଣି ଶିଶୁମନ୍ଦିର, ରୂପସା, ସମୟ: ସକାଳ ୯ଟା।
- ଏଡ୍‌ସ ସଚେତନତା କର୍ମଶାଳା, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନଟାପଡ଼ା ଛକ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍‌ସ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ଲୋକ ମହୋତ୍ସବ-୨୦୨୪ର ତୃତୀୟ ଦିବସ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା।
- ଶିଶୁବିହାରର ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଏବି କଲେଜ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଏରେଇଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ନାଟ୍ୟକାର, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ସତ୍ୟଶିବ ନିଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତ୍ୟାଗଭୂମି ମହୋତ୍ସବର ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ରେଲୱେ ଷ୍ଟେଶନ, ଚରମ୍ପା, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ହେମପଦ୍ମା ଗ୍ୟାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଫିଟନେସ୍ ସଚେତନତା ଶିବିର, ସ୍ଥାନ : ଇଣ୍ଡୋର୍ ଷ୍ଟାଡିୟମ, ବଡ଼ବିଲ, ସମୟ: ସନ୍ଧ୍ୟା ୬ ଟା।
- ବିଶ୍ୱ ଏଡ଼ସ ସୁରକ୍ଷା ଦିବସ ପାଳନ, ସ୍ଥାନ:ଶାଳନିଆଁ ସିଏଚସି, ହାଟଡିହୀ, ସମୟ :ପୂର୍ବାହ୍ନ ୧୦ ଘଟିକା
- ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ବିଶ୍ୱ ଏଡ଼ସ ସୁରକ୍ଷା ଦିବସ ପାଳନ,ସ୍ଥାନ :ହାଟଡିହୀ, ସମୟ :ଦିନ ୧୦ଘଟିକା
- ମା ଗଡ଼ଚଣ୍ଡୀଙ୍କ ପୀଠରେ ମାର୍ଗଶିର ଅମାବାସ୍ୟା ପୂଜା, ସ୍ଥାନ:ସୁନ୍ଦରାପାଳ, ହାଟଡିହୀ, ସମୟ :ସକାଳ ୭ ଘଟିକା

## ମୟୂରଭଞ୍ଜ

- ୩୯୧ ବର୍ଗ ମହାବିଦ୍ୟାଳୟ କର୍ମଚାରୀ ସଂଘର ବୈଠକ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ନୂଆଗାଁ ନୀଳଶୈଳ ହାଇସ୍କୁଲ ପଡ଼ିଆ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଏଡ୍‌ସ ସଚେତନତା ଶୋଭାଯାତ୍ରା ଓ ସଭା, ସ୍ଥାନ : ଇ. ସି. ଆଇ ହଲ ବ୍ରହ୍ମପୁର,ସମୟ: ପୂର୍ବାହ୍ନ୧୦ଟା୩୦।
- ରାଜ୍ୟସ୍ତରୀୟ ବିଂଶତମ ସାରସ୍ୱତ ସମାବେଶ, ସ୍ଥାନ:ଉତ୍କଳ ଆଶ୍ରମ ଭାଷା ଭବନ, ସମୟ:ପୂର୍ବାହ୍ନ୧୦ଟା।
- ବାଲ୍ୟ ବିବାହ ମୁକ୍ତ ଭାରତ କ୍ୟାମ୍ପେନିଂ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ:ଏନଜିଓ ହଲ, ସମୟ: ପୂର୍ବାହ୍ନ୧୧ଟା।
- ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା ଓ ଆଚାର୍ଯ୍ୟ ସମ୍ମାନ ସମାରୋହ, ସ୍ଥାନ:ଉତ୍କଳ ଆଶ୍ରମ ଜାତୀୟ ଭବନ,ସମୟ:ସନ୍ଧ୍ୟା ୬ଟା ୩୦।

## କନ୍ଧମାଳ

- ଇକୋ ରିଟ୍ରିଟର ଶୁଭାରମ୍ଭ, ସ୍ଥାନ:ଦାରିଙ୍ଗବାଡି ଇକୋ ରିଟ୍ରିଟ ପଡିଆ, ସମୟ:ପୂର୍ବାହ୍ନ୧୦ ଟା।

## ଢେଙ୍କାନାଳ

- ବଜରଙ୍ଗ କ୍ଲବ ପକ୍ଷରୁ ଆଦର୍ଶ ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ଟାଉନହଲ ପରିସର, ସମୟ: ସକାଳ ୮ଟା।
- ଥିଙ୍କର୍ସ ଫୋରମ ପକ୍ଷରୁ ମୁକ୍ତାକାଶ ସାହିତ୍ୟ ଆସର, ସ୍ଥାନ: ବଳରାମ ମନ୍ଦିର ନିକଟସ୍ଥ ବ୍ରଜନାଥ ପାର୍କ, ସମୟ: ସକାଳ ୯ଟା୩୦।
- ଆସେଟ୍ ପକ୍ଷରୁ କଲଚରାଲ ଫେଷ୍ଟ, ସ୍ଥାନ: ଲେଖକ ସଂସଦ ଭବନ, ବସଷ୍ଟାଣ୍ଡ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: ସତସଙ୍ଗ ବିହାର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା୩୦।
- ସ୍ୱାଗତମ୍ ୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।
- ବାଲ୍ୟ ବିବାହମୁକ୍ତ ଅଭିଯାନ କର୍ମଶାଳା, ସ୍ଥାନ: ଲେଖକ ସଂସଦ ଭବନ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ୪ ନଂ. ଗେଟ୍ ପାଖ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୯ ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଷ୍ଟ୍ରବାଦୀ କବିତା ମହୋତ୍ସବ, ସ୍ଥାନ: ସାନ୍ଧ୍ୟ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ପୁର୍ନବାସ ସୃଜନ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଅମର ଉଦ୍ୟାନ, ମାଧପୁର,କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ୬୩ ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସରେ ଏ.ଜି. ରିକ୍ରିଏଶନ କ୍ଲବ ଭୁବନେଶ୍ୱର ବନାମ ଭଞ୍ଜନଗର ଫୁଟବଲ କ୍ଲବ୍, ସ୍ଥାନ:ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ , ସମୟ: ଅପରାହ୍ନ ୩ଟା।
- ଜିଲା ସାମ୍ବାଦିକ ସଂଘର ବନ୍ଧୁ ମିଳନ, ସ୍ଥାନ:ନୟାଗଡ଼ ପୁରୁଣାସହର ପ୍ରକୃତି ବିହାର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଭା, ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୁଖ୍ୟ ବଜାର ଓଭର ବ୍ରିଜ୍ ଏବଂ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା ୩୦।

## ନବରଙ୍ଗପୁର

- ମଣ୍ଡେଇ ମଞ୍ଚ ନାଟକ ତୃତୀୟ ଦିବସ, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ: ସନ୍ଧ୍ୟା ୬ ଟା।

## କୋରାପୁଟ

- ବିଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସ ନେଇ ମାରାଥନ ପ୍ରତିଯୋଗିତା, ସ୍ଥାନ: ରେଲୱେ ପଡିଆ,କୋରାପୁଟ, ସମୟ: ସକାଳ ୬ଟା।
- ଇକୋ ରିଟ୍ରିଟର ଶୁଭାରମ୍ଭ, ସ୍ଥାନ: ସେମିଳିଗୁଡ଼ା ବ୍ଲକ୍ ଦୁଧାରୀ ପଞ୍ଚାୟତର ପୁଟସିଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଏଡ୍‌ସ୍ ଦିବସ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: କୋରାପୁଟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ ଟା ୪୫।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ପ୍ରଜ୍ଞା ମିଶନ ଆୟୋଜିତ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- .ଶୀତ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଏମ୍‌ସିଏଚ୍ ବିଲ୍ଡିଂ, ସମୟ: ପୂର୍ବାହ୍ନ ୯ଟା।
- ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସମ୍ବିଧାନ ମହୋତ୍ସବ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା।
- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ : ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଶାସ୍ତ୍ରୀନଗର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ଦିବସର ୭୫ ବର୍ଷ ପୂର୍ତ୍ତି ମହୋତ୍ସବ ଉପଲକ୍ଷେ ସାଧାରଣ ବୈଠକ , ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସାଧାରଣ ବୈଠକ, ସ୍ଥାନ: ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବଲାଙ୍ଗୀର , ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଖ୍ୟାତ କଳାକାର ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ।

## ସୁବର୍ଣ୍ଣପୁର

- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦।
- ଜିଲା ଓକିଲ ସଂଘ ଓ ଜିଲା ନ୍ୟାୟାଳୟ କର୍ମଚାରୀ ସଂଘ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ, ସ୍ଥାନ: ସୋନପୁର କଲେଜ ପଡିଆ, ସମୟ: ସକାଳ ୯ଟା।
- ୩୧ତମ ଅମରପାଲି କ୍ରିକେଟ କପର ଫାଇନାଲ, ସ୍ଥାନ: ଭଗବାନ ସାହୁ ଖେଳ ପଡିଆ, ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ୭୫ତମ ସ୍ଥାପନା ଦିବସ ପାଳନ, ସ୍ଥାନ: ସୋନପୁର କେଭିକେ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ସକାଳ ୭ଟା ୩୦।
- ବରଗଡ଼ ଧନୁଯାତ୍ରା କଂସ କଳାକାର ଚୟନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିହନ ଓ ଖାଦ୍ୟ ମହୋତ୍ସବ, ସ୍ଥାନ: କାଦମ୍ବିନୀ କଲ୍ୟାଣ ମଣ୍ଡପ, କଲେଜ ରୋଡ଼, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଏବିସିଡ଼ି ଚାରିଟେବୁଲ ଟ୍ରଷ୍ଟ ନୂଆକେନ୍ଦ୍ର ଶୁଭାରମ୍ଭ, ସ୍ଥାନ: ଲତାକେରା, ବରପାଲି, ସମୟ: ପୂର୍ବାହ୍ନ ୧୧ଟା।
- ଗନ୍ଧମାର୍ଦ୍ଦନ ଉପରେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ଖାରବନ୍ଧ, ସମୟ: ଅପରାହ୍ନ ୨ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପାରାୟଣ, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ସତ୍ୟନାରାୟଣ ବ୍ରତ ଓ ପୂଜା, ସ୍ଥାନ: ଶ୍ରିପୁରା ମଠ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାଚିକ୍ରା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଝାରସୁଗୁଡା କୁଇଜ ପ୍ରତିଯୋଗିତା, ସ୍ଥାନ: ମେଘଦୂତ ହୋଟେଲ, ସମୟ: ଅପରାହ୍ନ ୩ଟା ୩୦ଟା।

## ରାଉରକେଲା

- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୮, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକତ୍ର ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୮ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୧୪, ସମୟ: ସନ୍ଧ୍ୟା ୬ଟା ୩୦।
- ବାପି ଲାହିରୀଙ୍କ ସ୍ମୃତିରେ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ପାଠାଗାରରେ ବାର୍ଷିକ ଉତ୍ସବ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସକାଳ ୭ଟା।
- ଆର୍‌ଏସ୍‌ପି ପକ୍ଷରୁ ଜାତୀୟ ସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୫ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ଧାମରା ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ସଭା, ସ୍ଥାନ: ଧାମରା ସଂଘ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ପକ୍ଷରୁ ମାସ୍ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଉଦିତନଗର, ସମୟ: ସନ୍ଧ୍ୟା ୫ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଜଗନ୍ନାଥ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ଉପଲକ୍ଷେ ଚିତ୍ରାଙ୍କନ, ପ୍ରବନ୍ଧ, ଓଡିଆ ବକ୍ତୃତା, ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୮ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ଅଏଲ ତରଫରୁ ବ୍ୟଞ୍ଜନ ପ୍ରତିଯୋଗିତା, ସ୍ଥାନ: ସେଣ୍ଟର ଫର କଲଚର ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀଗୋପାଳଜୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୮ଟା ୩୦।
- ବିରାଟ ଧନୁଯାତ୍ରା ମହୋତ୍ସବର ତୃତୀୟ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା।
- ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ନୂଆପଡ଼ା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୯ବର୍ଷରୁ କମ୍ ବର୍ଗର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଏଭେରେଷ୍ଟ ଆରିନା ଖେଳ ପଡିଆ ମହୁଲଭଟା, ସମୟ: ସକାଳ ୯ଟା।

## ବୌଦ୍ଧ

- ଚତୁର୍ଥ ମା' ଭୈରବୀ ମହୋତ୍ସବର ତୃତୀୟ ଦିନ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସପ୍ତମ କେନ୍ଦ୍ରରେ ଦେବଗୁରୁ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ସାମାଜିକ ସମ୍ମାନ ପ୍ରଦାନ କରିପାରନ୍ତି। ବିବାଦର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପରିବହନ ତଥା ବାଣିଜ୍ୟରୁ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ।

**ବୃଷ** ଲାଭାଧିପତି ରାଶିରେ ରହି ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ପ୍ରଭୃତିରେ ସଫଳତା ପ୍ରଦାନ କରିବେ। ଯାନ୍ତ୍ରିକ ଜିନିଷ କିମ୍ବା ଜମିଜମା କିଣିବା ସକାଶେ ଖର୍ଚ୍ଚାନ୍ତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ଶନିଙ୍କ ଦୃଷ୍ଟି ଷଷ୍ଠ ସ୍ଥାନକୁ ଥିବାରୁ ରୋଗପୀଡ଼ା କମିବା ସହ ଋଣ ପରିଶୋଧରେ ସମର୍ଥ ହେବେ। ଆର୍ଦ୍ରା ନକ୍ଷତ୍ର କାର୍ଯ୍ୟରେ ବିଫଳତା ଓ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବଜନିତ ମନସ୍ତାପ କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ଆର୍ଥିକ ଦିଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ହେତୁ ସାମାଜିକସ୍ତରରେ ପ୍ରଶଂସିତ ହେବେ।

**କର୍କଟ** ଚନ୍ଦ୍ର ଓ ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ଆଦର, ଗୌରବ ଓ କାର୍ଯ୍ୟରେ ସଫଳତା ଲାଭ କରିବେ। ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଷଷ୍ଠସ୍ଥ ଶୁକ୍ରଜନିତ କଳ୍ପନା ବିଳାସୀ ହୋଇପାରନ୍ତି। ଘରେ ନଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବିଶେଷ ଭ୍ରମଣ ପରିପ୍ରେକ୍ଷୀରେ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି।

**ସିଂହ** କୋଣଭାବସ୍ଥ ଶୁକ୍ରଜନିତ ଆପଣ ମନ ଭୁଲାଣିଆ ପଦେ କଥାରେ ଅନ୍ୟମାନଙ୍କ ଦ୍ୱାରା ସହଜରେ ପ୍ରଭାବିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନ୍ୟାୟରେ ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଯୋଗ ରହିଛି। ଠିକଣା ସମୟରେ ଅନ୍ୟମାନଙ୍କ ଅନୁପସ୍ଥିତି ବେଶି ବାଧିପାରେ।

**କନ୍ୟା** ଭାଗ୍ୟସ୍ଥ ଗୁରୁ କୃପାରୁ ମନର ଦୁଃଖକୁ ମନରେ ରଖି କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ।

**ତୁଳା** ରାଶ୍ୟାଧିପ ତୃତୀୟସ୍ଥ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ବିବାଦୀୟ ଘଟଣାର ସମାଧାନରୁ ଆଶ୍ୱସ୍ତି ଲାଭ କରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କଲେ କ୍ଷତି ସହିବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ରାଶିରେ ତିନୋଟିଗ୍ରହ ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରୁ ମାନସିକ କଷ୍ଟ ପ୍ରଦାନ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟା ବଢ଼ାଇପାରେ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ଆଶଙ୍କା ରହିଛି।

**ଧନୁ** ଚତୁର୍ଥସ୍ଥ ରାହୁଜନିତ ମନ ଶଙ୍କାକୁଳ ରହିବାରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ। ଆପଣଙ୍କ କାର୍ଯ୍ୟ ଓ ଚିନ୍ତାଧାରା ନିଜ ଲୋକଙ୍କ ମନରେ ଭିନ୍ନଭାବ ପୋଷଣ କରିବ। ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଉଚ୍ଚ ସୋପାନ ଆରୋହଣ କରିପାରନ୍ତି।

**ମକର** ମଙ୍ଗଳଙ୍କ ଦୁର୍ବଳତାଜନିତ କୁପ୍ରଭାବ ଆପଣଙ୍କୁ ଇଚ୍ଛା ବିରୋଧୀ ପରିସ୍ଥିତିରେ ସମ୍ମୁଖୀନ କରାଇପାରେ। ଆଜି ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରିବା ଭଲ। ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**କୁମ୍ଭ** ସ୍ୱଗୃହୀ ଶନି ପ୍ରଭାବରୁ ସାହାଯ୍ୟ, ସହଯୋଗ ଲାଭ କରି ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ସମାପନ କରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଉଧାର କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ।

**ମୀନ** ରାଶିସ୍ଥ ରାହୁ ଆପଣଙ୍କ କାର୍ଯ୍ୟ ଓ ଚିନ୍ତାଧାରାକୁ ବଦଳାଇ ଦେଇପାରେ। ରେବତୀ ନକ୍ଷତ୍ର ସ୍ୱାସ୍ଥ୍ୟର କ୍ରମୋନ୍ନତି ସାଙ୍ଗକୁ ଇଚ୍ଛା ମୁତାବକ ମୂଲ୍ୟବାନ୍ ଜିନିଷ ପ୍ରାପ୍ତ ହୋଇ ପାରନ୍ତି। ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ। ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପ୍ରତିକୂଳ ମନ୍ତବ୍ୟ ଦେବେ।

ଆଜି ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ମାର୍ଗଶିର ଅମାବାସ୍ୟାଯୁକ୍ତ ଶୁକ୍ଳ ପ୍ରତିପଦା ରବିବାର, ଶ୍ରୀମନ୍ଦିରରେ ମଧ ଦେବଦୀପାବଳି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧବେଶ, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ମହୋଦଧି ଅମାବାସ୍ୟା ସ୍ନାନ, ରାଶିନକ୍ଷତ୍ର-ଦିବା ଘ.୦୨।୨୩ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୨ମି. ଗତେ ଘ.୦୯।୦୩ମି. ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୦ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମଧ୍ୟାହ୍ନଭୋଜନ ଖର୍ଚ୍ଚ ...

କରାଯାଇଛି। ପୂର୍ବରୁ ଏହି ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବାବଦକୁ ୮ଟଙ୍କା ୮୨ ପଇସା ଦିଆଯାଉଥିଲା। ତେବେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ବୃଦ୍ଧି କରାଯାଇଥିବା ଏହି ରାଶି ଡିସେମ୍ବର ୧ରୁ କାର୍ଯ୍ୟକାରୀ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାର ସବୁ ଜିଲାପାଳଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ବିଦ୍ୟାଳୟଗୁଡିକରେ ପ୍ରାୟ ୪୩ ଲକ୍ଷରୁ ଅଧିକ ପିଲାଙ୍କୁ ମାଗଣା ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ପନିପରିବା ସହ ଅନ୍ୟାନ୍ୟ ସାମଗ୍ରୀର ଦରରେ ଅହେତୁକ ବୃଦ୍ଧି ଯୋଗୁ ମଧ୍ୟାହ୍ନଭୋଜନ ପ୍ରଭାବିତ ହୋଇଥିଲା। ଏତେ କମ୍ ଟଙ୍କାରେ ଶିଶୁଙ୍କୁ ପୁଷ୍ଟିଯୁକ୍ତ ମଧ୍ୟାହ୍ନଭୋଜନ ଦେବା ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା। କେତେବେଳେ ଶିଶୁଙ୍କୁ ପାଣିଆ ଡାଲି ତ ଆଉ କେତେବେଳେ ନିମ୍ନମାନ ଖାଦ୍ୟ ଦିଆଯାଉଥିଲା। ତେଣୁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ରାଶି ବୃଦ୍ଧି ଲାଗି ବହୁଦିନରୁ ଦାବି କରାଯାଉଥିଲେ ମଧ ପୂର୍ବ ସରକାର କିଛି ପଦକ୍ଷେପ ନେଇ ନ ଥିଲେ। ଏବେ ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ଟଙ୍କା ବୃଦ୍ଧି ନେଇ ଘୋଷଣା କରିଥିଲେ। ଗତ ୧୪ ତାରିଖରୁ ଏହାକୁ ଲାଗୁ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ହୋଇଥିଲା। ତେବେ ବର୍ତ୍ତମାନର ବଜାର ସ୍ଥିତିକୁ ଅନୁଧ୍ୟାନକରି ରାଜ୍ୟ ସରକାର ଏଥିରେ ପୁଣି ବୃଦ୍ଧି କରିଛନ୍ତି। ଦୁଇଥରରେ ପ୍ରାୟ ୨ଟଙ୍କା ବୃଦ୍ଧି କରାଯାଇଥିବାରୁ ଏଣିକି ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ହେଲେ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଏତିକି ଅର୍ଥ ଯଥେଷ୍ଟ ନୁହେଁ ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି। ମଧ୍ୟାହ୍ନ ଭୋଜନ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ଅନ୍ୟୂନ ୧୫ ଟଙ୍କା ଓ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ପିଛା ୨୦ ଟଙ୍କା ବ୍ୟୟ ବରାଦ କରିବାକୁ ସେମାନେ ଦାବି କରୁଛନ୍ତି।

### ଏନ୍‌ଜିଟି କାର୍ଯ୍ୟରେ ପରିବେଶ ...

ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ସେପ୍ଟେମ୍ବର ୨୪ରେ ମନ୍ତ୍ରଣାଳୟ ଜବାବ ରଖିଥିଲେ ମଧ ବିଜ୍ଞାନସମ୍ମତ ଅଧ୍ୟୟନର ନିର୍ଦ୍ଦିଷ୍ଟ ଉତ୍ତର ନ ଥିଲା ବୋଲି ଗତ ୨୬ ତାରିଖରେ ଏନ୍‌ଜିଟିର ନ୍ୟାୟିକ ସଦସ୍ୟ ଜଷ୍ଟିସ୍ ସୁଧୀର ଅଗ୍ରୱାଲ ଏବଂ ବିଶେଷଜ୍ଞ ସଦସ୍ୟ ଆଫ୍ରୋଜ୍ ଅହମଦ ଏକ ନିର୍ଦ୍ଦେଶନାମାରେ କହିଛନ୍ତି। ବିଭିନ୍ନ ବିଭାଗର ବୈଜ୍ଞାନିକଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ସହ ପରାମର୍ଶ କରି ଅଧ୍ୟୟନ କରିବା ସହିତ ୨ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଏହା ପରଦିନ ଟ୍ରିବ୍ୟୁନାଲ ପରିବେଶ ମନ୍ତ୍ରଣାଳୟକୁ କହିଥିଲେ। ୧୨ ଜଣିଆ କମିଟି ଗଠନ କରାଯାଇଥିଲେ ମଧ ଅଧ୍ୟୟନ କରାଯାଇଛି କି ନାହିଁ, ମନ୍ତ୍ରଣାଳୟର ଓକିଲ ତାହା କହିପାରି ନ ଥିଲେ। ପୂର୍ବ ନିର୍ଦ୍ଦେଶର ଅନୁପାଳନ ହୋଇଛି କି ନାହିଁ, ତାହା ଜଣାଇବାକୁ ମନ୍ତ୍ରଣାଳୟର କୌଣସି ଅଧିକାରୀ ଟ୍ରିବ୍ୟୁନାଲରେ ଉପସ୍ଥିତ ନ ଥିଲେ। ଉପଯୁକ୍ତ ଜବାବ ନ ମିଳିବାରୁ ଟ୍ରିବ୍ୟୁନାଲ ଉକ୍ତ ମାମଲାରେ ଆଗକୁ ବଢ଼ିପାରୁନାହିଁ। ପରିବେଶ ମନ୍ତ୍ରଣାଳୟ ନିଜେ ଟ୍ରିବ୍ୟୁନାଲର କାର୍ଯ୍ୟରେ ଗୁରୁତର ଅନ୍ତରାୟ ସୃଷ୍ଟି କରୁଥିବା ଏନ୍‌ଜିଟି ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣିରେ ମନ୍ତ୍ରଣାଳୟର ଅନ୍ୟୂନ ଯୁଗ୍ମ ସଚିବ ପାହ୍ୟାର ଅଫିସର ଉପସ୍ଥିତ ରହି ସେପ୍ଟେମ୍ବର ୨୫ର ନିର୍ଦ୍ଦେଶନାମା କାହିଁକି କାର୍ଯ୍ୟକାରୀ ହେଲାନାହିଁ, ତାହାର ଜବାବ ରଖିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୭କୁ ଧାର୍ଯ୍ୟ କରାଯାଇଛି।

## ବ୍ୟାଙ୍କରେ ଡକାୟତି ଉଦ୍ୟମ, ଜଣେ ଗିରଫ

**ବରପାଲି,୩୦।୧୧ (ଚିତ୍ତରଞ୍ଜନ ସାହୁ)**

ବରଗଡ଼-ବରପାଲି ଜାତୀୟ ରାଜପଥରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଶନିବାର ଡକାୟତି ଉଦ୍ୟମ ହୋଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଏକ ପଲସର ବାଇକ୍ (ନଂ.ଓଡ଼ି୧୭ଏଏ୯୦୩୯) ଓ ବନ୍ଧୁକ ଜବତ କରାଯାଇଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ସୂଚନା ଅନୁସାରେ, ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ୫ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଭିତରକୁ ପଶଇଥିଲେ ଏବଂ ପିସ୍ତଲ ଓ ଛୁରି ଦେଖାଇ ଭୟଭୀତ କରିଥିଲେ। ସେମାନେ ବ୍ୟାଙ୍କ ମ୍ୟାନେଜର ରାକେଶ କୁମାର ନାଏକଙ୍କୁ ଧମକଚମକ ଦେଇ ତାଙ୍କ ମୋବାଇଲ ଓ ମନିପର୍ସରେ ଥିବା ଟଙ୍କା ନେଇଯାଇଥିଲେ। ଏଥିସହ ଆକାଉଣ୍ଟାଣ୍ଟ ଅଳକା ପଧାନ ଓ ପିଓ ସୁସ୍ମିତା ସାହୁଙ୍କୁ ବ୍ୟାଙ୍କ ଆକାଉଣ୍ଟ ଡ୍ର ଚାବି ମାଗିଥିଲେ। ଏହି ସମୟରେ ବ୍ୟାଙ୍କ ମ୍ୟାନେଜର ସାଇରନ ବଜାଇ ଦେବାରୁ ପୋଲିସ ଗାଡି ଆସିଗଲା ଭାବି ଦୁର୍ବୃତ୍ତମାନେ ସେଠାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ଗୋଟିଏ ବାଇକ୍‌ରେ ୨ଜଣ ପଳାଇଥିବା ବେଳେ ଅନ୍ୟ ୩ଜଣ ଦୌଡି ପଳାଉଥିବା ବେଳେ ପୋଲିସ ଓ ସ୍ଥାନୀୟ ଲୋକେ ଜଣଙ୍କୁ କାବୁ କରିଥିଲେ। କାବୁ ହୋଇଥିବା ଦୁର୍ବୃତ୍ତ ମହିଳା ପୋଷାକ ପିନ୍ଧିଥିବା ଜଣାପଡିଛି। ଏ ନେଇ ବ୍ୟାଙ୍କ ମ୍ୟାନେଜର ବରପାଲି ଥାନାରେ ଅଭିଯୋଗ କରିଛନ୍ତି।

## ପଲରେ ଛୁଆ ଜନ୍ମକଲା ହାତୀ

**ବରଗଡ଼/ସୋହେଲା,୩୦।୧୧**
**(ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)**

ଛତିଶଗଡ଼ରୁ ଆସି ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ୍ ଫରେଷ୍ଟ ରେଞ୍ଜ୍ ଅଞ୍ଚଳରେ ବୁଲାବୁଲି କରୁଥିବା ହାତୀପଲରେ ଏକ ହାତୀଛୁଆ ଜନ୍ମ ହୋଇଥିବା ସୂଚନା ମିଳିଛି। ଗତ ଗୁରୁବାର ହାତୀଛୁଆଟି ଜନ୍ମ ହୋଇଛି। ମାତ୍ର ତାହା ମାଈ ନା ଅଣ୍ଡିରା ଜଣାପଡ଼ିନାହିଁ ବୋଲି ଘେଁସ୍ ରେଞ୍ଜର ବିଜୟଲକ୍ଷ୍ମୀ ପଟେଲ କହିଛନ୍ତି। ହାତୀଛୁଆ ଜନ୍ମ ନେଇ ଡ୍ରୋନ ସାହାଯ୍ୟରେ ଜଣାପଡିଛି ଏବଂ ଏହି ହାତୀପଲରେ ବର୍ତ୍ତମାନ ସମୁଦାୟ ୨୯ ହାତୀ ରହିଛନ୍ତି ବୋଲି ରେଞ୍ଜର ପଟେଲ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ଗତ ୫ଦିନ ତଳେ ୨୮ଟିକିଆ ଏକ ହାତୀପଲ ଘେଁସ୍ ରେଞ୍ଜ ଅଞ୍ଚଳକୁ ଚାଲି ଆସିଥିବା ଜଣାପଡ଼ିଥିଲା। ସେମାନେ ଏହି ରେଞ୍ଜ୍‌ର ସୁକଲତେରମା, ଶନିମାଲ, ଝାନ ଆଦି ଅଞ୍ଚଳରେ ଧାନ, ପରିବା ଫସଲ ନଷ୍ଟ କରିଛନ୍ତି। ବର୍ତ୍ତମାନ ମଧ୍ୟ ହାତୀପଲ ଘେଁସ୍ ରେଞ୍ଜ୍‌ରେ ଅଛନ୍ତି। ସେମାନେ ୨ଭାଗ ହୋଇ ରହିଥିବାବେଳେ କିଛି ହାତୀ ଉକ୍ତ ରେଞ୍ଜ ଅନ୍ତର୍ଗତ କାଳିଡୁଙ୍ଗୁରୀ ଏବଂ ବାକିହାତୀ ଖୁଜେନଡୁଙ୍ଗୁରି ଅଞ୍ଚଳରେ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାତୀପଲ ଫସଲକ୍ଷତି କରିଥିବାବେଳେ ବର୍ତ୍ତମାନ ସୁଦ୍ଧା କାହାର ଜୀବନହାନି କରିନାହାନ୍ତି। ହାତୀପଲ ବୁଲୁଥିବା ଅଞ୍ଚଳରେ ବିଦ୍ୟୁତ ସରବରାହକୁ ବନ୍ଦ କରି ଦିଆଯାଇଛି।

# ପନ୍ନୁଙ୍କ ନାଁରେ ଧମକପୂର୍ଣ୍ଣ ମେଲ୍

## ଭୁବନେଶ୍ୱରରେ ଖଲିସ୍ତାନୀ ପତାକା ଉଡ଼ାଇଲେ ୨୫ ଲକ୍ଷ ପୁରସ୍କାର


ଗୁରୁପତ୍‌ୱନ୍ତ ସିଂ ପନ୍ନୁ

- ଆଜି ଭୁବନେଶ୍ୱର ଏୟାରପୋର୍ଟରୁ ଉଡ଼ାଣ ନ କରିବାକୁ ଚେତାବନୀ
- ଓଡ଼ିଆ ଲେଖା ଯୋଗୁ ଓଡ଼ିଶାରେ ସ୍ଲିପର ସେଲ୍ କାମ କରୁଥିବା ଚର୍ଚ୍ଚା

**ଭୁବନେଶ୍ୱର,୩୦।୧୧(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରେ ସର୍ବଭାରତୀୟ ୫୯ତମ ଡିଜିପି ସମ୍ମିଳନୀ ଚାଲିଥିବାବେଳେ ଏହାକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଭଳି ସମୟରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଶିଖ୍ ଫର୍ ଜଷ୍ଟିସ୍‌ର ମୁଖ୍ୟ ଗୁରୁପତ୍‌ୱନ୍ତ ସିଂ ପନ୍ନୁ ଏହି ସମ୍ମିଳନୀକୁ ଟାର୍ଗେଟ୍ କରି ଭଣ୍ଡୁର କରିବାକୁ ଉଦ୍ୟମ କରୁଛନ୍ତି। ସମ୍ମିଳନୀର ଦିନକ ପୂର୍ବରୁ ପନ୍ନୁ ସୋସିଆଲ୍ ମିଡିଆରେ ଭିଡିଓ ଜାରି କରି ଧମକପୂର୍ଣ୍ଣ ଚେତାବନୀ ଦେଇଥିଲେ। ଭୁବନେଶ୍ୱର ମନ୍ଦିରମାଳିନୀ ସହର ନୁହେଁ ବରଂ ଆତଙ୍କର ସହର ଏବଂ ମୋଦି-ଶାହା-ଡୋଭାଲଙ୍କ ଗସ୍ତ ଭୁବନେଶ୍ୱର ପାଇଁ ବଡ଼ ସୁରକ୍ଷା ବିପଦ ଆଣିଛି ବୋଲି କହି ଭୟ ସୃଷ୍ଟି କରିଥିଲେ। ତେବେ ସମ୍ମିଳନୀର ଦ୍ୱିତୀୟ ଦିନ ଶନିବାର ପନ୍ନୁଙ୍କ ନାଁରେ ଓଡ଼ିଶାର କେତେଜଣ ସାମ୍ବାଦିକଙ୍କୁ ଧମକପୂର୍ଣ୍ଣ ମେଲ୍ ଆସିବା ପରେ ଏହାକୁ ନେଇ ଛନକା ପଶିଛି। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଇଂରାଜୀ ଓ ଓଡ଼ିଆରେ ଧମକପୂର୍ଣ୍ଣ ମେଲ୍ ଆସିଥିବାବେଳେ ଏହାକୁ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

ଉକ୍ତ ମେଲ୍‌ରେ ମେସେଜ୍ ସହ ଅଡିଓକୁ ନେଇ ଏଡିଟ୍ ହୋଇଥିବା ଏକ ଭିଡିଓ ମଧ୍ୟ ଆଟାଚ୍ ହୋଇଛି। ଅଡିଓରେ ଥିବା କଣ୍ଠସ୍ୱର ପନ୍ନୁଙ୍କର ଭଳି ଲାଗୁଥିବା ବେଳେ ସେଥିରେ ବିଭିନ୍ନ କଥା କହି ଭୟଭୀତ କରାଯାଇଛି। ଏପରିକି ଡିସେମ୍ବର ୧ରେ ଡି-ଡେ’ ବୋଲି ଘୋଷଣା କରିବା ସହ ଏହି ଦିନ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଉଡ଼ାଣ କରନ୍ତୁ ନାହିଁ ବୋଲି ବ୍ୟକ୍ତି ଜଣଙ୍କ ଚେତାବନୀ ଦେଇଛନ୍ତି। ଉକ୍ତ ମେସେଜ୍‌ରେ ଆହୁରି ମଧ୍ୟ କୁହାଯାଇଛି, ହିନ୍ଦୁ ଆତଙ୍କବାଦୀ ମୋଦି ଭୁବନେଶ୍ୱରକୁ ଏକ ଆତଙ୍କବାଦୀ ସହରରେ ପରିଣତ କରିଛନ୍ତି। ପ୍ରୋ ଖଲିସ୍ତାନୀ ଶିଖ୍‌ମାନେ ପଞ୍ଜାବର ସ୍ୱାଧୀନତା ପାଇଁ ମରିବାକୁ ପ୍ରସ୍ତୁତ ଅଛନ୍ତି। ମାଓବାଦୀ, ନକ୍ସଲ, କଶ୍ମୀର ଓ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କୁ ଆହ୍ୱାନ ଦେଇ ଏହି ସମ୍ମିଳନୀକୁ ଭଣ୍ଡୁର କରିବାକୁ ସେ ପୁଣି ଆହ୍ୱାନ ଦେଇଛନ୍ତି। ଏପରିକି ଡିଜିପିମାନେ ଭାରତର ଆଞ୍ଚଳିକ ଅଖଣ୍ଡତାକୁ ରକ୍ଷା କରିବାକୁ ନିଜ ଜୀବନକୁ ବଳିଦେବାକୁ ପ୍ରସ୍ତୁତ ଅଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ଡିସେମ୍ବର ୧ରେ ଭୁବନେଶ୍ୱରରେ ଖଲିସ୍ତାନୀ ପତାକା ଯିଏ ଉଡ଼ାଇବେ, ତାଙ୍କୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ମେସେଜ୍‌ରେ ଘୋଷଣା କରାଯାଇଛି।

ତେବେ ଏଭଳି ମେସେଜ୍ ପାଇବା ପରେ ଅକ୍ଷୟ କମିଶନରେଟ୍ ପୋଲିସକୁ ଜଣାଇଥିଲେ। ପରେ କ୍ରାଇମବ୍ରାଞ୍ଚର ସାଇବର ସେଲ୍ ପକ୍ଷରୁ ଦୁଇ ଜଣିଆ ଟିମ୍ ତାଙ୍କ ଅଫିସରେ ପହଞ୍ଚି ପନ୍ନୁଙ୍କ ନାଁରେ ଆସିଥିବା ଉକ୍ତ ମେଲ୍‌ର ତଥ୍ୟକୁ ନେଇଛନ୍ତି। ସେହି ମେଲ୍ କେଉଁଠୁ ଓ କିଏ ପଠାଇଛନ୍ତି ସେନେଇ ଜାଣିବାକୁ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ କରୁଛି। ତେବେ ମେଲ୍‌ରେ ଆସିଥିବା ଭିଡିଓରେ ଥମ୍ବଲେନ୍‌ରେ ଓଡ଼ିଆ ଲେଖାକୁ ନେଇ ସନ୍ଦେହ ବଢ଼ିଛି। ଓଡ଼ିଶାରେ ସ୍ଲିପର ସେଲ୍ ଜରିଆରେ ପନ୍ନୁ ଏହା କରିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏଭଳି ବିଭିନ୍ନ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଛି। ତେବେ ବରିଷ୍ଠ ସାମ୍ବାଦିକ ନବୀନ ଦାସ ଏବଂ ଅନ୍ୟ କେତେଜଣ ସାମ୍ବାଦିକଙ୍କୁ ମଧ୍ୟ ଏଭଳି ମେଲ୍ ଆସିଥିବା ଜଣାପଡ଼ିଛି। ଏସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ସୁରକ୍ଷା ଯୋଜନା ଅନୁଯାୟୀ ସବୁଠାରେ ବିଭିନ୍ନ ଫୋର୍ସ ସୁରକ୍ଷା ଯୋଗାଇ ଦିଆଯାଉଛି। କମିଶନରେଟ୍ ପୋଲିସ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆମକୁ ଏନ୍‌ଏସ୍‌ଜି, ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍‌ର ୧୦ କମ୍ପାନୀ ଫୋର୍ସ ସହଯୋଗ କରୁଛନ୍ତି। ଡିଜିପି ସମ୍ମିଳନୀ ସୁରୁଖୁରୁରେ ଚାଲିଛି। ସୁରକ୍ଷା ପ୍ରତି ଆମେ ସଜାଗ ଅଛୁ ବୋଲି ଡିସିପି ମିଶ୍ର କହିଛନ୍ତି।

## ବିମାନବନ୍ଦରରେ ଅଜଣା ବ୍ୟାଗ୍‌କୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୩୦।୧୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ଚାଲିଥିବାବେଳେ ଏହାକୁ ଭଣ୍ଡୁର କରିବାକୁ ଖଲିସ୍ତାନ ବିଚ୍ଛିନ୍ନତାବାଦୀ ଗୁରୁପତ୍‌ୱନ୍ତ ସିଂ ପନ୍ନୁ ବିଭିନ୍ନ ପ୍ରକାର ଧମକ୍ ଦେଉଛନ୍ତି। ଏପରି କି ରବିବାର ଭୁବନେଶ୍ୱର ବିମାନବନ୍ଦରରୁ କୌଣସି ଉଡ଼ାଣ ନ କରିବାକୁ ମେଲ୍ ଯୋଗେ ଚେତାବନୀ ଦେଇଛନ୍ତି। ଏଭଳିସ୍ଥଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ଶନିବାର ବିମାନବନ୍ଦର ପରିସରରେ ଏକ ଅଜଣା ନୀଳ ରଙ୍ଗର ବ୍ୟାଗ୍ ଠାବ ହେବା ପରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଥିଲା। ପରେ ସିଆଇଏସ୍‌ଏଫ୍ ସନ୍ଧାନୀ କୁକୁର ଦ୍ୱାରା ଚିକିନିଖି ଯାଞ୍ଚ କରାଯିବାପରେ ବ୍ୟାଗ୍‌ରେ ସେପରି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିବା ଏସିପି ଅମିତାଭ ମହାପାତ୍ର କହିଛନ୍ତି। କୌଣସି ଯାତ୍ରୀ ବ୍ୟାଗ୍‌ଟି ଛାଡ଼ି ଦେଇଥିବା ଅନୁମାନ କରାଯାଉଛି। ତେବେ କିଏ ଓ କିପରି ଏହି ବ୍ୟାଗ୍‌କୁ ଛାଡ଼ି ପଳାଇଲେ, ସେନେଇ କିଛି ପତ୍ତା ମିଳିନାହିଁ। ସିସିଟିଭି ଫୁଟେଜ ଆଧାରରେ ବ୍ୟାଗଟି କାହାର ଜାଣିବା ପାଇଁ ଉଦ୍ୟମ କରାଯାଉଥିବା ଅମିତାଭ କହିଛନ୍ତି। ଅନ୍ୟପଟେ ପନ୍ନୁଙ୍କ ଧମକ୍ ପରେ ଏହି ବ୍ୟାଗକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏହି ଖବର ପ୍ରସାରଣ ପରେ ଲୋକଙ୍କ ମଧ୍ୟରେ ଛନକା ପଶିଥିଲା। ସେପଟେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କଡ଼ାକଡ଼ି କରାଯାଇଛି। ଏଭଳି ଧମକ୍‌ପୂର୍ଣ୍ଣ ଅଡିଓ ବାର୍ତ୍ତା ଆସିବା ପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। କମିଶନରେଟ ପୋଲିସ ଏନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏନେଇ ସ୍ୱତନ୍ତ୍ର ସର୍ଭେଲାନ୍ସ ଟିମ୍ ମଧ୍ୟ ଗଠନ କରାଯାଇଥିବା ସେ କହିଛନ୍ତି।




# ସିରିଜ ଦୁର୍ଘଟଣାରେ ୪ ମୃତ, ୩ ଗୁରୁତର


ଦୁର୍ଘଟଣାସ୍ଥଳରେ ପୋଲିସ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର( ମାନସ ମହାନ୍ତି ), ୩୦।୧୧**

ମୟୂରଭଞ୍ଜ ଜିଲାରେ ଶନିବାର ସିରିଜ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ଗୋଟିଏ ଟ୍ରକ୍ ଦୁଇଟି ଯାକ ସ୍ଥାନରେ ହିଁ ଦୁର୍ଘଟଣା ଘଟାଇଛି। ମୃତକମାନେ ହେଲେ ତିରିଂ ଥାନା ଅଧୀନ ବଡ଼ଡାଲିମା ଗ୍ରାମର ଧର୍ମପଦ ପାଟନ୍ଦା, ବହଳଦା ଥାନା ଅଞ୍ଚଳର ଅଟୋ ଚାଳକ ଧନରାମ ମାରାଣ୍ଡି, ଅଟୋରେ ଥିବା ଦମ୍ପତି ଲଖନ ସୋରେନ ଏବଂ ପାନ ସୋରେନ। ଅନ୍ୟ ୩ ଆହତଙ୍କୁ ଉଦ୍ଧାର କରାଯାଇ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଏକ ଟ୍ରକ୍ ଟାଟାନଗର ଅଞ୍ଚଳରୁ ରାଇରଙ୍ଗପୁର ଆଡ଼କୁ ଆସୁଥିବା ବେଳେ ତିରିଂ ଥାନା ଅଧୀନ ବଡ଼ଡାଲିମା ଗ୍ରାମାଞ୍ଚଳ ପାର୍ଶ୍ୱ ୨୨୦ ନଂ. ଜାତୀୟ ରାଜପଥରେ ମର୍ନିଂୱାକ କରୁଥିବା ୨ଜଣ ଯୁବକଙ୍କୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ଧର୍ମପଦଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଟ୍ରକ ଘଟଣାସ୍ଥଳରୁ ଖସି ଆସି ବହଳଦା ଥାନା ଅଧୀନ ବାଗବେଡ଼ା ଗ୍ରାମାଞ୍ଚଳ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥରେ ପୁଣି ଏକ ଅଟୋକୁ ଧକ୍କା ଦେଇଥିଲା। ପରେ ଟ୍ରକ୍ ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱ ତଳକୁ ଖସି ପଡିଥିଲା। ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବହଳଦା ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥ ରାସ୍ତାରେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅବରୋଧ ଜାରି ରହିଥିଲା। ଖବରପାଇ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ନାରାୟଣ ନାୟକ, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

# ୩ ଯାଏଁ ହାଲୁକା ବର୍ଷା

**ଭୁବନେଶ୍ୱର,୩୦।୧୧ (ଅନୁରାଧା ମହାରଣା)**

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟା ‘ଫେଙ୍ଗାଲ’ର ରୂପ ନେଇଥିବାବେଳେ ଶନିବାର ରାତିରେ ଲ୍ୟାଣ୍ଡଫଲ୍ କରିଛି। ଏହାର ପ୍ରଭାବରେ ତାମିଲନାଡୁ ଓ ପୁଡୁଚେରୀରେ ପ୍ରବଳ ବର୍ଷା ସହ ପବନ ଲାଗିରହିଛି। ଓଡ଼ିଶାରେ ମଧ୍ୟ ବିଭିନ୍ନ ସ୍ଥାନରେ କୋହଲା ପାଗ ରହିଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ରେକର୍ଡ ହୋଇଛି। ରବିବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବା ସମ୍ଭାବନା ଅଛି। ୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଏବଂ ଗଜପତି ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ସେହିପରି ୩ ତାରିଖରେ ମାଲକାନଗିରି ଏବଂ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ସୂଚନା ଥାଉକି, ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମ, କେନ୍ଦୁଝର, କନ୍ଧମାଳ, ଦେବଗଡ଼, ମୟୂରଭଞ୍ଜ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଓ ନୟାଗଡ଼ ଆଦି ଜିଲାର କିଛି ସ୍ଥାନରେ ବର୍ଷା ରେକର୍ଡ ହୋଇଛି। ମାତ୍ର ଆଭ୍ୟନ୍ତରୀଣ ଓଡ଼ିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ବା ରାତି ତାପମାତ୍ରା ବିଭିନ୍ନ ସ୍ଥାନରେ ସାମାନ୍ୟ ବୃଦ୍ଧି ପାଇଛି। ଅନ୍ୟାନ୍ୟ ଜିଲାରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ସର୍ବାଧିକ ତାପମାତ୍ରା ଛତ୍ରପୁରରେ ୩୦.୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୧୦.୪ ଡିଗ୍ରୀ ସେଲସିୟସ୍ ରହିଥିଲା।






❝ କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍‌ଭବ ହେବ। –ଶ୍ରୀଅରବିନ୍ଦ

ମହୋଦଧି ଅମାବାସ୍ୟା, ମଧ ଦେବଦୀପାବଳି ଓ ସୂର୍ଯ୍ୟମହତୀ ସ୍ନାନ



# କେବଳ ଦେଖଣାହାରି



ଆକାର ପଟେଲ

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ଚମତ୍କାର ବିଜୟ ପରେ ଏବେ ଆମେରିକା–ଚାଇନା ସମ୍ପର୍କ ଉପରେ ତାଙ୍କର ଅଧିକ ନଜର ରହିଛି। ଉଲ୍ଲେଖନୀୟ ଯେ, ଚାଇନା ହେଉଛି ଆମେରିକାର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ। ଆମେରିକା ପ୍ରତି ଚାଇନା ବଡ଼ ବିପଦ ବୋଲି ୮ ବର୍ଷ ପୂର୍ବେ ଟ୍ରମ୍ପ ସୂଚିତ କରିଥିଲେ ଏବଂ ତାହାର ଅର୍ଥନୈତିକ ବୃଦ୍ଧିକୁ ରୋକିବା ପାଇଁ ପଦକ୍ଷେପ ମଧ୍ୟ ନେଇଥିଲେ। ସେ ଶୁଳ୍କ ଲାଗୁକରି ଆମେରିକାରେ ଚାଇନା ବଜାର ପ୍ରବେଶକୁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଏହା କିଛି ମାତ୍ରାରେ ସଫଳ ହୋଇଥିଲା ଏବଂ ଟ୍ରମ୍ପଙ୍କ ଉତ୍ତରାଧିକାରୀ ଜୋ ବାଇଡେନ୍ ଏହି ଧାରା ଜାରି ରଖିଥିଲେ। ଚାଇନା ଏକ ଦଶନ୍ଧି ହେଲା ଆମେରିକାର ବଡ଼ ବାଣିଜ୍ୟିକ ଅଂଶୀଦାର ରହିଥିଲା। କିନ୍ତୁ ଚଳିତ ବର୍ଷ ଚାଇନାକୁ ଟପି ମେକ୍ସିକୋ ଆମେରିକାର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ହୋଇଯାଇଛି। ଅବଶ୍ୟ ଆମେରିକାକୁ ମେକ୍ସିକୋ ରପ୍ତାନି କରୁଥିବା ସାମଗ୍ରୀର ଅଧିକାଂଶ ଅଂଶ ପ୍ରଥମେ ଚାଇନାରୁ ଆସୁଥିଲା। ତେଣୁ ମେକ୍ସିକୋ ସେ ସ୍ଥାନ ନେବା ପରେ ଚାଇନାର ପ୍ରକୃତ କ୍ଷତି କ'ଣ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ବାଇଡେନ୍ ପଦକ୍ଷେପ ନେଇ ଚାଇନାର ଅଭିବୃଦ୍ଧିକୁ ପଙ୍ଗୁ କରିବାକୁ ଚେଷ୍ଟା କରିଥିଲେ ଏବଂ ଅତ୍ୟାଧୁନିକ ମାଇକ୍ରୋଚିପ୍ସ ଏବଂ ସେଗୁଡ଼ିକୁ ତିଆରି କରିବା ପାଇଁ ବ୍ୟବହୃତ ଯନ୍ତ୍ରପାତି ଯୋଗାଣ ବନ୍ଦ କରିଦେଇଥିଲେ। ହେଲେ ଏହି ସାମଗ୍ରୀ ନିଜ ଦେଶରେ ବିକାଶ କରି ଚାଇନା ଏହାର ଜବାବ ଦେଇଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ, ଚାଇନା କିଛି ବର୍ଷ ପରେ ସେହି ସ୍ତରରେ ପହଞ୍ଚିଯିବ।

ଚାଇନା ଏବେ ସୁଦ୍ଧା ବୈଦ୍ୟୁତିକ ଯାନ ଏବଂ ସୋଲାର ପ୍ୟାନେଲ ସମେତ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱରେ ଆଗରେ ରହିଛି। ଟେସ୍‌ଲା ମାଲିକ ଏଲନ ମସ୍କ କହିଛନ୍ତି, ଚାଇନାରେ ଥିବା କାରଖାନାରେ ତାଙ୍କ କମ୍ପାନୀ ଦ୍ୱାରା ସବୁଠୁ ଭଲ କାର୍ ତିଆରି ହେଉଛି। କିନ୍ତୁ ଚାଇନାରେ ସ୍ଥାନୀୟ ବ୍ରାଣ୍ଡ୍ ଦ୍ୱାରା ତିଆରି ହେଉଥିବା କାର୍‌ଗୁଡ଼ିକ ବିଶ୍ୱର ସର୍ବୋତ୍ତମ ଏବଂ ଶସ୍ତା ବୋଲି ବିଚାର କରାଯାଉଛି। ଅପରପଟେ ଆମେରିକା ଗ୍ୟାସ୍ କାର୍ ଓ ପେଟ୍ରୋଲଚାଳିତ ଟ୍ରକ୍‌ରେ ଅଟକି ରହିଛି। ବାସ୍ତବରେ ଏହି ଶିଳ୍ପ ଏବେ ବନ୍ଦ ହେବା ଉପରେ। ଆମେରିକୀୟ କମ୍ପାନୀ ଫୋର୍ଡ ଏବଂ ଜେନେରାଲ ମୋଟର୍ସ ପ୍ରତିଦ୍ୱନ୍ଦ୍ୱିତା ନ କରି ଚାଇନାର କାରଗୁଡ଼ିକୁ ଶୁଳ୍କ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ମାଧ୍ୟମରେ ବନ୍ଦ କରି ତିଷ୍ଠି ରହିବାକୁ ଚେଷ୍ଟା କରୁଛନ୍ତି। ଦୁଇଟି କାରଣ ପାଇଁ ଏହି ଉପାୟ ବେଶିଦିନ ଚାଲିବ ନାହିଁ। ପ୍ରଥମଟି ହେଉଛି ଗ୍ରାହକଙ୍କ ଆଗ୍ରହ ଏବଂ ରଣନୀତିକ କାରଣରୁ ଲୋକଙ୍କୁ ଶସ୍ତା ବିକଳ୍ପ ନ ଦେବା। ଅନ୍ୟଟି ହେଉଛି ଆଗକୁ ବୈଦ୍ୟୁତିକ ଯାନର ଚାହିଦା ରହିବ ଏବଂ ଏହାକୁ ବାଧ୍ୟତାମୂଳକ କରା ନ ଗଲେ ପେଟ୍ରୋଲଚାଳିତ ଗାଡ଼ି ହଟିବ ନାହିଁ। ଚାଇନାର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଆମେରିକା ଅର୍ଥ ବ୍ୟବସ୍ଥାର ପାଖାପାଖି ଦୁଇ ତୃତୀୟାଂଶ ଏବଂ ସମଗ୍ର ୟୁରୋପୀୟ ୟୁନିଅନ ଅର୍ଥ ବ୍ୟବସ୍ଥାର ଆକାର ସହ ସମାନ। ଚାଇନା ଆସନ୍ତା ୧୦ ବର୍ଷ ମଧ୍ୟରେ ଆମେରିକା ପାଖାପାଖି ପହଞ୍ଚିଯିବ। ଚାଇନା ବ୍ୟତୀତ ଅନ୍ୟ କୌଣସି ଦେଶ ତାହା କରିନାହାନ୍ତି କିମ୍ବା କରିବାକୁ ଚେଷ୍ଟା କରୁନାହାନ୍ତି। ସୋଭିଏଟ୍ ସଂଘର ପତନ ପୂର୍ବରୁ ଏହାର ଅର୍ଥ ବ୍ୟବସ୍ଥାର ଆକାର ଆମେରିକାର ଏକଚତୁର୍ଥାଂଶ ଥିଲା। କିନ୍ତୁ ତାହା ଏକ ଭିନ୍ନ ସମୟ ଥିଲା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ରୁଷୀୟମାନେ ଚାଇନା ଭଳି ପ୍ରାଧାନ୍ୟ ବିସ୍ତାର କରି ନ ଥିଲେ। ଏବେ ଚାଇନା ହେଉଛି ବିଶ୍ୱର ସର୍ବବୃହତ୍ ଉତ୍ପାଦକ ଏବଂ ସମସ୍ତ ସାମଗ୍ରୀର ଏକ ତୃତୀୟାଂଶ ଉତ୍ପାଦନ କରୁଛି। କୋଭିଡ୍ ପରଠାରୁ ଚାଇନା ଅଭିବୃଦ୍ଧି ମାନ୍ଦା ରହିଥିଲା। କିନ୍ତୁ ଏହା ଏବେ ପୂରା ମଜଭୁତ ହୋଇଛି। ୨୯ ନଭେମ୍ବରରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ଆମେରିକା ତୁଳନାରେ ଏହାର ଅଭିବୃଦ୍ଧି ଦୁଇଗୁଣ ହାରରେ ବଢ଼ୁଛି। ଭାରତର ମଧ୍ୟ ସେହି ସମାନ ହାରରେ ବଢ଼ୁଛି, ଯଦିଓ ଚାଇନାର ଅର୍ଥ ବ୍ୟବସ୍ଥା ଭାରତଠାରୁ ପାଞ୍ଚଗୁଣ ଅଧିକ। ଚାଇନାର ଅର୍ଥ ବ୍ୟବସ୍ଥା ଯେଉଁ ଗତିରେ ବୃଦ୍ଧି ପାଇଛି ତାହାକୁ ଭବିଷ୍ୟତରେ ଅଟକାଇବା ଆମେରିକା ପାଇଁ ସହଜ ହେବ ନାହିଁ। ବର୍ତ୍ତମାନ ଭୂ–ରାଜନୈତିକ ସ୍ଥିତି ହେଉଛି ପ୍ରମୁଖ ପ୍ରସଙ୍ଗ। ଚାଇନା କିଭଳି ସମାନ ନ ହେବ ତାହା ଉପରେ ଆମେରିକା କ'ଣ କରିପାରିବ ? ଯଦି ଅଧିକ କିଛି କରି ନ ପାରିବ ତେବେ ଆମେରିକା ସହ ଚାଇନା ସମାନ ହେଲେ ତା'ପରେ ବିଶ୍ୱର ସର୍ବବୃହତ୍ ଶକ୍ତି ହୋଇଯିବ କି ? ଆମେ କିଛି ବର୍ଷ ମଧ୍ୟରେ ଉଭୟର ଉତ୍ତର ପାଇଯିବୁ। ଅନେକ ପ୍ରମୁଖ ପ୍ରସଙ୍ଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଗତ କିଛି ଦଶନ୍ଧି ଧରି ବିଶ୍ୱରେ ଆମେରିକା ଓ ତାହାର ମେଣ୍ଟ ଯାହା କରି ଆସିଛନ୍ତି ତାହା କରିବାକୁ ସକ୍ଷମ ହେବେ ନାହିଁ।

ଭାରତ ହେଉଛି ବିଶ୍ୱର ସବୁଠୁ ବଡ଼ ଦେଶ। କିନ୍ତୁ ଆମ ପାଇଁ ଦୁର୍ଭାଗ୍ୟର କଥା ହେଉଛି, ଏକ୍ଷେତ୍ରରେ ଆମ ଭୂମିକା ସୀମିତ। ଆମେ କେବଳ ଦେଖଣାହାରି ହୋଇ ରହିଛୁ, କାରଣ ଚାଇନା ଯାହା କରିଛି ତାହା ଆମେ କରିବାକୁ ସକ୍ଷମ ହୋଇନାହୁଁ। ୧୯୯୦ରେ ଭାରତ ଏବଂ ଚାଇନା ଅର୍ଥ ବ୍ୟବସ୍ଥା ତଥା ମୁଣ୍ଡପିଛା ଜିଡିପି ସମାନ ଥିଲା (ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ଭାରତ ସାମାନ୍ୟ ଆଗରେ ରହିଥିଲା)। ସାଢ଼େ ତିନି ଦଶନ୍ଧିର 'ଉଦାରୀକରଣ' ଏବଂ ମୋଦିଙ୍କ ଅଧୀନରେ ଏକ ଦଶନ୍ଧିର ଶାସନରେ କୌଣସି ପରିବର୍ତ୍ତନ ହୋଇନାହିଁ। ୨୦୧୪ରେ ଚାଇନାର ମୁଣ୍ଡପିଛା ଜିଡିପି ୭୬୦୦ ଡଲାର ଏବଂ ଆମର ୧୫୫୯ ଡଲାର ଥିଲା। ଏକ ଦଶନ୍ଧି ପରେ ସେମାନେ ଏବେ ୧୨୬୧୪ ଡଲାରରେ ଥିବାବେଳେ ଆମର ଏହା ୨୪୦୦। ଯେକୌଣସି ପରିସ୍ଥିତିରେ, କେବଳ କଥାରେ ବେଶି ଦିନ ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆମେ ଚାହୁଁନାହୁଁ। ସମଗ୍ର ଭୂରାଜନୈତିକ ଦୃଶ୍ୟପଟରେ ଭାରତ ଆଗରେ ଅନେକ ଦୃଷ୍ଟାନ୍ତ ଅଛି। ବ୍ରିଟେନ କିମ୍ବା ଫ୍ରାନ୍ସ ଉଭୟ ଶକ୍ତି ଖଟାଇଥିଲେ ମଧ୍ୟ ତାହାର କୌଣସି ମୂଲ୍ୟ କି ପ୍ରାସଙ୍ଗିକତା ରହିନାହିଁ। ଭାରତର ଅବସ୍ଥା ଠିକ୍ ସେହିପରି। ଏତେ ସାମର୍ଥ୍ୟ ଓ ସମ୍ଭାବନା ଥିବା ଏକ ଦେଶ ପାଇଁ ଏହା ଲଜ୍ଜାଜନକ। ଅନ୍ୟପକ୍ଷରେ, ଏକ ବାସ୍ତବ ବିକାଶ ବଦଳରେ ଆମେ ଆମ ଭିତରେ ଲଢୁଛୁ ଏବଂ ବହୁ ଶତାବ୍ଦୀ ପୂର୍ବର ବିବାଦଗୁଡ଼ିକୁ ଉଖାରି ବାହାର କରିବାରେ ବେଶ୍ ଆନନ୍ଦ ଅନୁଭବ କରୁଛୁ।

Email:aakar.patel@gmail.com

# ନିର୍ଣ୍ଣୟରେ ନୈତିକ ନିଷ୍ପତ୍ତି



ଡ.ସତ୍ୟନାରାୟଣ ମିଶ୍ର

ସାମାଜିକ ଦୃଷ୍ଟିକୋଣରେ ମଣିଷ ଯେତେବେଳେ ଗୋଷ୍ଠୀଗତ ଜୀବନଯାପନ କରେ, ସେତେବେଳେ ଅନେକ କ୍ଷେତ୍ରରେ ସେ ବ୍ୟକ୍ତିଗତ ବା ସାମୂହିକ ନିର୍ଣ୍ଣୟ ନେଇଥାଏ ଓ ସେଥିରେ ନିଷ୍ପତ୍ତିର ବ୍ୟତିକ୍ରମ ହେଲେ ତାହା ଭିନ୍ନରୂପ ନେଇ ଏକ ସମସ୍ୟା ଭାବେ ଦଣ୍ଡାୟମାନ ହୋଇଥାଏ। ନିର୍ଣ୍ଣୟ ନିର୍ବିକାର ଭାବରେ ନୈତିକ ନିଷ୍ପତ୍ତିର ଆଧାରରେ କ୍ରିୟାଶୀଳ ହେବା ଉଚିତ, ଯେଉଁଠି ଜୀବନଧାରଣର ମାନ ଏକ ଶୃଙ୍ଖଳିତ ଉଦ୍ଦେଶ୍ୟରେ ନିରୂପଣ ହୋଇଥାଏ। ନିଷ୍ପତ୍ତି ନେବା ହେଉଛି ବିକଳ୍ପଗୁଡ଼ିକର ମୂଲ୍ୟାଙ୍କନ ଓ କାର୍ଯ୍ୟ ବାଛିବାର ବିଧିବଦ୍ଧ ପ୍ରକ୍ରିୟା, ଯେଉଁଥିରେ ନିଷ୍ପତ୍ତିର ସମସ୍ତ ଅଙ୍ଗ ନିହିତ ଥାଏ ନିର୍ଣ୍ଣୟ। ଅତଏବ ନିର୍ଣ୍ଣୟ ଯଦି ପରିପକ୍ୱ ହୁଏ ତେବେ ନିଷ୍ପତ୍ତି ନେବା ପାଇଁ ପଥ ଉନ୍ମୁକ୍ତ ହୋଇଯାଏ, ଯେଉଁଠି ନୈତିକତା, ନିଷ୍ଠା ଓ ଆଦର୍ଶର ଭିତ୍ତିଭୂମି ସୁଦୃଢ଼ ହୋଇଥାଏ। ବ୍ୟକ୍ତି ନିକଟରେ ଥିବା ସମସ୍ୟା ସହ ଜଡ଼ିତ ସୂଚନା ଖୋଜିବାକୁ ଓ ବିଭିନ୍ନ ବିକଳ୍ପର ସମ୍ଭାବନାକୁ ଆକଳନ କରିବାକୁ ତଥା ପ୍ରତୀକ୍ଷିତ ଫଳାଫଳ ସହିତ ଅର୍ଥ ଓ ମୂଲ୍ୟ ସଂଲଗ୍ନ କରିବାକୁ ପ୍ରବୃତ୍ତି ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ କେତେଗୁଡ଼ିଏ ସମ୍ଭାବ୍ୟ ବିକଳ୍ପ ମଧ୍ୟରୁ କେଉଁଟି ସର୍ବୋତ୍ତମ ତାହା ଉପରେ ନିଷ୍ପତ୍ତି ନେବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥାଏ ଓ ସେଇଠି ବିବେକାନୁମୋଦିତ ନିର୍ଣ୍ଣୟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ, ଯଦ୍ଦ୍ୱାରା ନିରପେକ୍ଷ ନିଷ୍ପତ୍ତି ହୁଏ ଉଦାହରଣ। ଅନ୍ୟପକ୍ଷରେ ଉପଯୁକ୍ତ ନିଷ୍ପତ୍ତି ନେବାରେ କେତେଗୁଡ଼ିଏ ସୋପାନକୁ ଅନୁଧ୍ୟାନ କରାଯାଏ – (୧) ବିକଳ୍ପ କାର୍ଯ୍ୟର ପାଠ୍ୟକ୍ରମ ଚିହ୍ନଟ କରିବା, (୨) ପ୍ରତ୍ୟେକ କାର୍ଯ୍ୟର ସମ୍ଭାବ୍ୟ ପରିଣାମ ଚିହ୍ନଟ କରିବା, (୩) ପ୍ରତ୍ୟେକ ପରିଣାମର ସମ୍ଭାବନାକୁ ଆକଳନ କରିବା, (୪) ସର୍ବୋତ୍ତମ ବିକଳ୍ପ ବାଛିବା ଓ (୫) ନିଷ୍ପତ୍ତି କାର୍ଯ୍ୟକାରୀ କରିବା। ବ୍ୟବସ୍ଥିତ ନିଷ୍ପତ୍ତି ଗ୍ରହଣ କୌଶଳକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବା, ଦ୍ୱିତୀୟ ସ୍ତରରେ ସର୍ବୋତ୍ତମ ଭାବରେ ସମାଧାନ ହୋଇଥିବାବେଳେ ପ୍ରାଥମିକ ସ୍ତରରେ ପସନ୍ଦ ଓ ସମସ୍ୟା ସମାଧାନ ଉପରେ ଜୀବନରେ ପରବର୍ତ୍ତୀ ସମୟରେ ପ୍ରଭାବଶାଳୀ ନିଷ୍ପତ୍ତି ନେବା କୌଶଳର ବିକାଶକୁ ସମର୍ଥନ କରିପାରିବ। ଅତଏବ ନିଷ୍ପତ୍ତି ନେବା କୌଶଳ ଶିକ୍ଷା ଦେବାବେଳେ, ନେବାବେଳେ ଓ ନିଷ୍ପତ୍ତି ନେବାର ସୁଯୋଗ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ଉଚିତ, ଯେଉଁଠି ବ୍ୟକ୍ତି ପରବର୍ତ୍ତୀ ସମୟରେ ନିର୍ଣ୍ଣୟ ପାଇଁ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବ ନାହିଁ। ବିକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିବାର ପ୍ରକ୍ରିୟା ହେଉଛି ଏକ କ୍ଷେତ୍ର, ଯେଉଁଥିରେ ନିର୍ଣ୍ଣୟ ସହିତ ଜଡ଼ିତ ଥିବା ଉଭୟ ଉଚିତ ଓ ଅନୁଚିତ, ଠିକ୍ ଓ ଭୁଲ୍‌ର ଲାଭକୁ ମୂଲ୍ୟାଙ୍କନ କରିବାକୁ ତଥା ନିଷ୍ପତ୍ତି ନେବାରେ ପକ୍ଷପାତର ମୂଲ୍ୟାଙ୍କନ କରିବାକୁ ସହାୟତା ପ୍ରଦାନ କରାଯାଇପାରିବ। ଯେତେବେଳେ ନିର୍ଣ୍ଣୟର ବିଚାର ସର୍ବୋତ୍ତମ ହୁଏ, ସେତେବେଳେ ନିଷ୍ପତ୍ତି ହୁଏ ସର୍ବୋତ୍କୃଷ୍ଟ। ଅନ୍ୟପକ୍ଷରେ ନିର୍ଣ୍ଣୟ ଯେତେବେଳେ ଜଣେ ବ୍ୟକ୍ତି ବା ଗୋଷ୍ଠୀ ବା ସମାଜ ନିଏ ସେତେବେଳେ ମାନସିକତା ସଦାବେଳେ ଉଚ୍ଚ ଚିନ୍ତାଧାରାରେ ତଥା ନିରପେକ୍ଷ ଗତିପଥରେ ଧାବମାନ କରିବା କଥା। ଉକ୍ତ ସମୟରେ ଯଦି କୌଣସି ପକ୍ଷକୁ ଉଦ୍ଦେଶ୍ୟମୂଳକ ଭାବେ ସମର୍ଥନ କରିବା ପାଇଁ ମାନସିକ ସ୍ତରରେ ନିର୍ଣ୍ଣୟ ନେଉ ତେବେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ମଧ୍ୟ ଅନେକ କ୍ଷେତ୍ରରେ ତଦନୁରୂପ ହୁଏ, ଯାହା ସମାଜ ଓ ବ୍ୟକ୍ତି ପାଇଁ ହାନିକାରକ।



ଜଣେ ବ୍ୟକ୍ତି ନିଜର ଆଚରଣ ପାଇଁ ନୈତିକ ଭାବରେ ଦାୟୀ କି ନୁହେଁ ଓ କାର୍ଯ୍ୟ ତଥା କାର୍ଯ୍ୟର ପରିଣାମ ପାଇଁ ଅନ୍ୟମାନଙ୍କୁ ବା ନିଜକୁ ଦାୟୀ କରିବା ବିଷୟରେ ବିଚାର କରିବାର ନୈତିକ ଅଭ୍ୟାସ ପାରସ୍ପରିକ ସମ୍ପର୍କର ଏକ ମୌଳିକ ଅଂଶ ବୋଲି ବିଚାର କରିବା ଉଚିତ। ଦୋଷ ହେଉଛି ଏକ ପ୍ରତିକ୍ରିୟା, ଯାହା ଭୁଲ୍ କିମ୍ବା ଖରାପ ଆଚରଣ ପାଇଁ ଜଣେ ବ୍ୟକ୍ତି ନୈତିକ ବା ଆଇନଗତ ଭାବେ ଦାୟୀ, ଅନ୍ୟପକ୍ଷରେ ପ୍ରଶଂସା ହେଉଛି ଏକ ପ୍ରତିକ୍ରିୟା ଯାହା ଠିକ୍ କିମ୍ବା ଭୁଲ୍ ଆଚରଣ ପାଇଁ ଜଣେ ବ୍ୟକ୍ତି ନୈତିକ ଭାବରେ ଦାୟୀ। ଏହାର ଗୋଟିଏ କାରଣ ହେଉଛି ଦୋଷମୁକ୍ତ ପ୍ରଶଂସା ଯୋଗ୍ୟତା ପରି, ପ୍ରାୟତଃ ସାମାଜିକ ସ୍ୱୀକୃତିକୁ ଜଡ଼ିତ କରିଥାଏ। ଅନେକ ସମୟରେ ବ୍ୟକ୍ତିଗତ ଦୋଷ ବ୍ୟକ୍ତିଗତ ପ୍ରଶଂସା ଅପେକ୍ଷା ଅଧିକ ପରିଚିତ ହୋଇଥାଏ, ଯେତେବେଳେ ଛୋଟ ଭୁଲ୍ ଯୁକ୍ତିଯୁକ୍ତ ଭାବରେ ଦୋଷ ଅର୍ଜନ କରିପାରେ, ମାତ୍ର ସର୍ବନିମ୍ନ ଉପଯୁକ୍ତ ଆଚରଣ ପ୍ରଶଂସା ପାଇଁ ପର୍ଯ୍ୟାପ୍ତ ନୁହେଁ। ଜଣେ ଦାୟିତ୍ୱବାନ ବ୍ୟକ୍ତି ଯୁକ୍ତିଯୁକ୍ତ ଭାବରେ କାର୍ଯ୍ୟ କରିବେ, ଚିନ୍ତା କରିବେ ଓ କାର୍ଯ୍ୟ କିମ୍ବା ନିଷ୍କ୍ରିୟତା ଉପରେ ନିଷ୍ପତ୍ତି ନେବାବେଳେ ପରିଣାମର ମୂଲ୍ୟାଙ୍କନରେ ବିଚାର କରିବେ। ଉତ୍ତରଦାୟିତ୍ୱ ବିଶ୍ୱାସ ଉପରେ ନିର୍ଭର କରୁଥିବା ଆଚରଣ ଉପରେ ଆଧାରିତ। ନିଷ୍ପତ୍ତିରେ ଅନେକ ମୌଳିକ ନିୟମ ରହିପାରେ ଯାହା ସମାଜର ନିଷ୍ପତ୍ତି ନୈତିକ ବା ଅନୈତିକ ବୋଲି ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଅନେକ ସମୟରେ ଦୃଶ୍ୟମାନ ହୋଇଥାଏ ଯେ କ୍ରମାଗତ ଭାବରେ ନୈତିକ ନିଷ୍ପତ୍ତି ନେବା କଷ୍ଟକର। ଅର୍ଥନୈତିକ, ବୃତ୍ତିଗତ ତଥା ସାମାଜିକ ଚାପ ପରିପ୍ରେକ୍ଷୀରେ ଅଧିକାଂଶ ନିଷ୍ପତ୍ତି ନେବାକୁ କେତେକେ ବାଧ ହୋଇଥାନ୍ତି, ଯାହା ବେଳେବେଳେ ଆମର ନୈତିକ ଲକ୍ଷ୍ୟକୁ ଚ୍ୟାଲେଞ୍ଜ କରିଥାଏ ଓ ନୈତିକ ପ୍ରସଙ୍ଗଗୁଡ଼ିକୁ ଦ୍ୱନ୍ଦ୍ୱରେ ପକାଇପାରେ। ଅନ୍ୟପକ୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବ୍ୟକ୍ତି ବା ସମାଜର ଅଜ୍ଞାତରେ ଅସ୍ପଷ୍ଟ ହୋଇଥାଏ। ଜଣେ ନୈତିକ ବ୍ୟକ୍ତି ପ୍ରାୟତଃ ଆଇନର ଆବଶ୍ୟକତାଠାରୁ ଅଧିକ ଓ ଆଇନ ଅନୁମତିଠାରୁ କମ୍ କରିବାକୁ ପସନ୍ଦ କରନ୍ତି। ଅନ୍ୟମାନଙ୍କୁ ପ୍ରଭାବିତ କରୁଥିବା କୌଣସି ନିଷ୍ପତ୍ତିର ନୈତିକ ପ୍ରଭାବ ରହିଥାଏ ଓ ପ୍ରାୟତଃ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିର୍ଣ୍ଣୟକାରୀଙ୍କ ସମ୍ବେଦନଶୀଳତା ତଥା ନୈତିକତା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଏହି ନିଷ୍ପତ୍ତିଗୁଡ଼ିକ ଛଅଟି ମୂଳ ନୈତିକ ନୀତିକୁ ଆଧାର କରିଥାଏ ଯଥା ବିଶ୍ୱସନୀୟତା, ସମ୍ମାନ, ଦାୟିତ୍ୱ, ନ୍ୟାୟ, ଯତ୍ନ ଓ ନାଗରିକତ୍ୱର ଅନୁକରଣ ଅନୁଯାୟୀ ମୂଲ୍ୟାଙ୍କନ କରାଯାଇପାରେ। ନୈତିକ ନିଷ୍ପତ୍ତି–ମଡେଲର ପ୍ରଥମ ପଦକ୍ଷେପ ହେଉଛି ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ବ୍ୟକ୍ତି ଓ ଗୋଷ୍ଠୀର ପରିଚୟ। ନୈତିକ ନିଷ୍ପତ୍ତି ପ୍ରତ୍ୟେକ ବ୍ୟକ୍ତି ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ପ୍ରତିଦିନ ସମ୍ମୁଖୀନ ହୁଅନ୍ତି। ନୈତିକ ନିଷ୍ପତ୍ତି ନେବା ହେଉଛି ଏକ ଦକ୍ଷତା, ଯାହା ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ ହୋଇ ବ୍ୟକ୍ତିର ପରିଚୟକୁ ସମାଜ ଉପଲବ୍ଧି କରିଥାଏ। ନୈତିକ ନିଷ୍ପତ୍ତିର ପ୍ରସଙ୍ଗ ଜୀବନ୍ତ ହୋଇଥାଏ, ଯେଉଁଠାରେ ଜଣେ ବ୍ୟକ୍ତିର କାର୍ଯ୍ୟ ମୁକ୍ତ ଭାବରେ କରାଯାଏ, ଅନ୍ୟର କ୍ଷତି କରିପାରେ କିମ୍ବା ଉପକୃତ ହୋଇପାରେ' ଯାହା ଏକ ବୃହତ ସମ୍ପ୍ରଦାୟ ପାଇଁ ଉଭୟ ଆଇନଗତ ତଥା ନୈତିକ ଦୃଷ୍ଟିରୁ ଗ୍ରହଣୀୟ।

ନୈତିକ ନିଷ୍ପତ୍ତି ନେବା ହେଉଛି ବିଭିନ୍ନ ବିକଳ୍ପ ମଧ୍ୟରେ ଚୟନ କରିବାର ପ୍ରକ୍ରିୟା, ଯେଉଁଠାରେ ପସନ୍ଦଗୁଡ଼ିକ ନୈତିକ, ନୀତି ଓ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହୋଇଥାଏ। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବ୍ୟକ୍ତି ଓ ସମାଜ ନୈତିକତାର ମହତ୍ତ୍ୱକୁ ଅନୁଧ୍ୟାନ କରି ଭବିଷ୍ୟତ ପାଇଁ ସମ୍ଭାବ୍ୟ ଉନ୍ନତି ବିଷୟରେ କଳ୍ପନା କରିଥାଏ। ନୈତିକତା, ସଂଜ୍ଞା ଅନୁଯାୟୀ ଏକ ନୈତିକ ନୀତି ବା ଏକ ବ୍ୟକ୍ତିଗତ ଆଚରଣ ସଂହିତା। ଏହା ଠିକ୍ ଓ ଭୁଲ୍‌ର ସୁ–ପ୍ରତିଷ୍ଠିତ ମାନଦଣ୍ଡକୁ ସୂଚିତ କରେ, ଯାହା ମଣିଷ କ'ଣ କରିବା ଉଚିତ ତାହା ନିର୍ଦ୍ଦିଷ୍ଟ କରେ। ଦ୍ୱିତୀୟତଃ ନୈତିକତା ଜଣଙ୍କର ନୈତିକ ମାନଦଣ୍ଡର ଅଧ୍ୟୟନ ଓ ବିକାଶକୁ ବୁଝାଏ। ନୈତିକତା ମଧ୍ୟ ଅନୁସନ୍ଧାନର ନିରନ୍ତର ପ୍ରୟାସକୁ ଅନ୍ତର୍ଭୁକ୍ତ କରେ ଓ ନିଶ୍ଚିତ କରିବାକୁ ଚେଷ୍ଟା କରେ ଯେ ଆମେ ଯେଉଁ ସମାଜର ଅଂଶ ଅଟୁ ସେଥିରେ ମଣିଷ ଏକ ବ୍ୟବସ୍ଥିତ ମାନଦଣ୍ଡ ଅନୁଯାୟୀ ଜୀବନଯାପନ କରିବା ପାଇଁ ଦୃଢ଼ ଭାବରେ ଆଧାରିତ। ସାମ୍ପ୍ରତିକ ସମାଜରେ ଅନେକ ଉତ୍ତରଦାୟୀ ବ୍ୟକ୍ତି ବା ସମାଜ ନିର୍ଣ୍ଣୟ ନେବା ବେଳେ ଏତେ ମାତ୍ରାରେ ଅନିୟନ୍ତ୍ରିତ ହୋଇଥାନ୍ତି ଯେ ପରବର୍ତ୍ତୀ ସମୟରେ ତାହା ଏକ ସମସ୍ୟା ହୋଇ ଉଭା ହୋଇଥାଏ। ତେଣୁ ବିଚାରଧାରାକୁ ଉପଯୁକ୍ତ ସମ୍ମାନ ଓ ଆଦର କରି ନିର୍ଣ୍ଣୟକୁ ସୁ–ବ୍ୟବସ୍ଥିତ ଶୈଳୀରେ ନିୟନ୍ତ୍ରିତ କଲେ ନୈତିକ ନିଷ୍ପତ୍ତିର ମାନଦଣ୍ଡ ନିଶ୍ଚିତ ଭାବରେ ଶୃଙ୍ଖଳିତ ଜୀବନଶୈଳୀର ନିର୍ଣ୍ଣାୟକ ହେବ।

ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଭାରତ ସରକାର, ଭୁବନେଶ୍ୱର
ମୋ: ୯୯୩୭୩୪୫୯୦୦

# ବିଶ୍ୱ ଏଡ୍‌ସ ଦିବସର ଅନୁଚିନ୍ତା



ପ୍ରଫେସର(ଡ.) ଅରୁଣ ଚନ୍ଦ୍ର ସାହୁ

ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ 'ବିଶ୍ୱ ଏଡ୍‌ସ ଦିବସ' ରୂପେ ପାଳନ କରାଯାଉଛି। ଏ ବର୍ଷ ଏହି ଦିବସର ଥିମ୍(ବିଷୟ) ହେଉଛି – 'ଅଧିକାର ପଥରେ ଚାଲ'(ଟେକ୍ ଦି ରାଇଟ୍‌ସ ପାଥ୍)। ଏହାର ମୁଖ୍ୟ ଆଭିମୁଖ୍ୟ ହେଉଛି ମାନବ ଅଧିକାରକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଏଡ୍‌ସକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିବାକୁ ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କୁ ସାମିଲ କରିବା, ଯେପରି କି ୨୦୩୦ ସୁଦ୍ଧା ପୃଥିବୀକୁ ଏଡ୍‌ସ ଭଳି ଏକ ଭୟଙ୍କର ଜନସ୍ୱାସ୍ଥ୍ୟ ସଙ୍କଟରୁ ମୁକ୍ତକରିବା। ଜନସାଧାରଣ ଏଡ୍‌ସକୁ ସକାରାତ୍ମକ ଭାବରେ ପ୍ରତିହତ କରିବା ପାଇଁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ବର୍ତ୍ତମାନ ମହାମାରୀ ରୂପେ ସମଗ୍ର ପୃଥିବୀରେ ବ୍ୟାପିଥିବା ଏଡ୍‌ସ ବା ଆକ୍ୟୁଆର୍ଡ଼ ଇମ୍ୟୁନୋ ଡେଫିସିଏନ୍‌ସି ସିଣ୍ଡ୍ରୋମ୍ ହେଉଛି ଏଚ୍‌ଆଇଭି ବା ହ୍ୟୁମାନ ଇମ୍ୟୁନୋଡେଫିସିଏନ୍‌ସି ଭାଇରସ୍ ସଂକ୍ରମଣ ଯୋଗୁ। ଏହି ରୋଗରେ ମଣିଷ ଶରୀରର ରୋଗ ପ୍ରତିରୋଧକ ଶକ୍ତି କ୍ରମେ କ୍ରମେ ହ୍ରାସ ପାଏ ଓ ଶେଷରେ ରୋଗୀ ମୃତ୍ୟୁମୁଖରେ ପଡ଼େ। ଏଡ୍‌ସ ପ୍ରଥମେ ୧୯୮୧ ମସିହାରେ ଆମେରିକାରେ ଦେଖାଯାଇଥିଲା ଓ ବର୍ତ୍ତମାନ ଏ ଦେଶରେ ପ୍ରାୟ ୧୨ ଲକ୍ଷ ଲୋକ ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଆକଳନ କରାଯାଇଛି। ଆମ ଦେଶରେ ପ୍ରଥମେ ୧୯୮୬ରେ ତାମିଲନାଡୁରେ ଏଚ୍‌ଆଇଭିରେ ଆକ୍ରାନ୍ତ ଜଣେ ବ୍ୟକ୍ତିକୁ ଚିହ୍ନଟ କରାଯାଇଥିଲା। ସମ୍ପ୍ରତି ଭାରତରେ ପ୍ରାୟ ୩୧ ଲକ୍ଷ ବ୍ୟକ୍ତି ଏଚ୍‌ଆଇଭି ପଜିଟିଭ୍ ଥିବାର ଜଣାଯାଇଛି। ଭାରତ ହେଉଛି ପୃଥିବୀର ତୃତୀୟ ବୃହତମ ଏଡ୍‌ସ ରୋଗୀ ଥିବା ଦେଶ। ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ହେଉଛି ସବୁଠାରୁ ଅଧିକ ଏଡ୍‌ସ ରୋଗୀ ଥିବା ରାଜ୍ୟ। ସେମାନଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ ୮୩ ଭାଗ ହେଉଛନ୍ତି ୧୫–୪୯ ବର୍ଷ ବୟସର ଲୋକ ଓ ୭୦ ହଜାର ହେଉଛନ୍ତି ଶିଶୁ। ରାଷ୍ଟ୍ରୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା (ନାକୋ) ଅନୁଯାୟୀ ୨୦୧୫ରେ ଦେଶରେ ମୋଟ ପ୍ରାୟ ୨୧ ଲକ୍ଷ ଲୋକ ଏଡ୍‌ସ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ୨୦୦୧ରେ ଦେଶରେ ବାର୍ଷିକ ୨ ଲକ୍ଷ ଲୋକ ଏଡ୍‌ସ ଦ୍ୱାରା ଆକ୍ରାନ୍ତ ହେଉଥିଲାବେଳେ ୨୦୨୧ ବେଳକୁ ଏହି ସଂଖ୍ୟା ହ୍ରାସ ଘଟି ବାର୍ଷିକ ୬୩ ହଜାରରେ ପହଞ୍ଚିଛି। ଲୋକମାନେ ସଚେତନ ହେବାରୁ ଏହା ହ୍ରାସ ଘଟିଛି। ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୪୬ ହଜାର ଏଡ୍‌ସ ସଂକ୍ରମିତ ବ୍ୟକ୍ତି ଅଛନ୍ତି ଓ ସେଥିରୁ ଗଞ୍ଜାମ ଜିଲାରେ ସର୍ବାଧିକ ଅଛନ୍ତି। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ରାଜ୍ୟରେ ୧୮୪ଟି ସମନ୍ୱିତ ପରାମର୍ଶ କେନ୍ଦ୍ର ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬୯ଟି ଏ ପ୍ରକାର ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହାଦ୍ୱାରା ରାଜ୍ୟର ସମସ୍ତ ଆଶଙ୍କାପ୍ରବଣ ଅଞ୍ଚଳର ବ୍ୟକ୍ତିମାନେ ସୁବିଧାରେ ପରାମର୍ଶ ପାଇବା ସହ ଏଡ୍‌ସର ପରୀକ୍ଷା ମାଗଣାରେ କରିପାରିବେ। ଏଡ୍‌ସ ହେବାର ମୁଖ୍ୟ କାରଣ: ୧. ଅସୁରକ୍ଷିତ ଯୌନ ସମ୍ପର୍କ, ଯାହାକି ସମଲିଙ୍ଗୀ ବା ବିଷମଲିଙ୍ଗୀ ହୋଇପାରେ, ୨. ଏଚ୍‌ଆଇଭିରେ ସଂକ୍ରମିତ ରକ୍ତକୁ ଗ୍ରହଣ କଲେ, ୩. ଏଡ୍‌ସ ସଂକ୍ରମିତ ମାତାଠାରୁ ଶିଶୁକୁ ସଂକ୍ରମଣ। ଯଦି ଏହି ମାତାମାନେ ଶିଶୁ ଜନ୍ମ ପୂର୍ବରୁ ଏଡ୍‌ସ ପ୍ରତିଷେଧକ ଔଷଧ ଗ୍ରହଣ କରି ନ ଥାନ୍ତି, ତେବେ ପ୍ରାୟ ଶତକଡ଼ା ୩୦ ଭାଗ ଶିଶୁଙ୍କୁ ଏଡ୍‌ସ ହେବା ସୁନିଶ୍ଚିତ, ୪. ଏଚ୍‌ଆଇଭି ସଂକ୍ରମିତ ଇଞ୍ଜେକ୍ସନ୍ ଛୁଞ୍ଚିରେ ରକ୍ତ ନେଲେ ବା ନିଶା ଗ୍ରହଣ କରୁଥିଲେ। ଏଚ୍‌ଆଇଭି ଭୂତାଣୁ ସଂକ୍ରମଣ ଦିନଠାରୁ ଏଡ୍‌ସର ଲକ୍ଷଣ ପ୍ରକାଶ ପାଇବାର ମଧ୍ୟବର୍ତ୍ତୀ ସମୟକୁ 'ଲାଟେଣ୍ଟ ପିରିୟଡ଼' କୁହାଯାଏ। ଏହି ସମୟରେ ଏଡ୍‌ସ ରୋଗୀ ଅନ୍ୟମାନଙ୍କୁ ସଂକ୍ରମିତ କରିବାର ସମ୍ଭାବନା ଥାଏ। ଏଡ୍‌ସ ଭୂତାଣୁ ରୋଗୀର କେନ୍ଦ୍ରୀୟ ଓ ପେରିଫେରାଇ ନର୍ଭସ ସିଷ୍ଟମ୍‌କୁ ଅକାମୀ କରିଦିଏ ଓ ମସ୍ତିଷ୍କକୁ ମଧ୍ୟ ସଂକ୍ରମିତ କରିଥାଏ।

ଏଡ୍‌ସ ହୁଏ ଏଚ୍‌ଆଇଭି –୧ ଭୂତାଣୁ ଯୋଗୁ। ଏଚ୍‌ଆଇଭି–୧ ଭୂତାଣୁ ସଂକ୍ରମଣ ହେବାର ତିନିମାସ ପରେ ରୋଗୀ ଶରୀରରେ ଏହି ଭୂତାଣୁ ବିରୁଦ୍ଧରେ ଆଣ୍ଟିବଡ଼ି ସୃଷ୍ଟି ହୋଇଥାଏ, ଯାହାକୁ 'ସେରୋକନଭରସନ୍' କୁହାଯାଏ। କିନ୍ତୁ ଭୂତାଣୁ ଆକ୍ରମଣ ହେବା ପରେ ପରେ ରୋଗୀର ସିରମ୍‌ରେ ଏହି ଭାଇରସ୍‌ର ଆର୍‌ଏନ୍‌ଏ ଚିହ୍ନଟ ହୋଇପାରେ। ଅଥଚ ଏଡ୍‌ସର ଲକ୍ଷଣ ପ୍ରକାଶ କରିବାକୁ ପ୍ରାୟ ଆଠବର୍ଷ ଲାଗିଯାଏ। ପ୍ରାୟ ୯–୧୨ ବର୍ଷ ପରେ ରୋଗୀ ମୃତ୍ୟୁମୁଖରେ ପଡ଼େ।



ବର୍ତ୍ତମାନ ଜନସାଧାରଣ କ୍ରମେ କ୍ରମେ ଏଡ୍‌ସ ପ୍ରତି ସଚେତନ ହେଲେଣି। ଏହାର ଚିକିତ୍ସା ଯୋଗୁ ଓଡ଼ିଶାରେ ପ୍ରତିବର୍ଷ ଏଡ୍‌ସର ହାର କମି ଆସିଲାଣି। ସରକାରୀ ତଥା ବେସରକାରୀ ସଂସ୍ଥାମାନେ ଏଥିପାଇଁ ବ୍ୟାପକ ପ୍ରଚାର, ପ୍ରସାର, କର୍ମଶାଳା, ତୃଣମୂଳ ସ୍ତରରେ ଲୋକମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଆବଶ୍ୟକ। ସାରା ଦେଶ ତଥା ବିଶ୍ୱର ଜନସାଧାରଣ ଯଦି ଆନ୍ତରିକତାର ସହିତ ସହଯୋଗର ହାତ ବଢ଼ାନ୍ତି, ତେବେ ଖୁବ୍ ଶୀଘ୍ର ଆମର ଏ ପୃଥିବୀ ଏଡ୍‌ସ ଶୂନ୍ୟ ହୋଇପାରିବ।

ଅନ୍ୱେଷଣ, ୫୨/୨, ଭାଗବତ ସନ୍ଧାନ
କଲୋନୀ, ଜି.ଜି.ପି., ଭୁବନେଶ୍ୱର
ମୋ: ୮୨୪୯୦୭୯୦୮୪

## ଏଇ ଭାରତରେ

ଅଜିତା ପାଣ୍ଡେ ପେସାରେ ନର୍ସ। ସେ ନିଜ ଦାୟିତ୍ୱ ନିର୍ବାହ ସହିତ ସାପ ଉଦ୍ଧାର କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅଜିତା ରହୁଛନ୍ତି ଛତିଶଗଡ଼ ରାୟପୁରରେ। ୧୦ ବର୍ଷ ମଧ୍ୟରେ ସେ ଅନେକ ହଜାର ସାପ ଉଦ୍ଧାର କରିସାରିଲେଣି। କୋଭିଡ୍ ସମୟରେ ମଧ୍ୟ ଲୋକଙ୍କ ଘରୁ ୯୮୪ଟି ସାପ ଉଦ୍ଧାର କରିଥିଲେ। ଅଜିତା ସାପ ଧରିବା କାର୍ଯ୍ୟ ୧୮ ବର୍ଷ ବୟସରୁ ଆରମ୍ଭ କରିଥିଲେ। ଏବେ ଯେ କୌଣସି ସମୟରେ ଲୋକମାନଙ୍କଠାରୁ କଲ୍ ପାଇବା କ୍ଷଣି ସେହି ସ୍ଥାନରେ ସେ ପହଞ୍ଚିଯାଉଛନ୍ତି। ସାପ ଧରିବା ଲାଗି ସେ ଚାକିରି କରୁଥିବା ସ୍ୱାସ୍ଥ୍ୟ ବିଭାଗରୁ ଅନୁମତି ମଧ୍ୟ ନେଇଛନ୍ତି। ଏହି କାର୍ଯ୍ୟ ପାଇଁ ସେ କାହାଠାରୁ ଅର୍ଥ ନେଉନାହାନ୍ତି। ଅଜିତା ଜଙ୍ଗଲ ବିଭାଗ ଅଧିକାରୀ, ପ୍ରାଣୀଙ୍କ ପାଇଁ କାମ କରୁଥିବା ଏନ୍‌ଜିଓ ସହିତ ଯୋଗାଯୋଗ ରକ୍ଷା କରି ବିଭିନ୍ନ ପ୍ରକାର ସାପଙ୍କ ଆଚରଣ ସମ୍ପର୍କରେ ଜାଣି ପାରିଛନ୍ତି, ଯାହାଫଳରେ କୌଣସି ବିପଦର ସମ୍ମୁଖୀନ ହେଉନାହାନ୍ତି। ଏହା ବ୍ୟତୀତ ପ୍ରତୀକ୍ଷା ସ୍ନେକ୍ ସେଲ୍ ଏବଂ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ସହ ଜଡ଼ିତ ରହି ସାପ ଉଦ୍ଧାର କାର୍ଯ୍ୟ ସହଜରେ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଡିସେମ୍ବର ୧୯୭୫

- 'ଓଭରଟାଇମ୍' ଭତ୍ତା ବିରୁଦ୍ଧରେ ବ୍ରିଟେନର ୨୯ ହଜାର ଜୁନିଅର ଡାକ୍ତରମାନଙ୍କ ଧର୍ମଘଟ।
- ବିଶ୍ୱବ୍ୟାଙ୍କ ସହାୟତାରେ ଭାରତର ଛଅଟି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସମନ୍ୱିତ ପଶୁପାଳନ ବିକାଶ ପରିକଳ୍ପନା କାର୍ଯ୍ୟକାରୀ ହେଉଛି।
- ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ଉତ୍ତରପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରି କରିଛନ୍ତି।

## su | do | ku

Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | | | 5 | | | 8 | |
| | 3 | 7 | | 6 | | | | |
| 5 | 4 | | | | | | | 3 |
| | | | 7 | | | 9 | | |
| | 9 | | | | | | | 4 |
| | | 1 | | | 9 | 2 | 3 | |
| | 2 | | | | | 6 | | |
| | | | | 4 | | | | 5 |
| | | | | | 7 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 3 | 7 | 9 | 8 | 5 | 4 | 2 |
| 2 | 7 | 5 | 1 | 6 | 4 | 9 | 8 | 3 |
| 4 | 9 | 8 | 3 | 2 | 5 | 6 | 7 | 1 |
| 1 | 8 | 4 | 5 | 7 | 2 | 3 | 6 | 9 |
| 5 | 6 | 2 | 4 | 3 | 9 | 7 | 1 | 8 |
| 7 | 3 | 9 | 8 | 1 | 6 | 2 | 5 | 4 |
| 9 | 2 | 1 | 6 | 4 | 7 | 8 | 3 | 5 |
| 8 | 4 | 7 | 9 | 5 | 3 | 1 | 2 | 6 |
| 3 | 5 | 6 | 2 | 8 | 1 | 4 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ହିଁ ଜୀବନର ଆଧାର

ମହାଶୟ,

ବିଶ୍ୱର ପାଖାପାଖି ୨୦୦ କୋଟି ବ୍ୟକ୍ତି ବିଶୁଦ୍ଧ ପାନୀୟ ଜଳ ନିୟମିତ ପାଉନାହାନ୍ତି। ଜଳବାୟୁ ପରିବର୍ତ୍ତନ ଜଳ ସଙ୍କଟକୁ ଗମ୍ଭୀର କରିଦେଇଛି। ପୃଥିବୀରେ ଉପଲବ୍ଧ ମଧୁର ଜଳରେ ୧୦ ଭାଗରୁ ମାତ୍ର ୧ ଭାଗ ଆମକୁ ଭୂପୃଷ୍ଠଜଳ ଭାବେ ଏବଂ ୧୦ ଭାଗରୁ ୨ ଭାଗ ଭୂତଳ ଜଳ ଭାବରେ ମିଳିଥାଏ। ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବିଶ୍ୱର ୫ ପ୍ରତିଶତ ଲୋକ ରହୁଥିବା ବେଳେ ସେମାନଙ୍କ ପାଇଁ ମାତ୍ର ୧ ପ୍ରତିଶତ ମଧୁରଜଳ ଉପଲବ୍ଧ। ମହାନଦୀ ଜଳବିବାଦ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଲାଗିରହିଛି। ଗଙ୍ଗା ନଦୀର ଜଳବଣ୍ଟନକୁ ନେଇ ଭାରତ, ନେପାଳ ଓ ବାଂଲାଦେଶ ମଧ୍ୟରେ, ସିନ୍ଧୁ ନଦୀ ଓ ସତ୍‌ଲେଜକୁ ନେଇ ଭାରତ, ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଛି। ନିକଟରେ ଏହି ବିବାଦ ଉଗ୍ରରୂପ ଧାରଣ କରିଛି। ବିକାଶଶୀଳ ଦେଶଗୁଡ଼ିକରେ ମୃତ୍ୟୁବରଣ କରୁଥିବା ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରୁ ଅଧାଙ୍କ ମୃତ୍ୟୁ ଦୂଷିତ ଜଳଜନିତ 'ନ୍ୟୁମୋନିଆ' ଯୋଗୁ ହେଉଛି। କୌଣସି ଦେଶ ଏକାକୀ ଜଳବାୟୁ ସଙ୍କଟର ସମାଧାନ କରିପାରିବ ନାହିଁ। ଏଥିପାଇଁ ସବୁଦେଶର ସହଯୋଗ ଅପରିହାର୍ଯ୍ୟ। ଜଳ ହିଁ ଜୀବନର ଆଧାର। ଅଥଚ ଆମର ଏହି ମୌଳିକ ଅଧିକାର ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି।

**– ଦେବଦିତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ତିଆଗି ଦେଖାଅ ତୋର
କି ଅଛି ବାକି।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଶ୍ଚିମ ବଡ଼ଚଣାରେ ବେଆଇନ ମାଙ୍କଡ଼ା ଖାଦାନ

**ଚଣ୍ଡିଖୋଲ,୩୦।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣା କୁହାଯାଉଥିବା ୪ ପଞ୍ଚାୟତରେ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲିଛି। ଲଘୁ ଖଣିଜ ପଦାର୍ଥଗୁଡିକ ରାଜସ୍ୱ ବିଭାଗ ଅଧୀନରୁ ଖଣି ବିଭାଗ ଅଧୀନକୁ ଯିବା ପରେ ପଥର ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ଦର୍ପଣ ତହସିଲ ଅଧୀନ ବୈରୀ ପଞ୍ଚାୟତ, ପାରିଆ, ସମିଆ ଓ ଶାଳପଡା ପଞ୍ଚାୟତର କେତେକ ସ୍ଥାନରେ ସରକାରୀ ଏବଂ ବେସରକାରୀ ଜମିରେ ବର୍ଷା ଦିନ ପରେ ଆରମ୍ଭ ହୋଇଯାଇଛି ବେଆଇନ ମାଙ୍କଡ଼ା ପଥର ଖାଦାନ। ବାଘୁଆ ଓ ମୂଳିଝରଠାରେ ଦିନ ରାତି ଖନନ ଚାଲିଛି। ଖାଦାନ ଗୁଡ଼ିକରୁ ପାଣି ଶୁଖିବା ପରେ ପୁର୍ନବାର ଏହି ଖନନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରିକି ଜଙ୍ଗଲ ଜମିରୁ ଗଛ କାଟି ଏହାକୁ ନଷ୍ଟ କରି ସେଠାରେ ଖାଦାନ ସୃଷ୍ଟି କରାଯାଇଛି। ଗୋଟିଏ ଗୋଟିଏ ଖାଦାନର ଗଭୀର ୩୦ ଫୁଟରୁ ୫୦ ଫୁଟ ପର୍ଯ୍ୟନ୍ତ ରହୁଛି। ପାୱାର ଟିଲର ସାହାଯ୍ୟରେ ମାଙ୍କଡ଼ା କଟା ଯାଉଛି। ଏହି ମାଙ୍କଡ଼ା ପଥର ଟ୍ରକ ଯୋଗେ ବିଭିନ୍ନ ଜିଲାକୁ ଚାଲାଣ ହେଉଛି। ଫଳରେ ରାଜସ୍ୱ ହାନି ହେଉଛି। ଏହି ଅଞ୍ଚଳରେ କୌଣସି ଗୋଟିଏ ବି ଖାଦାନ ଲିଜ ଦିଆ ଯାଇ ନ ଥିଲାବେଳେ ଏଠାରେ ୧୫ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲୁଛି।



ପୋଲିସ ଓ ଜଙ୍ଗଲ ବିଭାଗ ସବୁ ଦେଖି ନ ଦେଖିଲା ଭଳି ଅଭିନୟ କରୁଛନ୍ତି। ଦୈନିକ ୮୦ରୁ ଊର୍ଦ୍ଧ୍ୱ ଟ୍ରକ ଏହି ମାଙ୍କଡ଼ା ପଥର ଚାଲାଣରେ ଲାଗିଛନ୍ତି। ଛତିଆ-କଳକଳା ପୂର୍ତ୍ତ ବିଭାଗ ରାସ୍ତାରେ ଅଧିକାଂଶ ଟ୍ରକ ମାଙ୍କଡ଼ା ପଥର ବୋଝେଇ କରି ଯାଉଥିବା ଜଣାପଡିଛି। ରାସ୍ତା କଡ଼ରେ ବୈରୀ ଥାନା ଓ ଡାଳିଯୋଡା ରେଞ୍ଜ ଅଫିସ ରହିଛି। ତେବେ ଏହା ଖଣି ବିଭାଗ ଅଧୀନରେ ଥିବା କହି ସେମାନେ ଚୁପ ବସିଛନ୍ତି। ଖଣି ବିଭାଗ ପକ୍ଷରୁ ମଧ ଚଢ଼ାଉ ହେଉନାହିଁ। ୨୦୦୭ରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଚାନକ ଚଢ଼ାଉ କରି ୬ ସରକାରୀ କର୍ମଚାରୀଙ୍କୁ ନିଲମ୍ବିନ କରିଥିଲେ। ଏ ସମ୍ପର୍କରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଆମ ଅଧୀନରେ ନାହିଁ। ଖଣି ବିଭାଗ ଅଧୀନକୁ ପଳାଇ ଯାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯାଜପୁର ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ଫୋନ୍ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

# ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷା ପ୍ରୟୋଗକୁ ଗୁରୁତ୍ୱଦେବାକୁ ଆହ୍ୱାନ




ଓଡ଼ିଆ ଅସ୍ମିତା ଶିବିର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ):**

## ୩ ଦିନିଆ ଓଡ଼ିଆ ଅସ୍ମିତା ଶିବିର ଉଦ୍‌ଘାଟିତ

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଓଡିଆ ଅସ୍ମିତା ଶିବିର' ଶନିବାର ଆରମ୍ଭ ହୋଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଥିଲେ। ଓଡିଶାର ସଂସ୍କୃତି, ପରମ୍ପରା , କଳା, ସାହିତ୍ୟ ଓ ସୃଜନଶୀଳତାକୁ ନେଇ ନିଜର ଅସ୍ମିତାକୁ ପ୍ରତିପାଦିତ କରିବା ଆଜିର ଯୁବ ସମାଜ ପାଇଁ ଏକ ଆହ୍ୱାନ। ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ପ୍ରୟୋଗକୁ ଗୁରୁତ୍ୱ ଦେବା ଉଚିତ ବୋଲି ସେ ହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅକାଶ ଦାସନାୟକ ଯୋଗଦେଇ କହିଲେ, ଓଡ଼ିଆ ଜାତିର ମହାନ ଐତିହ୍ୟ ସମ୍ପର୍କରେ ଆଜିର ଯୁବ ସମାଜ ଅଧିକରୁ ଅଧିକ ଜାଣିବା ଉଚିତ। ଆଗାମୀ ଦିନରେ ସାମାଜିକ କର୍ତ୍ତବ୍ୟ ସହ ଆମ ସଂସ୍କୃତିର ସାମୂହିକ ପ୍ରଚାର ଓ ପ୍ରସାର ନିମନ୍ତେ ଆଗଭର ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ କହିଲେ, ଜାତୀୟ ସେବା ଯୋଜନା ମାଧ୍ୟମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ତିନିଦିନିଆ ଶିବିର ଓଡ଼ିଶାର ସାଂସ୍କୃତିକ ବିଭବ ସହ ଅନ୍ତର୍ନିହିତ ପ୍ରତିଭାକୁ ପ୍ରତିପାଦିତ କରିବା ପାଇଁ ଏକ ପ୍ରକୃଷ୍ଟ ସୁଯୋଗ। ଓଡ଼ିଶା ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୁବ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଂଗ୍ରାମ କେଶରୀ ଷଡଙ୍ଗୀ, ଯୁବ କଣ୍ଠଶିଳ୍ପୀ ବର୍ଣ୍ଣାଲୀ ହୋତା ଯୁବଶକ୍ତି ଆଗାମୀ ଦିନରେ ସାଂସ୍କୃତିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଡିସେମ୍ବର୨ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ ବିଭାଗ ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିବାବେଳେ ୨୩ ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଦେଇଥିଲେ।

# କଣ୍ଡରାପାଟିଆରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ଫେଲ୍

**କେନ୍ଦ୍ରାପଡ଼ା,୩୦।୧୧ (ଜଗନ୍ନାଥ ଧଳ):**

- ବାଧକ ସାଜିଛି ବନାଞ୍ଚଳ ବିବାଦ
- ୧୦୦ରୁ ୧୬ ପରିବାରରେ ରହିଛି ପାଇଖାନା
- ୫୦୦ରୁ ଊର୍ଦ୍ଧ୍ୱ ଲୋକ ବାହାରେ କରୁଛନ୍ତି ମଳତ୍ୟାଗ

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ମିଶନ ଯୋଜନା ଘୋଷଣା କରିଥିଲେ । ଇତିମଧ୍ୟରେ ଏହି ଘୋଷଣାକୁ ୧୦ ବର୍ଷ ପୁରିଛି। ତେବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଅଧୀନ କଣ୍ଡରାପାଟିଆ ଗ୍ରାମରେ ଏହି ମିଶନ ସମ୍ପୂର୍ଣ୍ଣ ଫେଲ ମାରିଛି । ଏହି ରାଜସ୍ୱ ଗ୍ରାମରେ ପ୍ରାୟ ୧୦୦ ପରିବାର ବସବାସ କରୁଥିବା ବେଳେ ଅଦ୍ୟାବଧି ମାତ୍ର ୧୬ଟି ପରିବାରରେ ପାଇଖାନା ରହିଛି। ଫଳରେ ୫୦୦ରୁ ଅଧିକ ଲୋକ ଖୋଲାରେ ମଳମୂତ୍ର ତ୍ୟାଗ କରୁଛନ୍ତି । ବନାଞ୍ଚଳ ବିବାଦ ଯୋଗୁ ଏହି ରାଜସ୍ୱ ଗ୍ରାମରେ ଉନ୍ନୟନ ହୋଇ ପାରୁ ନ ଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମକୁ ଯିବା ଆସିବା ପାଇଁ ସ୍ଥାୟୀ ରାସ୍ତା ନ ଥିବା ବେଳେ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ହୋଇ ପାରୁନାହିଁ । ବନ ବିଭାଗ ପକ୍ଷରୁ ଏହି ରାଜସ୍ୱ ଗ୍ରାମକୁ ସଂରକ୍ଷିତ ବନାଞ୍ଚଳ ଦର୍ଶାଇ ଉନ୍ନୟନ କାର୍ଯ୍ୟକୁ ବନ୍ଦ କରୁଛନ୍ତି। ଏପରି କି ପାଇଖାନା ନିର୍ମାଣକୁ ବିରୋଧ କରା ଯାଉଥିବା ଅଭିଯୋଗ ହେଉଛି ।

ଉପରୋକ୍ତ ଗ୍ରାମର ତପନ ମଜୁମଦାର କହିଛନ୍ତି, ବହୁ ବର୍ଷ ହେବ ରାଜ୍ୟ ସରକାର କଣ୍ଡରାପାଟିଆକୁ ରାଜସ୍ୱ ଗ୍ରାମ ଭାବେ ସ୍ୱିକୃତୀ ଦେଇଛନ୍ତି। ତେବେ ଏହି ଅଞ୍ଚଳବାସୀଙ୍କ ନିକଟରେ ଜମି ପଟ୍ଟା ନାହିଁ। ଗ୍ରାମବାସୀ ଗୃହ ନିର୍ମାଣ କରିବା ଆରମ୍ଭ କଲେ ବନ ବିଭାଗ ଏହାକୁ ରୋକୁଛି । ଏପରିକି କେତେଜଣ ବ୍ୟକ୍ତି ଖରା ବର୍ଷାରୁ ରକ୍ଷା ପାଇଁ ଚାଳ ଛପର କଲେ ମଧ୍ୟ ବିଭାଗୀୟ ଅଧିକାରୀ ରୋକୁଛନ୍ତି । ଏପରିସ୍ଥଳେ ପାଇଖାନା ନିର୍ମାଣ ଆମ ପାଇଁ ସ୍ୱପ୍ନ ହୋଇଛି । ହୃଷିକେଶ ଧରା କହିଛନ୍ତି, କିଛି ମାସ ପୂର୍ବେ ଏଠାରେ ଘର ନିର୍ମାଣ ପାଇଁ ସେ ଚେଷ୍ଟା କରିଥିଲେ । ବନ ବିଭାଗ ବିରୋଧ ଯୋଗୁ ବନ୍ଦ ରହିଛି । ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲେ ମଧ୍ୟ ଏଠାରେ ସମ୍ଭବ ହେଉ ନ ଥିବା ସେ ମତ ଦେଇଛନ୍ତି। ସ୍ଥାନୀୟ ନେତ୍ରୀ ପଞ୍ଚେଇ ମଣ୍ଡଳ କହିଛନ୍ତି, ବନ ବିଭାଗର ବିରୋଧ ଯୋଗୁ ପାଇଖାନା ଓ ଆବାସ ଗୃହ ନିର୍ମାଣ ହୋଇପାରୁନାହିଁ । ୧୦୦ରୁ ଊର୍ଦ୍ଧ୍ୱ ପରିବାର ଥିଲେ ମଧ୍ୟ ମାତ୍ର ୧୬ ପରିବାରରେ ପାଇଖାନା ରହିଛି। ଗ୍ରାମର ଉନ୍ନୟନରେ ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି ।

ଏସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ କହିଛନ୍ତି, ଏହି ଗ୍ରାମରେ ସମସ୍ୟା ଥିବା ନେଇ ଅଭିଯୋଗ ମିଳିଛି। ସେଠାରେ ଉନ୍ନୟନ କାର୍ଯ୍ୟ ପାଇଁ ବନ ବିଭାଗ ସହିତ ବୈଠକ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ସ୍ନେହମୟୀ



@ ସୁଶିଳ



@ ସସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଳାତ୍କାରୀକୁ ୧୦ ବର୍ଷ ଜେଲ



**ଯାଜପୁର ଟାଉନ,୩୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ଶନିବାର ରାୟପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଜଜ୍ ବିଜୟ କୁମାର ଜେନା ମାମଲାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟରେ ଅଧିକ ୩ମାସ ଜେଲ୍ ଭୋଗିବେ ବୋଲି ରାୟରେ ପ୍ରକାଶିତ ହୋଇଛି। ଏଥିସହିତ ପୀଡ଼ିତା ନାବାଳିକାଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ବିଚାରପତି ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକା ୨୦୧୯ ଜାନୁୟାରୀ ୨୮ରେ ଘରେ ଥିବାବେଳେ ତାଙ୍କୁ ଏହି ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ପ୍ରଶାନ୍ତ ଦଳାଇ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଯୁବକ ପୀଡ଼ିତାଙ୍କ ସମ୍ପର୍କୀୟ ଭାଇ ହେବେ। ସେ ପୀଡ଼ିତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଚଣ୍ଡିଖୋଲ ମହାବିନାୟକ ମନ୍ଦିରକୁ ନେଇଯାଇଥିଲେ। ପରେ ଅଭିଯୁକ୍ତ ନାବାଳିକାଙ୍କୁ ଚଣ୍ଡିଖୋଲଠାରେ ଜଣେ ସମ୍ପର୍କୀୟଙ୍କ ଘରେ ରଖି ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ରେ ଚଣ୍ଡିଖୋଲରୁ ତାଙ୍କୁ ଉଦ୍ଧାର କରିଥିଲେ। ପରେ ନାବାଳିକା ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୩୧/୧୯ରେ ଏକ ମାମଲା ରୁଜୁକରିବା ସହ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ।






# ପୋଲ ନିର୍ମାଣ ସାରି ଅନୁଦାନ ମଞ୍ଜୁର ପାଇଁ ଠିକାଦାରଙ୍କ ଉଦ୍ୟମ

ନୂଆଗାଁ,୩୦।୧୧(ଧନେଶ୍ୱର ସାହୁ)

ସରକାରଙ୍କ ଅନୁଦାନ ନ ଥାଇ, ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାଦେଶ ନ ହୋଇ ମଧ୍ୟ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ରାଜନପଲି ଯିବା ରାସ୍ତାରେ ଏକ ପୋଲ ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ସାରିବା ପରେ ପୋଲ ନିର୍ମାଣ ପାଇଁ ସରକାରୀ ଅନୁଦାନ ମଞ୍ଜୁର କରିବା ପାଇଁ ଠିକାଦାର ଉଦ୍ୟମ କରୁଥିବା ଅଭିଯୋଗ ହେଉଛି ।

ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ରାଜନପଲି ଗ୍ରାମକୁ ଯିବା ପାଇଁ ୨ଟି ପୋଲର ଆବଶ୍ୟକତା ରହିଥିବା ଗ୍ରାମବାସୀ ଦାବି କରିଆସୁଥିଲେ। ତେବେ ସରକାରଙ୍କ ଅନୁଦାନରେ ଦେଢ ବର୍ଷ ପୂର୍ବେ ଗୋଟିଏ ପୋଲ ନିର୍ମାଣ ଶେଷ ହୋଇଛି । ଅନ୍ୟ ଏକ ପୋଲ ପାଇଁ ପଞ୍ଚାୟତିରାଜ ବିଭାଗରୁ କୌଣସି ଅନୁଦାନ ଦିଆଯାଇ ନ ଥିଲା। କିନ୍ତୁ ଜଣେ ଠିକାଦାର ନିଜ ଇଚ୍ଛାରେ ରାଜନପଲି ରାସ୍ତାରେ ୫ ମାସ ପୂର୍ବେ ଏକ ପୋଲ ନିର୍ମାଣ କରିଥିଲେ। ପଞ୍ଚାୟତିରାଜ ବିଭାଗର ନିୟମାନୁସାରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ପ୍ରଥମେ ଅନୁମୋଦନର ଆବଶ୍ୟକ ପଡିଥାଏ। ଅନୁମୋଦନ ପରେ କ୍ରମାନୁସାରେ ବ୍ୟୟ ଅଟକଳ, ଅନୁଦାନ ମଞ୍ଜୁର. ଡିପିଆର ପ୍ରସ୍ତୁତ, ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟଶୈଳୀ ପ୍ରସ୍ତୁତ ପରେ କାର୍ଯ୍ୟାରମ୍ଭ କରାଯାଇଥାଏ। କିନ୍ତୁ ଏଥିରୁ କୌଣସି ଗୋଟିଏ ବି କାମ ନ ହୋଇ ଠିକାଦାରଙ୍କ ଦ୍ୱାରା ପୋଲ ନିର୍ମାଣ କରାଯାଇଛି। ପୋଲ କାର୍ଯ୍ୟ ସଂକ୍ରାନ୍ତରେ ଲେଖିବା ପାଇଁ ଗୋଟିଏ ସୂଚନା ଫଳକ ନିର୍ମାଣ କରାଯାଇଥିଲେ ମଧ୍ୟ ସେଥିରେ କିଛି ଲେଖା ଯାଇ ନାହିଁ । ଫଳରେ ପୋଲ ନିର୍ମାଣ ତଥ୍ୟ ବିଷୟରେ କେହି ଜାଣିପାରୁ ନ ଥିବା କହିଛନ୍ତି ରାଜନପଲିବାସୀ। ପୋଲ ନିର୍ମାଣ ବାବଦରେ ମାଳିସାହି ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ବସନ୍ତ ଦାସଙ୍କୁ ପଚାରିବାରେ ରାଜନପଲି ରାସ୍ତାରେ ପୋଲ ନିର୍ମାଣ ପାଇଁ ଆସିଥିବା ଅନୁଦାନରେ ପୂର୍ବରୁ ପୋଲ ନିର୍ମାଣ ଶେଷ ହୋଇଥିବା କଥା ଠିକାଦାର ଜାଣି ନ ଥିଲେ। ଅନୁଦାନ ଅଛି ବୋଲି ଭାବି କାର୍ଯ୍ୟ କରିଛନ୍ତି। ତେଣୁ କୌଣସିଠାରୁ ସରକାରୀ ଅନୁଦାନ ଆଣିବା ପାଇଁ ଠିକାଦାର ଉଦ୍ୟମ କରୁଛନ୍ତି । ତେଣୁ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଖବର ପ୍ରକାଶ ପାଇଲେ ଅସୁବିଧା ହେବ। ତେଣୁ ଖବର ପ୍ରକାଶ କରନ୍ତୁ ନାହିଁ ବୋଲି ଯନ୍ତ୍ରୀ ଦାସ କହିଛନ୍ତି ।


ରାଜନପଲି ରାସ୍ତାରେ ନିର୍ମାଣ ହୋଇଥିବା ପୋଲ।

# ନୀଳମାଧବ ପୀଠରେ ଦେବ ଦୀପାବଳି


ଶ୍ରୀ ନୀଳମାଧବଙ୍କ ଶ୍ରାଦ୍ଧ ବେଶ ।

ଖଣ୍ଡପଡ଼ା,୩୦।୧୧
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ନୀଳମାଧବ ପୀଠରେ ଶନିବାରଠାରୁ ଆରମ୍ଭ ହୋଇଛି ଦେବଦୀପାବଳି । ଏହି ପାରମ୍ପରିକ ଉତ୍ସବ ୩ଦିନ ଚାଲିବ । ଏହି ଉପଲକ୍ଷେ ବହୁ ଶ୍ରଦ୍ଧାଳୁ ସମବେତ ହୋଇ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ । ଶ୍ରୀ ନୀଳମାଧବଙ୍କ ମନ୍ଦିରରେ ମାର୍ଗଶୀର କୃଷ୍ଣପକ୍ଷ ତ୍ରୟୋଦଶୀ, ଚର୍ତୁଦଶୀ ଓ ଶୁକ୍ଳ ପ୍ରତିପଦାରେ ୩ ଦିନ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପିତୃ ପୁରୁଷଙ୍କୁ ପିଣ୍ଡ ଅର୍ପଣ କରିବେ ମହାପ୍ରଭୁ। ଏହି ଅବସରରେ ଶ୍ରୀଜୀଉଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଛି। ଶନିବାର ନୀଳମାଧବଙ୍କ ସନ୍ଧ୍ୟା ଆଳତି ଓ ଧୂପ ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାୟତମାନେ ବାମନଙ୍କ ମାତା ଅଦିତି ଓ ପିତା କଶ୍ୟପଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ । ଶତାଧିକ ଶ୍ରଦ୍ଧାଳୁ ଘିଅ ବଳିତା ଧରି ଠାକୁରଙ୍କ ପିତୃ ପୁରୁଷଙ୍କ ନିମନ୍ତେ ଆଲୋକ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ଏହି ପିତୃ ପୁରୁଷଙ୍କ ମଧ୍ୟରେ ଅଦିତି, କଚ୍ଛପ,ଦଶରଥ, କୌଶଲ୍ୟା, କୈକେୟୀ, ସୁମିତ୍ରା,ନନ୍ଦ, ଯଶୋଦା, ବସୁଦେବ ଓ ରାଜା ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥାଏ । ଆଜି ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ, ଅମାବାସ୍ୟରେ ରାଜା ଦଶରଥ, କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଓ ପରଦିନ ପ୍ରତିପଦା ଦିନ ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା, ଦେବକୀଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବାର ବିଧି ରହିଛି । ପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ଶ୍ରାଦ୍ଧ ବେଶରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣାଦି କରୁଥିବାରୁ ଏହା ଦେବ ଦୀପାବଳି ଓ ଶ୍ରାଦ୍ଧ ବେଶ ନାମରେ ପ୍ରସିଦ୍ଧ।

# ଇକୋ ଟୁରିଜମ୍ କେନ୍ଦ୍ର ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନାହିଁ


ଇକୋ ଟୁରିଜମ୍ ଅଞ୍ଚଳ ।

ଖଣ୍ଡପଡ଼ା,୩୦।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମ ଗୋକୁଳାନନ୍ଦ ପୀଠ ସଂଲଗ୍ନ ମଧୁକର୍ଣ୍ଣିକା ପାହାଡରେ ଅବସ୍ଥିତ ଇକୋ ଟୁରିଜିମ ପରିବେଶ ପର୍ଯ୍ୟଟନସ୍ଥଳୀ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନାହିଁ । ସଞ୍ଜ ନଇଁଲେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାର ବନ ବିଭାଗ ଜରିଆରେ ଉକ୍ତ ପୀଠରେ ସାମଗ୍ରୀକ ବିକାଶ ପାଇଁ ବହୁ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି । ଅନୁଦାନ ଅର୍ଥରେ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକମାନଙ୍କ ରହିବା ଓ ଆମୋଦ ପ୍ରମୋଦ ପାଇଁ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଗୋକୁଳାନନ୍ଦ ପୀଠକୁ ସଂଯୋଗ କରୁଥିବା ରାସ୍ତାରୁ ପାହାଡିଆ ଜଙ୍ଗଲ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାରେ ଏକାଧିକ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲେ ହେଁ ବିଦ୍ୟୁତ ଖୁଣ୍ଟଗୁଡିକରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯାଇନାହିଁ। ଫଳରେ ରାତିରେ ପର୍ଯ୍ୟଟକମାନେ ପାହାଡିଆ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଯାତାୟତ ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ମଧୁକର୍ଣ୍ଣିକା ପାହାଡ ଓ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ ବିଷଧର ସରୀସୃପ, ଭାଲୁ, ବାରହା ପରି ହିଂସ୍ର ବନ୍ୟଜନ୍ତୁ ବାସ କରୁଛନ୍ତି। ରାତିରେ ବିଷଧର ସରୀସୃପ ଏଣେତେଣେ ବିଚରଣ କରୁଥିବା ସିଧାମୂଳା ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡିଛି । ପାହାଡିଆ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନ ଥିବାରୁ ରାତିରେ ଉକ୍ତ ପର୍ଯ୍ୟଟନ ସ୍ଥଳୀକୁ ଯାତାୟତ କରିବାକୁ ପର୍ଯ୍ୟଟକମାନେ ଉଚିତ ମଣୁନାହାନ୍ତି । ତେଣୁ ଉକ୍ତ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଏଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବନ୍ଧାଗଲା


ସାମାଜିକ କର୍ମୀମାନେ ଗାଇ ବେକରେ ରେଡିୟମ ବେଲ୍ଟ ବାନ୍ଧୁଛନ୍ତି ।

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଦେବଦୂତ ସେବା ପରିଷଦର ୨୫ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଗୁରୁବାର ରାତିରେ ନୟାଗଡ଼ ସହର ବିଭିନ୍ନ ସ୍ଥାନରେ ଗାଇଗୋରୁଙ୍କୁ ରେଡିୟମ ବେଲ୍ଟ ବାନ୍ଧିଛନ୍ତି । କୁହୁଡି ପାଇଁ ବିଭିନ୍ନ ସମୟରେ ଗାଇଗୋରୁମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି । ଏହାକୁ ଆଖି ଆଗରେ ରଖି ମୁଖ୍ୟରାସ୍ତା ଉପରେ ବୁଲୁଥିବା ୪୦ରୁ ଉର୍ଦ୍ଧ୍ୱ ଗାଇଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ଲଗାଯାଇଥିଲା। ପରିଷଦ ପକ୍ଷରୁ ଉମାକାନ୍ତ ମହାପାତ୍ର, ପ୍ରଭୁଦୂତ ପ୍ରଧାନ, ବବୁଲ ଦାସ, ତୋଫାନ ମୁଦୁଲି, ପ୍ରଶାନ୍ତ କୁମାର ସାହୁ, ବିଭୁ ପ୍ରସାଦ ସାହୁ,ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ସାମିଲ ହୋଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଶାନ୍ତ


@ ସ୍ନେହମୟୀ


@ ସୁଶୀଲ


@ ସସ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ବୈଠକ


ବୈଠକରେ ଯୋଗଦେଇଥିବା ଶିକ୍ଷକ ଓ ଅଭିଭାବକ ।

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ମୁତାବକ ନୟାଗଡ଼ ବ୍ଲକ ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ସଭାପତିତ୍ୱରେ ତୃତୀୟ ଅଭିଭାବକ ଓ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ପ୍ରଧାନଶିକ୍ଷୟିତ୍ରୀ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ଉପସ୍ଥିତ ଥିଲେ । ପରିଚାଳନା କମିଟି ସଦସ୍ୟ ତଥା ଅଭିଭାବକ ପ୍ରତିନିଧି ସନ୍ତୋଷ ସାହୁ, କୁନା ସାହୁ ସମେତ ଛାତ୍ର ଅଭିଭାବକ ମୀର୍ ଅମଜାଦ୍, ରହନୁମା ବେଗମ ପ୍ରମୁଖ ଶୈକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆପାର୍ ଆଇଡି ଖୋଲିବା ଉପରେ ସହକାରୀ ଶିକ୍ଷକ ସଲିମ ଇବ୍ରାହିମ ସମସ୍ତଙ୍କୁ ସୂଚନା ଦେଇଥିଲେ । ବିଦ୍ୟାଳୟ ସମ୍ମୁଖରେ ଭାରିଯାନ ରଖାଯାଉଥିବା ଯୋଗୁ ଭବିଷ୍ୟତରେ ଦୁର୍ଘଟଣାକୁ ଏଡ଼ାଇ ହେବ ନାହିଁ ବୋଲି ସମସ୍ତେ ଉଦବେଗ ପ୍ରକାଶ କରିଥିଲେ । ତୁରନ୍ତ ଏହାର ପ୍ରତିକାର କରିବା ପାଇଁ ପରିବହନ ଅଧିକାରୀ ଓ ଥାନାକୁ ଜଣାଇବା ପାଇଁ ମତ ପ୍ରକାଶ ପାଇଥିଲା । ସେହିପରି ବିଦ୍ୟାଳୟ ସମ୍ମୁଖରେ ଅଳିଆ ଆବର୍ଜନା ପକାଇ ପରିବେଶକୁ କେତେଜଣ ଲୋକ ଦୂଷିତ କରୁଥିବା ଉପରେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷାର ଫଳାଫଳ ଅଭିଭାବକଙ୍କୁ ଦିଆଯାଇଥିଲା । ସମସ୍ତଙ୍କ ସହଯୋଗ ରହିଲେ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ହୋଇପାରିବ ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ବିଦ୍ୟାଳୟ ଅଧୁରା କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁମିତ୍ରା ନାୟକଙ୍କୁ ଜଣାଇବା ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।






## ସଂକ୍ଷେପରେ

### ଯାଜପୁର ଜିଲା ପରିଷଦ ସଭ୍ୟ ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର,୩୦।୧୧(ଅନିଲ ଦାସ):** ଯାଜପୁର ଜିଲା ପରିଷଦ ଜୋନ ନଂ-୩୯ର ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକଙ୍କୁ ବିଜେଡି ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ନିଲମ୍ବିତ କରାଯାଇଥିବା ଶନିବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି।

### ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ

**ଧର୍ମଶାଳା,୩୦।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପାହାଡ଼ରେ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ଗ୍ରାମର ଘନଶ୍ୟାମ ଗାଗରାଇ(୩୬)। ଘନଶ୍ୟାମ ଶନିବାର ଅପରାହ୍ନରେ ଟ୍ରାକ୍ଟରରେ ଇଟାନେଇ ନେଉଳପୁର ପାହାଡ ଉପରକୁ ଯାଉଥିଲେ। କିଛି ବାଟ ଯିବା ପରେ ଭାରାସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଘନଶ୍ୟାମ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ.୮୪୫/୨୪ ରୁଜୁ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଜହର ଆବେଦିନ ସୂଚନା ଦେଇଛନ୍ତି।

### ଘରେ କେହି ନ ଥିବାବେଳେ ତାଲା ଭାଙ୍ଗି ଚୋରି

**ରାଜକନିକା,୩୦।୧୧(ସଞ୍ଜୟ କୁମାର ଦାଶ)** ରାଜକନିକା ଥାନା ଅନ୍ତର୍ଗତ ବାଘବୁଦା ପଞ୍ଚାୟତ ଅଧୀନ ଇଣ୍ଡିଆନ ବ୍ୟାଙ୍କ ପାଖ କଲୋନୀରେ ଘର କରି ରହୁଥିବା ମୀନକେତନ ନାୟକଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର, ନଗଦ ଟଙ୍କା ସହ ଜରୁରୀ କାଗଜ ପତ୍ର ଚୋରି ହୋଇଛି । ନାୟକ ସପରିବାର ଝିଅଘର ରାୟଗଡାକୁ ଯାଇଥିଲେ । ତାଙ୍କ ଉପର ମହଲାରେ ଭଡାରେ ରହୁଥିବା ପରିବାର ମଧ୍ୟ ୪-୫ଦିନ ହେବ ନିଜଘର ଜଗତସିଂହପୁରକୁ ଯାଇଥିଲେ । ଏହାର ସୁଯୋଗ ନେଇ କେହି ଘର ତାଲାଭାଙ୍ଗି ଏପରି ଚୋରି କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ଶୁକ୍ରବାର ଭଡା ରହୁଥିବା ବ୍ୟକ୍ତି ଘରେ ପହଞ୍ଚି ତାଲା କଟା ହୋଇଥିବା ଦେଖି ଘର ମାଲିକଙ୍କୁ ଫୋନରେ ଖବର ଦେଇଥିଲେ । ଶନିବାର ଘର ମଲିକ ନାୟକ ପହଞ୍ଚି ଘର ତାଲା ଭାଙ୍ଗାଯିବା ଓ ଆଲମିରା ଭଙ୍ଗା ଯାଇଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଜକନିକା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଆବାସ ହିତାଧିକାରୀ ଚୟନ ପାଇଁ ହେବ କର୍ମଶାଳା

## ଡିସେମ୍ବର ୨, ୩, ଏବଂ ୪ରେ ଆୟୋଜନ କରାଯିବ

**ଯାଜପୁର ଟାଉନ,୩୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ପରିଷଦ ମିନି ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ)ର ନୂତନ ହିତାଧିକାରୀ ଚିହ୍ନଟ ସମ୍ପର୍କୀୟ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ କହିଛନ୍ତି, ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ମୁଣ୍ଡ ଉପରେ ପକ୍କା ଛାତ ଟିଏ ଗଢି ତୋଳି ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀ ଯୋଗାଇଦେବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହି ଯୋଜନାରେ ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇଛି। ୨ଚକିଆ ଯାନ, ଫ୍ରିଜ୍ ଅଥବା ଲ୍ୟାଣ୍ଡ ଲାଇନ ଫୋନ ଥିବା ପରିବାରକୁ ଅଯୋଗ୍ୟ ବିବେଚନା କରାଯିବନାହିଁ। ପରିବାରର ମାସିକ ଆୟର ସୀମା ୧୦ହଜାର ଟଙ୍କାରୁ ୧୫ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପରିବର୍ତ୍ତିତ ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ନୂତନ ସର୍ଭେ ଆରମ୍ଭ ହେବାକୁ ଯାଉଛି। କ୍ଷେତ୍ର କର୍ମଚାରୀଙ୍କ ବ୍ୟତୀତ ଚଳିତ ସର୍ଭେରେ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ ନିଜେ କରିପାରିବେ। ଏହାଦ୍ୱାରା ସର୍ଭେରୁ ବାଦ୍ ପଡ଼ିବା ଆଶଙ୍କା ଦୂର ହୋଇପାରିବ। ପ୍ରତ୍ୟେକ ପଞ୍ଚାୟତରେ ଏ ସମ୍ପର୍କରେ କର୍ମଶାଳା ଆୟୋଜନ କରାଯିବ। ଜିଲାର ସବୁ ପଞ୍ଚାୟତରେ ଡିସେମ୍ବର ୨, ୩, ଏବଂ ୪ ତାରିଖରେ କର୍ମଶାଳା ଆୟୋଜନ କରାଯିବ। ସର୍ଭେ ସମୟରେ ପରିବାର ସଦସ୍ୟଙ୍କ ଆଧାର, ଜବ କାର୍ଡ ଏବଂ ବ୍ୟାଙ୍କ୍ ଜମା ଖାତା ପ୍ରସ୍ତୁତ ରଖିବା ଆବଶ୍ୟକ। ବ୍ଲକ କର୍ମଚାରୀ ଗ୍ରାମର ପ୍ରତ୍ୟେକ ସାହିକୁ ଗସ୍ତ କରି ଗୃହହୀନ ଏବଂ କଚ୍ଚା ଘରେ ରହୁଥିବା ସମସ୍ତ ପରିବାରଙ୍କୁ ସର୍ଭେରେ ଅନ୍ତର୍ଭୁକ୍ତ କରିବେ। ପରିବାରର ସଦସ୍ୟମାନେ ପୃଥକ୍ ଭାବେ ବସବାସ କରୁଥିଲେ ସେମାନଙ୍କୁ ଏହି ସର୍ଭେରେ ଭିନ୍ନ ପରିବାର ହିସାବରେ ଗ୍ରହଣ କରାଯିବ। ଯୋଗ୍ୟ ଭିନ୍ନକ୍ଷମ ସଦସ୍ୟ, ତୃତୀୟ ଲିଙ୍ଗୀ, ବିଧବା, ନିରାଶ୍ରୟ ଏବଂ ମୁକ୍ତ ଗୋତି ଶ୍ରମିକ ପରିବାରଙ୍କ କ୍ଷେତ୍ରରେ ତାଲିକାଭୁକ୍ତ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱତନ୍ତ୍ର ଧ୍ୟାନ ଦେବେ। କ୍ଷେତ୍ର କର୍ମଚାରୀ ସର୍ଭେ ସମୟରେ ପରିବାରର ସମସ୍ତ ସଦସ୍ୟଙ୍କ ବୟସ, ବୃତ୍ତି, ଶିକ୍ଷାଗତ ଯୋଗ୍ୟତା, ଆଧାର ନମ୍ବର, ଜବ କାର୍ଡ ନମ୍ବର, ରୋଜଗାର ଇତ୍ୟାଦି ସଂକ୍ରାନ୍ତୀୟ ତଥ୍ୟ ପୂରଣ କରିବେ। ପରିବାରର ମହିଳା ମୁଖ୍ୟ ହିଁ କେବଳ ଆବାସ ଯୋଜନା(ଗ୍ରାମୀଣ)ର ହିତାଧିକାରୀ ଭାବେ ପରିଗଣିତ ହେବେ। ସର୍ଭେ ଆରମ୍ଭ ହେବାର ଏକ ମାସ ପରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଓ ହିତାଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବା ପରିବାରଙ୍କ ନାମ ଗ୍ରାମୱାରି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶନ କରାଯିବ। ସର୍ଭେ ଶେଷ ହେବା ପରେ ପଞ୍ଜୀକୃତ ହୋଇଥିବା ହିତାଧିକାରୀଙ୍କ ତାଲିକାକୁ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଯିବ। ଜିଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିଜେ ଓ ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସର୍ଭେକାର୍ଯ୍ୟ ତଦାରଖ କରାଯିବ। ଜିଲାରେ ଗତ ୨ ବର୍ଷରେ ୨୬ ହଜାର ଲୋକଙ୍କୁ ଗୃହ ଯୋଗାଇ ଦିଆଯାଇଛି। ଜିଲାର ୩୧୧ ପଞ୍ଚାୟତରେ ଏହି କର୍ମଶାଳା ଅନୁଷ୍ଠିତ ହେବ ବୋଲି ବେହୁରିଆ ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କୀୟ ସଚେତନତା ବାର୍ତ୍ତା ପହଞ୍ଚିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପ୍ରୋଜେକ୍ଟ ମ୍ୟାନେଜର, ରୁରାଲ ହାଉସିଂର ସୁହାନା ବେଗମ୍ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀମାନେ।

# ବେଆଇନ ବାଲି ଚାଲାଣ ଅଭିଯୋଗ

**ବରୀ,୩୦।୧୧(ମହେନ୍ଦ୍ର ସ୍ୱାଇଁ):** ସରକାରଙ୍କ ତରଫରୁ ଲଘୁ ଖଣିଜ ଦ୍ରବ୍ୟ ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି ବରୀ ତହସିଲ ଅଧୀନ କଳାମାଟିଆ ପଞ୍ଚାୟତର ଉପର କାଇପାଡ଼ା ନିକଟ ବ୍ରାହ୍ମଣୀ ନଦୀ ପଠାରେ। ଏହି ପଠାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଚୋରା ଚାଲାଣ କରାଯାଇଛି। ଏହି ସ୍ଥାନ ଯାଜପୁର ଜିଲାର ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲାକୁ ବାଲି ଚାଲାଣ କରାଯିବାକୁ ନେଇ କଳାମାଟିଆ ସରପଞ୍ଚ ରଶ୍ମିତା ପରିଡ଼ାଙ୍କ ସମେତ ପଞ୍ଚାୟତବାସୀ ଯାଜପୁର ଜିଲାପାଳ, ବରୀ ତହସିଲ ଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ବେଆଇନ ବାଲି ଚୋରାଚାଲାଣ ରୋକିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବା ପାଇଁ ଲୋକେ ଟ୍ରାକ୍ଟର ଯୋଗେ ବାଲି ଆଣୁଥିବାବେଳେ ତହସିଲ ପ୍ରଶାସନ ଟ୍ରାକ୍ଟରକୁ ଜବତ କରି ମାଲିକଙ୍କଠାରୁ ୧୦,୨୪୦ ଟଙ୍କା ଜରିମାନା ଆଦାୟ କରୁଛି। ମାତ୍ର ବେଆଇନ ବାଲି ଚାଲାଣ ଉପରେ ନଜର ନ ଦେବା ବାଲି ମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷ କରି ଏହି ବେଆଇନ ବାଲି ଉଠାଣ ସ୍ଥାନରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ୧କି.ମି.ରୁ କମ ହୋଉଥିବା ବେଳେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଏହାକୁ ବନ୍ଦ କରିବା କ୍ଷେତ୍ରରେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବରୀ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ଯାଜପୁର ଜିଲା କ୍ରିକେଟ ଦଳର ମୟୂରଭଞ୍ଜ ଗସ୍ତ



ମୟୂରଭଞ୍ଜ ଗସ୍ତ କରିଥିବା ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରସୁଲପୁର,୩୦।୧୧(ରଞ୍ଜିତ ରାଉତ):** ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ରସୁଲପୁର ବ୍ଲକ କ୍ରିକେଟ ଦଳ ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ଅବସରରେ ଜିଲା ଶାରୀରିକ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ କ୍ରିକେଟ ଦଳ ଗଠନ କରାଯାଇଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଯୋଗଦେବାକୁ ଚୟନ ହୋଇଥିବା ଜିଲା ଦଳ ମୟୂରଭଞ୍ଜ ଗସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ରସୁଲପୁର ବ୍ଲକ୍‌ରୁ ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବ୍ରହ୍ମବରଦା କ୍ରିକେଟ କ୍ଲବ୍‌ର ଖେଳାଳି ଅଲରାଉଣ୍ଡର ନାସିରୁଦ୍ଦିନ ଖାନ, ସୌରଭ ଦାସ, ୱିକେଟ କିପର ବାସୁଦେବ ଗିରି, ବ୍ୟାଟର ଇବ୍ରାହିମ ଖାନ, ଯଶମନ୍ତ ମାହୁନ୍ତ ଓ ବୋଲର ଭାବେ ଶୁଭମ ମିଲନ ଦାସ। କ୍ଲବ୍ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶୁଭେଚ୍ଛା ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୁବନେତା ରାକେଶ ଦେଓ ଯୋଗଦେଇ ପିଲାମାନଙ୍କୁ ଭଲ ଖେଳିବା ପାଇଁ ଉତ୍ସାହିତ କରିଥିଲେ। କ୍ଲବ୍‌ରେ ଉତ୍ତମ ଓ ଶୃଙ୍ଖଳିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବାରୁ ସଫଳତା ମିଳିପାରିଛି ବୋଲି ଖେଳାଳିମାନେ ମତବ୍ୟକ୍ତ କରିଥିଲେ।

# ଅଲ୍ ଇଣ୍ଡିଆ ଓପନ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅଲ୍ ଇଣ୍ଡିଆ ଓପନ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଛତିଆ,୩୦।୧୧(ସୌମ୍ୟ ରଞ୍ଜନ ସାହୁ):** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଛତିଆ ହ୍ୟାଣ୍ଡବଲ କ୍ଲବ ଆନୁକୂଲ୍ୟରେ ଅଲ ଇଣ୍ଡିଆ ଓପନ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଲେଖକ ଓ ସାମାଜିକ କର୍ମୀ ଅଶୋକ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏଭେରେଡି କମ୍ପାନୀର ପୂର୍ବାଞ୍ଚଳ ମୁଖ୍ୟ ବିପ୍ଳବ ଶତପଥୀ, ସ୍ୱତନ୍ତ୍ର ଅତିଥି ଭାବେ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ଆରକ୍ଷୀ ଅଧୀକ୍ଷକ ଅଶୋକ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ଏଭେରେଡି କମ୍ପାନୀ ଭୁବନେଶ୍ୱରର ମ୍ୟାନେଜର ଜୀବନଦୀପ ଷେଣ୍ଡ, ଛତିଆ ଭାରିଯାନ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସାଦିକ ହୁସେନ, ଯାଜପୁର ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ରମେଶ ପୃଷ୍ଟି ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶାର ୧୨ ଦଳର ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶନିବାର ସମସ୍ତ ଦଳର ଖେଳ ଚିତ୍ତାକର୍ଷକ ହୋଇଥିଲା। ରେଫରୀ ଭାବେ ମନୋଜ କୁମାର ସାହୁ, ସୁରେନ୍ଦ୍ର ବିଶାଳ, ବୀରେନ୍ଦ୍ର ପ୍ରତାପ ସିଂ, ଭବାନୀ ଶଙ୍କର ନାୟକ, ରଶ୍ମି ରଞ୍ଜନ ଓଝା, ସିଲୁ ପାଲ, ବିଶ୍ୱନାଥ ବିଶାଳ, ମହମ୍ମଦ ସାହିଦ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଛତିଆ ହ୍ୟାଣ୍ଡବଲ କ୍ଲବର ପ୍ରମୁଖ ସଦସ୍ୟ ଭବାନୀ ଶଙ୍କର ମହାପାତ୍ର, ରାଜେଶ ନାଥ, ହରିହର ବିଶ୍ୱାଳ, ଆକାଶ ନାୟକ, ପ୍ରକାଶ ପୃଷ୍ଟି, ହରିହର ନାଥ ଓ ରାକେଶ ନାଥଙ୍କ ସହ ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବ୍ରାଣ୍ଡ୍ ନାଁରେ ନକଲି ସିମେଣ୍ଟ ବିକ୍ରି

**ଧର୍ମଶାଳା,୩୦।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଅଞ୍ଚଳରେ ଏସିସି ସିମେଣ୍ଟ ବ୍ରାଣ୍ଡ ନାଁରେ ନକଲି ସିମେଣ୍ଟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହି ନକଲି ସିମେଣ୍ଟ ବ୍ୟବହାର କରି ଜଣେ ବ୍ୟକ୍ତି ଠକାମିର ଶିକାର ହୋଇଛନ୍ତି। ସୂଚନା ମୁତାବକ, ଧର୍ମଶାଳା ବ୍ଲକ୍ ଥାନୁଆଳ ପଞ୍ଚାୟତ ଗୁଆରଙ୍ଗ ଗ୍ରାମର ଯଦୁମଣି ଜେନା କିଛି ଦିନ ତଳେ କଂକ୍ରିଟ ଖଳା ନିର୍ମାଣ ଲାଗି ଏକ ଦୋକାନରୁ ୫୦ ବସ୍ତା ଏସିସି ଏଫ୨ଆର ସିମେଣ୍ଟ ଆଣି କାମ କରିଥିଲେ। ହେଲେ କଂକ୍ରିଟ କାମ କରିବାର ସପ୍ତାହକ ମଧ୍ୟରେ ସବୁ ଧୂଳିପରି ଧୋଇ ହୋଇଯାଇଛି। ନକଲି ସିମେଣ୍ଟ ଯୋଗୁ ଏଭଳି ହୋଇଥିବା ସେ ସନ୍ଦେହ କରି ସମ୍ପୃକ୍ତ ସିମେଣ୍ଟ ଦୋକାନୀଙ୍କୁ ଅବଗତ କରିଥିଲେ। ହେଲେ ଦୋକାନୀ ଜଣକ କିଛି ଜାଣି ନ ଥିବା କହିବା ସହ ସେ ଚଣ୍ଡିଖୋଲସ୍ଥିତ ଏକ ଏଜେନସି ପାଖରୁ ସିମେଣ୍ଟ ଅଣି ବିକ୍ରି କରୁଥିବା ନେଇ ସଫେଇ ଦେଇଛନ୍ତି। ଉକ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଥାନୁଆଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୂଲ୍ୟଧନ ଜେନା ଦାବି କରିଛନ୍ତି। ଅନ୍ୟପକ୍ଷରେ ନକଲି ସିମେଣ୍ଟ ବିକ୍ରି କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ବାଇକ୍ ଚୋରି ଅଭିଯୋଗରେ ୩ ଅଟକ

**ପାଣିକୋଇଲି,୩୦।୧୧(ବିକାଶ ମଲ୍ଲିକ):** ପାଣିକୋଇଲି ପୋଲିସ ବାଇକ ଚୋରି ଅଭିଯୋଗରେ ୩ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପାଣିକୋଇଲି ଥାନା ଅଞ୍ଚଳରୁ ବହୁ ବାଇକ ଚୋରି ହୋଇଥିବାବେଳେ ଗତ ୨୮ ତାରିଖରେ ସଠିପୁରସ୍ଥିତ ବିଦେଶୀ ମଦ ଦେକାନ ଆଗରୁ ଏକ ବାଇକ ଚୋରି ହୋଇଥିଲା। କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅନ୍ତର୍ଗତ ଗେଡ଼ମା ଗ୍ରାମର ସଞ୍ଜୟ ପଲେଇ ତାଙ୍କ ବାଇକକୁ ମଦ ଦୋକାନ ଆଗରେ ରଖି ସମ୍ପର୍କୀୟଙ୍କ ସହ କଥା ହେଉଥିଲେ। ସେଠାରୁ କାମ ସାରି ଦେଖିଲା ବେଳେକୁ ତାଙ୍କ ବାଇକଟି ନ ଥିଲା। ଏହାପରେ ମଦ ଦେକାନର ସିସିଟିଭି ଯାଞ୍ଚ କରିବାରୁ କୋରେଇ ଥାନା ଅନ୍ତର୍ଗତ ଦୁଲାଖାପାଟଣା ଗ୍ରାମର ପ୍ରଶାନ୍ତ କୁମାର ସାହୁ ଓରଫ ଚୁଲିଆ ବାଇକଟି ଚୋରି କରିନେଇଥିବା ଦେଖିବାକୁ ମିଳିଥିଲା। ଏନେଇ ସଞ୍ଜୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ବାଇକକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ମୋଟ୍ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ବ୍ରହ୍ମବରଦା ହାଟରେ ଗଣ୍ଡଗୋଳ: ଯୁବକ ଗୁରୁତର

**ରସୁଲପୁର,୩୦।୧୧(ରଂଜିତ ରାଉତ):** ବରୀ ନିର୍ବାଚନମଣ୍ଡଳୀ ବ୍ରହ୍ମବରଦା ଥାନା ଅଧୀନ ବ୍ରହ୍ମବରଦା ବଜାରରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଯୁବକଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ପୋଲିସ ଆକ୍ରମଣକାରୀ ଯୁବକଙ୍କୁ କାବୁ କରିବାକୁ ତାଙ୍କ ଘରେ ଚଢ଼ାଉ କରିଛି। ମାତ୍ର ଏହି ଖବର ପାଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଫେରାର ଅଭିଯୁକ୍ତ ହେଲେ ବବୁଲ ଦାସ(୩୦)। ତାଙ୍କ ବାପା ଜଣେ ଭାଜପା ନେତା ବୋଲି ଜଣାପଡ଼ିଛି।

ଅଭିଯୋଗ ମୁତାବକ, ବ୍ରହ୍ମବରଦା ସପ୍ତାହିକ ହାଟ ନିକଟ ବବୁଲଙ୍କ ଦୋକାନ ସମ୍ମୁଖରେ ଉକ୍ତ ଥାନା ଅଞ୍ଚଳର ସିପୁନ ବିଶ୍ୱାଳ(୨୦) ଛିଡ଼ା ହୋଇ ଫୋନରେ ଯଅଁପଡା ଅଞ୍ଚଳର ଜଣେ ଯୁବକଙ୍କୁ ଗାଳିଗୁଲଜ କରୁଥିଲେ। ବବୁଲ ଯୁବକଙ୍କ ନିକଟକୁ ଆସି ତାଙ୍କ ଦୋକାନ ସମ୍ମୁଖରେ ପାଟିତୁଣ୍ଡ ନ କରିବାକୁ କହିଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ମାରପିଟ୍ ହୋଇଥିଲା। ବବୁଲଙ୍କ ଆକ୍ରମଣରେ ଯୁବକ ସିପୁନ ଗରୁତର ହୋଇଥିଲେ। ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଘଟଣା ସମ୍ପର୍କରେ ସିପୁନଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର-୨୩୪/୨୪ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ପୋଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

କିଛି ଦିନ ପୂର୍ବରୁ ଥାନା ପରିସରରେ ଏକ ଘଟଣା ଘଟିଥିଲା। ଘଟଣାସ୍ଥଳରେ ବବୁଲ ପୋଲିସକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣାକୁ ଆପୋସ ସମାଧାନ କରାଯାଇଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ମାତ୍ର ଉକ୍ତ ଘଟଣାକୁ ଦିନ କେଇଟା ନ ପୁରୁଣୁ ପୁଣି ଭାଜପା ନେତାଙ୍କ ପୁଅ ଆଉ ଏକ ଗଣ୍ଡଗୋଳ ଭିଆଇବା ଘଟଣା ଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



# ସରକାରୀ ସୁବିଧା ସମ୍ପର୍କରେ ଅବଗତ ଉପରେ ଗୁରୁତ୍ୱ

## ସୁଶାସନ ସମ୍ପର୍କିତ କର୍ମଶାଳା

**ରସୁଲପୁର,୩୦।୧୧(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାୟୀ ବିକାଶର ସ୍ଥାନୀୟ କରଣ ପାଇଁ ସ୍ଥିରୀକୃତ ୯ ବିଷୟ ମଧ୍ୟରୁ ୮ମ ଥିମ ସୁ-ଶାସନ(ଗୁଡ ଗଭର୍ଣ୍ଣାନ୍ସ) ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ କେଉଁ ସବୁ ସୁବିଧା ସୁଯୋଗ(ସିଟିଜେନ୍ ଚାଟାର) ପ୍ରଦାନ କରାଯାଉଛି ସେ ସମ୍ପର୍କରେ ଜନସାଧାରଣମାନଙ୍କୁ ଅବଗତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ଓ ରସୁଲପୁର ବ୍ଲକ ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ବଳ ଅଧିକାରୀ ଭାବେ ଡ. ରୁଦ୍ରନାରାୟଣ ପୃଷ୍ଟି, ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ପକ୍ଷରୁ ପ୍ରିୟବ୍ରତ ପତି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପାଲ, ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କିପରି ସୁରକ୍ଷିତ ରଖାଯାଇପାରିବ, ସରକାରୀ ସୁବିଧା ସୁଯୋଗଗୁଡିକ ଦ୍ରୁତ ଓ ସହଜ ଉପାୟରେ ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯିବ। ନାଗରିକ ସଂହିତା ଓ ଅଧିକାରକୁ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଉପଲବ୍ଧ ହେଉଥିବା ସୁବିଧାସୁଯୋଗ ସମ୍ପର୍କରେ ନାମଫଳକ ଜରିଆରେ ସୂଚନା ପ୍ରଦାନ କରାଯିବ। କେଉଁ ସୁବିଧା ସୁଯୋଗ କେତେ ଦିନ ମଧ୍ୟରେ ନାଗରିକମାନଙ୍କୁ ମିଳିବ ସେ ଦିଗରେ ଉଲ୍ଲେଖ କରାଯିବ ଓ ତଦ୍‌ନୁଯାୟୀ ନାଗରିକଙ୍କୁ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାକୁ ସୁନିଶ୍ଚିତ କରିବା ଉପରେ କର୍ମଶାଳାରେ ଜରିଆରେ ସଚେତନ କରାଯାଇଛି।

ଏହାଛଡ଼ା ପଞ୍ଚାୟତରେ ବାଳସଭା, ମହିଳାସଭା, ପଲ୍ଲିସଭା, ଗ୍ରାମସଭା ଜରିଆରେ ଲୋକଙ୍କ ସମସ୍ୟାକୁ ଚିହ୍ନଟ କରାଯାଇ ତା'କୁ ସମାଧାନ କରାଯିବ ସେ ଦିଗରେ ଜନପ୍ରତିଧି, ସରକାରୀ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସଂଗଠନର ନେତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଇଛି। ଅନ୍ୟ ୮ ଥିମ୍‌ରେ ଥିବା ସମସ୍ତ ସୁବିଧାସୁଯୋଗ ଲୋକଙ୍କ ପାଖରେ ଠିକ୍‌ରେ ପହଞ୍ଚି ପାରୁଛି କି ନାହିଁ ତାକୁ ଜଗିବା କାର୍ଯ୍ୟ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସ ଥିମ୍‌ର। ଏହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଶିବିରାର୍ଥୀଙ୍କୁ ପରାମର୍ଶ ଦିଆଯାଇଛି।

ଶିବିରକୁ ୨ଟି ଅଧିବେଶନରେ ବିଭକ୍ତ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ପ୍ରଥମ ଅଧିବେଶନ ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନଭୋଜନକୁ ନେଇ ଶିବିରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆମିଷ ଖାଦ୍ୟ ସେବନକାରୀ ଶିବିରାର୍ଥୀଙ୍କ ପାଇଁ ଆୟୋଜକମାନେ ବ୍ୟବସ୍ଥା କରିଥିବାବେଳେ ସାକାହାରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନରେ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ଫଳରେ ସାକାହାରୀମାନେ ମଧ୍ୟାହ୍ନ ଭୋଜନକୁ ନେଇ ଅସନ୍ତୋଷବ୍ୟକ୍ତ କରି ଦ୍ୱିତୀୟ ଅଧିବେଶନରେ ଯୋଗ ନ ଦେଇ ଫେରି ଯାଇଥିଲେ। ଏହି ଅବ୍ୟବସ୍ଥା ସମ୍ପର୍କରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପାଲଙ୍କୁ ପଚାରିବାରୁ ସେ କହିଛନ୍ତି, ଶିବିର ଚାଲୁଥିବା ସମୟରେ କେଉଁମାନେ ମଧ୍ୟାହ୍ନ ଭୋଜନରେ ସାକାହାରୀ ଖାଦ୍ୟ ଖାଇବେ ବୋଲି ପଚରା ଯାଇଥିଲା, ସେମାନଙ୍କ ତାଲିକା ଅନୁସାରେ ବଜାରରୁ ଖାଦ୍ୟ କ୍ରୟ କରାଯାଇ ପରିବେଷଣ କରାଯାଇଥିଲା। ଶିବିରରୁ ଆସିଥିବା ନାମଠାରୁ ଅଧିକ ଶିବିରାର୍ଥୀ ଶାକାହାରୀ ଖାଦ୍ୟ ଖାଇବାକୁ ଦାବି କରିଥିଲେ। ସେମାନଙ୍କ ପାଇଁ ବଜାରରୁ ଖାଦ୍ୟ ଆଣାଯାଇ ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର କେତେଜଣ ଅପେକ୍ଷା ନ କରି, ବିନା ମଧ୍ୟାହ୍ନ ଭୋଜନ ଚାଲି ଯାଇଥିଲେ ପାଲ ପ୍ରକାଶ କରିଥିଲେ। ଏଠାରେ ଆୟୋଜିତ ଶିବିରରେ ପଞ୍ଚାୟତ କର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ), ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ-ଆକାଉଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର), ଗ୍ରାମ ପଞ୍ଚାୟତ ଫେଡରସେନ୍‌ର ସଭାନେତ୍ରୀ, ସମ୍ପାଦିକା, ଏସ୍ଇଏମ୍(ସେଲ୍ଫ ଏମ୍ପ୍ଲଇଏମେଣ୍ଟ ମେକାନିଜିମ୍) ଏବଂ ୱାର୍ଡସଭ୍ୟାସଭ୍ୟାଙ୍କ ସମେତ ୬୦ ଶିବିରାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଘରେ କେହି ନ ଥିବାବେଳେ ତାଲା ଭାଙ୍ଗି ଚୋରି

ରାଜକନିକା,୩୦।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ବାଘବୁଦା ପଞ୍ଚାୟତ ଅଧୀନ ଇଣ୍ଡିଆନ ବ୍ୟାଙ୍କ ପାଖ କଲୋନୀରେ ଘର କରି ରହୁଥିବା ମୀନକେତନ ନାୟକଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର, ନଗଦ ଟଙ୍କା ସହ ଜରୁରୀ କାଗଜ ପତ୍ର ଚୋରି ହୋଇଛି । ନାୟକ ସପରିବାର ଝିଅଘର ରାୟଗଡାକୁ ଯାଇଥିଲେ । ତାଙ୍କ ଉପର ମହଲାରେ ଭଡାରେ ରହୁଥିବା ପରିବାର ମଧ ୪–୫ଦିନ ହେବ ନିଜଘର ଜଗତସିଂହପୁରକୁ ଯାଇଥିଲେ ।ଏହାର ସୁଯୋଗ ନେଇ କେହି ଘର ତାଲାଭାଙ୍ଗି ଏପରି ଚୋରି କରିଥିବା ସେ ଏତଲାରେ ଦର୍ଶାଇଛନ୍ତି । ଶୁକ୍ରବାର ଭଡା ରହୁଥିବା ବ୍ୟକ୍ତି ଘରେ ପହଞ୍ଚି ତାଲା କଟା ହୋଇଥିବା ଦେଖି ଘର ମାଲିକଙ୍କୁ ଫୋନରେ ଖବର ଦେଇଥିଲେ । ଶନିବାର ଘର ମଲିକ ନାୟକ ପହଞ୍ଚି ଘର ତାଲା ଭାଙ୍ଗାଯିବା ଓ ଆଲମିରା ଭଙ୍ଗା ଯାଇଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ରାଜକନିକା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଆଳିକୁ ସବ୍‌ଡିଭିଜନ ମାନ୍ୟତା ଦାବି

ଆଳି, ୩୦।୧୧(ବନମାଳୀ ସେନାପତି)

ଆଳି ନାଗରିକ ମଞ୍ଚ ପକ୍ଷରୁ ଆଳିକୁ ସବ୍‌ଡିଭିଜନ ମାନ୍ୟତା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ,ସମ୍ପାଦକ ଅକ୍ଷୟ କୁମାର ମଲିକ, ଯୁଗ୍ମ ସମ୍ପାଦକ ସହଦେବ ସିଂହ, କରୁଣାକର ସାମଲ,ସଦସ୍ୟା ରଶ୍ମୀ ରାଉତ ମହାନ୍ତି, ସୁହାନା ବେଗମ, ମଞ୍ଜୁଲତା ସାମଲ, ମଧୁସ୍ମିତା ସାମଲ, ଦିପ୍ତିମୟୀ ବେହେରା, ଅଞ୍ଜଳି ଦାସ, ଅନ୍ନପୂର୍ଣ୍ଣା ବିଲାସ, ମିନତୀ ବେହେରା, ସଦସ୍ୟ ଲଳିତ ମୋହନ ମଲିକ, ମାୟାଧର ରାଉତ,ବାବନ ଜେନା, ପିତାମ୍ବର ପାତ୍ର, ରମେଶ ସାମଲ, ଉମାକାନ୍ତ ପଣ୍ଡା, ରଘୁନାଥ ପଣ୍ଡା ଓ ଅନ୍ୟମାନେ ସାମିଲ ଥାଇ ଆଳିକୁ ସବ୍ ଡିଭିଜନ ମାନ୍ୟତା ପ୍ରଦାନ କରିବା ପାଇଁ ଦାବିପତ୍ର ତହସିଲଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ ଦାବିପତ୍ର ଗ୍ରହଣ କରିଥିଲେ ।

### ବଙ୍ଗାଳପୁର ପଞ୍ଚାୟତର ପୂର୍ବତନ ବିଜେଡି ସଭାପତିଙ୍କ ପରଲୋକ

ପାଟକୁରା, ୩୦।୧୧(ରବୀନ୍ଦ୍ର ନାଥ ବାରିକ)



ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ବନ୍ଧସାହି ଗ୍ରାମର ବରିଷ୍ଠ ପ୍ରାଣଧନ ଚିକିତ୍ସକ ତଥା ପୂର୍ବତନ ପଞ୍ଚାୟତ ବିଜେଡି ସଭାପତି ମଧୁରାନନ୍ଦ ସ୍ୱାଇଁଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ତାଙ୍କୁ ୮୮ ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ବରିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଶ୍ରୀମନ୍ତ ସ୍ୱାଇଁଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶନିବାର ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିକଟସ୍ଥଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ସୁଶାନ୍ତ କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ବିଧାୟକ ଅରିବିନ୍ଦ ମହାପାତ୍ର, ରାଜେଶ ଦାସ, ଅଭୟ ମହାରାଜ, ଅମିୟ ଜେନା, ମହେଶ୍ୱତା ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ପଟ୍ଟାମୁଣ୍ଡାଇ,୩୦।୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଭାସ ରଞ୍ଜନ ପ୍ରଧାନ ପୌରୋହିତ୍ୟ ଅନୁଷ୍ଠିତ ଏହି ପ୍ରଦର୍ଶନୀର ଉଦଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, କଷଣଅଣ୍ଡା ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ କବି ସଚିତ୍ର ବେହୁରା ମୁଖ୍ୟବକ୍ତା, ରାଜ୍ୟ ପୁରସ୍କୃତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ଏବିଇଓ ପ୍ରେମବାଳା ମହାପାତ୍ର ଓ ସୁନୀତି ଦାଶ, ଶିକ୍ଷାବିତ୍ ସୁରେଶ ଜେନା ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ କବି ସ୍ୱାଗତଭାଷଣ ଓ ସିଆରସିସି ସତ୍ୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସିଆରସିସି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ । ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳାଇଙ୍କ ଅଧ୍ୟକ୍ଷତାରେ ଓ ରାଜ୍ୟସ୍ତରୀୟ ଶିକ୍ଷକ ନେତା ସିଆରସିସି ମଳୟ ଜେନାଙ୍କ ଆବାହକରେ ଆୟୋଜିତ ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ର ବଡ଼ ସ୍ୱପ୍ନ ଦେଖିଲେ ବଡ଼ ହେବା ପାଇଁ ସାହସ ଓ ଉତ୍ସାହ ପାଇ ପାରିବେ । ଫଳରେ ସେମାନେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ ବୋଲି କହିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମୁଖ୍ୟବକ୍ତା ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ, କାଉନସିଲର ପ୍ରଶାନ୍ତ ବାରିକ, କଷଣଅଣ୍ଡା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା, ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଦାଶ,ଶିକ୍ଷାବିତ୍ ସୁରେଶ ଜେନା, ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଭାସ ରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ସଂଘମିତ୍ରା ନାୟକ ସ୍ୱାଗତଭାଷଣ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଦୀପ ତରାଇ ଧନ୍ୟବାଦ ଦେଇଥିଲେ ।

ଏହି ଜ୍ଞାନବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ସ୍କୁଲର ୧୪୭ ପ୍ରକଳ୍ପ ସ୍ଥାନ ପାଇଥିଲା । ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ୪୧ ପ୍ରକଳ୍ପ ମଧ୍ୟରୁ ୩ ପ୍ରକଳ୍ପ ପୁରସ୍କୃତ ହୋଇଥିବାବେଳେ ୭ ସ୍କୁଲର ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା । ସେଥିମଧ୍ୟରେ ମୋହନପୁର ଚିଦାନନ୍ଦ ହାଇସ୍କୁଲର ଋତୁପର୍ଣ୍ଣା ନାଥ, ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲର ସୌମ୍ୟଜିତ ମହାନ୍ତି, ତନୁପୁର ବିଡି ନୋଡାଲ ୟୁପି ମନୀଷା ତରାଇ, ଗଙ୍ଗାରାମ ହାଇସ୍କୁଲର ପ୍ରେମତୋଷ ପ୍ରଧାନ,ଅଡାଖଣ୍ଡ ୟୁଜିୟୁପି ସାଇରୁଦ୍ର ଦାଶ,ବକ୍ତାରପୁର ଏନ୍‌ୟୁପି ଏସ ସଙ୍ଗୀତା ପାଢ଼ୀ, ଆମ୍ବେର କେସି ରାଜଭଙ୍ଗ ନୋଡାଲ ହାଇସ୍କୁଲର ପ୍ରଦ୍ୟୁମ୍ନ ତରାଇଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି ।

# ବିଡିଓଙ୍କ ସମେତ ୧୨ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ବିଡିଓ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମହାକାଳପଡ଼ା,୩୦।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସଭାଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଡ଼ିଓ ସାଗର କୁମାର ନନ୍ଦଙ୍କ ସହିତ ୧୨ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମଚାରୀମାନେ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ବ୍ଲକରେ ବିଡ଼ିଓ ନନ୍ଦ ଦେଢ଼ ବର୍ଷ ଧରି ରହି ବହୁ ଉନ୍ନତି ମୂଳକ କାର୍ଯ୍ୟ ସମ୍ପାଦନ କରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ବିଡ଼ିଓ ନନ୍ଦଙ୍କୁ ପୁରୀ ସଦର ବ୍ଲକ ବିଡ଼ିଓ ଭାବେ ବଦଳି କରାଯାଇଛି। ସେହିପରି ବ୍ଲକର ବରିଷ୍ଠ କର୍ମଚାରୀ ଅରୁଣ କୁମାର ଦାସ , ହିସାବ ରକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁ , ରୁଦ୍ର ପ୍ରସାଦ ତ୍ରିପାଠୀଙ୍କ ସମେତ ୮ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜିଲାର ଅନ୍ୟ ବ୍ଲକକୁ ବଦଳି ହୋଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ସରୋଜ କୁମାର ରାଉତ ପ୍ରମୁଖ ମଞ୍ଚସୀନ ଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

# ଏନ୍‌ଏଚ୍ ୫୩ରେ ଆଂଶିକ ପରିବର୍ତ୍ତନ ପାଇଁ ପ୍ରସ୍ତାବ

ପାରାଦୀପ, ୩୦।୧୧(ଶରତ ରାଉତ)

ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଗୁରୁବାର ଲୋକସଭାରେ ୫୩ ନଂ. ଜାତୀୟ ରାଜପଥ ସମ୍ପର୍କରେ ଆଲୋଚନା କରିଥିଲେ। ଯଥା ରାଜପଥ ନିର୍ମାଣରେ ୨.୫ କି.ମି. (ବିଜୟଚନ୍ଦ୍ରପୁରଠାରୁ ଉଦୟବଟ ପର୍ଯ୍ୟନ୍ତ) ପରିବର୍ତ୍ତନ କରିବାକୁ ସଡ଼କ ଓ ପରିବହନ ମନ୍ତ୍ରୀ ନିତୀନ ଗଡକରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ସମ୍ପ୍ରତି ଦେଶରେ ଏବେ ଜାତୀୟ ରାଜପଥ ନିର୍ମାଣ ଗତ ୧୧ ବର୍ଷରେ ୬୦ ପ୍ରତିଶତ ବୃଦ୍ଧି ପାଇଛି। ଦିନକୁ ୩୦ କି.ମି. ରାସ୍ତା ନିର୍ମାଣ ହେଉଛି। ଏବେ ପାରାଦୀପ–ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରିତ ହେଉଛି। ପାରାଦୀପ ସହର ପାଖ ବିଜୟଚନ୍ଦ୍ରପୁରଠାରୁ ଉଦୟବଟ ପର୍ଯ୍ୟନ୍ତ ରାସ୍ତା କଡରେ ଜନବସତି ହୋଇଛି। ଏହାକୁ ଭାଙ୍ଗିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନୋଟିସ ଜାରି କରିଛନ୍ତି। ଉକ୍ତ ସ୍ଥାନରେ ରାଜପଥ ପ୍ଲାନ ପରିବର୍ତ୍ତନ ଆଣିବାକୁ ସେ ବିଭାଗୀୟ ମନ୍ତ୍ରୀ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।

# ଟେରାକୋଟା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ।

ଡେରାବିଶ,୩୦।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ଅନ୍ତର୍ଗତ ପରବାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଜିଲା ହସ୍ତଶିଳ୍ପ ବିଭାଗ କେନ୍ଦ୍ରାପଡ଼ାଙ୍କ ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚାଲିଥିବା ୬ମାସିଆ ଟେରାକୋଟା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଙ୍ଗଠନ ପରିବାର ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଶଶଧର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ କରି ମା'ମାନେ ଆତ୍ମ ନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ସହକାରୀ ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି ମୁଖ୍ୟବକ୍ତା, ବରିଷ୍ଠ ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରିୟଜିତ ସାହୁ, ଡେରାବିଶ ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀ ଦିନେଶ୍ ରଞ୍ଜନ ସାହୁ, ପରିବାରର ସଭାପତି ବଲ୍ଲଭ ଚରଣ ପଲେଇ, ସାମାଜିକ କର୍ମୀ ଜ୍ୟୋତିର୍ମୟ ଜେନା, ପଟ୍ଟଚିତ୍ର ପ୍ରଶିକ୍ଷକ ପ୍ରଭାସ ଚନ୍ଦ୍ର ଚଇନି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ହସ୍ତଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ ହେବାପାଇଁ ଥିବା ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଶିବିରରେ ପ୍ରଶିକ୍ଷକ ଭାବେ ରଜତ୍ କୁମାର ସାହୁ ଓ କାଞ୍ଚନ ବେହେରା ଦୀର୍ଘ ୬ମାସ ଧରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିବାବେଳେ ସୁନିତା ବେହେରା, ନମିତା ବେହେରା ଓ ଖଗେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୂଜାରିଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

କୁଜଙ୍ଗ,୩୦।୧୧(ମନୋଜ ପ୍ରଧାନ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଆବେଦନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର କୁଜଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ଆବାସ ଯୋଜନାର ବ୍ଲକ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରିୟ ରାଉତ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ଜେନା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ ନୂତନ ମାର୍ଗଦର୍ଶିକା ସହିତ କିପରି ଭାବେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନେ ନିଜକୁ ସାମିଲ କରିପାରିବେ ସେ ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା । ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ପଞ୍ଚାୟତ ଡିଇଓ ପ୍ରମୁଖ ସାମିଲ ହୋଇଥିଲେ । ଡିସେମ୍ବର ୨ ଓ ୩ରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ଥାନୀୟ ଲୋକଙ୍କୁ ଆବଦେନ ପାଇଁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା ।

# କୃଷକ ସାଥୀ ଜିଲା ସଂଘ ଗଠନ




କେନ୍ଦ୍ରାପଡା କୃଷକ ସାଥୀ ସଂଘର କର୍ମକର୍ତ୍ତା ।

କେନ୍ଦ୍ରାପଡ଼ା,୩୦।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ଶ୍ରୀଗୋପାଳଜୀଉ ମନ୍ଦିର ପରିସରରେ କୃଷକ ସାଥୀ ସଙ୍ଗଠନର ଜିଲାସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିଲା ସଂଘର କର୍ମକର୍ତ୍ତା ଚୟନ କରାଯାଇଛି । ମହେନ୍ଦ୍ର ପ୍ରଧାନଙ୍କୁ ଜିଲା ସଭାପତି ଭାବେ ମନୋନୟନ କରାଯାଇଛି । ସେହିପରି ଉପସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ ଅଜୟ ସାମଲ, ସଭ୍ୟ ଭାବେ ଗଗନ ଧଳ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ସଂଘ ଉପଦେଷ୍ଟା ଲକ୍ଷ୍ମୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷକ ସାର୍ଥୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏସମ୍ପର୍କରେ ସଭାପତି ପ୍ରଧାନ କହିଥିଲେ, ସାଙ୍ଗଠନିକ କାର୍ଯ୍ୟକୁ ସେ ଗୁରୁତ୍ୱ ଦେବେ । ଏଥିସହିତ ରାଜ୍ୟରେ ନୂତନ ସରକାର ଗଠନ ହୋଇଥିବାରୁ କୃଷକ ସାଥୀଙ୍କ ସମସ୍ୟା ଓ ସମାଧାନକୁ ନେଇ ଦାବି ରଖାଯିବ ।

# ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗରେ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୩୦।୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜ ଶିକ୍ଷା ବିଭାଗ ଓ ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଆର୍ଥିକ ସଶକ୍ତିକରଣ ଓ ଡିଜିଟାଲ ଭାରତରେ ଶିକ୍ଷାର ଭୂମିକା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କଟକ ରାଧାନାଥ ଆଇଏଏସ୍‌ଇ ପ୍ରଫେସର ଡ଼ ଉତ୍ତମକାନ୍ତ ଜେନା ଓ ଭୁବନେଶ୍ୱର ଏକାମ୍ର କଲେଜର ଡ.ଲିଙ୍ଗରାଜ ଶତପଥୀ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଆର୍ଥିକ ସଶକ୍ତିକରଣ ଓ ଡିଜିଟାଲ ଭାରତରେ ଶିକ୍ଷାର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ସ୍ୱାଗତଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜର ଅଧ୍ୟାପିକା ଡ଼ ରତ୍ନମଞ୍ଜରୀ ଦାଶ ଅତିଥିପରିଚୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ଡ଼ ସୁନୀଲ ପ୍ରଧାନ, ଡ଼ ଫକୀର ପ୍ରଧାନ, କ୍ୟାପଟେନ ମନୋଜ ପରିଡା, ରଞ୍ଜିତ ସେନାପତି,ଡ.ଅଳି ଦାଶ,ପ୍ରଦ୍ୟୁମ୍ନ ପ୍ରଧାନ, ଜିତେନ୍ଦ୍ର ମଲିକ, ରଞ୍ଜନ ଗାହାଣ, ଆଲୋକ ସାହୁ, ସରୋଜିନୀ ମିଶ୍ର, ସୀମାଙ୍ଗିନୀ ଦାସ,ଶୁଭଲକ୍ଷ୍ମୀ ପ୍ରଧାନ, ରଶ୍ମିତା ପାଣିଗ୍ରାହୀ, ରାଜେନ୍ଦ୍ର ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅଧ୍ୟାପିକା ନମିତା ବେହେରା, ଡ଼ ତୃପ୍ତିମୟୀ ପଣ୍ଡା, ଡ଼ ରାଜଲକ୍ଷ୍ମୀ ମହାନ୍ତି, ପ୍ରଫେସର ବସନ୍ତ ମିଶ୍ର ଓ ଛାତ୍ରୀ ତୃପ୍ତିମୟୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ ଓ ଶିକ୍ଷା ବିଭାଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାର ପ୍ରତିଷ୍ଠା ଉତ୍ସବ

ପଟ୍ଟାମୁଣ୍ଡାଇ,୩୦।୧୧(କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ବାଲୁଙ୍କେଶ୍ୱର ମହାରୁଦ୍ର ପୀଠର ପିଠାଧୀଶ ତପନ କୁମାର ଓଝାଙ୍କ ନିର୍ଦ୍ଦେଶରେ ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ନେମାଳ ଅଚ୍ୟୁତଙ୍କ ପୀଠରୁ ଆଙ୍କାମାଳ ଗ୍ରାମରେ ପହଞ୍ଚିଥିଲା । ଏହାପରେ ସହସ୍ର ଶ୍ରଦ୍ଧାଳୁଙ୍କ ଗହଣରେ ଗ୍ରାମର ବିଭିନ୍ନ ଦେବୀଦେବା ମନ୍ଦିର ପରିକ୍ରମା କରାଯାଇ ଅଚ୍ୟୁତଙ୍କ ଗାଦି ନିକଟରେ ପହଞ୍ଚିଥିଲା । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସାଧୁ ଅନାମ ଦାସ, ରଘୁନାଥ ଦାସ, ୧୫ନଂ.ଜୋନ ପୂର୍ବତନ ଜିଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମ ଚନ୍ଦ୍ର ସେଠୀ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ଅଳପୁଆ ପୂର୍ବତନ ସମିତ ସଭ୍ୟ ଅକ୍ଷୟ ରାଉତ ଓ ଚନ୍ଦନ ସାହୁ, ପୂର୍ବତନ ସରପଞ୍ଚ ରମେଶ ଦାସ,କବି ନୃସିଂହ ରାଉତ, ସୁକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ପଣ୍ଡିତ ଚନ୍ଦ୍ରଭାନୁ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପଙ୍କଜ ପଣ୍ଡା, ଶ୍ରୀବନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ରୀତିନୀତି ଓ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଶେଷରେ ଆହୁତି ପ୍ରଦାନ କରାଯାଇଥିଲା ।

# ବ୍ଲକ୍ କଂଗ୍ରେସର ସାଙ୍ଗଠନିକ ବୈଠକ



ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ବ୍ଲକ୍ କଂଗ୍ରେସର କର୍ମକର୍ତ୍ତା ।

ରାଜକନିକା,୩୦।୧୧(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ କଂଗ୍ରେସ ସଙ୍ଗଠନକୁ ଅଧିକରୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ଶନିବାର ରାଜକନିକା ମେଳନ ପଡ଼ିଆରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ମଗୁଲି ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବିଧାନସଭା ପ୍ରାର୍ଥୀ ଡାକ୍ତର ଦେବସ୍ମିତା ଶର୍ମା, ୨୭ନଂ.ଜୋନ ସଭାପତି ଅଜୟ ଦାସ, ଦୁର୍ଯ୍ୟୋଧନ ମହାନ୍ତି, ଶରତ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ମୁରଲୀଧର ନାୟକ, ରଞ୍ଜନ ସେଠୀ, ସତ୍ୟବ୍ରତ ପରିଡା ଓ ପ୍ରମୋଦ ପତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗକୁ ନେଇ ସାଙ୍ଗଠନକୁ ଅଧିକରୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କ୍ରମରେ ଯାଜପୁର ଜିଲା ବିଂଝାରପୁର ବ୍ଲକର ୩ଜଣ କଲେଜ ଛାତ୍ରଙ୍କ ମଧ୍ୟରୁ ୨ଜଣଙ୍କୁ ଉଦ୍ଧାର କରି ସହାସିକତାର ପରିଚୟ ଦେଇଥିବା ରାଜକନିକା ବରାଡିଆ ଗାଁର ୩ ଯୁବକ ଉମେଶ ମାଝୀ, ସୁଶାନ୍ତ ମାଝୀ ଓ ସତ୍ୟବ୍ରତ ପରିଡାଙ୍କୁ ଦଳ ପକ୍ଷରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ବ୍ଲକର ୨୯ ପଞ୍ଚାୟତର ସଭାପତି, କଂଗ୍ରେସର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଛାମୁଆ କର୍ମୀ ଓ ନେତା ଯୋଗଦେଇଥିଲେ ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ,୩୦।୧୧(କଳ୍ପତରୁ ନାୟକ)




ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି ।

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋକ୍‌ସୋ ଆକ୍ଟ, ଜୁଭେନାଇଲ ଜଷ୍ଟିସ ଆକ୍ଟ ଏବଂ ଭାରତ ସମ୍ବିଧାନରେ ଥିବା ନାଗରିକମାନଙ୍କ ୧୧ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ଗୁଣ୍ଡୁପୁର ମା'ଛୁଆଳିଆ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବରିଷ୍ଠ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷା ସୁଶ୍ରୀସଙ୍ଗୀତା ମଲିକଙ୍କ ପୌରୋହିତ୍ୟ ଆୟୋଜିତ ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବିଚାରପତି ତଥା ଜେଏମ୍‌ଏଫ୍‌ସି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ଜଜ ଡ଼ିକେ. ଇାଲକ୍ରିଷ୍ଣା ଯୋଗଦେଇ ପୋକ୍‌ସୋ ଆକ୍ଟ ବିଷୟରେ ଅବତାରଣା କରି ସମଗ୍ର ଭାରତ ବର୍ଷର ଶିଶୁମାନେ ଶିକାର ହେଉଥିବା ଯୌନ ଉତପୀଡନ ଓ ଏହାର ପ୍ରତିକାର ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସମ୍ପାଦକ ରବୀନ୍ଦ୍ର କୁମାର ଦାଶ ଅତିଥି ପରିଚୟ,ବରିଷ୍ଠ ଆଇନଜୀବୀ ସୁରେଶ ନରେନ୍ଦ୍ର ପୋସ୍କୋ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ତାଲୁକ ସେବା ସମିତି ଅଧ୍ୟକ୍ଷା ସୁଶ୍ରୀ ସଙ୍ଗୀତା ମଲିକ ଜୁଭେନାଇଲ ଜଷ୍ଟିସ ଆକ୍ଟ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇସହ ସଚେତନ ହୋଇ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଏହି ଶିବିରରେ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ, ଅପର୍ଣ୍ଣା ସାମଲ, ମୋହନ ଦାଶଙ୍କ ସମେତ ସିଭିଲ କୋର୍ଟର ସମସ୍ତ କର୍ମକର୍ତ୍ତା ସମେତ ଲିଗାଲ ଏଡ଼ର ଅଧିକାରୀ, ସମସ୍ତ ପିଏଲଭି ସଭ୍ୟାସଭ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଶେଷରେ ମା ଛୁଳାଳିଆ ହାଇସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ ନନ୍ଦ ଧନ୍ୟବାଦ ଦେଇଥିଲେ ।

## ସଂକ୍ଷେପରେ

### ମା' ଠାକୁରାଣୀ ପୂଜା କମିଟିର ସମୀକ୍ଷା ବୈଠକ

ଦାରିଙ୍ଗବାଡ଼ି,୩୦।୧୧(ଅରୁଣ ସାହୁ)

ଦାରିଙ୍ଗବାଡ଼ି ମା'ଠାକୁରାଣୀ ମନ୍ଦିର କମିଟି ପକ୍ଷରୁ ଶୁକ୍ରବାର ଲୁଲୁରୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କମିଟି ସଭାପତି ଲଡ୍ଡୁ କିଶୋର ସାହୁ ଅଧକ୍ଷତା କରିଥିଲେ। ସମ୍ପାଦକ ଭଗବାନ ସାହୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡ଼ି ସରପଞ୍ଚ ଚନ୍ଦ୍ରିକା ମଳିକ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ସନ୍ତୋଷ ସାହୁ, ଜଳେଶ୍ୱର ବାବା ବୋଲବମ ସଂଘ ସଭାପତି ପ୍ରଦୀପ ସାହୁ, ଭାଗବତ ଟୁଙ୍ଗିର ସଭାପତି ସରୋଜ ସାହୁ, ଠାକୁରାଣୀଙ୍କ ବାପା ଟୁକୁନା ସାହୁ, ପ୍ରମୋଦ ସାହୁ, ମଣ୍ଟୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମା' ଠାକୁରାଣୀଙ୍କ ମନ୍ଦିର ଅର୍ଦ୍ଧ ନିର୍ମିତ ରହିଛି ତାହା କିଭଳି ସମ୍ପୂର୍ଣ୍ଣ କରାଯିବା, ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା।

### ଏଡ୍ସ ସଚେତନତା ସଭା

ଫୁଲବାଣୀ, ୩୦।୧୧(ରାକେଶ କୁମାର ରାଉତ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲା ସ୍ୱାସ୍ଥ୍ୟସମିତି ଓ ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତ ମିଳିତ ସହଯୋଗରେ ଚନ୍ଦନ ନଗର ଠାରେ ଏଡ୍ସ ଉପଲକ୍ଷେ ଏକ ସଚେତନା ସଭା ସଭା ଅନୁଷ୍ଠିତ ହୋଇଛି। ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଚଳିତ ବର୍ଷର ବିଷୟ 'ଅଧିକାରର ସଠିକ ମାର୍ଗ ଅନୁସରଣ କରିବା' ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁପରଭାଇଜର୍ ଦେବାଶିଷ ମିଶ୍ର ଯୋଗଦେଇ ଏଡସ୍ ଦିବସ ପାଳନର ମହତ୍ୱକୁ ଗପ ଓ କାହାଣୀ ମାଧ୍ୟମରେ ଉପସ୍ଥାପନା କରିଥିଲେ।

### ବ୍ଲକ୍ସ୍ତରୀୟ ଶିଶୁ ଉତ୍ସବ

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ବୁଗୁଡା ବ୍ଲକ ଓଷ୍ଟା ସଭାପତି ପ୍ରଶାନ୍ତ ଗୌଡ଼ଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଓଷ୍ଟା ସଭାପତି ସନ୍ତୋଷ ଜେନା, ମୁଖ୍ୟ ବକ୍ତା ମାଣିତରା ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମହାରଣା, ସମ୍ମାନିତ ଅତିଥି ମୃତ୍ୟୁଞ୍ଜୟ ହୋତା, ନୀଳାଞ୍ଚଳ ପାତ୍ର, ତପନ କୁମାର ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ମେଡିକାଲ ପରିଦର୍ଶନ କଲେ ସିଡିଏମ୍ଓ

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ ପଣ୍ଡା ବୁଗୁଡ଼ା ମେଡିକାଲ ପରିଦର୍ଶନ କରି ପରିବେଶ ନିର୍ମଳ ରଖିବାକୁ ପରାମର୍ଶ ଦେଇଛନ୍ତି। ସେ ସମୟରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସ୍ୱାତୀ ପ୍ରଧାନ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ମେଡିକାଲ ପ୍ରଥମ ଫ୍ଲୋରକୁ ସଜାଡି ଇଣ୍ଡୋର ରୋଗୀଙ୍କ ପାଇଁ ବ୍ୟବସ୍ଥା କରିବାଏବଂ ଖାଲି ପଡ଼ିଥିବା ପଦବୀ ଖୁବ୍ଶୀଘ୍ର ପୂରଣ କରାଯିବ ବୋଲି କହିଥିଲେ।

# ସର୍ବଭାରତୀୟ ଫୁଟ୍ବଲ ଟୁର୍ନାମେଣ୍ଟ ଉଦ୍ଘାଟିତ

ଶରଣକୁଳ,୩୦।୧୧(ଦୀପକ କର)

ପ୍ରତିବର୍ଷ ଭଳି ଚଳିତ ବର୍ଷ ନୟାଗଡ଼ ଜିଲାର ସର୍ବପୁରାତନ ଲଡୁକେଶ ଆଥ୍ଲେଟିକ ଆସୋସିଏଶନ, ଶରଣକୁଳ ଦ୍ୱାରା ଆୟୋଜିତ ୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍ଘାଟିତ ହୋଇଯାଇଛି। ଆଜି ପ୍ରଥମ ଦିନର ଖେଳରେ ସ୍ପୋର୍ଟସ ହଷ୍ଟେଲ, କଟକ ୧-୦ ଗୋଲରେ ବିଜୟ ହୋଇଛି। ଶରଣକୁଳ ନାରାୟଣ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଆସୋସିଏଶନର ସଭାପତି ସତ୍ୟ ନାରାୟଣ ପ୍ରଧାନ କ୍ରୀଡ଼ାପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଆଜିର ପ୍ରଥମାର୍ଦ୍ଧ ଖେଳର ୩୦ମି ସମୟରେ ସ୍ପୋର୍ଟସ ହଷ୍ଟେଲ, କଟକର ୧୭ନଂ. ଜର୍ସି ଖେଳାଳି ଜଗନ୍ନାଥ ଟୁଡୁ ପ୍ରଥମ ଗୋଲକରି ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳ ଖୁବ ସଂଘର୍ଷପୂର୍ଣ୍ଣ ଥିଲାବେଳେ ଉତ୍କଳ ସ୍ପୋର୍ଟିଂ,



## ଉତ୍କଳ ସ୍ପୋର୍ଟିଂକୁ ହରାଇ ସ୍ପୋଟର୍ସ ହଷ୍ଟେଲ ବିଜୟୀ

ଜଟଣୀର ଖେଳାଳିମାନେ ମିଳିଥିବା ସୁଯୋଗକୁ ଗୋଲରେ ପରିଣତ କରି ନ ପାରିବା ଯୋଗୁ ସ୍ପୋଟସ ହଷ୍ଟେଲ ୧-୦ ଗୋଲରେ ବିଜୟୀ ହୋଇଥିଲା।

ଖେଳ ବିରତିରେ ସଭାପତି ତଥା ଅନୁଷ୍ଠାନର କର୍ମକର୍ତ୍ତା ପଡ଼ିଆକୁ ଯାଇ ୨ ଦଳର ଖେଳାଳୀ ଓ ରେଫେରୀଙ୍କ ସହ କରମର୍ଦ୍ଦନ କରି ପରିଚୟ ଆଦାନପ୍ରଦାନ କରିଥିଲେ । ଉଭୟ ଦଳର ଅଧିନାୟକ ସଭାପତିଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖେଳ ଶେଷରେ ଅନୁଷ୍ଠାନର ସଭାପତି କଟକର ୧୭ନଂ. ଜର୍ସି ଖେଳାଳିଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ରାଜୁ ମହାନ୍ତି ମୁଖ୍ୟ ରେଫେରି ଭାବେ ସଚ୍ଚିକାନ୍ତ ଦାଶିଆ ଓ ଦେବରାଜ ସ୍ୱାଇଁ ଲାଇନରେ ସହଯୋଗ କରିଥିଲେ। ପ୍ରଶନ୍ନ ନାୟକ ୪ର୍ଥ ରେଫେରୀ ଭାବେ ଖେଳକୁ ପରିଚାଳନା କରିଥିଲେ। ରବିବାର ଖେଳ ଏ.ଜି. ରିକ୍ରେସନ କ୍ଲବ, ଭୁବନେଶ୍ୱର ବନାମ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି।

# ଚାଷୀଙ୍କୁ କ୍ଷତିରେ ପକାଇଛି ଅଦିନିଆ ବର୍ଷା

ପାରଳାଖେମୁଣ୍ଡି/ଧରାକୋଟ,୩୦।୧୧
(ଗିରିଧାରୀ ପରିଚ୍ଛା/ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଲଘୁଚାପଜନିତ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଜିଲାରେ ଶୁକ୍ରବାରଠାରୁ କାଶୀନଗର, ଗୋସାଣି, ରାୟଗଡ଼ା ମୋହନା ବ୍ଲକର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଚାଲୁରହିଛି। ଅମଳ ପୂର୍ବରୁ ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅମଳ ସମୟ ହୋଇଥିବାରୁ ଚାଷୀ ବିଲରେ କେଉଁଠି କଳେଇ ପକେଇଛି ତ କେଉଁଠି ଖଳାରେ ଧାନଗଦା କରିଛି। ଏ ନେଇ ଚାଷୀନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ କହନ୍ତି, ପେଙ୍ଗାଲ ବାତ୍ୟା ପ୍ରଭାବ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଜାରି ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶାରେ ସେତେ ନ ଥିଲେ ମଧ୍ୟ କିଛି ପରିମାଣରେ ରହିଛି। ଏଥିଯୋଗୁ ଆକାଶ ମେଘାଚ୍ଛନ୍ନ ରହିବା ସହ ବିଭିନ୍ନ ସ୍ଥାନରେ ବର୍ଷା ହୋଇ ଚାଷୀଙ୍କୁ କ୍ଷତି ପହଞ୍ଚାଉଛି। ଚାଷୀ କାଟିଥିବା ଧାନ ନଷ୍ଟ ହୋଇଛି। କେତେକ ଜାଗାରେ ଧାନ କଟାଯାଇଥିବା ବେଳେ ବହୁ କ୍ଷେତରେ ଧାନ ପଡିରହିଛି। ଗଞ୍ଜାମ ଜିଲା ଧରାକୋଟ ବ୍ଲକରେ ମଧ୍ୟ ବର୍ଷା ଜାରି ରହିଛି। ଏଥିଯୋଗୁ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ବର୍ଷଯାକର ଫସଲ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ଜିଲାର କେତେକ ସ୍ଥାନରେ ଆଗୁଆ ଧାନ ଅମଳ କରି ରଖିଥିବା ଚାଷୀ ମଣ୍ଡି ଖୋଲି ନ ଥିବାରୁ ଅଭାବୀ ବିକ୍ରିର ଶିକାର ହୋଇଛି। ବାହାର ବ୍ୟବସାୟୀମାନେ ଏଥିରୁ ଫାଇଦା ଉଠାଉଛନ୍ତି। ସେମାନେ କୁଇଣ୍ଟାଲ ପିଛା ୧୭୦୦/୧୮୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ପ୍ରଶାସନ ତୁରନ୍ତ ମଣ୍ଡି ଖୋଲିବାକୁ ଦାବି ହେଉଛି।

# ଦଶପଲ୍ଲାରେ ଗୋଷ୍ଠୀ ବିହନ ମେଳା



ଅତିଥିମାନେ ବିଭିନ୍ନ ଷ୍ଟଲ ବୁଲି ଦେଖୁଛନ୍ତି।

ଦଶପଲ୍ଲା,୩୦।୧୧(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଦୁର୍ଗାବଜାର କଲୋନୀ ପରିସରରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ମାଣ ପକ୍ଷରୁ ଗୋଷ୍ଠୀ ବିହନ ସଂରକ୍ଷଣ ମେଳା ଅନୁଷ୍ଠିତ ହୋଇ ଯାଇଛି । ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ମେଳାକୁ ଉଦଘାଟନ କରିଥିଲେ । ଅତିଥି ଭାବେ ସର୍ବ ଭାରତୀୟ ଉଦ୍ଭିଦ ବିହନ ସଂରକ୍ଷଣ ପ୍ରାଧିକରଣ ଅଧ୍ୟକ୍ଷ ଡ.ତ୍ରିଲୋଚନ ମିଶ୍ର,ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ଡ.ପ୍ରସନ୍ନଜିତ ମିଶ୍ର, କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ରର ଫସଲ ଉତ୍ପାଦନ ବିଭାଗ ମୁଖ୍ୟ ଡ.ପ୍ରତାପ ଚନ୍ଦ୍ର ଭଟାଚାର୍ଯ୍ୟ, ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ଅନୀଲ କୁମାର ସ୍ୱାଇଁପ୍ରମୁଖ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଏମ୍ପିଙ୍କ ପ୍ରତିନିଧ କିଶୋର ଚନ୍ଦ୍ର ଦଳ ବେହେରା, ନିର୍ମାଣ ନିର୍ଦ୍ଦେଶକ ପ୍ରଶାନ୍ତ ମହାନ୍ତି, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ ସାହୁ, ଉପଦେଷ୍ଟା ପ୍ରମୋଦ ପ୍ରଧାନ, କୃଷି ଜିଲା ଅଧିକାରୀ ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପାରମ୍ପରିକ ବିହନ ସଂରକ୍ଷଣ ରଖିବା ଓ ବିହନ ସଂରକ୍ଷଣ କରି ରଖିଥୁବା ଚାଷୀଙ୍କୁ ପଞ୍ଜିକରଣ କରି ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବା ଉଚିତ ବୋଲି ଅତିଥ ଡ.ତ୍ରେଲୋଚନ ମିଶ୍ର ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନ ମଣ୍ଡପରେ ବିଭିନ୍ନ କୃଷିଭିତ୍ତିକ ଏବଂ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଦଶପଲ୍ଲା ବ୍ଲକ ବିଭିନ୍ନ ଅଞ୍ଚଳର ବହୁ ଚାଷୀ ଉକ୍ତ ମେଳାରେ ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଇଓଙ୍କୁ ଅବସର ସମ୍ବର୍ଦ୍ଧନା ଦେଲେ କର୍ମଚାରୀ

ଶେରଗଡ଼, ୩୦।୧୧(ସର୍ଯ୍ୟ ନାରାୟଣ ଦାଶ)–

ଶେରଗଡ଼ ବିଇଓ ଉପେନ୍ଦ୍ର ପାଢ଼ୀ ଶନିବାର ଚାକିରିରୁ ଅବସର ନେଇଛନ୍ତି। ତାଙ୍କର ଦାୟିତ୍ୱ ଏବିଇଓ ଶୈରନ୍ଦ୍ରି ଦଳେଇଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ପାଢ଼ୀଙ୍କୁ ଶେରଗଡ ବ୍ଲକ ଶାରୀରିକ ଶିକ୍ଷକ ସଂଘ ପକ୍ଷରୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ କାର୍ଯ୍ୟାଳୟର କର୍ମଚାରୀ ମାନେ ମଧ୍ୟ ସମ୍ବର୍ଦ୍ଧନା ଦେଇ ପାଢ଼ୀଙ୍କ କର୍ମମୟ ଜୀବନ ମନେ ପକାଇବା ସହ ତାଙ୍କର ସୁସ୍ଥ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଶିବାଶିଷ ବରାଳ,ସଂଘ ସଭାପତି ଇନ୍ଦ୍ରମଣି ସ୍ୱାଇଁ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲିପ ତ୍ରୀପାଠୀ ଉପସ୍ଥିତ ଥିଲେ।

## ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ପାଠଚକ୍ର

ବେଲଗୁଣ୍ଠା,୩୦।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଏକ ପାଠଚକ୍ର ଅଧ୍ୟକ୍ଷ ଅଜିତ୍ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ତଥା ଗବେଷକ ଡ.ରତ୍ନ ସାଗର ମଲିକ, ଅଧାପକ ସନ୍ତୋଷ ପାଣିଗ୍ରାହୀ, ପ୍ରଫୁଲ୍ଲ ଜେନା, ବିଶ୍ୱ ରଞ୍ଜନ ସ୍ୱାଇଁ ଏବଂ ଖବରଦାତା ଶିବରାମ ଚୌଧୁରୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ପିଙ୍କି ପାତ୍ର ପାଠଚକ୍ର ପରିଚାଳନା କରିଥିଲେ।

# ରେଳଷ୍ଟେଶନ ପରାମର୍ଶଦାତା କମିଟି ବୈଠକ

ଛତ୍ରପୁର,୩୦।୧୧ (ଦିଲ୍ଲୀପ ସାମଲ)

ଛତ୍ରପୁର ଜିଲା ସଦର ମହକୁମା ହୋଇଥିବାରୁ ସ୍ୱାଭାବିକ ଭାବେ ଏହାର ମହତ୍ୱ ଅଲଗା। ସହରକୁ ସୌନ୍ଦର୍ଯ୍ୟ କରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ମଧ୍ୟ ଅବ୍ୟାହତ ରହିଛି। ତେବେ ଏହି ସବୁ ମଧ୍ୟରେ ଲୁଚି ଯାଉଛି ବ୍ରିଟିଶ ଅମଳର ଛତ୍ରପୁର ବଡ଼ରେଳ ଷ୍ଟେଶନ। ଏକଦା କେବଳ ଯାତ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ଥିବା ଏହି ଷ୍ଟେଶନ ବର୍ତ୍ତମାନ ଯୋଡ଼ି ହୋଇଯାଇଛି ଅର୍ଥନୈତିକ ବିକାଶରେ। ଛତ୍ରପୁର ନିକଟରେ ଥିବା ଗୋପାଳପୁର ବନ୍ଦର, ଟାଟା, ଆଇଆରଇ, ଟିଟାନିୟମ, ଗ୍ରାସିମ କମ୍ପାନୀର ମାଲ ପରିବହନ ଏବେ ଯୋଡିହେଲାଣି। ଅତଚ ଏହି ଷ୍ଟେଶନର ବିକାଶ ପ୍ରତି ସତେଯେମିତି ରେଳବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁନି। ଏହି ଷ୍ଟେଶନ ଉପରେ ଛତ୍ରପୁର ବ୍ଲକ, ଗଞ୍ଜାମ ବ୍ଲକ, ଖଲ୍ଲିକୋଟ ବ୍ଲକ, ପୁରୁଷୋତ୍ତମପୁର ବ୍ଲକ ଓ ପଡ଼ୋଶୀ ଜିଲା ପୁରୀର କୃଷ୍ଣପ୍ରସାଦ ବ୍ଲକର ଜନସାଧାରଣମାନେ ନିର୍ଭରଶୀଳ ହୋଇଥାନ୍ତି। ଜନସାଧାରଣମାନଙ୍କ ଦୃଷ୍ଟିରେ ରଖି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଦସ୍ୟ ଆଇନଜୀବୀ ବି.ଶ୍ରୀନିବାସ, କାଉନସିଲର ମାମା ସେଠୀ, ୟୁଥମାସ ସେବା ସଂଘର ସୟଦ ମୁକ୍ତାର, ଇଂ ରାମଚନ୍ଦ୍ର ପଟ୍ଟନାୟକ, ସୁଧୀର କାନ୍ତ ରଥ, ଛତ୍ରପୁର ଷ୍ଟେସନ ମ୍ୟାନେଜର ଜଗଦିଶ ବେହେରା, ସିସିଆଇ (ବ୍ରହ୍ମପୁର) ମୋହନ ଚରଣ ବେହେରା, କେଏସ୍ଭି ମୂର୍ତ୍ତି, ଅନ୍ତେସ ମିନା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ
# ବିବେକଙ୍କ ମୁଣ୍ଡରୁ କଢ଼ାଗଲା କଟୁରି

କଟକ, ୩୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍ସିବି ମେଡିକାଲର ନ୍ୟୁରୋସର୍ଜରି ବିଭାଗରେ ଶନିବାର ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଫଳରେ କନ୍ଧମାଳ ଅଞ୍ଚଳର ବିବେକ କଅଁର(୨୩) ନୂଆ ଜୀବନ ପାଇଛନ୍ତି। ସୂଚନା ଅନୁଯାୟୀ, ଜମିଜମା ବିବାଦକୁ କେନ୍ଦ୍ରକରି ବିବେକଙ୍କୁ ତାଙ୍କ ବାପା କଟୁରିରେ ଶୁକ୍ରବାର ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡର ପ୍ରାୟ ୪ ସେମି ଭିତରକୁ କଟୁରି ପଶିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍ସିବି ମେଡିକାଲକୁ ଶନିବାର ସ୍ଥାନାନ୍ତର କରାଯାଇଥିଲା। ଏସ୍ସିବି ମେଡିକାଲର ନ୍ୟୁରୋସର୍ଜରି ବିଭାଗରେ ପ୍ରାୟ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇ ବିବେକଙ୍କ ମୁଣ୍ଡରୁ କଟୁରି କଢ଼ାଯାଇଛି। ବିଭାଗୀୟ ଡା. ପ୍ରତାପ ଶତପଥୀ, ଡା. ନରସିଂହ ପ୍ରଧାନ, ଡା. ରୋଶନ ମେହେର ଏହି ଅସ୍ତ୍ରୋପଚାର କରିଥିଲେ। ଏବେ ବିବେକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# ଗରିବର ବନ୍ଧୁ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ

ପୋଲସରା,୩୦।୧୧(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ମା' ଜଗତ ଜନନୀ ସୁନାଦେଇଙ୍କ ପୀଠରେ ଗରିବର ବନ୍ଧୁ ସଂଗଠନ ପକ୍ଷରୁ ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥଲା। ଉକ୍ତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ନେଇ ଆଲୋଚନା କରାଯାଇଥିଲା। ଗରିବର ବନ୍ଧୁ ସଂଗଠନ ପକ୍ଷରୁ ନୂତନ ସଭାପତି ରୂପେ ଖବରଦାତା ସୁବ୍ରତ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତି ରୂପେ ସତ୍ୟ ନାରାୟଣ ମହାରଣା, କାର୍ଯ୍ୟକାରୀ ସଭାପତି ଭାବେ କୃତିବାସ ଗୌଡ, ସମ୍ପାଦକ ଭାବେ ନାରାୟଣ ମହାରଣା, ସାଧାରଣ ସମ୍ପାଦକ ଭାବେ ଚାପଧାରି ନାହାକ, ଶ୍ରଦ୍ଧା ପ୍ରଧାନ, କୋଷାଧକ୍ଷ ଭାବେ ଚନ୍ଦନ ସ୍ୱାଇଁ, ମିଡ଼ିଆ ସଂଯୋଜକ ଭାବେ ବସନ୍ତ କୁମାର ସାହୁ, ଉପଦେଷ୍ଟା ଭାବେ ଆଇନଜୀବୀ ତଥା ସମାଜସେବୀ ମନୋଜ କୁମାର ରଥ, ଗୋପାଳ କୃଷ୍ଣ ସାହୁ, କାହ୍ନୁ ଚରଣ ସାମଲଙ୍କୁ ମନୋନୀତ କରଯାଇଥିଲା। ଶେଷରେ ସଂଗଠନର ସଭାପତି ଓ ସମ୍ପାଦକ ଏବଂ ସମସ୍ତ ସଦସ୍ୟମାନଙ୍କୁ ଉପସଭାପତି ସତ୍ୟ ନାରାୟଣ ମହାରଣା ଧନ୍ୟବାଦ ଦେଇଥିଲେ। ପ୍ରଦୀପ, ମିଟୁ, ଟୁନା ପ୍ରଧାନ, ସଞ୍ଜୀବ ପାଣିଗ୍ରାହୀ, ଟିଙ୍କୁ, କେଦାର ପ୍ରଧାନ ପ୍ରମୁଖ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

# ରୋମିଓଙ୍କ ଟାର୍ଗେଟରେ ଟ୍ୟୁଶନ ଛାତ୍ରୀ
## ଚିନ୍ତାରେ ଅଭିଭାବକ, ପୋଲିସ ପଦକ୍ଷେପ ଦାବି

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ ରୋମିଓଙ୍କ ପ୍ରାଦୁର୍ଭାବ ବୃଦ୍ଧି ଚର୍ଚ୍ଚାର ବିଷୟ ପାଲଟିଛି। ବିଶେଷକରି ରୋଡ ରୋମିଙ୍କ ଟାର୍ଗେଟରେ ନାବାଳିକା ଟ୍ୟୁଶନ ଛାତ୍ରୀ ରହିଥିବା ନେଇ ଅଭିଭାବକଙ୍କୁ ଚିନ୍ତା ଘାରିଛି। ରୋମିଓମାନେ ସକାଳେ ଓ ସନ୍ଧ୍ୟାରେ ଦୁଇ ବେଳା ଟ୍ୟୁଶନକୁ ଆସୁଥିବା ଏବଂ ଫେରୁଥିବା ବେଳେ ବୁଗୁଡ଼ାର ପଞ୍ଚାପାତ୍ର ଗଳିଛକ, ଜିଇଓ ଅଫିସ୍ ଗଳି, ବେତାରସିଂ ରାସ୍ତା, ଷ୍ଟାଡିୟମ୍ ଓ ବ୍ଲକ ଛକ ଆଖପାଖରେ ଆଡ୍ଡା ଜମାଇ ଛାତ୍ରୀଙ୍କୁ କମେଣ୍ଟ କରୁଛନ୍ତି। ଯଦି କୌଣସି ବ୍ୟକ୍ତି ରୋମିଓଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି ତେବେ ଗ୍ୟାଙ୍ଗ୍ ହୋଇ ରୋମିଓମାନେ ସେମାନଙ୍କୁ ନାଲିଆଖି ଦେଖାଉଛନ୍ତି। ଏହି ରୋମିଓ ଗ୍ୟାଙ୍ଗ କୁଆଡ଼େ କିଛି ସ୍ଥାନୀୟ କୁଜିନେତାଙ୍କ ଛତ୍ରଛାୟାରେ ରହି ଏଭଳି ଦୌରାତ୍ମ୍ୟ ଦେଖାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏମାନଙ୍କୁ ସାବାଡ଼ କରିବା ପାଇଁ ପୋଲିସ କଡ଼ା ପଦକ୍ଷେପ ଗ୍ରହଣ କରିବା ନେଇ ସାଧାରଣରେ ଦାବି ହେଉଛି।

# ଶନିଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଜୁରୀପଡ଼ା, ୩୦।୧୧
(ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତିପଡା ପଞ୍ଚାୟତ କୁକୁରୁକୁମ୍ପା ଗ୍ରାମରେ ଦୀର୍ଘ ବର୍ଷ ଧରି ଗ୍ରହରାଜ ଶନିଦେବ ଆବିର୍ଭାବ ହୋଇ ପୂଜା ପାଇ ଆସୁଛନ୍ତି। ପ୍ରତିବର୍ଷ ଠାକୁରଙ୍କ ମନ୍ଦିରରେ ବାର୍ଷିକ ଉତ୍ସବ ପାଳନ ହୁଏ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଅନୁଦାନ ମିଳିବା ପରେ ଶନିଦେବଙ୍କ ଏକ ସୁନ୍ଦର ମନ୍ଦିର ଗଢ଼ି ଉଠିଛି। ଏହାର ପ୍ରତିଷ୍ଠା ପାଇଁ ୩ ଦିନ ହେଲା ଉକ୍ତ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ନାମ ସଂକୀର୍ତ୍ତନ ହରିବୋଲ ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପୂଜକ ଶେଷଦେବ ସେଠୀଙ୍କ ସମେତ ଆଚାର୍ଯ୍ୟମାନଙ୍କ ସମାଗମ ହୋଇଥିଲା। ରୀତିନୀତିରେ ପୂଜାପାଠ ପରେ ଗୁରୁବାର କଳସ ଯାତ୍ରା, ଶୁକ୍ରବାର ନାମଯଜ୍ଞ, ଅଖଣ୍ଡ ନାମ କୀର୍ତ୍ତନ, ପୂଜାପାଠ, ହୋମଯଜ୍ଞ କରି ମନ୍ଦିରରେ ରତ୍ନମୁଦ ପଡି ପ୍ରତିଷ୍ଠା କରାଯାଇଛି। ମହାଦାନୀ କର୍ଣ୍ଣ ନାଟକ ମଞ୍ଚସ୍ଥ ହୋଇଛି। ରବିବାର ଭକ୍ତ ପ୍ରହ୍ଲାଦ ନାଟକ ମଞ୍ଚସ୍ଥ ହେବ ବୋଲି ସଭାପତି ବେଣୁଧର ସେଠୀ କହିଛନ୍ତି। ଉପସଭାପତି ଅନିଲ ସେଠୀ, ସମ୍ପାଦକ ସାହୁ ସେଠୀ, ସହ ସମ୍ପାଦକ ପ୍ରସନ୍ନ ସେଠୀ, କୋଷାଧକ୍ଷ ଦିଲ୍ଲୀପ ନାୟକ, ସମିତି ସଭ୍ୟ ଶୁକଦେବ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମନ୍ଦିରରେ ରତ୍ନମୁଦ ଦିଆଯାଉଛି।

## ପ୍ରଧାନମନ୍ତ୍ରୀ ଆବାସ ଅର୍ଥ ଉପରେ ସରପଞ୍ଚଙ୍କ ନଜର
# ନେଇଯାଇଛନ୍ତି ହିତାଧିକାରୀଙ୍କ ୨ କିସ୍ତି ଟଙ୍କା

ଆର.ଉଦୟଗିରି, ୩୦।୧୧(ମନୋଜ କୁମାର ପାଢ଼ୀ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସ୍ରୀଗୁଡ଼ା ପଞ୍ଚାୟତ ସୁରେଇଖମାର (ସାରଡାସାହି) ଗ୍ରାମର ଆୟୁବ ରଇତଙ୍କ ସ୍ତ୍ରୀ ଜୟନ୍ତୀ ବହୁଥର ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ କରି ନିରାଶ ହୋଇଥିଲେ। ଗ୍ରାମରେ କାମ ନ ମିଳିବାରୁ ପରିବାର ଚଳାଇବା ଲାଗି ସ୍ତ୍ରୀସ୍ୱାମୀ ଉଭୟେ ତାମିଲନାଡୁ ଯାଇ ସେଠାରେ ମୂଲ ଲାଗୁଥିଲେ। କିଛି ମାସ ସେଠାରେ ରହି ଗ୍ରାମକୁ ଫେରୁଥିଲେ। ଜୟନ୍ତୀ ଗ୍ରାମରେ ଥିବା ସମୟରେ ଦିନେ ସରପଞ୍ଚ ଗିତାନୀ ମଣ୍ଡଳ ଆସି ଜୟନ୍ତୀଙ୍କୁ କହିଥିଲେ, ୧୦ ହଜାର ଟଙ୍କା ଦେଲେ ପ୍ରଧାନମନ୍ତ୍ରୀ ଆବାସ ମିଳିବ। ଯଦିନ ଦେବେ ତେବେ ଅନ୍ୟ କାହାକୁ ପ୍ରଦାନ କରାଯିବ। ଜୟନ୍ତୀ ୧୦ ହଜାର ଟଙ୍କା ଦେଇପାରିଲେନି। ପୁଣି କିଛିଦିନ ପରେ ସେ ତାମିଲନାଡୁ ଚାଲିଯାଇଥିଲେ । ଜୟନ୍ତୀ ତାମିଲନାଡୁରେ ଥିବାବେଳେ ତାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ୧୯।୬।୨୦୨୩ ରେ କାର୍ଯ୍ୟାଦେଶ ନଂ.ଓଡି/୨୪/୦୦୭/୯୦୨୫/



୨୦୨୧-୨୦୨୨) ହୋଇଛି ଅଥଚ ଏ ବିଷୟରେ ଜୟନ୍ତୀଙ୍କୁ ଜଣାଇ ଦିଆଯାଇ ନ ଥିଲା। ଯେତେବେଳେ ଯୋଗାଣ ସହାୟକ ସରପଞ୍ଚଙ୍କ ନିର୍ଦ୍ଦେଶରେ ୨୫।୯। ୨୦୨୩ରେ ଜୟନ୍ତୀଙ୍କୁ ଫୋନ କରି କହିଥିଲେ, ତୁମର ଖାତାକୁ କାମ ବାବଦରେ ୪୦ ହଜାର ଟଙ୍କା ଯାଇଛି । ତୁମେ ଶୀଘ୍ର ଆସି ଟଙ୍କା ଉଠାଇ ଦିଅ। ନଚେତ୍ ଚାଉଳ ମିଳିବ ନାହିଁ । ଖବର ପାଇ ଜୟନ୍ତୀ ଚେନାଇରୁ ଗ୍ରାମକୁ ଆସି ୩।୧୦।୨୦୨୩ରେ ରା.ଉଦୟଗିରି ଷ୍ଟେଟ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ସ୍ଥାନୀୟ ୱାର୍ଡମେମ୍ବରଙ୍କ ସହ ସରପଞ୍ଚଙ୍କୁ ଦେଇଥିଲେ। ସରପଞ୍ଚ ପୁଣି ଥରେ ୧୨।୯।୨୦୨୪ରେ ଜୟନ୍ତୀଙ୍କୁ ଫୋନକରି ଖାତାକୁ କାମ ବାବଦରେ ୬୫ ହଜାର ଟଙ୍କା ଯାଇଛି। ଶୀଘ୍ର ଆସି ଟଙ୍କା ଦେବାକୁ କହିଲେ । ଏହା ଶୁଣି ଜୟନ୍ତୀ କହିଲେ, ମୋର ଖାତାକୁ ଆସିଥିବା ଟଙ୍କା ମୁଁ କାହିଁକିଦେବିକହିମନାକରିଦେଇଥିଲେ। ଏହା ଶୁଣି ସରପଞ୍ଚ ଜୟନ୍ତୀଙ୍କ ନାମରେ ଥାନାରେ କେସ୍ କରିବାକୁ ଧମକାଇ ଥିଲେ । ଥାନାରେ କେସ୍ କଥା ଶୁଣି ଜୟନ୍ତୀ ତାମିଲନାଡୁରୁ କାମ ଛାଡ଼ ଗ୍ରାମକୁ ଆସି ୨୦।୯।୨୦୨୪ରେ ବ୍ୟାଙ୍କ ଯାଇ ୬୫ ହଜାର ଟଙ୍କା ଉଠାଇ ସରପଞ୍ଚଙ୍କୁ ଦେଇଥିଲେ । କିଛି ଦିନ ପରେ ସରପଞ୍ଚ ଜୟନ୍ତୀଙ୍କୁ ଆଧାରକାର୍ଡ ମାଗି ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ବାହାର କରାଯିବ ବୋଲି କହିଥିଲେ। ଜୟନ୍ତୀ ସରପଞ୍ଚଙ୍କୁ ନ ଦେଇ ନିଜେ ଯାଇ ଜନସେବା କେନ୍ଦ୍ରରୁ କାର୍ଯ୍ୟାଦେଶ ବାହାର କରି ପ୍ରକୃତରେ ୪୦ ହଜାର ଓ ୬୫ ହଜାର ଟଙ୍କା ତାଙ୍କ ନାମରେ ଆସିଥିବା ଜାଣିବାକୁ ପାଇଥିଲେ। ପରେ ସେ ଗଣମାଧ୍ୟମକୁ ଜଣାଇ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ଲଚ୍ଛମନ ଖର୍ସେଲ ତାଙ୍କୁ ଥାନାରେ ସରପଞ୍ଚ ନାମରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ ଜୟନ୍ତୀ ଆର.ଉଦୟଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏସମ୍ପର୍କରେ ସରପଞ୍ଚ ଗିତାନୀ ମଣ୍ଡଳଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇନାହିଁ । ଆର.ଉଦୟଗିରି ଥାନା ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ପଚରାଉଚରା ପାଇଁ ସରପଞ୍ଚଙ୍କୁ ଡକାଯାଇଛି। ସେ ଆସିଲେ ଠିକ୍ କଥା ଜଣାପଡ଼ିବ। ଏବିଷୟରେ ପିଇଓଙ୍କୁ ପଚାରିବାକୁ ମୁଁ ଏଠାରେ ନୂତନ ଭାବେ ଦାୟିତ୍ୱ ନେଇଛି। ପୂର୍ବତନ ପିଇଓ ମୌସୁମୀ ତ୍ରିପାଠୀ ଓ ସରପଞ୍ଚ ମଣ୍ଡଳ ନିର୍ଦ୍ଦେଶରେ ଦ୍ୱିତୀୟ କିସ୍ତି ପାଇଁ ଆବାସଗୃହ ପାଇ ନ ଥିବା ବ୍ୟକ୍ତିଙ୍କ ଘରକୁ ଜିଓଟେକ କରି ପଠାଇଥିଲି ବୋଲି କହିଥିଲେ। ବିଡିଓ ଖର୍ସେଲଙ୍କୁ ପଚାରିବାରୁ ସେ କହିଥିଲେ ବ୍ଲକ ପ୍ରଶାସନ ପ୍ରକୃତ ହିତାଧିକାରୀଙ୍କ ଖାତାକୁ ଟଙ୍କା ପଠାଇଛି । ଯଦି ହିତାଧିକାରୀଠାରୁ ଆବାସଗୃହ ଟଙ୍କା ସରପଞ୍ଚ ମାଗି ନେଇଥିଲେ ଆମେ ଏଥିରେ କ'ଣ କରିପାରିବୁ। ତାଙ୍କୁ ଥାନାରେ ଏତଲା ଦେବାକୁ କୁହାଯାଇଛି ବୋଲି କହିଥିଲେ।

# ବାଲି ଉତ୍ତୋଳନରେ ଲାଗିଛି ମେଶିନ, ଭାରିଯାନ

ଯାଜପୁର, ୩୦।୧୧
(ହର୍ଷବର୍ଦ୍ଧନ ବେହେରା)

## ପଙ୍କପାଳ ବାଲି ସୈରାତ

- ନିର୍ଦ୍ଧାରିତ ପରିମାଣଠାରୁ ବହୁଗୁଣ ଅଧିକ ଚାଲାଣ
- ଖଣି, ପୋଲିସ, ପରିବେଶ ବିଭାଗ ନୀରବ

ଯାଜପୁର ଜିଲା ଦାନଗଦି ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ପଙ୍କପାଳ ବାଲି ସୈରାତରୁ ପ୍ରତିଦିନ ବେଆଇନ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ନ କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଖଣି, ପୋଲିସ, ପ୍ରଶାସନ, ସ୍ଥାନୀୟ ନେତା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସ୍ଥାନୀୟ ଅଧିକାରୀଙ୍କୁ ହାତ କରି ଲିଜ୍‌ଧାରୀ ଏକାଧିକ ମେଶିନ ସହାୟତାରେ ନିର୍ଦ୍ଧାରିତ ପରିମାଣଠାରୁ ବହୁଗୁଣ ଅଧିକ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ୨୦୨୦ ଜାନୁୟାରୀରେ ବାଲି ଖାଦାନ ଓ ପରିବହନରେ ପ୍ରଭାବିତ ପଙ୍କପାଳ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ପାଇ ନ ଥିଲେ। ୨୦୨୨ରେ ପଙ୍କପାଳ ବାଲି ସୈରାତକୁ ୫ ବର୍ଷ ନିମନ୍ତେ ଦୈତାରି ଧଳଙ୍କୁ ଆଇନ ଅନୁସାରେ ବିଭିନ୍ନ ସର୍ତ୍ତରେ ଲିଜ୍ ଦିଆଯାଇଥିଲା। ହେଲେ ପୂର୍ବରୁ ଜାରି ରହିଥିବା ବେଆଇନ ଉତ୍ତୋଳନର ଧାରା ଏବେ ବି ଜାରି ରହିଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରତାପ ଚନ୍ଦ୍ର ମହାନ୍ତି ତୁରନ୍ତ ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଯାଜପୁର ଜିଲାପାଳ, ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍), ଏସ୍‌ପିସିବିର ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଆଇନ ଅନୁଯାୟୀ ବାଲି ଖାଦାନରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି ଓ ଯାନକୁ ଖଣି ବିଭାଗ, ପ୍ରଶାସନ ଓ ପୋଲିସ ଜବତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିପାରିବ। କିନ୍ତୁ ତହସିଲ ଏବଂ ଜିଲା ପ୍ରଶାସନ ସମେତ ପୋଲିସ, ଖଣି ବିଭାଗ ପଙ୍କପାଳ ବାଲି ସୈରାତକୁ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସୈରାତରେ ଏକାଧିକ ମେଶିନ ବ୍ୟବହାର ଯୋଗୁ ନିକଟସ୍ଥ ଅଞ୍ଚଳରେ ଥିବା ଜଳଯୋଗାଣ ପମ୍ପ ହାଉସ୍, ବ୍ରାହ୍ମଣୀ ବ୍ରିଜ, ନଦୀପଠା ଓ ନଦୀବନ୍ଧ ବିପଦସଙ୍କୁଳ ହୋଇପଡ଼ିଛି। ଭାରିଯାନ ଦ୍ୱାରା ବାଲି ପରିବହନ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଗମନାଗମନ ଅନୁପଯୋଗୀ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ସେହିପରି ନିର୍ଦ୍ଧାରିତ ପରିମାଣଠାରୁ ବହୁଗୁଣ ଅଧିକ ବାଲି ଉତ୍ତୋଳନ ଏବଂ ନକଲି ଟ୍ରାନ୍‌ଜିଟ ପାସ୍ ଦ୍ୱାରା ବିଭିନ୍ନ ଶିଳ୍ପ କାରଖାନାକୁ ବାଲି ପରିବହନ ହେଉଥିବା ଅଭିଯୋଗ ହେଉଛି। ଏନେଇ ପୂର୍ବରୁ ଗ୍ରାମବାସୀ ଏନ୍‌ଜିଟିରେ ୪୮/୨୦୧୬ନମ୍ବରରେ ଏକ ମାମଲା ରୁଜୁ କରିଥିଲେ। ଭାରିଯାନ ଓ ମେଶିନ ସହାୟତାରେ ବାଲି ଉତ୍ତୋଳନ ନ କରି ମାନୁଆଲି ବାଲି ଉତ୍ତୋଳନ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଆଇନର ଉଲ୍ଲଂଘନ କରୁଥିବା ଲିଜ୍‌ଧାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ। ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଏଭଳି ବେଆଇନ କାର୍ଯ୍ୟକୁ ସହଯୋଗ କରି ସରକାରୀ ଅଧିକାରୀ ମାଲାମାଲ ହେଉଛନ୍ତି।


ବାଲି ଉତ୍ତୋଳନରେ ଭାରିଯାନ ମେଶିନ ବ୍ୟବହାର କରାଯାଉଛି।

# ୩୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ଯାଜପୁର ଟାଉନ,୩୦।୧୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଯାଜପୁର ସହରର କୁଆଁସରପୁର ଚାଲୁଣିଆ ସାହିରେ ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୫ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ରଞ୍ଜନ କୁମାର ପାତ୍ର (୨୫)। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୩ଲକ୍ଷ ୫୦ହଜାର ଟଙ୍କା ହେବ। ଚାଲୁଣିଆସାହିରେ ବ୍ରାଉନସୁଗାର କାରବାର ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅବକାରୀ ଅଫିସ ଅଣାଯାଇଥିବାବେଳେ ସେ ଅଫିସର ସ୍କାଇଲାଇଟ୍ ଭାଙ୍ଗି ଫେରାର ହେବାପାଇଁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସେ ବିଫଳ ହୋଇଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ନଂ.୧୩୩/୨୪ ରୁଜୁ ହୋଇଛି।


## WALK-IN-INTERVIEW
## IIMS COLLEGE

(Managing By: Jyoti Shyam Group of Institution)
At: Jyoti Vihar, P.O.: Lathipada,
Via: Nagapur, P.S.: Itamati, Dist.: Nayagarh
**Mob./WhatsApp: 7008475972, 9937075400**
Approved By: Govt. of Odisha & Govt. of India
Recognized By: DHE, OLL & Culture, DMET, AICTE, ONMRC, OSBP

| Sl. No. | Department | Qualification | No. of Posts |
|---|---|---|---|
| 1 | Pharmaceutical Chemisty | M.Pharm / B.Pharm | 05 |
| 2 | Pharmacognosy | M.Pharm / B.Pharm | 05 |
| 3 | Medical Surgical Nusing | M.Sc. Nursing / B.Sc. Nursing | 03 (in each Dept.) |
| 4 | Community Health Nursing | | |
| 5 | Obstetric & Gynaec Nursing | | |
| 6 | Child Health Nursing | | |
| 7 | Pshychiatric Nursing | | |
| 8 | Tutor | B.Sc. Nursing | 08 |
| 9 | Social Work | MSW / BSW | 09 |
| 10 | Management | MBA / MCA / PGDM | 15 |
| 11 | Library | B.Lib / M.Lib | 05 |
| 12 | Tour & Travel Management | BTTM / MTTM | 07 |
| 13 | Fashion Designing | BFD / BCD | 05 |
| 14 | Interior Designing | BID / B. Plan / B. Arch / B. Tech Civil Engg. | 07 |
| 15 | Hotel Management | BHM / MHM | 12 |
| 16 | Adminstrative Officer | Any Graduate | 15 |
| 17 | Accountant | Graduate with Accounting Knowledge | 04 |
| 18 | Receptionist | Any Intermidiate | 03 |
| 19 | Office Boy | 10th Pass | 05 |
| 20 | Driver | With Eligibility | 05 |
| 21 | Security Incharge | With Eligibility | 05 |
| 22 | Sweeper | With Eligibility | 05 |

1. Attractive Salary for deserving Candidates.
2. The Interview will be conducted on **08.12.2024 (Sunday)** from 11 A.M. onwards, at the College Campus.
3. Candidate should come with CV, Original Documents, PP Size Photo.

Website: www.iimsgroup.in, Email: iims.jsw@gmail.com


# କୃଷ୍ଣପଡ଼ା ଗ୍ରାମରେ ଗୋଷ୍ଠୀ ସଂଘର୍ଷ: ୨ ଗୁରୁତର

ରସୁଲପୁର,୩୦।୧୧(ରଂଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ କୃଷ୍ଣପଡ଼ା ଗ୍ରାମରେ ଶନିବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଏହାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗ୍ରାମର ରାଜେଶ ମଲିକ ପୂର୍ବାହ୍ନ ୧୧ଟାରେ ଗାଁ ମନ୍ଦିର ନିକଟକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ପପୁ ଓରଫ୍ ଦେବାଶିଷ ବିଶ୍ୱାଳ, ଆଶିଷ ବିଶ୍ୱାଳ ଓରଫ୍ ବାପି, ମହେଶ୍ୱର ବିଶ୍ୱାଳ, ରାକେଶ ବିଶ୍ୱାଳ, କୁମାର ଲୁକେଶ ବିଶ୍ୱାଳ, କୁମାର ମୁକେଶ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାଜେଶଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ରାଜେଶଙ୍କୁ ଆକ୍ରମଣରୁ ରକ୍ଷା କରିବା ପାଇଁ ତାଙ୍କ ମା’ ରଙ୍ଗ ମଲିକ ଗ୍ରାମବାସୀଙ୍କୁ ଡାକିବାରୁ ଆକ୍ରମଣକାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ଏଥିରେ ୨ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠା ଯାଇଥିବା ବେଳେ ଅନ୍ୟ ଆହତ ପୁରୁଷ ଓ ମହିଳାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାଯାଇଛି।

# ଅଡିଟ୍ ନିର୍ଦ୍ଦେଶ ପରେ ରେକର୍ଡ ସଜଡ଼ା ଉଦ୍ୟମ ବାବା ଭୈରବାନନ୍ଦ ମହାବିଦ୍ୟାଳୟ

ଚଣ୍ଡିଖୋଲ,୩୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ନେଇ ଡିସେମ୍ବର ୨ରୁ ଅଡିଟ ଆରମ୍ଭ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ମନୋରଞ୍ଜନ ନାୟକ ଗତ ୨୬ ତାରିଖରେ ପତ୍ର ପଠାଇଛନ୍ତି। ପତ୍ର ସଂଖ୍ୟା ୪୭୫୮୫ରେ ଦୁଇ ସ୍ୱତନ୍ତ୍ର ଅଡିଟର ୨ ବର୍ଷର ଆର୍ଥିକ କାରବାର ସମ୍ପର୍କରେ ତଦନ୍ତ କରିବେ ବୋଲି ନିର୍ଦ୍ଦେଶ ଦେବା ପରେ ପୁରୁଣା ରେକର୍ଡର ତ୍ରୁଟି ସଜାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଚିଠି ଗତ ୨୮ ତାରିଖରେ ପହଞ୍ଚିବା ପରେ ସେହିଦିନଠାରୁ କାଗଜପତ୍ର ସଜାଡିବା ପାଇଁ ଲାଗି ପଡିଛନ୍ତି ମହାବିଦ୍ୟାଳୟର କିଛି କର୍ମଚାରୀ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଶନିବାର ଅବସର ଗ୍ରହଣ କରିଛନ୍ତି। ସେଥିପାଇଁ ଦିନରାତି କାର୍ଯ୍ୟ ଚାଲିଥିବା ନେଇ କିଛି ଅଧ୍ୟାପକ ନିଜ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ପୁରାତନ ଛାତ୍ରମାନେ ମହାବିଦ୍ୟାଳୟରେ ହୋଇଥିବା ଅନିୟମିତତା ନେଇ ବଡ଼ଚଣା ବିଧାୟକଙ୍କ ନିକଟରେ ମଧ ଅଭିଯୋଗ କରିଛନ୍ତି। ତେବେ ମହାବିଦ୍ୟାଳୟରେ କୌଣସି ଆର୍ଥିକ ଅନିୟମିତତା ହୋଇନାହିଁ ବୋଲି ଅଧ୍ୟକ୍ଷ କହିଛନ୍ତି। ଏବେ ତଦନ୍ତ କିପରି ହେବ ତାହାକୁ ନେଇ ଆଲୋଚନା ଜୋର ଧରିଛି।


## ଏନ୍‌ଟିପିସି ଲିମିଟେଡ୍
ଏନ୍‌ଟୀପୀସୀ NTPC
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**ଏ ବିଷୟରେ ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ**
**ଏନ୍‌ଟିପିସି ଦର୍ଲିପାଲିରୁ ସଡ଼କ ପ୍ରକଳ୍ପ / ଖଣି ବ୍ୟାକ୍‌ଫିଲିଂ ଏବଂ ଓବି ମିକ୍ସିଂ / ଉପକୂଳ ସୁରକ୍ଷା ଇତ୍ୟାଦି ଭଳି ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ବିନା ମୂଲ୍ୟ ଭିତ୍ତିରେ ଫ୍ଲାଏ ଆଶ୍ ଏବଂ ବଟମ୍ ଆଶ୍ ଜାରି ପାଇଁ ନୋଟିସ (ବଳବତ୍ତର ଏମ୍‌ଓଇଏଫ୍ ଏବଂ ସିସି ଅଧିସୂଚନା ତଥା ନୀତି ଅନୁଯାୟୀ) - ଡିସେମ୍ବର, ୨୪ରୁ ନଭେମ୍ବର, ୨୫**

ନୋଟିସ ନଂ. ଏଏମ୍-ଦର୍ଲିପାଲି / ଏଫ୍‌ଏ-ବିଏ / ୨୦୨୪ ତାରିଖ: ୦୧।୧୨।୨୦୨୪

ଏନ୍‌ଟିପିସି ଦର୍ଲିପାଲିଠାରୁ ୩୦୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ସଡ଼କ ବିଛାଇବା, ସଡ଼କ ଏବଂ ଫ୍ଲାଏଓଭର୍ ବନ୍ଧ, ଉପକୂଳବର୍ତ୍ତୀ ଜିଲ୍ଲାରେ ଉପକୂଳ ସୁରକ୍ଷା ଢାଞ୍ଚା ଏବଂ ଡ୍ୟାମ୍ ଭଳି ନିର୍ମାଣ ଗତିବିଧିରେ ସଂଶ୍ଲିଷ୍ଟ ଏଜେନ୍ସିଗୁଡ଼ିକ ପାଇଁ ଫ୍ଲାଏ ଆଶ୍ ଉପଯୋଗ ଉପରେ ଏମ୍‌ଓଇଏଫ୍ ଆଣ୍ଡ ସିସି ରାଜପତ୍ର ଅଧିସୂଚନା ତାରିଖ ତା୩୧।୧୨।୨୦୨୧ରିଖର ଅନୁପାଳନକ୍ରମେ ଏହି ନୋଟିସ ଜାରି କରାଯାଉଛି।
୩୦୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ସଡ଼କ ପ୍ରକଳ୍ପ / ଖଣି ବ୍ୟାକ୍‌ଫିଲିଂ ଏବଂ ଓବି ମିକ୍ସିଂ / ଉପକୂଳ ସୁରକ୍ଷା ଇତ୍ୟାଦି ଭଳି ନିର୍ମାଣ ଗତିବିଧି ପାଇଁ ଆଶ୍ ଆବଶ୍ୟକ କରୁଥିବା ଆଗ୍ରହୀ ଆଶ୍ ବ୍ୟବହାରକାରୀମାନେ ସେମାନଙ୍କର ଆଶ୍ ଯୋଗାଣ ଆବଶ୍ୟକତାକୁ ଦାଖଲ କରିପାରନ୍ତି। ଏନ୍‌ଟିପିସି ଦର୍ଲିପାଲି ‘ବିନା ମୂଲ୍ୟ’ ଏବଂ ‘ଯେପରି ଅଛି ଯେଉଁଠି ଅଛି’ ଭିତ୍ତିରେ ଆଶ୍ ଯୋଗାଣ କରିବ ଏବଂ ପରିବହନ ଖର୍ଚ୍ଚ ବହନ କରିବ।
ଯାଚନା କରାଯାଉଥିବା ଫ୍ଲାଏ ଆଶ୍‌ର ପରିମାଣ ସମେତ **ଯୋଗାଯୋଗ ବିବରଣୀ ତଥା ଇ-ମେଲ୍ ଠିକଣା** ଏହି ନୋଟିସ ପାଇଁ ଉଦ୍ଦିଷ୍ଟ **‘ସାଧାରଣ ସୂଚନା’**ରେ ଦର୍ଶାଯାଇଛି।

**କେମିତି ଆବେଦନ କରିବେ**
ଆଗ୍ରହୀ ଆଶ୍ ବ୍ୟବହାରକାରୀମାନଙ୍କୁ ସେମାନଙ୍କ ଆବଶ୍ୟକତା(ଗୁଡ଼ିକ) ନିର୍ଦ୍ଧାରିତ ମାନକ ପ୍ରପତ୍ରରେ ‘ସାଧାରଣ ସୂଚନା’ରେ ପ୍ରଦତ୍ତ ଇ-ମେଲ୍ ଠିକଣାରେ ଦାଖଲ କରିବା ଲାଗି ଅନୁରୋଧ କରାଯାଉଛି।
ଆଗ୍ରହର ଅଭିବ୍ୟକ୍ତି ନିମନ୍ତେ ‘ସାଧାରଣ ସୂଚନା’ ଏବଂ ‘ଆବେଦନର ମାନକ ପ୍ରପତ୍ର’ **https://ntpctender.ntpc.co.in**ରେ ଅପ୍‌ଲୋଡ୍ କରାଯାଇଛି।
କୌଣସି ପ୍ରଶ୍ନ ପାଇଁ, ନିଃସଙ୍କୋଚରେ emgdarlipali@ntpc.co.inରେ ମେଲ୍ ପଠାନ୍ତୁ।
ପଞ୍ଜୀକୃତ କାର୍ଯ୍ୟାଳୟ: ଏନ୍‌ଟିପିସି ଭବନ, ସ୍କୋପ୍ କମ୍ପ୍ଲେକ୍ସ, ୭, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଦି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩। www.ntpc.co.in, ସିଆଇଏନ୍: ଏଲ୍‌୪୦୧୦୧ଡିଏଲ୍‌୧୯୭୫ଜିଓଆଇ୦୦୭୯୬୬

ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ


# ଲିଙ୍ଗେଶ୍ୱର ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ପାଣିକୋଇଲି,୩୦।୧୧(ବିକାଶ ମଲ୍ଲିକ):

କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାରମ୍ଭରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ମାନଙ୍କ ୧୧୦ଜଣ ମା’ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଝୋଟି ଚିତା, ମୁରୁଜ, ରଂଗ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସଂଗୀତ ଚୌକି ପ୍ରତିଯୋଗିତା କରାଯାଇଥିଲା। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଖବରଦାତା ମନୋଜ କୁମାର ସାହୁ, ମାନସ ରଞ୍ଜନ ଧଳ, ପରିଚାଳନା କମିଟି ସମ୍ପାଦକ ଦିଲୀପ ଧଳ, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡା ଓ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସନ୍ତୋଷୀ ଗୁରୁମା ମଞ୍ଚ ପରିଚାଳନା କରିଥିବା ବେଳେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଳକା ଗୁରୁମା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ ଧନ୍ୟବାଦ ଦେଇଥିଲେ।

# ୨୧ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

କେନ୍ଦୁଝର,୩୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଘୁଟୁରୁ ରେଲୱେ ଓଭରବ୍ରିଜ ତଳୁ ବ୍ରାଉନସୁଗାର ବିକ୍ରି ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର ଦେବାଶିଷ ବିଶ୍ୱାସ(୨୨), କେନ୍ଦୁଝର ଘଟଗାଁ ଅଞ୍ଚଳର ବାସୁଦେବ ତ୍ରିପାଠୀ((୫୮), ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳର ଚନ୍ଦ୍ରମଣି ସାହୁ(୩୫) ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ୨୧ ଗ୍ରାମ ବ୍ରାଉନସୁଗାର, ଗୋଟି ହୋଣ୍ଡା ଆକ୍ଟିଭା ସ୍କୁଟି, ୫ଟି ମୋବାଇଲ ଫୋନ ଏବଂ ନଗଦ ଟଙ୍କା ଜବତ ହୋଇଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ନେଇ ଅଭିଯୋଗ ହେଉଥିଲା। ଏ ନେଇ ପୋଲିସର ତଦନ୍ତ ଜାରି ରହିଥିଲା। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଘୁଟୁରୁ ରେଲୱେ ଓଭରବ୍ରିଜ ତଳେ ବ୍ରାଉନସୁଗାର ବିକ୍ରି ହେଉଥିବା ପୋଲିସ ସୂଚନା ପାଇଥିଲା। କେନ୍ଦୁଝର ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଟିମ୍ ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିଲା। ଜେରା ବେଳେ ସେମାନେ ସ୍କୁଟିରେ ବ୍ରାଉନସୁଗାର କୋଲକାତାରୁ ଆଣି କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଦୀର୍ଘ ୧ ବର୍ଷରୁ ଅଧିକ ସମୟ ହେବ ବିକ୍ରି କରୁଥିବା କହିଥିଲେ। ଟାଉନ ପୋଲିସ ଏକ ମାମଲା (ନଂ. ୫୯୦/୨୦୨୪)ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।


## झारखण्ड सरकार
## कार्यपालक अभियंता का कार्यालय,
## ग्रामीण विकास विशेष प्रमण्डल, रामगढ़

**ई०–अति अल्पकालीन निविदा आमंत्रण सूचना**

ई–निविदा सं० :–*RE-01/RDSD/RAMGARH/05/2024-25*
1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेशन संख्या/पैकेज संख्या | प्रखण्ड | ग्राम/पंचायत | योजना का नाम | प्राक्कलित राशि | अग्रधन की राशि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RE-01/RDSD/RAMGARH/MMGSY/01/2024-25 | पतरातु | बीचा | रामगढ़ जिला के प्रखण्ड पतरातु अन्तर्गत ग्राम/पंचायत बीचा में बेहरा टोला और होन्हेटांड के बीच बेहरा टोला नदी पर उच्चस्तरीय पुल निर्माण। | 34306800 | 687000 | 10000 | 18 (अठारह) माह |

2. वेबसाईट में निविदा प्रकाशन की तिथि :– दिनांक 05.12.2024
3. ई–निविदा प्राप्ति की तिथि एवं समय – दिनांक 05.12.2024 से 14.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 16.12.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट ***Jharkhandtenders.gov.in*** एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल, रामगढ़।

PR 340902 (Rural Work Department) 24-25 (D)



## SARGIPALI REGULATED MARKET COMMITTEE

At - Krushak Bazar, Daily Market, Sundargarh, Odisha - 770001, email : rmcsarg@gmail.com
**Notification No. 406 dt. 29.11.2024**
(Ref-Tender Call Notice No. 380/Dated : 18.11.2024)

“The tender procedure for the purchase of Universal Auto Calibration Digital Moisture Meter with Printer is hereby declared unsuccessful and hence cancelled due to insufficient numbers of Bidders.” For further details visit https://sundargarh.odisha.gov.in.

Sd./-
Secretary, RMC Sargipali



## SARGIPALI REGULATED MARKET COMMITTEE

At - Krushak Bazar, Daily Market, Sundargarh, Odisha - 770001, email : rmcsarg@gmail.com
**Tender Call Notice No.409 dt.29.11.2024**

Tender Call Notice for procurement of Moisture Meter with Printer of latest version with compatible Bluetooth and USB connection which can be paired with any other devices for use in paddy procurement operation. The further details of the tender notice can be seen from the official website of Sundargarh District https://sundargarh.odisha.gov.in.

Sd./-
Secretary, RMC Sargipali



## MINISTRY OF ROAD TRANSPORT & HIGHWAYS, NEW DELHI
### OFFICE OF THE EXECUTIVE ENGINEER
### NATIONAL HIGHWAY DIVISION, DHANBAD- 826001

**NATIONAL BIDDING / e-Procurement Notice**

Tender Reference No:- NH/Dhanbad/06/2024-25 Dated :- 29.11.2024

Application in the prescribed format from eligible consultants for Request for Proposal (RFP) for Preparation of Feasibility cum Detailed Project Report are invited for the following Project as detailed below :-

| | | |
|---|---|---|
| 1 | Name of Works | Consultancy Servicesfor DPR Preparation for Lututanr (NH-218) to Nirsa (NH-19) Bypass including Land Acquisition, Forest Clearance, R&R and Utility Shifting in the state of Jharkhand under EPC mode. |
| 2 | Cost of document (Rs.) | Copy of online receipt of Non-refundable fee of Rs.5,000/- through NTRP portal- www.bharatkosh.gov.in towards Payment of cost of bid document. |
| 3 | Bid Security (Rs.) | NA |
| 4 | Time of Completion | 300 Days (Including rainy season) |
| 5 | Date of Issue of Notice | Date : 29.11.2024 |
| 6 | Date of Publication of Tender on website | Date : 20.12.2024 at 17.00PM |
| 7 | Last Date for Receiving Queries | Date : 27.12.2024 upto 11.30 AM |
| 8 | Pre-Bid Conference | Date : 27.12.2024 Time 15.30 Hrs Place: Office of the Chief Engineer, NH Wing, Jharkhand, Ranchi. |
| 9 | Application/Bid Due date | Date : 04.02.2025 upto 15.00 Hrs Through website : https://www.eprocure.gov.in only |
| 10 | Last date of submission of online challan and others documents | Date : 04.02.2025 upto time 15.00Hrs |
| 11 | Last date of submission of hard copy of challan of bidding documents, bid security and others documents/POA etc. | Date : 06.02.2025 upto time 15.00 Hrs |
| 12 | Authority & Place of opening of Bids | The Chief Engineer, NH Wing, Jharkhand, Ranchi in his office at Engineering Hostel, Sector-3, Dhurwa, Jharkhand, Ranchi. |
| 13 | Time & date of opening of bids | Date 07.02.2025 at Time 15:00 Hrs Through website: https://www.eprocure.gov.in |
| 14 | Validity of bid | 120 days from bid due date |
| 15 | Officer inviting bids | Executive Engineer, NH Division, Dhanbad |
| 16 | Contact no. of procurement officer | 9470920944, 9431518611 |
| 17 | Helpline no. of e-procurement cell | 06512400863, 9431647441 |

Note:- Further details can be seen on website https;//eprocure.gov.in
PR 340865 Road (24-25)_D

Executive Engineer
NH Division, Dhanbad



## OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, DUMKA

**E-Procurement Notice**
**Tender Reference No.- RCD/DUMKA/2021**
**Date :- 30-11-2024**

| | | |
|---|---|---|
| 1 | Name of Work- | Widening and Strengthening/Reconstruction of Chaipani (on NH-114A) to Mashniya (Aamgachhi to Kalyanpur Road, on ODR) Road (Total Length-6.670 Km) under Road Division Dumka for the year 2024-25. |
| 2 | Estimated cost(In Rs) | Rs 16,78,79,598.00 |
| 3 | Time of completion | Six Months |
| 4 | Date of Publication of Tender on Website | 10.12.2024 at 10.30 AM |
| 5 | Last date/Time for receipt of bids | 25.12.2024 Up to 12.00 Noon |
| 6 | Date of opening of Tender | 26.12.2024 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

**Further details can be seen on website** http://jharkhandtenders.gov.in

PR.NO.340873 Road(24-25):D

Executive Engineer,
Road Construction Department,
Road Division, Dumka

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

## କାର୍ଯ୍ୟରେ ଯୋଗଦେଇପାରିଲେନି ନୂତନ ଶିକ୍ଷୟିତ୍ରୀ

କୁଜଙ୍ଗ,୩୦।୧୧(ମନୋଜ ପ୍ରଧାନ): ସହକାରୀ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରମାନେ ଶନିବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏରସମା ବ୍ଲକ ତଥା କୁଜଙ୍ଗ ଥାନା ଅନ୍ତର୍ଗତ ପତିତପାବନ ହାଇସ୍କୁଲ ସିଂଘପୁରର ସହକାରୀ ଶିକ୍ଷକ ତାପସ ଜେନାଙ୍କୁ ଚଟୁଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଚଟୁଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସପ୍ନା ମହାପାତ୍ରଙ୍କୁ ପତିତପାବନ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ବଦଳିକୁ ବିରୋଧ କରି ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଫାଟକରେ ତାଲା ପକାଇବା ସହିତ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଧାରଣା ଚାଲିଥିବାବେଳେ ଚଟୁଆ ଉଚ୍ଚ ବିଦ୍ୟାଳୟରୁ ବଦଳି ହୋଇଥିବା ଶିକ୍ଷୟିତ୍ରୀ ମହାପାତ୍ର ପତିତପାବନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେବା ପାଇଁ ପହଞ୍ଚିଥିଲେ। ମାତ୍ର ଧାରଣାରତ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ନ ଛାଡ଼ିବାରୁ ଦୀର୍ଘ ସମୟ ଅପେକ୍ଷା କରିବା ପରେ ସେ ଫେରିଯିବାକୁ ବାଧ ହୋଇଥିଲେ। ଅପରପକ୍ଷେ ସହକାରୀ ଶିକ୍ଷକଙ୍କ ବଦଳି ବାତିଲ କରିବା ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ଏରସମା ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି।

ପୂର୍ବରୁ ଚଟୁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ମହାପାତ୍ରଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏନେଇ ତାଙ୍କୁ ପତିତପାବନ ବିଦ୍ୟାଳୟକୁ ବଦଳି କରାଯାଇଥିବାବେଳେ ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିରୋଧ କରିଛନ୍ତି।


ଧାରଣାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ।

# ସ୍ନେହମୟୀଙ୍କୁ ମିଳିଲା କଳିଙ୍ଗ କନ୍ୟା ସମ୍ମାନ

କୁଜଙ୍ଗ,୩୦।୧୧(ମନୋଜ ପ୍ରଧାନ)

ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ପରିସରସ୍ଥିତ ସମ୍ମିଳନୀ କକ୍ଷରେ 'ପ୍ରତିଭା ସମ୍ମାନ' ଓଡ଼ିଶା ଟ୍ରଷ୍ଟ ତରଫରୁ ୧୦୦ ଜଣ ମହିଳାଙ୍କୁ କଳିଙ୍ଗ କନ୍ୟା ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତର ସ୍ନେହମୟୀ ଆଚାର୍ଯ୍ୟ ରହିଛନ୍ତି। ସେ ହେଲେ ପୂର୍ବତନ ସରପଞ୍ଚ, ବିଶିଷ୍ଟ ସାମାଜିକ କର୍ମୀ, ବଂଶୀଧର ଆଚାର୍ଯ୍ୟଙ୍କ କନ୍ୟା । ବାପାଙ୍କ ଆଦର୍ଶ ଓ ସ୍ୱାମୀ ଡ. ସିଦ୍ଧେଶ୍ୱର ପଣ୍ଡାଙ୍କ ପ୍ରେରଣା କ୍ରମେ ସେ ବ୍ୟାସ ଫାଉଣ୍ଡେଶନ ଓ ଚାରିଟେବୁଲ ଟ୍ରଷ୍ଟ ମାଧ୍ୟମରେ ଦୀର୍ଘଦିନ ହେବ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ବିଶେଷ କରି ରାସ୍ତାରେ ବୁଲୁଥିବା ମାନସିକ ଭିନ୍ନକ୍ଷମମାନଙ୍କୁ ଉଦ୍ଧାର କରି ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଛନ୍ତି। ଏଥିସହ 'ଗୀତାଞ୍ଜାନାଞ୍ଜନ' ପ୍ରତିକାର ସମ୍ପାଦିକା ରହିଛନ୍ତି। ସାମାଜିକ କାର୍ଯ୍ୟରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତା କରାଯାଇଛି।



ଅତିଥିଙ୍କ ଗହଣରେ କଳିଙ୍ଗ କନ୍ୟା ସମ୍ମାନରେ ସମ୍ମାନିତ ହୋଇଥିବା ସ୍ନେହମୟୀ ଆଚାର୍ଯ୍ୟ ଏବଂ ଅନ୍ୟମାନେ।


## WALK-IN-INTERVIEW
## IIMS COLLEGE

iims

(Managing By: Jyoti Shyam Group of Institution)
At: Jyoti Vihar, P.O.: Lathipada,
Via: Nagapur, P.S.: Itamati, Dist.: Nayagarh

**Mob./WhatsApp: 7008475972, 9937075400**

Approved By: Govt. of Odisha & Govt. of India
Recognized By: DHE, OLL & Culture, DMET, AICTE, ONMRC, OSBP

| Sl. No. | Department | Qualification | No. of Posts |
|---|---|---|---|
| 1 | Pharmaceutical Chemisty | M.Pharm / B.Pharm | 05 |
| 2 | Pharmacognosy | M.Pharm / B.Pharm | 05 |
| 3 | Medical Surgical Nusing | M.Sc. Nursing / B.Sc. Nursing | 03 (in each Dept.) |
| 4 | Community Health Nursing | | |
| 5 | Obstetric & Gynaec Nursing | | |
| 6 | Child Health Nursing | | |
| 7 | Pshychiatric Nursing | | |
| 8 | Tutor | B.Sc. Nursing | 08 |
| 9 | Social Work | MSW / BSW | 09 |
| 10 | Management | MBA / MCA / PGDM | 15 |
| 11 | Library | B.Lib / M.Lib | 05 |
| 12 | Tour & Travel Management | BTTM / MTTM | 07 |
| 13 | Fashion Designing | BFD / BCD | 05 |
| 14 | Interior Designing | BID / B. Plan / B. Arch / B. Tech Civil Engg. | 07 |
| 15 | Hotel Management | BHM / MHM | 12 |
| 16 | Adminstrative Officer | Any Graduate | 15 |
| 17 | Accountant | Graduate with Accounting Knowledge | 04 |
| 18 | Receptionist | Any Intermidiate | 03 |
| 19 | Office Boy | 10th Pass | 05 |
| 20 | Driver | With Eligibility | 05 |
| 21 | Security Incharge | With Eligibility | 05 |
| 22 | Sweeper | With Eligibility | 05 |

1. Attractive Salary for deserving Candidates.
2. The Interview will be conducted on **08.12.2024 (Sunday)** from 11 A.M. onwards, at the College Campus.
3. Candidate should come with CV, Original Documents, PP Size Photo.

Website: www.iimsgroup.in, Email: iims.jsw@gmail.com


# କାଉପଡ଼ା ସମବାୟ ସମିତିର ବାର୍ଷିକ ଅଧିବେଶନ

ଡେରାବିଶ,୩୦।୧୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କାଉପଡାସ୍ଥିତ କାଉପଡା ପ୍ରାଥମିକ ସମବାୟ ସମିତିର ବାର୍ଷିକ ସାଧାରଣ ଅଧିବେଶନ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ ସମ୍ପାଦିକା ସୁମନ ସଙ୍ଗୀତା ଦାସ ଗତ ସାଧାରଣ ଅଧିବେଶନର ବିବରଣୀ ପାଠ କରିଥିଲେ। ଏହାପରେ ୨୦୨୩-୨୪ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଥିଲେ। ସରକାରଙ୍କ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧାରେ ଋଣ ଓ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨ପ୍ରତିଶତ ସୁଧ ସମେତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ପ୍ରଦାନ କରାଯାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ମିନି ବ୍ୟାଙ୍କରେ ଟଙ୍କା ଜମା ରଖି ଅନ୍ୟ ବ୍ୟାଙ୍କ ତୁଳନାରେ ଅଧିକ ସୁଧ ସମ୍ପର୍କରେ ସୂଚନା ଦେଇଥିଲେ। କଟକ କେନ୍ଦ୍ର ବ୍ୟାଙ୍କର ଚାନ୍ଦୋଳ ଶାଖା ପରିଚାଳକ ଜୟନ୍ତୀ ପତି ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଚାଷର ଉନ୍ନତିକରଣ ପାଇଁ ରହିଥିବା ସରକାରୀ ବ୍ୟବସ୍ଥା ବାବଦରେ ଗୁରୁତ୍ୱାରୋପ କରିଥିଲେ।

ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି, ସାମାଜିକ କର୍ମୀ ହଳଧର ଦାସ, ଲକ୍ଷ୍ମୀଧର ମହାପାତ୍ର ଯୋଗଦେଇ ଏହି ସମବାୟ ସମିତି ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅଧିକ ଗୁରୁତ୍ୱ ଦେଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଦାସ, ଚାଟରାଚକଡା ସରପଞ୍ଚ ମମତା ରାଉତ, କାଉପଡା ସରପଞ୍ଚ ପ୍ରତାପ କୁମାର ବେହେରା, ସମିତିସଭ୍ୟ ମିଳନପ୍ରଭା ମଲିକ, ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ ଓ କ୍ଷୀରୋଦ କୁମାର ନାୟକ ଯୋଗଦେଇ ସମବାୟ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ସମିତି ନିର୍ଦ୍ଦେଶକ ବିପିନ ବିହାରୀ ପାଲ, ପ୍ରମିଳା ଦାଶ, ମଧୁସୁଧନ ରାଉତ, ଭାଗ୍ୟଧର ସ୍ୱାଇଁ ଓ ରଶ୍ମିବାଳା ଜେନା ସମେତ ଏହି ବୈଠକରେ କାଉପଡା, ଚାଟରାଚକଡା ଓ ଗୋଲରାହାଟ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇଥିଲେ। ଅଧିବେଶନ ଶେଷରେ ସମିତି ନିର୍ଦ୍ଦେଶକ କରୁଣାକର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ସାଧାରଣ ଅଧିବେଶନ ପରିଚାଳନାରେ ସମିତିର କର୍ମଚାରୀମାନେ ସହଯୋଗ କରିଥିଲେ।


## ଏନ୍‌ଟିପିସି ଲିମିଟେଡ୍

ଏନଟୀପୀସୀ NTPC
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**ଏ ବିଷୟରେ ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ**
**ଏନ୍‌ଟିପିସି ଦର୍ଲିପାଲିରୁ ସଡ଼କ ପ୍ରକଳ୍ପ / ଖଣି ବ୍ୟାକ୍‌ଫିଲିଂ ଏବଂ ଓବି ମିକ୍ସିଂ / ଉପକୂଳ ସୁରକ୍ଷା ଇତ୍ୟାଦି ଭଳି ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ବିନା ମୂଲ୍ୟ ଭିତ୍ତିରେ ଫ୍ଲାଏ ଆଶ୍ ଏବଂ ବଟମ୍ ଆଶ୍ ଜାରି ପାଇଁ ନୋଟିସ (ବଳବତ୍ତର ଏମ୍‌ଓଇଏଫ୍ ଏବଂ ସିସି ଅଧିସୂଚନା ତଥା ନୀତି ଅନୁଯାୟୀ) - ଡିସେମ୍ବର, ୨୪ରୁ ନଭେମ୍ବର, ୨୫**

ନୋଟିସ ନଂ. ଏଏମ୍-ଦର୍ଲିପାଲି / ଏଫ୍‌ଏ-ବିଏ / ୨୦୨୪ ତାରିଖ: ୦୧।୧୨।୨୦୨୪

ଏନ୍‌ଟିପିସି ଦର୍ଲିପାଲିଠାରୁ ୩୦୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ସଡ଼କ ବିଛାଇବା, ସଡ଼କ ଏବଂ ଫ୍ଲାଏଓଭର୍ ବନ୍ଧ, ଉପକୂଳବର୍ତ୍ତୀ ଜିଲ୍ଲାରେ ଉପକୂଳ ସୁରକ୍ଷା ଢାଞ୍ଚା ଏବଂ ଡ୍ୟାମ୍ ଭଳି ନିର୍ମାଣ ଗତିବିଧିରେ ସଂଶ୍ଳିଷ୍ଟ ଏଜେନ୍ସିଗୁଡ଼ିକ ପାଇଁ ଫ୍ଲାଏ ଆଶ୍ ଉପଯୋଗ ଉପରେ ଏମ୍‌ଓଇଏଫ୍ ଆଣ୍ଡ ସିସି ରାଜପତ୍ର ଅଧିସୂଚନା ତାରିଖ ତା୩୧।୧୨।୨୦୨୧ରିଖର ଅନୁପାଳନକ୍ରମେ ଏହି ନୋଟିସ ଜାରି କରାଯାଉଛି ।

୩୦୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ସଡ଼କ ପ୍ରକଳ୍ପ / ଖଣି ବ୍ୟାକ୍‌ଫିଲିଂ ଏବଂ ଓବି ମିକ୍ସିଂ / ଉପକୂଳ ସୁରକ୍ଷା ଇତ୍ୟାଦି ଭଳି ନିର୍ମାଣ ଗତିବିଧି ପାଇଁ ଆଶ୍ ଆବଶ୍ୟକ କରୁଥିବା ଆଗ୍ରହୀ ଆଶ୍ ବ୍ୟବହାରକାରୀମାନେ ସେମାନଙ୍କର ଆଶ୍ ଯୋଗାଣ ଆବଶ୍ୟକତାକୁ ଦାଖଲ କରିପାରନ୍ତି । ଏନ୍‌ଟିପିସି ଦର୍ଲିପାଲି 'ବିନା ମୂଲ୍ୟ' ଏବଂ 'ଯେପରି ଅଛି ଯେଉଁଠି ଅଛି' ଭିତ୍ତିରେ ଆଶ୍ ଯୋଗାଣ କରିବ ଏବଂ ପରିବହନ ଖର୍ଚ୍ଚ ବହନ କରିବ ।

ଯାଚନା କରାଯାଉଥିବା ଫ୍ଲାଏ ଆଶ୍‌ର ପରିମାଣ ସମେତ ଯୋଗାଯୋଗ ବିବରଣୀ ତଥା ଇ-ମେଲ୍ ଠିକଣା ଏହି ନୋଟିସ ପାଇଁ ଉଦ୍ଦିଷ୍ଟ 'ସାଧାରଣ ସୂଚନା'ରେ ଦର୍ଶାଯାଇଛି ।

**କେମିତି ଆବେଦନ କରିବେ**

ଆଗ୍ରହୀ ଆଶ୍ ବ୍ୟବହାରକାରୀମାନଙ୍କୁ ସେମାନଙ୍କ ଆବଶ୍ୟକତା(ଗୁଡ଼ିକ) ନିର୍ଦ୍ଧାରିତ ମାନକ ପ୍ରପତ୍ରରେ 'ସାଧାରଣ ସୂଚନା'ରେ ପ୍ରଦତ୍ତ ଇ-ମେଲ୍ ଠିକଣାରେ ଦାଖଲ କରିବା ଲାଗି ଅନୁରୋଧ କରାଯାଉଛି ।

ଆଗ୍ରହର ଅଭିବ୍ୟକ୍ତି ନିମନ୍ତେ 'ସାଧାରଣ ସୂଚନା' ଏବଂ 'ଆବେଦନର ମାନକ ପ୍ରପତ୍ର' https://ntpctender.ntpc.co.inରେ ଅପ୍‌ଲୋଡ୍ କରାଯାଇଛି ।

କୌଣସି ପ୍ରଶ୍ନ ପାଇଁ, ନିଃସଙ୍କୋଚରେ emgdarlipali@ntpc.co.inରେ ମେଲ୍ ପଠାନ୍ତୁ ।

ପଞ୍ଜୀକୃତ କାର୍ଯ୍ୟାଳୟ: ଏନ୍‌ଟିପିସି ଭବନ, ସ୍କୋପ୍ କମ୍ପ୍ଲେକ୍ସ, ୭, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଦି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ । www.ntpc.co.in, ସିଆଇଏନ୍: ଏଲ୍‌୪୦୧୦୧ଡିଏଲ୍‌୧୯୭୫ଜିଓଆଇ୦୦୭୯୬୬

ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ


# ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଡେରାବିଶ,୩୦।୧୧(ବେବର୍ତ୍ତା ଅଜୟ ଦାସ): ଡେରାବିଶ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶନିବାର 'ସାରଳା ଦାସଙ୍କ ସାହିତ୍ୟରେ ସମାଜର ଚିତ୍ର' ଶୀର୍ଷକ ଏକ ଆଲେଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ.ପ୍ରଜ୍ଞା ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କଲେଜ ଅଧକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ଏକ ଶିକ୍ଷିତ ଓ ଶୃଙ୍ଖଳିତ ସମାଜ ଗଠନ ଦିଗରେ କବି ସାରଳା ଦାସଙ୍କ ଲିଖିତ ଭାଷା ସାହିତ୍ୟ ସର୍ବଦା ଏକ ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଥିବା ନେଇ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନା ଚକ୍ରରେ ଅଧ୍ୟାପକ ଧନେଶ୍ୱର ନାୟକ, ଅଧ୍ୟାପକ ବୃନ୍ଦାବନ ଦାସ ଓ ଅଧ୍ୟାପକ ବିଶ୍ୱଜିତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କବି ସାରଳା ଦାସଙ୍କ ଲିଖିତ ବିଭିନ୍ନ କୃତୀ ବାବଦରେ ଆଲୋକପାତ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ବିଭାଗୀୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଆଲୋଚନାଚକ୍ରର ଶୀର୍ଷକ ଉପରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ର ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପକ ଡଃ କିଶୋର କୁମାର ମଲିକ ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ବିଭାଗୀୟ ଅଧ୍ୟାପକ ଶଶିକାନ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।


## झारखण्ड सरकार
## कार्यपालक अभियंता का कार्यालय,
## ग्रामीण विकास विशेष प्रमण्डल, रामगढ़

**ई०–अति अल्पकालीन निविदा आमंत्रण सूचना**

ई–निविदा सं० :–*RE-01/RDSD/RAMGARH/05/2024-25*

1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेशन संख्या/पैकेज संख्या | प्रखण्ड | ग्राम/पंचायत | योजना का नाम | प्राक्कलित राशि | अग्रधन की राशि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RE-01/RDSD/RAMGARH/MMGSY/01/2024-25 | पतरातु | बीचा | रामगढ़ जिला के प्रखण्ड पतरातु अन्तर्गत ग्राम/पंचायत बीचा में बेहरा टोला और होन्हेटांड के बीच बेहरा टोला नदी पर उच्चस्तरीय पुल निर्माण। | 34306800 | 687000 | 10000 | 18 (अठारह) माह |

2. वेबसाईट में निविदा प्रकाशन की तिथि :– दिनांक 05.12.2024
3. ई–निविदा प्राप्ति की तिथि एवं समय – दिनांक 05.12.2024 से 14.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 16.12.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल, रामगढ़।

PR 340902 (Rural Work Department) 24-25 (D)


# ଶିକ୍ଷକ ଗଙ୍ଗାଧରଙ୍କ ପରଲୋକ

ଜଗତ୍‌ସିଂହପୁର, ୩୦।୧୧
(ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଜିଲାର ସୁନାମଧନ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଦାଶ(୯୧)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କ୍ଲିନିକରେ ପରଲୋକ ହୋଇଯାଇଛି। ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମରେ ଜନ୍ମିତ ସ୍ୱର୍ଗତ ଦାଶ ଅଲଣାହାଟ ଉଚ୍ଚବିଦ୍ୟାଳୟରେ ଶିକ୍ଷକତା ସମୟରେ ବେଶ୍ ସୁନାମ ଅର୍ଜନ କରିଥିଲେ। ଏଥିସହ ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାରର ପ୍ରତିଷ୍ଠାତା ଥିଲେ। ସେ ଜଣେ ସୁସାହିତ୍ୟିକ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ପ୍ରସନ୍ନ କୁମାର ଦାଶଙ୍କ ସମେତ ଅନ୍ୟ ପୁଅ ଯଥା ଝୁଲୁ, ବୁଲୁ, ପିଲନ, ଝିଅ ମିନି, ଚୁନି, ଜ୍ୱାଇଁ କିଶୋର, ଭାଇ ନାରାୟଣ, ଭାଗବତ, ସୁଦର୍ଶନ, ଶରତ, ପୁତୁରା ଟୁଲୁ, ନିଲୁ, ଦିଲୁ, ସୁବଳ, ସମୀର, ସିଲୁ, ତୁଷାର ଓ ଆଲା ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ମୃତଦେହ ଭୁବନେଶ୍ୱରରୁ ବାହାରି ପୁରୁଣାଗଡ଼ସ୍ଥିତ ପ୍ରଫୁଲ ପାଠାଗାରରେ ପହଞ୍ଚିଲା ପରେ ଖଇରଙ୍ଗ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଦାଶଙ୍କ ଶେଷ ଦର୍ଶନ କରିଥିଲେ। ଏହାପରେ ମୃତଦେହ ଶୋଭାଯାତ୍ରାରେ ଖଇରଙ୍ଗ ଗ୍ରାମ ପରିକ୍ରମା କରି ପ୍ରଥମେ ତାଙ୍କ ବାସଭବନ ଓ ପରେ ଶ୍ମଶାନ ଅଭିମୁଖେ ଯାତ୍ରା କରିଥିଲା। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ପ୍ରସନ୍ନ ମୁଖାଗ୍ନି ଦେଇଥିଲେ।


## MINISTRY OF ROAD TRANSPORT & HIGHWAYS, NEW DELHI
OFFICE OF THE EXECUTIVE ENGINEER
NATIONAL HIGHWAY DIVISION, DHANBAD- 826001

**NATIONAL BIDDING / e-Procurement Notice**

Tender Reference No:- NH/Dhanbad/06/2024-25 Dated :- 29.11.2024

Application in the prescribed format from eligible consultants for Request for Proposal (RFP) for Preparation of Feasibility cum Detailed Project Report are invited for the following Project as detailed below :-

| | | |
|---|---|---|
| 1 | Name of Works | Consultancy Servicesfor DPR Preparation for Lututanr (NH-218) to Nirsa (NH-19) Bypass including Land Acquisition, Forest Clearance, R&R and Utility Shifting in the state of Jharkhand under EPC mode. |
| 2 | Cost of document (Rs.) | Copy of online receipt of Non-refundable fee of Rs.5,000/- through NTRP portal- www.bharatkosh.gov.in towards Payment of cost of bid document. |
| 3 | Bid Security (Rs.) | NA |
| 4 | Time of Completion | 300 Days (Including rainy season) |
| 5 | Date of Issue of Notice | Date : 29.11.2024 |
| 6 | Date of Publication of Tender on website | Date : 20.12.2024 at 17.00PM |
| 7 | Last Date for Receiving Queries | Date : 27.12.2024 upto 11.30 AM |
| 8 | Pre-Bid Conference | Date : 27.12.2024 Time 15.30 Hrs Place: Office of the Chief Engineer, NH Wing, Jharkhand, Ranchi. |
| 9 | Application/Bid Due date | Date : 04.02.2025 upto 15.00 Hrs Through website : https://www.eprocure.gov.in only |
| 10 | Last date of submission of online challan and others documents | Date : 04.02.2025 upto time 15.00Hrs |
| 11 | Last date of submission of hard copy of challan of bidding documents, bid security and others documents/POA etc. | Date : 06.02.2025 upto time 15.00 Hrs |
| 12 | Authority & Place of opening of Bids | The Chief Engineer, NH Wing, Jharkhand, Ranchi in his office at Engineering Hostel, Sector-3, Dhurwa, Jharkhand, Ranchi. |
| 13 | Time & date of opening of bids | Date 07.02.2025 at Time 15:00 Hrs Through website: https://www.eprocure.gov.in |
| 14 | Validity of bid | 120 days from bid due date |
| 15 | Officer inviting bids | Executive Engineer, NH Division, Dhanbad |
| 16 | Contact no. of procurement officer | 9470920944, 9431518611 |
| 17 | Helpline no. of e-procurement cell | 06512400863, 9431647441 |

Note:- Further details can be seen on website https;//eprocure.gov.in

Executive Engineer
NH Division, Dhanbad

PR 340865 Road (24-25)_D


# ଇନ୍‌ଫ୍ଲୁଏନ୍ସର ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ଅନୟା

ଜଗତ୍‌ସିଂହପୁର, ୩୦।୧୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପରୁ ଜିଲା ସିପି ମକୁନ୍ଦପୁର ଗ୍ରାମର ୩ ବର୍ଷୀୟ ଶିଶୁ ଅନୟା ଜେନା ନିଜର ଚମତ୍କାର ପ୍ରତିଭା ବଳରେ ଅନ୍ତର୍ଜାତୀୟସ୍ତରରେ ଇନ୍‌ଫ୍ଲୁଏନ୍ସର ବୁକ୍ ଅଫ ୱାର୍ଲ୍ଡ ରେକର୍ଡସ ସମ୍ମାନରେ ସମ୍ମାନିତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି । ସେ ହେଲେ ମା'ନମ୍ରତା ରଣା ଓ ବାପା ଅଭିଷେକ ଜେନାଙ୍କ ଝିଅ। ସେ ଅନଲାଇନ ମାଧ୍ୟମରେ ସୌରଶକ୍ତି ସମ୍ପର୍କିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିର୍ଭୁଲ ଭାବେ ଏକାଧିକ ପ୍ରଶ୍ନର ଉତ୍ତର ଦେଇ ଏହି ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ଉତ୍ତର ରଖିବାକୁ ଖୁବ୍ କମ୍ ସମୟ ମିଳୁଥିଲେ ମଧ ଏସବୁ ପ୍ରଶ୍ନର ଉତ୍ତର ସେ ଠିକ୍ ଭାବେ ଦେଇ ବିଚାରକ ମଣ୍ଡଳୀଙ୍କୁ ପ୍ରଭାବିତ କରିଥିଲେ। ମହାକାଶରେ ଥିବା ଗ୍ରହାଣୁପୁଞ୍ଜ, ବଡ ଗ୍ରହ, ଗ୍ରହମାନଙ୍କ ରଙ୍ଗ ଆଦି ଉପରେ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା।





## SARGIPALI
## REGULATED MARKET COMMITTEE

At - Krushak Bazar, Daily Market, Sundargarh,
Odisha - 770001, email : rmcsarg@gmail.com

**Notification No. 406 dt. 29.11.2024**
(Ref-Tender Call Notice No. 380/Dated : 18.11.2024)

"The tender procedure for the purchase of Universal Auto Calibration Digital Moisture Meter with Printer is hereby declared unsuccessful and hence cancelled due to insufficient numbers of Bidders." For further details visit https://sundargarh.odisha.gov.in.

Sd./-
Secretary, RMC Sargipali



## SARGIPALI
## REGULATED MARKET COMMITTEE

At - Krushak Bazar, Daily Market, Sundargarh,
Odisha - 770001, email : rmcsarg@gmail.com

**Tender Call Notice No.409 dt.29.11.2024**

Tender Call Notice for procurement of Moisture Meter with Printer of latest version with compatible Bluetooth and USB connection which can be paired with any other devices for use in paddy procurement operation. The further details of the tender notice can be seen from the official website of Sundargarh District https://sundargarh.odisha.gov.in.

Sd./-
Secretary, RMC Sargipali



## OFFICE OF THE EXECUTIVE ENGINEER
## ROAD CONSTRUCTION DEPARTMENT
## ROAD DIVISION, DUMKA

**E-Procurement Notice**

**Tender Reference No.- RCD/DUMKA/2021**
**Date :- 30-11-2024**

| | | |
|---|---|---|
| 1 | Name of Work- | Widening and Strengthening/Reconstruction of Chaipani (on NH-114A) to Mashniya (Aamgachhi to Kalyanpur Road, on ODR) Road (Total Length-6.670 Km) under Road Division Dumka for the year 2024-25. |
| 2 | Estimated cost(In Rs) | Rs 16,78,79,598.00 |
| 3 | Time of completion | Six Months |
| 4 | Date of Publication of Tender on Website | 10.12.2024 at 10.30 AM |
| 5 | Last date/Time for receipt of bids | 25.12.2024 Up to 12.00 Noon |
| 6 | Date of opening of Tender | 26.12.2024 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

**Further details can be seen on website** http://jharkhandtenders.gov.in

Executive Engineer,
Road Construction Department,
Road Division, Dumka

PR.NO.340873 Road(24-25):D

# ନୟାଗଡ଼ ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମହୋତ୍ସବ ମଞ୍ଚରେ ପଲ୍ଲୀଶ୍ରୀ ମେଳା, କୃଷି ମେଳା ଓ ପୁସ୍ତକ ମେଳା ପରି ୪ ମେଳା ଏକାସଙ୍ଗରେ କରାଯିବ। ଡିସେମ୍ବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ନୟାଗଡ ଷ୍ଟାଡିୟମରେ ଜିଲା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ୨୬୮ଷ୍ଟଲ ପଡିବାକୁ ନିଷ୍ପତ୍ତି ହୋଇଥିଲେ ହେଁ ଏହାର ସଂଖ୍ୟା ବଢ଼ିବ ବୋଲି ସୂଚନା ଦିଆଯାଇଛି। ମହୋତ୍ସବର ମଞ୍ଚ ପଛକୁ ଘୁଞ୍ଚିବାର ସ୍ଥିର ହୋଇଥିବାରୁ ଷ୍ଟଲ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ଷ୍ଟଲରେ ଇଟିରି ମୁଗ, ସାକେରି ଚାଉଳ, ଭାପୁର ସାରୁ, ନୟାଗଡ଼ ଛେନାପୋଡ ପରି ଜିଲାର ପ୍ରସିଦ୍ଧ ସାମଗ୍ରୀ ସ୍ଥାନ ପାଇବ। ଆସ ନୟାଗଡ଼ ଜିଲାକୁ ଜାଣିବା ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ସ୍ୱଚ୍ଛତାରେ ଭାରତର ଟପ୍ ଟେନ୍ ତାଲିକାରେ ନୟାଗଡ଼ ସହର ରହିଛି।

ଅନ୍ୟପକ୍ଷେ ଏହି ପ୍ରସ୍ତୁତି ବୈଠକରେ ମଞ୍ଚ ଉପସ୍ଥାପକଙ୍କ ସମ୍ପର୍କରେ ସରଗରମ ଆଲୋଚନା ହୋଇଥିଲା। ମଞ୍ଚ ଉପସ୍ଥାପକଙ୍କ ମଞ୍ଚ ପରିଚାଳନାର ଅବ୍ୟବସ୍ଥା ନେଇ କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଣୁ ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ମଞ୍ଚ ଉପସ୍ଥାପକଙ୍କ ବଦଳରେ ବାହାର ଉପସ୍ଥାପକ ସ୍ଥାନ ପାଇବେ। ଅପରାହ୍ଣ ୩ରୁ ୫ ମଧ୍ୟରେ ହୋଇଥିବା ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ମଞ୍ଚ ଉପସ୍ଥାପକ କାର୍ଯ୍ୟ କରିବେ। ସେହିଭଳି ମଞ୍ଚରେ ଆସ ଆମେ ନୟାଗଡ଼କୁ ଜାଣିବା କାର୍ଯ୍ୟକମ ଆରମ୍ଭ ହେବ। ନୟାଗଡ଼ ସହର ପରିମଳ କ୍ଷେତ୍ରରେ ଦେଶରେ ଟପ୍ ଟେନ ତାଲିକାର ୫ମ ସ୍ଥାନରେ ରହିଥିବା ଜିଲାପାଳ କହିଥିଲେ। ମହୋତ୍ସବରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟର ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ଶିଳ୍ପ ଓ ଶିକ୍ଷାନୁଷ୍ଠାନମାଲିକଙ୍କୁ ନିମନ୍ତ୍ରଣ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଆରଣ୍ୟକ ପାଇଁ ୭ ଦିନ ଭିତରେ ଲେଖା ପ୍ରସ୍ତୁତ କରି ପଠାଇବାକୁ ପରାମର୍ଶ ଦିଆଯାଇଛି। ଏହାର ସମ୍ପାଦନାମଣ୍ଡଳୀରେ ଠିକ୍ ବ୍ୟକ୍ତିମାନଙ୍କୁ ରଖାଯାଉ। ମହୋତ୍ସବ ମଞ୍ଚ ସମୟରେ ନାନା ବିଶୃଙ୍ଖଳା ଦେଖା ଦେଉଛି। ପୋଲିସ ନୀରବ ରହୁଛି । ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ପଡିବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ ପଣ୍ଡା, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଓ ରୋଜିନା ଦାସ, ଉପଜିଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ମଞ୍ଚାସୀନ ଥିଲେ। ଖବରଦାତା, ବୁଦ୍ଧିଜିବୀ, ସାମାଜିକ କର୍ମୀ, ସରକାରୀ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ, ବିଧାୟକଙ୍କ ସହ ଅନ୍ୟମାନେ ।

- ଗୋଟିଏ ମଞ୍ଚରେ ମହୋତ୍ସବ ସମେତ ୪ ମେଳା
- ସଭ୍ୟଙ୍କ ଉଦ୍‌ବେଗ ପରେ ବଦଳିଲେ ମଞ୍ଚ ଉପସ୍ଥାପକ
- ଷ୍ଟଲରେ ରହିବ କଣ୍ଟେଇମୁଣ୍ଡି ବାଇଗଣ ସହ ପ୍ରସିଦ୍ଧ ଉପକରଣ
- ଆସ ନୟାଗଡ଼କୁ ଜାଣିବା କାର୍ଯ୍ୟକ୍ରମ କରାଯିବ
- ଭାରତର ଟପ୍‌ଟେନ ତାଲିକାର ୫ମ ସ୍ଥାନରେ ନୟାଗଡ଼ ସହର

# ଖୋଜାପଲ୍ଲୀ, ଭିକାପଡ଼ାରେ ହାତୀପଲଙ୍କ ଉପଦ୍ରବ

ଖଲ୍ଲିକୋଟ,୩୦।୧୧
(ପ୍ରଶାନ୍ତ କୁମାର ମିଶ୍ର)

ଦୁଇ ଦିନ ହେଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖୋଜାପଲ୍ଲୀ, ଭିକାପଡା ଓ ଏହାର ଆଖପାଖ ବିଭିନ୍ନ ଗାଁ ମାନଙ୍କରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଏହି ପଲରେ ୧୭ଟି ହାତୀ ରହିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହାତୀ ପଲ କେଉଁଠି କଟା ଯାଇଥିବା ଧାନ ତ କେଉଁଠି ଗଦା ଧାନ ଖାଇ ଯାଉଛନ୍ତି। ତା ସହିତ ବିଲରେ ଥିବା ଧାନ ଗଛକୁ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି । ପାଚିଲା ଧାନ ଫସଲ ନଷ୍ଟ ଫଳରେ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ତଦନ୍ତ କରି ଚାଷୀମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦେବା ପାଇଁ ଦାବି ହୋଇଛି। ଏହି ହାତୀ ପଲ ନାରାୟଣୀ ନିକଟସ୍ଥ ଜଙ୍ଗଲରେ ରହିଥିବା ବେଳେ ସୁରକ୍ଷିତ ଭାବେ ଘଉଡାଇବା ପାଇଁ ଚେଷ୍ଟା ଚାଲିଥିବା ଖଲ୍ଲିକୋଟ ବନବିଭାଗ ସୂତ୍ରରୁ ପ୍ରକାଶ।


## WALK-IN-INTERVIEW
## IIMS COLLEGE

iims
(Managing By: Jyoti Shyam Group of Institution)
At: Jyoti Vihar, P.O.: Lathipada,
Via: Nagapur, P.S.: Itamati, Dist.: Nayagarh
Mob./WhatsApp: 7008475972, 9937075400
Approved By: Govt. of Odisha & Govt. of India
Recognized By: DHE, OLL & Culture, DMET, AICTE, ONMRC, OSBP

| Sl. No. | Department | Qualification | No. of Posts |
|---|---|---|---|
| 1 | Pharmaceutical Chemisty | M.Pharm / B.Pharm | 05 |
| 2 | Pharmacognosy | M.Pharm / B.Pharm | 05 |
| 3 | Medical Surgical Nusing | M.Sc. Nursing / B.Sc. Nursing | 03 (in each Dept.) |
| 4 | Community Health Nursing | | |
| 5 | Obstetric & Gynaec Nursing | | |
| 6 | Child Health Nursing | | |
| 7 | Pshychiatric Nursing | | |
| 8 | Tutor | B.Sc. Nursing | 08 |
| 9 | Social Work | MSW / BSW | 09 |
| 10 | Management | MBA / MCA / PGDM | 15 |
| 11 | Library | B.Lib / M.Lib | 05 |
| 12 | Tour & Travel Management | BTTM / MTTM | 07 |
| 13 | Fashion Designing | BFD / BCD | 05 |
| 14 | Interior Designing | BID / B. Plan / B. Arch / B. Tech Civil Engg. | 07 |
| 15 | Hotel Management | BHM / MHM | 12 |
| 16 | Adminstrative Officer | Any Graduate | 15 |
| 17 | Accountant | Graduate with Accounting Knowledge | 04 |
| 18 | Receptionist | Any Intermidiate | 03 |
| 19 | Office Boy | 10th Pass | 05 |
| 20 | Driver | With Eligibility | 05 |
| 21 | Security Incharge | With Eligibility | 05 |
| 22 | Sweeper | With Eligibility | 05 |

1. Attractive Salary for deserving Candidates.
2. The Interview will be conducted on **08.12.2024 (Sunday)** from 11 A.M. onwards, at the College Campus.
3. Candidate should come with CV, Original Documents, PP Size Photo.

Website: www.iimsgroup.in, Email: iims.jsw@gmail.com


# ବ୍ୟଙ୍ଗକବି ଶ୍ରୀ ଚିତାକଟାଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବ୍ୟକ୍ତିମାନେ ।

- କବିତା ସଙ୍କଳନ 'ଗଣ୍ଡା ଚମଡ଼ା' ଅପ୍ରକାଶ୍ୟ ହୋଇ ରହିଲା
- 'ଅଖା ଧୋଉଥା' ଆଜିର ସମାଜକୁ ସୁଧାରିବାରେ ଏକ ମାଇଲ ଖୁଣ୍ଟ

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)

ଓଡିଶା ହାସ୍ୟ ବ୍ୟଙ୍ଗ ସାହିତ୍ୟର ଧୂରୀଣ ବ୍ୟଙ୍ଗକାର ସ୍ୱର୍ଗତ ସରୋଜ କୁମାର ମିଶ୍ର (ଶ୍ରୀ ଚିତାକଟା )ଙ୍କ ବିୟୋଗରେ ନୟାଗଡ଼ରେ ବ୍ୟଙ୍ଗ କଲମର ସମ୍ପାଦକ ରବୀନ୍ଦ୍ର ରାଉତଙ୍କ ଆବାହକତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ସାହିତ୍ୟିକା ବସରିନ ବିବି, ପ୍ରଧାନୀ ବୃନ୍ଦାବନ ମହାପାତ୍ର,ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟ,କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର ଏବଂ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ଶ୍ରୀ ଚିତାକଟାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଚିତାକଟାଙ୍କ ଦ୍ୱାରା ରଚିତ ହାସ୍ୟ ବ୍ୟଙ୍ଗ କବିତା ସଂକଳନ 'ଅଖା ଧୋଉଥା' ଆଜିର ବ୍ୟତିକ୍ରମ ସମାଜକୁ ସୁଧାରିବାରେ ଏକ ମାଇଲ ଖୁଣ୍ଟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମୟ ଚକ୍ରରେ ସ୍ତ୍ରୀଙ୍କ ବିୟୋଗ,ବଡ଼ ପୁଅ ଦୁର୍ଘଟଣାଗ୍ରସ୍ତ ହୋଇ ଆଜି ଯାଏଁ କୋମାରେ ପଡ଼ି ରହିବା ଦ୍ୱାରା ଶ୍ରୀ ଚିତାକଟାଙ୍କ ଅବସରକାଳୀନ ଜୀବନ ଦୁର୍ବିସହ ହୋଇପଡ଼ିଥିଲା। ଫଳରେ ତାଙ୍କର ବ୍ୟଙ୍ଗ କବିତା ସଂକଳନ 'ଗଣ୍ଡା ଚମଡ଼ା' ଏବେବି ଅପ୍ରକାଶ୍ୟ ହୋଇ ରହିଯାଇଛି। ଅନେକ ଘାତ ପ୍ରତିଘାତ ପରେ ମଧ ସେ ଜଣେ ସ୍ନେହୀ,ମେଳାପୀ ଓ ପରୋପକାରୀ ବନ୍ଧୁ ବତ୍ସଳ ମଣିଷ ଥିଲେ ବୋଲି ବକ୍ତାମାନେ କହିଥିଲେ ।

ସୂଚନାଯୋଗ୍ୟ ଶ୍ରୀ ଚିତାକଟା ଖୋର୍ଦ୍ଧା ଜିଲା ଦିବ୍ୟସିଂହ ପୁର ଶାସନରେ ୨୦ ଅକ୍ଟୋବର ୧୯୬୨ରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟଜୀବନ ଫୁଲବାଣୀରେ କଟାଇ ଥିଲେ। ପରବର୍ତ୍ତୀ ସମୟରେ କର୍ମମୟ ଶିକ୍ଷକତା ଜୀବନକୁ ନୟାଗଡ଼ ଜିଲାର ଦଶପଲ୍ଲାରେ କାଟିଥିଲେ। ଗତ ୨୫ ତାରିଖରେ ଫୁଲବାଣୀଠାରେ ୬୨ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଅନେକ ମଞ୍ଚରେ ବ୍ୟଙ୍ଗ କବିତା ପାଠକରି ଶ୍ରୋତାଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଏଥିସହ ଓଡ଼ିଶାର ଅନେକ ସାହିତ୍ୟ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଶେଖ ଅବଦୁଲ ଖାଲିକ୍, ରଶ୍ମିରଞ୍ଜନ ଜେନା, ବିଜୟା ନନ୍ଦ ମହାପାତ୍ର,ମହମ୍ମଦ ଆଜାଦ, ମୋହିଉଦ୍ଦିନ ଆଉରଙ୍ଗଜେବ,ଗୋପୀନାଥ ସେଠୀ, ଦାମୋଦର ସାହୁ, ଶ୍ରୀଧର ପ୍ରଧାନ,ଅଧ୍ୟାପିକା ନୀଳିମା ନନ୍ଦ, ସୁରେନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ସାଥୁଆ, ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ, କବି ସରୋଜ କୁମାର ସାହୁ, ବ୍ୟଙ୍ଗ କବି ପ୍ରତାପ ସାହୁ (ଘରବୁଡ଼ା), କଣ୍ଠଶିଳ୍ପୀ ରାଜନ ସିଂ ପ୍ରମୁଖ ଯୋଗ ଦେଇ ଶ୍ରୀ ଚିତାକଟାଙ୍କ ସ୍ମୃତି ଚାରଣ କରିଥିଲେ। ରବୀନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


## ଏନ୍‌ଟିପିସି ଲିମିଟେଡ୍

एनटीपीसी NTPC
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**ଏ ବିଷୟରେ ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ**
**ଏନ୍‌ଟିପିସି ଦର୍ଲିପାଲିରୁ ସଡ଼କ ପ୍ରକଳ୍ପ / ଖଣି ବ୍ୟାକ୍‌ଫିଲିଂ ଏବଂ ଓବି ମିକ୍ସିଂ / ଉପକୂଳ ସୁରକ୍ଷା ଇତ୍ୟାଦି ଭଳି ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ବିନା ମୂଲ୍ୟ ଭିତ୍ତିରେ ଫ୍ଲାଏ ଆଶ୍ ଏବଂ ବଟମ୍ ଆଶ୍ ଜାରି ପାଇଁ ନୋଟିସ (ବଳବତ୍ତର ଏମ୍‌ଓଇଏଫ୍ ଏବଂ ସିସି ଅଧିସୂଚନା ତଥା ନୀତି ଅନୁଯାୟୀ) - ଡିସେମ୍ବର, ୨୪ରୁ ନଭେମ୍ବର, ୨୫**

ନୋଟିସ ନଂ. ଏଏମ୍-ଦର୍ଲିପାଲି / ଏଫ୍‌ଏ-ବିଏ / ୨୦୨୪ — ତାରିଖ: ୦୧।୧୨।୨୦୨୪

ଏନ୍‌ଟିପିସି ଦର୍ଲିପାଲିଠାରୁ ୩୦୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ସଡ଼କ ବିଛାଇବା, ସଡ଼କ ଏବଂ ଫ୍ଲାଏଓଭର୍ ବନ୍ଧ, ଉପକୂଳବର୍ତ୍ତୀ ଜିଲ୍ଲାରେ ଉପକୂଳ ସୁରକ୍ଷା ଢାଞ୍ଚା ଏବଂ ଡ୍ୟାମ୍ ଭଳି ନିର୍ମାଣ ଗତିବିଧିରେ ସଂଶ୍ଳିଷ୍ଟ ଏଜେନ୍ସିଗୁଡ଼ିକ ପାଇଁ ଫ୍ଲାଏ ଆଶ୍ ଉପଯୋଗ ଉପରେ ଏମ୍‌ଓଇଏଫ୍ ଆଣ୍ଡ ସିସି ରାଜପତ୍ର ଅଧିସୂଚନା ତାରିଖ ତା୩୧।୧୨।୨୦୨୧ରିଖର ଅନୁପାଳନକ୍ରମେ ଏହି ନୋଟିସ ଜାରି କରାଯାଉଛି ।

୩୦୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ସଡ଼କ ପ୍ରକଳ୍ପ / ଖଣି ବ୍ୟାକ୍‌ଫିଲିଂ ଏବଂ ଓବି ମିକ୍ସିଂ / ଉପକୂଳ ସୁରକ୍ଷା ଇତ୍ୟାଦି ଭଳି ନିର୍ମାଣ ଗତିବିଧି ପାଇଁ ଆଶ୍ ଆବଶ୍ୟକ କରୁଥିବା ଆଗ୍ରହୀ ଆଶ୍ ବ୍ୟବହାରକାରୀମାନେ ସେମାନଙ୍କର ଆଶ୍ ଯୋଗାଣ ଆବଶ୍ୟକତାକୁ ଦାଖଲ କରିପାରନ୍ତି । ଏନ୍‌ଟିପିସି ଦର୍ଲିପାଲି 'ବିନା ମୂଲ୍ୟ' ଏବଂ 'ଯେପରି ଅଛି ଯେଉଁଠି ଅଛି' ଭିତ୍ତିରେ ଆଶ୍ ଯୋଗାଣ କରିବ ଏବଂ ପରିବହନ ଖର୍ଚ୍ଚ ବହନ କରିବ ।

ଯାଚନା କରାଯାଉଥିବା ଫ୍ଲାଏ ଆଶ୍‌ର ପରିମାଣ ସମେତ **ଯୋଗାଯୋଗ ବିବରଣୀ ତଥା ଇ-ମେଲ୍** ଠିକଣା ଏହି ନୋଟିସ ପାଇଁ ଉଦ୍ଦିଷ୍ଟ **'ସାଧାରଣ ସୂଚନା'**ରେ ଦର୍ଶାଯାଇଛି ।

**କେମିତି ଆବେଦନ କରିବେ**

ଆଗ୍ରହୀ ଆଶ୍ ବ୍ୟବହାରକାରୀମାନଙ୍କୁ ସେମାନଙ୍କ ଆବଶ୍ୟକତା(ଗୁଡ଼ିକ) ନିର୍ଦ୍ଧାରିତ ମାନକ ପ୍ରପତ୍ରରେ 'ସାଧାରଣ ସୂଚନା'ରେ ପ୍ରଦତ୍ତ ଇ–ମେଲ୍ ଠିକଣାରେ ଦାଖଲ କରିବା ଲାଗି ଅନୁରୋଧ କରାଯାଉଛି ।

ଆଗ୍ରହର ଅଭିବ୍ୟକ୍ତି ନିମନ୍ତେ **'ସାଧାରଣ ସୂଚନା'** ଏବଂ **'ଆବେଦନର ମାନକ ପ୍ରପତ୍ର'** **https://ntpctender.ntpc.co.in**ରେ ଅପ୍‌ଲୋଡ୍ କରାଯାଇଛି ।

କୌଣସି ପ୍ରଶ୍ନ ପାଇଁ, ନିଃସଙ୍କୋଚରେ emgdarlipali@ntpc.co.inରେ ମେଲ୍ ପଠାନ୍ତୁ ।

ପଞ୍ଜୀକୃତ କାର୍ଯ୍ୟାଳୟ: ଏନ୍‌ଟିପିସି ଭବନ, ସ୍କୋପ୍ କମ୍ପ୍ଲେକ୍ସ, ୭, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଦି ରୋଡ୍, ନୂଆଦିଲ୍ଲୀ–୧୧୦୦୦୩ । www.ntpc.co.in, ସିଆଇଏନ୍: ଏଲ୍‌୪୦୧୦୧ଡିଏଲ୍‌୧୯୭୫ଜିଓଆଇ୦୦୭୯୬୬

*ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ*



## SARGIPALI REGULATED MARKET COMMITTEE

At - Krushak Bazar, Daily Market, Sundargarh, Odisha - 770001, email : rmcsarg@gmail.com
**Notification No. 406 dt. 29.11.2024**
(Ref-Tender Call Notice No. 380/Dated : 18.11.2024)

"The tender procedure for the purchase of Universal Auto Calibration Digital Moisture Meter with Printer is hereby declared unsuccessful and hence cancelled due to insufficient numbers of Bidders." For further details visit https://sundargarh.odisha.gov.in.

Sd./-
Secretary, RMC Sargipali


# ବର୍ଷାରେ ଧାନ ଫସଲ ନଷ୍ଟ

ଦଶପଲ୍ଲା,୩୦।୧୧( ପ୍ରକାଶ କୁମାର ପାଣି)

ଶୁକ୍ରବାର ଅଦିନିଆ ବର୍ଷାରେ ବହୁ ଧାନ ଫସଲ ନଷ୍ଟ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି । କେତେଜଣ ଚାଷୀ ଧାନ କାଟି କ୍ଷେତରେ ପକାଇଥିବାବେଳେ ଆଉ କେତେକ ଖଳାରେ ବିଡାବାନ୍ଧି ରଖୁଛନ୍ତି। ଅଦିନିଆ ବର୍ଷା ଯୋଗୁ ଧାନ ଗଜା ହୋଇଯିବା ସମ୍ଭାବନା ରହିଛି। ଧାନ କ୍ଷେତରେ ପାଚିଲା ଅବସ୍ଥାରେ ରହିଛି, ତାହା ମଧ ନଷ୍ଟ ହେବାରେ ଆଶଙ୍କ ଦେଖା ଦେଇଛି। ସେହିପରି ଅଦିନିଆ ବର୍ଷା ଯୋଗୁ ବହୁ ରବି ଫସଲ ମଧ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଶୁକ୍ରବାର ଦିନ ତମାମ ଝିପିଝିପି ବର୍ଷା ଲାଗିରହି ଥିବା ବେଳେ ସନ୍ଧ୍ୟାରେ ପ୍ରବଳ ବର୍ଷା ହୋଇଥିଲା।

# ୩ କଳିଙ୍ଗ କନ୍ୟା ସମ୍ବର୍ଦ୍ଧିତ


୩ ମହିଳାଙ୍କୁ କଳିଙ୍ଗ କନ୍ୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି ।

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲା ଜନ ଶିକ୍ଷଣ ସଂସ୍ଥାନ ଆନୁକୁଲ୍ୟରେ ଗ୍ରାମାଞ୍ଚଳରେ ମହିଳା ଓ ବାଳିକାମାନଙ୍କୁ ସିଲେଇ ଓ ହସ୍ତଶିଳ୍ପ ପ୍ରଶିକ୍ଷଣ ଦେଉଥିବା ରଣପୁର ବ୍ଲକ ନୀଳପଲ୍ଲି ଗ୍ରାମର ପଦ୍ମିନୀ ସାହୁ, ଓଡ଼ଗାଁ ବ୍ଲକ ଓଡ଼ଗାଁରୁ ସାବିତ୍ରୀ ମଲିକ ଓ ଉର୍ମିଳା ସ୍ୱାଇଁ କଳିଙ୍ଗ କନ୍ୟା ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ୟୁନିଟ–୪ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିଅର୍ସ ପ୍ରାଙ୍ଗଣରେ ରାଜ୍ୟର ପ୍ରତି ଜିଲାରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଏବଂ ନିଜସ୍ୱ ଉଦ୍ୟମରେ ଅନ୍ୟମାନଙ୍କ ପାଇଁ ଦିଗଦର୍ଶକ ହୋଇ ଥିବା ମହିଳାମାନଙ୍କୁ ଚିହ୍ନଟ କରାଯାଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ଟ୍ରଷ୍ଟର ସଭାପତି ଡ. ଅଶୋକ କୁମାର ମହାପାତ୍ର, ମୁଖ୍ୟଅତିଥି ଉତ୍କଳ ବିଶ୍ୱ ବିଦ୍ୟାଳୟ କୁଳପତି ଡକ୍ଟର ସବିତା ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ଉପ ସଭାପତି ଡକ୍ଟର କୁମର ବର ଦାସ, ଟ୍ରଷ୍ଟି ଅପର୍ଣ୍ଣା ନାୟକଙ୍କ ଦ୍ୱାରା ଏହି ମହିଳାମାନଙ୍କୁ ଟ୍ରଫି, ସାର୍ଟିଫିକେଟ, ଉତ୍ତରୀୟ, କ୍ୟାଲେଣ୍ଡର, ବ୍ୟାଗ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଛି ।


## झारखण्ड सरकार
## कार्यपालक अभियंता का कार्यालय, ग्रामीण विकास विशेष प्रमण्डल, रामगढ़

**ई०–अति अल्पकालीन निविदा आमंत्रण सूचना**

ई–निविदा सं० :–*RE-01/RDSD/RAMGARH/05/2024-25*
1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेशन संख्या/पैकेज संख्या | प्रखण्ड | ग्राम/पंचायत | योजना का नाम | प्राक्कलित राशि | अग्रधन की राशि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RE-01/RDSD/RAMGARH/MMGSY/01/2024-25 | पतरातु | बीचा | रामगढ़ जिला के प्रखण्ड पतरातु अन्तर्गत ग्राम/पंचायत बीचा में बेहरा टोला और होन्हेटांड के बीच बेहरा टोला नदी पर उच्चस्तरीय पुल निर्माण। | 34306800 | 687000 | 10000 | 18 (अठारह) माह |

2. वेबसाईट में निविदा प्रकाशन की तिथि :– दिनांक 05.12.2024
3. ई–निविदा प्राप्ति की तिथि एवं समय – दिनांक 05.12.2024 से 14.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 16.12.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल, रामगढ़।

PR 340902 (Rural Work Department) 24-25 (D)



## SARGIPALI REGULATED MARKET COMMITTEE

At - Krushak Bazar, Daily Market, Sundargarh, Odisha - 770001, email : rmcsarg@gmail.com
**Tender Call Notice No.409 dt.29.11.2024**

Tender Call Notice for procurement of Moisture Meter with Printer of latest version with compatible Bluetooth and USB connection which can be paired with any other devices for use in paddy procurement operation. The further details of the tender notice can be seen from the official website of Sundargarh District https://sundargarh.odisha.gov.in.

Sd./-
Secretary, RMC Sargipali



## MINISTRY OF ROAD TRANSPORT & HIGHWAYS, NEW DELHI
### OFFICE OF THE EXECUTIVE ENGINEER
### NATIONAL HIGHWAY DIVISION, DHANBAD- 826001

**NATIONAL BIDDING / e-Procurement Notice**

Tender Reference No:- NH/Dhanbad/06/2024-25 — Dated :- 29.11.2024

Application in the prescribed format from eligible consultants for Request for Proposal (RFP) for Preparation of Feasibility cum Detailed Project Report are invited for the following Project as detailed below :-

| | | |
|---|---|---|
| 1 | Name of Works | Consultancy Servicesfor DPR Preparation for Lututanr (NH-218) to Nirsa (NH-19) Bypass including Land Acquisition, Forest Clearance, R&R and Utility Shifting in the state of Jharkhand under EPC mode. |
| 2 | Cost of document (Rs.) | Copy of online receipt of Non-refundable fee of Rs.5,000/- through NTRP portal- www.bharatkosh.gov.in towards Payment of cost of bid document. |
| 3 | Bid Security (Rs.) | NA |
| 4 | Time of Completion | 300 Days (Including rainy season) |
| 5 | Date of Issue of Notice | Date : 29.11.2024 |
| 6 | Date of Publication of Tender on website | Date : 20.12.2024 at 17.00PM |
| 7 | Last Date for Receiving Queries | Date : 27.12.2024 upto 11.30 AM |
| 8 | Pre-Bid Conference | Date : 27.12.2024 Time 15.30 Hrs Place: Office of the Chief Engineer, NH Wing, Jharkhand, Ranchi. |
| 9 | Application/Bid Due date | Date : 04.02.2025 upto 15.00 Hrs Through website : https://www.eprocure.gov.in only |
| 10 | Last date of submission of online challan and others documents | Date : 04.02.2025 upto time 15.00Hrs |
| 11 | Last date of submission of hard copy of challan of bidding documents, bid security and others documents/POA etc. | Date : 06.02.2025 upto time 15.00 Hrs |
| 12 | Authority & Place of opening of Bids | The Chief Engineer, NH Wing, Jharkhand, Ranchi in his office at Engineering Hostel, Sector-3, Dhurwa, Jharkhand, Ranchi. |
| 13 | Time & date of opening of bids | Date 07.02.2025 at Time 15:00 Hrs Through website: https://www.eprocure.gov.in |
| 14 | Validity of bid | 120 days from bid due date |
| 15 | Officer inviting bids | Executive Engineer, NH Division, Dhanbad |
| 16 | Contact no. of procurement officer | 9470920944, 9431518611 |
| 17 | Helpline no. of e-procurement cell | 06512400863, 9431647441 |

Note:- Further details can be seen on website https;//eprocure.gov.in

Executive Engineer
NH Division, Dhanbad

PR 340865 Road (24-25)_D



## OFFICE OF THE EXECUTIVE ENGINEER
## ROAD CONSTRUCTION DEPARTMENT
## ROAD DIVISION, DUMKA

**E-Procurement Notice**
**Tender Reference No.- RCD/DUMKA/2021**
**Date :- 30-11-2024**

| | | |
|---|---|---|
| 1 | Name of Work- | Widening and Strengthening/Reconstruction of Chaipani (on NH-114A) to Mashniya (Aamgachhi to Kalyanpur Road, on ODR) Road (Total Length-6.670 Km) under Road Division Dumka for the year 2024-25. |
| 2 | Estimated cost(In Rs) | Rs 16,78,79,598.00 |
| 3 | Time of completion | Six Months |
| 4 | Date of Publication of Tender on Website | 10.12.2024 at 10.30 AM |
| 5 | Last date/Time for receipt of bids | 25.12.2024 Up to 12.00 Noon |
| 6 | Date of opening of Tender | 26.12.2024 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

**Further details can be seen on website** http://jharkhandtenders. gov. in

Executive Engineer,
Road Construction Department,
Road Division, Dumka

PR.NO.340873 Road(24-25):D

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ଶରଦ କପୁରଙ୍କ ନାଁରେ ମାମଲା

ମୁମ୍ବାଇ,୩୦।୧୧

ବଲିଉଡ୍ ଅଭିନେତା ଶରଦ କପୁର ତାଙ୍କ ବାସଭବନରେ ଜଣେ ମହିଳାଙ୍କ ପ୍ରତି ଆପତ୍ତିଜନକ ବ୍ୟବହାର ପ୍ରଦର୍ଶନ କରିବା ସହ ଜବରଦସ୍ତ ସ୍ପର୍ଶ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ନାଁରେ ମାମଲା



ଦାଏର ହୋଇଛି। ମୁମ୍ବାଇର ଖାରସ୍ଥିତ ବାସଭବନରେ ଚଳିତ ସପ୍ତାହ ଆରମ୍ଭରେ ଏହି ଘଟଣା ଘଟିଥିଲା। ୩୨ ବର୍ଷୀୟା ମହିଳାଙ୍କ ଅଭିଯୋଗ ଅନୁଯାୟୀ, କପୁର ତାଙ୍କୁ ଫିଲ୍ମ ପ୍ରୋଜେକ୍ଟ ସମ୍ପର୍କରେ ଆଲୋଚନା କରିବା ନାଁରେ ଘରକୁ ଡାକିଥିଲେ। ପରେ ସେ ମହିଳାଙ୍କୁ ବେଡ୍‌ରୁମ୍‌କୁ ଡାକିନେଇ ଆପତ୍ତିଜନକ ବ୍ୟବହାର ଦେଖାଇବା ସହ ଜବରଦସ୍ତ ସ୍ପର୍ଶ କରିଥିଲେ। ପରେ ସେ ମହିଳାଙ୍କୁ ଖରାପ ଭାଷାରେ ହ୍ୱାଟ୍ସଆପ୍‌ରେ ବାର୍ତ୍ତା ପଠାଇଥିବା ଅଭିଯୋଗ ହୋଇଛି।

### କେଜ୍‌ରିୱାଲଙ୍କୁ ତରଳ ପଦାର୍ଥ ଫିଙ୍ଗି ଜଣେ ଗିରଫ

ନୂଆଦିଲ୍ଲୀ,୩୦।୧୧

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ଗ୍ରେଟର କୈଳାସ ଅଞ୍ଚଳରେ ପଦଯାତ୍ରା କରୁଥିବାବେଳେ ଜଣେ ବ୍ୟକ୍ତି ତାଙ୍କ ଉପରକୁ କୌଣସି ତରଳ ପଦାର୍ଥ ଫିଙ୍ଗିଥିଲା। ଅଶୋକ ଝା ନାମକ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସ୍ପିରିଟ୍ ଫିଙ୍ଗି କେଜ୍‌ରିୱାଲଙ୍କ ଦେହରେ ନିଆଁ ଲଗାଇବାକୁ ଉଦ୍ୟମ କରୁଥିଲା ବୋଲି ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିବା ସହ ଏହା ପଛରେ ଭାଜପାର ଷଡ଼ଯନ୍ତ୍ର ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆମ୍ ଆଦ୍‌ମୀ ପାର୍ଟି ଏଭଳି କାର୍ଯ୍ୟ କରୁଥିବା ଭାଜପା ପାଲଟା ଅଭିଯୋଗ କରିଛି। ତରଳ ପଦାର୍ଥ କ'ଣ ଥିଲା, ତାହା ସ୍ପଷ୍ଟ ହୋଇନାହିଁ। କେଜ୍‌ରିୱାଲ ଓ ତାଙ୍କ ସହ ଥିବା ସୁରକ୍ଷା କର୍ମୀମାନେ ମୁହଁ ପୋଛୁଥିବା ଦେଖାଯାଇଥିଲା।

# ଆଲେପ୍ପୋରେ ପଶିଲେ ସିରିଆ ବିଦ୍ରୋହୀ

ଡାମାସ୍କସ୍,୩୦।୧୧

ସିରିଆର ବିଦ୍ରୋହୀମାନେ ଦେଶର ଦ୍ୱିତୀୟ ବୃହତ୍ ସହର ଆଲେପ୍ପୋରେ ଧସେଇ ପଶିବା ସହ ଅଧିକାଂଶ ଅଞ୍ଚଳକୁ ଦଖଲ କରିଛନ୍ତି। ସରକାରଙ୍କ ନିୟନ୍ତ୍ରଣରେ ଥିବା ଏହି ସହର ଉପରେ ଇସ୍‌ଲାମିଷ୍ଟ ହାୟତ ତାହରିର ଅଲ୍-ଶାମ୍ ନେତୃତ୍ୱରେ ଉଗ୍ରପନ୍ଥୀମାନେ ଅଚାନକ ଆକ୍ରମଣ କରିଥିଲେ ବୋଲି ଶିରିଆ ସେନା ଶନିବାର ସ୍ପଷ୍ଟ କରିଛି। ସରକାର ଉକ୍ତ ସହରକୁ ଅଧିକ ସୈନ୍ୟ ପଠାଇଛନ୍ତି। ୨୦୧୬ ଗୃହଯୁଦ୍ଧ ବେଳେ ସରକାରୀ ସେନା ଆଲେପ୍ପୋକୁ ନିୟନ୍ତ୍ରଣକୁ ନେଇଥିବାବେଳେ ପ୍ରଥମ ଥର ପାଇଁ ବିଦ୍ରୋହୀ ସେଠାରେ ପ୍ରବେଶ କରିଛନ୍ତି। ବିଦ୍ରୋହୀ ଯୋଦ୍ଧାମାନେ ଆଲେପ୍ପୋର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିରୋଧୀ ପତାକା ହଲାଇବା ସହ 'ଗଡ୍ ଇଜ୍ ଗ୍ରେଟ୍' ସ୍ଲୋଗାନ ଦେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି।

ସିରିଆର ଉତ୍ତରପଶ୍ଚିମାଞ୍ଚଳରେ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଅନେକ ସୈନ୍ୟଙ୍କ ମୃତ୍ୟୁ ଘଟିଲାଣି। ବହୁସଂଖ୍ୟାରେ ଉଗ୍ରପନ୍ଥୀ ଏକସଙ୍ଗେ ବିଭିନ୍ନ ସ୍ଥାନରେ ଆକ୍ରମଣ କରୁଥିବାରୁ ସରକାର ଅଧିକ ସୈନ୍ୟ ମୁତୟନ କରିବାକୁ ବାଧ୍ୟ ହୋଇଛନ୍ତି। ଜବାବୀ ଆକ୍ରମଣ ପାଇଁ ସେନା ପ୍ରସ୍ତୁତ ହେଉଥିବା କହିଛି।



ଆଲେପ୍ପୋ ସହରରେ ବିଦ୍ରୋହୀ ଯୋଦ୍ଧାମାନେ ପଇଁତରା ମାରୁଛନ୍ତି।

ବିଦ୍ରୋହୀ ଆଲେପ୍ପୋ ସହରକୁ ଦଖଲ କରିବା ରାଷ୍ଟ୍ରପତି ବଶର ଅଲ୍ ଆସାଦଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସେନା କ୍ରମାଗତ ବୋମାମାଡ଼ ଜାରି ରଖିଥିବାରୁ ବିଦ୍ରୋହୀ ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ତିଷ୍ଠି ରହିପାରିବେ ନାହିଁ ବୋଲି ସେନା ପକ୍ଷରୁ କୁହାଯାଇଛି। ଶନିବାର ରୁଷିଆ ଏବଂ ସିରିଆର ଯୁଦ୍ଧବିମାନଗୁଡ଼ିକରୁ ଆଲେପ୍ପୋର ଉପସହରାଞ୍ଚଳରେ ଉଗ୍ରପନ୍ଥୀଙ୍କୁ ଟାର୍ଗେଟ କରି ବୋମାମାଡ଼ ହୋଇଥିଲା। ସହରର ବିଭିନ୍ନ ସ୍ଥାନରୁ ଧୂଆଁ ଉଠୁଥିବା ଦେଖାଯାଇଛି।

କୁର୍ଦ୍ଦ ବିଦ୍ରୋହୀମାନେ ଆଲେପ୍ପୋ ନିକଟବର୍ତ୍ତୀ କେତେକ ଅଞ୍ଚଳକୁ ମଧ୍ୟ ସେମାନଙ୍କ ନିୟନ୍ତ୍ରଣକୁ ନେଇଛନ୍ତି। ଶୁକ୍ରବାର ସୁଦ୍ଧା ବିଦ୍ରୋହୀ ଯୋଦ୍ଧା ଏବଂ ସେମାନଙ୍କ ତୁର୍କୀ ସମର୍ଥିତ ସହଯୋଗୀ ଉତ୍ତର ସିରିଆର ୫୦ରୁ ଊର୍ଦ୍ଧ୍ୱ ସହର ଏବଂ ଗ୍ରାମକୁ ଅକ୍ତିଆର କରିସାରିବା ପରେ ଏବେ ପଶ୍ଚିମରେ ଥିବା ଆଲେପ୍ପୋରେ ପ୍ରବେଶ କରିଛନ୍ତି। ସେମାନେ ବିନା ପ୍ରତିରୋଧରେ ସହରର ଅର୍ଦ୍ଧାଧିକ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିବା ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସିରିଆ ଗୃହଯୁଦ୍ଧ ବେଳେ ୨୦୧୫ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସେଠାକୁ ସୈନ୍ୟ ପଠାଇଥିଲେ। ବିଦ୍ରୋହୀଙ୍କ ଆକ୍ରମଣ ସିରିଆ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ମସ୍କୋ କହିଛି।

# ଟ୍ରମ୍ପଙ୍କ ଶପଥ ଗ୍ରହଣ ପୂର୍ବରୁ କ୍ୟାମ୍ପସ୍‌କୁ ଫେରିଆସ

ନ୍ୟୁୟର୍କ,୩୦।୧୧

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୦ରେ ଶପଥ ଗ୍ରହଣ କରିବେ। ଟ୍ରମ୍ପ ପ୍ରଶାସନ ଭ୍ରମଣ ଉପରେ କଟକଣା ଲଗାଇବା ସମ୍ଭାବନା ଥିବାରୁ ଏହା ପୂର୍ବରୁ ଅନ୍ତର୍ଜାତୀୟ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ସେମାନଙ୍କ କ୍ୟାମ୍ପସ୍‌କୁ ଫେରିଆସିବା ନିମନ୍ତେ ଅନେକେ ଆମେରିକୀୟ ବିଶ୍ୱବିଦ୍ୟାଳୟ ଟ୍ରାଭେଲ ଆଡଭାଇଜରି ଜାରି କରିଛନ୍ତି।

ଆମେରିକାର ୪୭ତମ ରାଷ୍ଟ୍ରପତି ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦିନରେ ଅର୍ଥନୀତି ଏବଂ ଇମିଗ୍ରେଶନ ସମ୍ପର୍କିତ ଅନେକ କାର୍ଯ୍ୟକାରୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି। ତାଙ୍କ ପ୍ରଥମ ପାଳି ସରକାରରେ ଟ୍ରାଭେଲ ବ୍ୟାନ୍ ଯୋଗୁ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟଗୁଡ଼ିକ

### ବିଦେଶୀ ଶିକ୍ଷାର୍ଥୀଙ୍କୁ ଆମେରିକା ବିଶ୍ୱବିଦ୍ୟାଳୟର ପରାମର୍ଶ

ସେମାନଙ୍କ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କୁ ଜାନୁଆରୀ ୨୦ ପୂର୍ବରୁ ଫେରିଆସିବାକୁ ପରାମର୍ଶ ଦେଇଛନ୍ତି। ଆମେରିକା ପରରାଷ୍ଟ୍ର, ଶିକ୍ଷା ଓ ସଂସ୍କୃତି ବ୍ୟାପାର ବ୍ୟୁରୋ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାଶନାଲ ଏଜୁକେଶନ୍‌ର ତଥ୍ୟ ଅନୁଯାୟୀ ଆମେରିକାରେ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୪ ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି ଭାରତ ଏବଂ ଚାଇନାର। ୨୦୦୯ ପରେ ପ୍ରଥମ ଥର ପାଇଁ ଭାରତୀୟ ଛାତ୍ରୀଛାତ୍ର ସଂଖ୍ୟା ଚାଇନାକୁ ଟପିଛି। ୨୦୨୩-୨୪ ବର୍ଷରେ ସେଠାରେ ୩,୩୧,୬୦୨ ଭାରତୀୟ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ୨୩ ପ୍ରତିଶତ ଅଧିକ।

# ବାରାଣସୀ ରେଳଷ୍ଟେଶନରେ ନିଆଁ: ୨୦୦ ଗାଡ଼ି ଜଳିଗଲା



ବାରାଣସୀ,୩୦।୧୧

ଉତ୍ତରପ୍ରଦେଶର ବାରାଣସୀ କ୍ୟାଣ୍ଟନମେଣ୍ଟ ରେଳଷ୍ଟେଶନରେ ଶନିବାର ଭୋର ସମୟରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଗାଡ଼ି ପାର୍କିଂ ସ୍ଥାନରେ ନିଆଁ ଲାଗିବାରୁ ଅନ୍ୟୂନ ୨୦୦ ଦୁଇଚକିଆ ଯାନ ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ଓ ପୋଲିସ ନିଆଁକୁ ଆୟତ୍ତ କରିଥିଲେ। ନିଆଁଲିଭା କାର୍ଯ୍ୟରେ ୧୨ଟି ଅଗ୍ନିଶମ ଗାଡ଼ିକୁ ନିୟୋଜିତ କରାଯାଇଥିଲା। ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି), ରେଲୱେ ପ୍ରୋଟେକ୍ସନ ଫୋର୍ସ୍ (ଆର୍‌ପିଏଫ୍) ଏବଂ ସ୍ଥାନୀୟ ପୋଲିସ ଟିମ୍ ନିଆଁ ଲିଭାଇବାରେ ସହାୟତା କରିଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଛି। ସେଠାରେ ଥିବା କେତେକ ସାଇକେଲ ମଧ୍ୟ ଜଳିଯାଇଛି। ଜଳିଯାଇଥିବା ଅଧିକାଂଶ ବାଇକ୍ ରେଲୱେ କର୍ମଚାରୀଙ୍କର ବୋଲି ଜଣାପଡ଼ିଛି।

# ବାଂଲାଦେଶୀ ହିନ୍ଦୁଙ୍କ ପାଇଁ ବୈଶ୍ୱିକ ସମର୍ଥନ ଯୋଗାଡ଼କରୁ ଭାରତ

ନୂଆଦିଲ୍ଲୀ, ୩୦।୧୧

### ଆର୍‌ଏସ୍‌ଏସ୍‌ର ଦାବି

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରକୁ ବଢୁଥିବା ଆକ୍ରମଣକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଶନିବାର ନିନ୍ଦା କରିଛି। ଆର୍‌ଏସ୍‌ଏସ୍ ପକ୍ଷରୁ ଏକ ବୟାନରେ କୁହାଯାଇଛି, ବାଂଲାଦେଶରେ ହିନ୍ଦୁଙ୍କ ସମେତ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକୁ ଇସ୍‌ଲାମିକ କଠୋରପନ୍ଥୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡୁଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ଆର୍‌ଏସ୍‌ଏସ୍ ଉକ୍ତ ଘଟଣାଗୁଡ଼ିକର କଠୋର ଭାଷାରେ ନିନ୍ଦା କରୁଛି। ବାଂଲାଦେଶର ଅନ୍ତରୀଣ ସରକାର ହିନ୍ଦୁମାନଙ୍କ ଉପରକୁ ହେଉଥିବା ଆକ୍ରମଣ ମାମଲାରେ ମୂକ ଦର୍ଶକ ପାଲଟିଛନ୍ତି। ହିନ୍ଦୁଙ୍କ ଉପରକୁ ହେଉଥିବା ଆକ୍ରମଣ ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ବିକ୍ଷୋଭର ନେତୃତ୍ୱ ନେଉଥିବା ସନ୍ନ୍ୟାସୀ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତାଙ୍କୁ ତତ୍କାଳ ମୁକୁଳାଇବା ସହ ହିନ୍ଦୁ ସମୁଦାୟ ଉପରେ ବଢ଼ିଚାଲିଥିବା ଅତ୍ୟାଚାରକୁ ତୁରନ୍ତ ବନ୍ଦ କରିବା ପାଇଁ ଆରଏସ୍‌ଏସ୍ ଦାବି କରୁଛି। ବାଂଲାଦେଶୀ ହିନ୍ଦୁଙ୍କ ସମର୍ଥନରେ ବୈଶ୍ୱିକ ସହମତି ସୃଷ୍ଟିକରି ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆର୍‌ଏସ୍‌ଏସ୍ ଏହି ବୟାନରେ ଭାରତ ସରକାରଙ୍କୁ ଆହ୍ୱାନ କରିଛି।

### ଆଉ ୨ ହିନ୍ଦୁ ସନ୍ଥ ଗିରଫ

ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରି ପରେ ବାଂଲାଦେଶରେ ଆଉ ୨ ହିନ୍ଦୁ ସନ୍ଥଙ୍କୁ ଗିରଫ କରାଯାଇଛି। ଚଟ୍ଟଗ୍ରାମ ପୋଲିସ ଗିରଫ କରିଥିବା ୨ ହିନ୍ଦୁ ପୂଜକଙ୍କ ନାମ ରୁଦ୍ରପ୍ରୋତି କେଶବ ଦାସ ଏବଂ ରଙ୍ଗନାଥ ଶ୍ୟାମସୁନ୍ଦର ଦାସ। ଜେଲରେ ଥିବା ଚିନ୍ମୟଙ୍କୁ ଭୋଜନ, ଔଷଧ ଏବଂ ଟଙ୍କା ଦେବା ପାଇଁ ଯାଇଥିବାବେଳେ ଉଭୟଙ୍କୁ ଗିରଫ କରାଯାଇଛି। ବିନା ୱାରେଣ୍ଟରେ ସେମାନଙ୍କୁ ଗିରଫ କରାଯାଇଥିବା ଅଭିଯୋଗ ହୋଇଛି।

# ୧୭ ଆତଙ୍କବାଦୀ ନିହତ

ଇସ୍‌ଲମାବାଦ, ୩୦।୧୧

ଆତଙ୍କବାଦୀଙ୍କ ବିରୋଧରେ ପାକିସ୍ତାନୀ ସେନାର ଅଭିଯାନ ଜାରିରହିଛି। ଶନିବାର ୨ଟି ଅଲଗା ଅପରେଶନରେ ଖାଇବର ପଖ୍ତୁନଖ୍ୱା ରାଜ୍ୟରେ ଥିବା ଆତଙ୍କବାଦୀଙ୍କ ଠିକଣାକୁ ପାକିସ୍ତାନୀ ସେନା ହେଲିକପ୍ଟରରୁ ଆକ୍ରମଣ କରିଛି। ଏହି ଆକ୍ରମଣରେ ୧୭ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୋଇନ୍ଦା ସୂଚନା ମୁତାବକ ବନ୍ନୁ ଏବଂ ଉତ୍ତର ୱଜିରସ୍ତାନ ଜିଲାରେ ସୁରକ୍ଷା ବଳ ପକ୍ଷରୁ ଏହି ଅପରେଶନ କରାଯାଇଛି। ଏହି ଅପରେଶନରେ ବନ୍ନୁ ଜିଲାର ବାକାଖେଲ୍ ଅଞ୍ଚଳରେ 'ହାଫିଜ ଗୁଲ୍‌ବାହାଦୁର' ଆତଙ୍କୀ ସଙ୍ଗଠନର ୧୨ ଆତଙ୍କବାଦୀ ନିହତ ହୋଇଛନ୍ତି।

# ପଣ୍ଡିଚେରୀରେ ସ୍ଥଳଭାଗ ଛୁଇଁଲା ବାତ୍ୟା ଫେଙ୍ଗାଲ୍

ପଣ୍ଡିଚେରୀ,୩୦।୧୧



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଫେଙ୍ଗାଲ ଶନିବାର ରାତିରେ ପଣ୍ଡିଚେରୀ ଉପକୂଳରେ ସ୍ଥଳଭାଗ ଛୁଇଁବା ପରେ ତାମିଲନାଡୁ ଉପକୂଳ ଅତିକ୍ରମ କରିଛି। ଏହାର ପ୍ରଭାବରେ ପଣ୍ଡିଚେରୀ ଏବଂ ତାମିଲନାଡୁରେ ପ୍ରବଳ ବର୍ଷା ସାଙ୍ଗକୁ ୭୦ରୁ ୯୦ କିଲୋମିଟର ବେଗରେ ପବନ ବହିଥିଲା। ଚେନ୍ନାଇରେ ବିମାନ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିମାନ ବାତିଲ ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚେନ୍ନାଇର ଅଧିକାଂଶ ଘର ଓ ହସ୍ପିଟାଲରେ ପାଣି ପଶିଯାଇଛି। ତାମିଲନାଡୁର ଅନେକ ଜିଲାରେ ସ୍କୁଲ୍ କଲେଜ ବନ୍ଦ କରିଦିଆଯାଇଥିବାବେଳେ ଲକ୍ଷାଧିକ ଲୋକଙ୍କୁ ନିରାପଦ ଆଶ୍ରୟ ସ୍ଥଳରେ ରଖାଯାଇଛି। ଚେନ୍ନାଇର ଏକ ଏଟିଏମ୍‌ରୁ ଟଙ୍କା ଉଠାଇବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ପଣ୍ଡିଚେରୀର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ପାଇଁ ସତର୍କ ରହିବାକୁ ଲୋକଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ପରାମର୍ଶ ଦିଆଯାଇଥିଲା।

# ସମ୍ଭଲ ହିଂସା: ଏସ୍‌ପି ପ୍ରତିନିଧିଙ୍କୁ ପ୍ରବେଶ ଅନୁମତି ମିଳିଲାନି

ଲକ୍ଷ୍ନୌ/ସମ୍ଭଲ,୩୦।୧୧(ପି.ଟି.)

ଉତ୍ତରପ୍ରଦେଶର ସମ୍ଭଲରେ ମସ୍‌ଜିଦ ସର୍ଭେକୁ ନେଇ ହିଂସାକାଣ୍ଡ ଯୋଗୁ ଉତ୍ତେଜନା ଲାଗି ରହିଥିବାବେଳେ ସେଠାକୁ ଯାଇ ତଥ୍ୟ ସଂଗ୍ରହ କରିବାକୁ ଚାହୁଁଥିବା ସ୍ଥାନୀୟ ଏମ୍‌ପିଙ୍କ ସମେତ ସମାଜବାଦୀ ପାର୍ଟି (ଏସ୍‌ପି)ର ଅନେକ ଜନପ୍ରତିନିଧିଙ୍କୁ ପୋଲିସ ଶନିବାର ଯିବାକୁ ଦେଇନାହିଁ। ଶାନ୍ତି ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ନିଷେଧାଦେଶକୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏସ୍‌ପିର ମୁଜାଫରନଗର ଏମ୍‌ପି ହରେନ୍ଦ୍ର ମଲିକ ଗାଜିଆବାଦରୁ ସମ୍ଭଲ ଯିବାକୁ ଚାହୁଁଥିବାବେଳେ ତାଙ୍କୁ

### ୧୦ ଯାଏ ବାହାର ଲୋକଙ୍କ ପ୍ରବେଶ ନିଷେଧ

ଅଟକାଯାଇଥିଲା। ବିରୋଧୀ ନେତା ଓ ଏମ୍‌ପିମାନେ କ'ଣ ଏତେ ଦାୟିତ୍ୱହୀନ ଯେ ସେମାନଙ୍କୁ ରାଜ୍ୟ ଭିତରେ ଗସ୍ତ ନିମନ୍ତେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ମଲିକ ପ୍ରଶ୍ନ କରିଛନ୍ତି।

ଗତ ୨୪ ତାରିଖରେ ଶାହି ଜାମା ମସ୍‌ଜିଦ ସର୍ଭେ ବେଳେ ଘଟିଥିବା ହିଂସାକାଣ୍ଡ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ସମ୍ଭଲ ଯିବାକୁ ଏସ୍‌ପି ୧୫ ଜଣିଆ ପ୍ରତିନିଧି ଦଳ ଘୋଷଣା କରିଥିଲା। ଏହି ଘୋଷଣା ପରେ ସେଠାରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ କାର୍ଯ୍ୟକାରିତା ସମୟସୀମା ରବିବାର ଶେଷ ହେବାକୁ ଥିବାବେଳେ ଜିଲା ପ୍ରଶାସନ ଏହାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। କୌଣସି ବାହାର ଲୋକ, ସାମାଜିକ ସଂଗଠନ କିମ୍ବା ଜନପ୍ରତିନିଧି ଡିସେମ୍ବର ୧୦ ପର୍ଯ୍ୟନ୍ତ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ଜିଲା ସୀମା ଅତିକ୍ରମ କରିପାରିବେ ନାହିଁ ବୋଲି ସମ୍ଭଲ ଜିଲାପାଳ ରାଜେନ୍ଦ୍ର ପେନ୍‌ସିୟା କହିଛନ୍ତି।

ସୂଚନାଯୋଗ୍ୟ, ସମ୍ଭଲର ଶାହି ଜାମା ମସ୍‌ଜିଦ ସ୍ଥାନରେ ପୂର୍ବରୁ ହରିହର ମନ୍ଦିର ଥିଲା ଯାହାକୁ ମୋଗଲ ସମ୍ରାଟ ବାବର ଭାଙ୍ଗି ସେଠାରେ ମସ୍‌ଜିଦ ନିର୍ମାଣ କରାଇଥିଲେ ବୋଲି ହିନ୍ଦୁ ପକ୍ଷ ଅଭିଯୋଗ କରିଥିଲା। ଉକ୍ତ ଅଭିଯୋଗ ଆଧାରରେ ସ୍ଥାନୀୟ ଅଦାଲତ ସେଠାରେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଶନଙ୍କ ଦ୍ୱାରା ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୯ ତାରିଖରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଉତ୍ତେଜନା ଲାଗି ରହିଥିଲା। ତେବେ ୨୪ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ହେବାରୁ ଉତ୍ତେଜନା ହିଂସାତ୍ମକ ସଂଘର୍ଷର ରୂପ ନେଇଥିଲା, ଯେଉଁଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ବିକ୍ଷୋଭକାରୀ ପୋଲିସ ଗୁଳିରେ ମରିଥିବା ଅଭିଯୋଗ ହେଉଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ସର୍ଭେ ବନ୍ଦ ରଖିବାକୁ ସୁପ୍ରିମକୋର୍ଟ ସମ୍ଭଲ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫୁରସତ୍

# ଗୋରୁ ଖୋଜିବାକୁ ଯାଇ ହାତୀ ହାବୁଡ଼ରେ ୩ ମହିଳା



କୋଚି

କେରଳର ଏର୍ନାକୁଲମ ଜିଲା କୁଟ୍ଟମପୁଝାର ଜଙ୍ଗଲ ମଧ୍ୟରୁ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ହଜିଯାଇଥିବା ଗୋରୁଗୁଡ଼ିକୁ ଖୋଜୁ ଖୋଜୁ ସ୍ଥାନୀୟ ଆଟ୍ଟିକଲମ ଗ୍ରାମର ମାୟା ଜୟନ(୪୬), ପାରୁକୁଟ୍ଟି(୬୨) ଏବଂ ଡାର୍ଲି ଷ୍ଟିଫନ(୫୫) ଶୁକ୍ରବାର କୁଟ୍ଟମପୁଝା ଜଙ୍ଗଲରେ ଫସିଯାଇଥିଲେ। ୩ ମହିଳା ସେଠାରେ ହାତୀ ପଲ ଗହଣରେ ଆତଙ୍କିତ ଭାବେ ୧୬ ଘଣ୍ଟା ବିତାଇବା ପରେ ଶନିବାର ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଓ ବନ କର୍ମଚାରୀମାନେ ଉଦ୍ଧାର କରିଛନ୍ତି।

ଗୁରୁବାର ରାତିରେ ମାୟାଙ୍କ କେତୋଟି ଗୋରୁ ହଜିଯାଇଥିଲେ। ମାୟା ଏକାକୀ ଗୋରୁଗୁଡ଼ିକୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ମାୟାଙ୍କ ସହ ୨ ପଡ଼ୋଶୀ ପାରୁକୁଟ୍ଟି ଏବଂ ଡାର୍ଲି ଶୁକ୍ରବାର ଅପରାହ୍ନରେ ଗୋରୁଙ୍କୁ ଖୋଜିବାକୁ କୁଟ୍ଟମପୁଝାର ଘନ ଜଙ୍ଗଲ ମଧ୍ୟରେ ପଶିଥିଲେ। ସେମାନେ ଜଙ୍ଗଲରୁ ବାହାରିବା ପାଇଁ ବାଟ ପାଇ ନ ଥିଲେ। ଜଙ୍ଗଲ ମଧ୍ୟରେ ସେମାନଙ୍କର ହାତୀ ପଲ ସହ ସାମ୍ନାସାମ୍ନି ହୋଇଥିଲା। ୩ ମହିଳା ୧୬ ଘଣ୍ଟା ଧରି ବଣୁଆ ହାତୀଙ୍କ ମଧ୍ୟରେ ଫସି ରହିଥିଲେ। ଜଙ୍ଗଲ ଭିତରେ ସେମାନଙ୍କର ଫୋନ୍ ମଧ୍ୟ ବନ୍ଦ ହୋଇଯାଇଥିଲା। ରାତି ସୁଦ୍ଧା ଘରକୁ ନ ଫେରିବାରୁ ମାୟାଙ୍କ ସ୍ୱାମୀ ଓ ସ୍ଥାନୀୟ ନିବାସୀ ବନ ଅଧିକାରୀଙ୍କୁ ଜଣାଇଥିଲେ। ବନ ବିଭାଗ ଅଧିକାରୀ, ପୋଲିସ, ଅଗ୍ନିଶମ ବାହିନୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ୬୫ ଜଣିଆ ଦଳ ଶୁକ୍ରବାର ମଧ୍ୟରାତିରୁ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ୪ ଭାଗରେ ବିଭକ୍ତ ହୋଇ ଜଙ୍ଗଲ ମଧ୍ୟରେ ବିଭିନ୍ନ ଦିଗକୁ ଯାଇ ଫସି ରହିଥିବା ୩ ମହିଳାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ତେବେ ହାତୀଙ୍କ ଭୟ ଏବଂ ଅତ୍ୟଧିକ ଅନ୍ଧକାର କାରଣରୁ ୨ଟି ଦଳ ଜୀବନ ବିକଳରେ ଫେରି ଆସିଥିଲେ। ମହିଳାମାନଙ୍କୁ ଖୋଜିବା ପାଇଁ ଏକ ଡ୍ରୋନ୍ ମଧ୍ୟ ନିୟୋଜିତ କରାଯାଇଥିଲା। ତେବେ ଉଦ୍ଧାରକାରୀ ଦଳଙ୍କ ଗୋଟିଏ ଟିମ୍ ଶନିବାର ସକାଳେ କୁଟ୍ଟମପୁଝାର ଜଙ୍ଗଲ ସୀମାଠାରୁ ୬ କିଲୋମିଟର ଦୂରରେ ଫସି ରହିଥିବା ୩ ମହିଳାଙ୍କୁ ଠାବ କରିବାରେ ସଫଳ ହୋଇଥିଲେ। ସେତେବେଳେ ଉକ୍ତ ୩ ମହିଳା ଏକ ପଥର ଉପରେ ବସିଥିବାର ଉଦ୍ଧାରକାରୀ ଦଳ ଦେଖିବାକୁ ପାଇଥିଲେ। ସେମାନେ କୌଣସି ପ୍ରକାରେ ଆହତ ହୋଇ ନ ଥିବା ନେଇ ବନ ଅଧିକାରୀ କହିଛନ୍ତି। ଖୋଜାଖୋଜି କରିବା ପରେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହାତୀ ଭୟରେ ସେମାନେ ବଡ଼ ବଡ଼ ପଥର ପଛ ପଟେ ଲୁଚି ରହୁଥିଲେ ବୋଲି କହିଛନ୍ତି।

# ବିକ୍ରାନ୍ତ ମେସିଙ୍କୁ ଇଣ୍ଡିଆନ୍ ଫିଲ୍ମ ପର୍ସନାଲିଟି ଅଫ୍ ଦି ଇୟର ପୁରସ୍କାର

### ଆଇଏଫ୍‌ଏଫ୍‌ଆଇ ଉଦ୍‌ଯାପିତ

ନୂଆଦିଲ୍ଲୀ

୫୫ତମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ ୨୦୨୪) ଗୋଆର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ଫିଲିପ୍ ନୋୟସେଙ୍କୁ ସତ୍ୟଜିତ ରାୟ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିବାବେଳେ ବିକ୍ରାନ୍ତ ମେସିଙ୍କୁ ଇଣ୍ଡିଆନ୍ ଫିଲ୍ମ ପର୍ସନାଲିଟି ଅଫ୍ ଦି ଇୟର ପୁରସ୍କାର ଦିଆଯାଇଛି।

ଉତ୍ସବରେ ରେକର୍ଡ ସଂଖ୍ୟକ ୧୧,୩୩୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ୩୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିନିଧିଙ୍କ ସମେତ ୨୮



ଅଭିନେତା ବିକ୍ରାନ୍ତ ମେସିଙ୍କୁ ଇଣ୍ଡିଆନ୍ ଫିଲ୍ମ ପର୍ସନାଲିଟି ଅଫ୍ ଦି ଇୟର ପୁରସ୍କାର ଦିଆଯାଉଛି।

ଦେଶରୁ ପ୍ରତିନିଧି ସାମିଲ ହୋଇଥିଲେ। ଫିଲ୍ମ ବଜାରରେ ୪୨ ଦେଶରୁ ୧,୮୭୬ ପ୍ରତିନିଧି ଭାଗ ନେଇଥିଲେ। ଉତ୍ସବରେ ୫୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଛି। ଟେକ୍ ପାଭିଲିୟନରେ ୧୫ଟି ଶିଳ୍ପ ସହଯୋଗୀ ସାମିଲ ହୋଇଥିଲେ। ବିଭିନ୍ନ ଶିଳ୍ପସଂସ୍ଥାରୁ ୧୫.୩୬ କୋଟି ଟଙ୍କାର ସ୍ପୋନ୍‌ସରଶିପ୍ ମିଳିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପି.ପ୍ରିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୁଣାତ୍ମକ ଯାତ୍ରୀସେବାକୁ ପୂର୍ବତଟ ରେଳପଥର ଗୁରୁତ୍ୱ

## ନେଟ୍‌ୱର୍କରେ ଉନ୍ନତ ଲିଲେନ୍ ୱାଶିଂ ସିଷ୍ଟମର ପ୍ରୟୋଗ

ଭୁବନେଶ୍ୱର,୩୦।୧୧ (ଅଭୟ ଦାଶ)

ବର୍ତ୍ତମାନ ସମୟରେ ଭାରତୀୟ ରେଳ ଯାତ୍ରୀ ପରିବହନର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ରେଳପଥରେ ଗମନାଗମନ କରୁଥିବା ଯାତ୍ରୀଙ୍କୁ ଗୁଣାତ୍ମକ ମାନର ଯାତ୍ରୀସେବା ଯୋଗାଇଦେବାକୁ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ଯୋଜନା ଓ ପଦକ୍ଷେପ ନିଆଯାଇଛି। ଅପରପକ୍ଷରେ ପୂର୍ବତଟ ରେଳପଥ ନେଟ୍‌ୱର୍କରେ ଜାରି ରହିଥିବା ଯାତ୍ରୀସେବା ପୂର୍ବାପେକ୍ଷା ଯଥେଷ୍ଟ ଉନ୍ନତ ହୋଇଛି। ପୂର୍ବରୁ ଯାତ୍ରୀଙ୍କୁ ଦିଆଯାଉଥିବା ବେଡ୍‌ରୋଲ ସେଟ୍‌ଗୁଡିକର ମାନ ସନ୍ତୋଷଜନକ ଥିଲାବେଳେ ବର୍ତ୍ତମାନ ସମୟରେ ଦିଆଯାଉଥିବା ବେଡ୍‌ରୋଲ ବେଶ୍ ଗୁଣାତ୍ମକ ଓ ପରିଷ୍କାର ପରିଚ୍ଛନ୍ନ ରହିଛି। କାରଣ ପୂର୍ବତଟ ରେଳପଥ ରେଳ ନେଟ୍‌ୱର୍କରେ ବର୍ତ୍ତମାନ ଉନ୍ନତ ଲିଲେନ୍ ୱାଶିଂ ସିଷ୍ଟମର ପ୍ରୟୋଗ ସହ



ଯାତ୍ରୀମାନଙ୍କ ସ୍ୱଚ୍ଛତା ଓ ଆରାମକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଏପରିକି ଶୀତତାପ ନିୟନ୍ତ୍ରିତ କୋଚ୍‌ରେ ଯାତ୍ରା କରୁଥିବା ପ୍ରତ୍ୟେକ ଯାତ୍ରୀ ପରିଷ୍କାର ପରିଚ୍ଛନ୍ନତା ସହ ସ୍ୱଚ୍ଛତା ଏବଂ ସୁପରିଚାଳିତ ଲିଲେନ୍ ଗ୍ରହଣ କରିଥାନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତଟ ରେଳପଥ ଅଞ୍ଚଳରେ ବର୍ତ୍ତମାନ ୨୪୨୮ଏଲ୍‌ଏଚ୍‌ବି କୋଚ୍ ( ୧୩୨୭ ଏସି ଏବଂ ୧୧୦୧ ନନ୍-ଏସି କୋଚ୍) ସହ ୯୩୮ ଆଇସିଏଫ୍ କୋଚ ( ୨୩୯ ଏସି ଏବଂ ୬୯୯ ନନ୍-ଏସି କୋଚ୍)ର କୋଚ ଚଳାଚଳ କରୁଛି। ଏପରିକି ରେଳ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଶୀତତାପ ନିୟନ୍ତ୍ରିତ କୋଚ୍‌ରେ ଲିଲେନ୍ ରଖିବା ସହ ଯାତ୍ରୀମାନଙ୍କୁ (ଯାତ୍ରୀଙ୍କୁ ଦିଆଯାଇଥିବା ବେଡ୍‌ରୋଲ ସେଟ୍‌ରେ ୨ଟି ବେଡ୍‌ସିଟ୍, ଗୋଟିଏ କମ୍ବଳ, ଗୋଟିଏ ଫେସ୍ ଟାୱେଲ, ଗୋଟିଏ ତକିଆ କଭର ଏବଂ ଗୋଟିଏ ତକିଆ) ପରିଷ୍କାର ଓ ତାଜା ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ଯାତ୍ରୀ ସେବାକୁ ଉନ୍ନତ କରିବା ପାଇଁ ରେଳପଥ ବର୍ତ୍ତମାନ ସତେଜ ଓ ପରିଷ୍କାର ବେଡ୍‌ରୋଲ ଯୋଗାଇଦେଉଛି। ପୂର୍ବରୁ ଦିଆଯାଇଥିବା କମ୍ବଳ ୩ ମାସରେ ଥରେ ବଦଳା ଓ ସଫା ହେଉଥିଲାବେଳେ ବର୍ତ୍ତମାନ ଏହା ପ୍ରତି ମାସରେ ଅତ୍ୟାଧୁନିକ ପ୍ରଣାଳୀରେ ସଫା କରିବା ସହ ବଦଳାଯାଉଛି। ଏପରିକି ଅତ୍ୟାଧୁନିକ ପ୍ରଣାଳୀରେ ବେଡ୍‌ରୋଲ ସାମଗ୍ରୀର ସଫେଇ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ କରାଯାଉଛି।

## ୧୦ ବର୍ଷରେ ୫ ଲକ୍ଷ ନୂଆ ନିଯୁକ୍ତି

ଭାରତୀୟ ରେଳପଥ କ୍ରମାଗତ ଭାବେ ମାନବ ସମ୍ବଳ (କର୍ମଚାରୀ ନିଯୁକ୍ତି ବୃଦ୍ଧି) ବୃଦ୍ଧି ଦିଗରେ କାର୍ଯ୍ୟ କରୁଛି। ଏପରିକି ୨୦୧୪ରୁ୨୪ ( ୨୦୧୪-୨୦୨୪ ବର୍ଷ) ମଧ୍ୟରେ ରେଳ ବୋର୍ଡ ମୋଟ ୫ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତ ଦେଇଥିବାବେଳେ ପୂର୍ବ ୧ ଦଶନ୍ଧି ମଧ୍ୟରେ (୨୦୦୪-୨୦୧୪ ବର୍ଷ) କେବଳ ୪ଲକ୍ଷ କର୍ମଚାରୀ ରେଳପଥରେ ନିଯୁକ୍ତି ପାଇଥିଲେ। ଏପରିକି ପୂର୍ବ ୧ ଦଶନ୍ଧି ତୁଳନାରେ ଭାରତୀୟ ରେଳପଥ ଦ୍ୱାରା ପ୍ରଦାନ କରାଯାଇଥିବା ନିଯୁକ୍ତିରେ ଏହା ୨୫% ମାନବ ସମ୍ବଳ ବୃଦ୍ଧି ହୋଇଛି ବୋଲି ରେଳବାଇ ବୋର୍ଡ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ରେଳପଥ ଇତିହାସରେ ପ୍ରଥମ ଥର ପାଇଁ ଏକ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏହି କ୍ୟାଲେଣ୍ଡର ସୂଚୀ ଅନୁଯାୟୀ ରେଳପଥର ସମସ୍ତ ଖାଲି ପଦବୀ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି କ୍ୟାଲେଣ୍ଡରର ଯୋଜନା ଅନୁଯାୟୀ ୨୦୨୪ ଫେବୃଆରୀରେ ମୋଟ ୧୮,୭୯୯ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ (ଏଏଲ୍‌ପି) ପଦବୀ ପାଇଁ ଘୋଷଣା କରାଯାଇଥିଲା। ଏପରିକି ଏଏଲ୍‌ପି ପଦବୀ ପାଇଁ ନିଯୁକ୍ତି ପରୀକ୍ଷା ସାରା ଦେଶରେ ୫ଦିନ ଧରି କରାଯାଇଥିଲା। ଏହି ପରୀକ୍ଷା ମୋଟ ୨୯ ରାଜ୍ୟ, ୧୫୬ ସହର, ୩୪୬ କେନ୍ଦ୍ର ଏବଂ ୩ ଶିଫ୍ଟରେ ଅନୁଷ୍ଠିତ ହୋଇଥିଲା। ସେହିଭଳି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) କଠୋର ତତ୍ତ୍ୱାବଧାନରେ କରାଯାଇଥିଲାବେଳେ ପ୍ରାର୍ଥୀଙ୍କ ସତ୍ୟତା ନିଶ୍ଚିତ କରିବାକୁ ୯୨% ପ୍ରାର୍ଥୀଙ୍କ ପାଇଁ ଆଧାର ଆଧାରିତ ପରିଚୟ ଯାଞ୍ଚ କରାଯାଇଥିଲା। ଏପରିକି ମୋଟ ୧୮,୭୯୯ ପଦବୀ ପାଇଁ ୧୮.୪ ଲକ୍ଷ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ।

# କଳାମନ୍ଦିରରେ ଶୀତବସ୍ତ୍ରର ସମ୍ଭାର

ଭୁବନେଶ୍ୱର,୩୦।୧୧




ପ୍ରତି ବର୍ଷ ଭଳି ଚଳିତ ବର୍ଷର ଶୀତଋତୁ ଅବସରରେ ଓଡ଼ିଶାର ସର୍ବପୁରାତନ ଏବଂ ବୃହତ୍ ଶୋ'ରୁମ୍ 'କଳାମନ୍ଦିର'ର ବହୁ ପ୍ରତୀକ୍ଷିତ ଶୀତବସ୍ତ୍ରର ସମ୍ଭାର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଠାରେ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଶୀତବସ୍ତ୍ର ଉପଲବ୍ଧ ରହିଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରସ୍ଥିତ କଳାମନ୍ଦିର ଶୋ'ରୁମ୍‌ରେ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଶୀତବସ୍ତ୍ର ଉପଲବ୍ଧ ରହିଛି। ଏଠାରେ ପୁରୁଷ, ମହିଳା ଏବଂ ଛୋଟପିଲାଙ୍କ ପାଇଁ ସମସ୍ତ ପ୍ରକାର ଶୀତବସ୍ତ୍ର ଯଥା ସ୍ୱେଟର, କାଡିଗନ୍, ଜ୍ୟାକେଟ୍, ପୁଲ୍‌ଓଭର, ଶାଲ ଓ ଷ୍ଟୋଲ ଭଳି ଅନେକ ପ୍ରକାର ଶୀତବସ୍ତ୍ର ସମ୍ଭାର ସାମିଲ ରହିଛି। ବିଶେଷକରି ଏହାର ମୂଲ୍ୟ ଏବଂ ଭେରାଇଟି ବ୍ରାଣ୍ଡ ପାଇଁ ସବୁବେଳେ ଗ୍ରାହକଙ୍କର ପସନ୍ଦଯୋଗ୍ୟ ହୋଇପାରିଛି।

ଏ ସମ୍ପର୍କରେ କଳାମନ୍ଦିର ପରିଚାଳନା ନିର୍ଦ୍ଦେଶକ ରାଜିନ୍ଦର ସିଂ କହିଛନ୍ତି, କଳାମନ୍ଦିରରେ ବିଭିନ୍ନ ପ୍ରକାର ଭେରାଇଟିର ଶୀତବସ୍ତ୍ର ରହିଛି, ଯାହା ଅନ୍ୟ କୌଣସି ଷ୍ଟୋରରେ ମିଳିବା କଷ୍ଟକର ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


## ଚତୁର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା



**ପି. ପ୍ରିଶା ବୈଠାରୁ**
ସମ୍ବଲପୁର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ପି. କୃଷ୍ଣଚନ୍ଦ୍ର ବୈଠାରୁ ଓ ପରିବାରବର୍ଗ।
ଧ-୨୧୦୭


# ବ୍ୟାଙ୍କ ଅଫ୍ ବରୋଦାର କିଷାନ ମେଳା

ଭୁବନେଶ୍ୱର,୩୦।୧୧

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ବହୁ ପ୍ରତୀକ୍ଷିତ 'କିଷାନ ମେଳା' ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓବି ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏକ ମେଗା କିଷାନ ମେଳା ପିପିଲି ନିକଟସ୍ଥ ମଙ୍ଗଳପୁରଠାରେ ଆୟୋଜନ କରାଯାଇଥିଲା। ଏପରିକି କୃଷକମାନଙ୍କୁ ସଶକ୍ତୀକରଣ ଓ ଟେକ୍-ସକ୍ଷମ ବ୍ୟାଙ୍କିଙ୍ଗ୍‌ର ମାର୍ଗଦର୍ଶନ ଉଦ୍ଦେଶ୍ୟରେ ଏହି ମେଗା କିଷାନ ମେଳା ନିକଟରେ ଆୟୋଜିତ ହୋଇଯାଇଛି। ସେହିଭଳି ବରୋଦା କିଷାନର ସପ୍ତମ ସଂସ୍କରଣର ଏକ ଅଂଶ ଭାବେ ପିପିଲି ନିକଟସ୍ଥ ମଙ୍ଗଳପୁରଠାରେ ଏହି ମେଳା ଆୟୋଜିତ ହୋଇଥିଲା। ଏପରିକି ମଙ୍ଗଳପୁରଠାରେ ଆୟୋଜିତ ଏହି ମେଗା କିଷାନ ମେଳାର ଉଦ୍‌ଘାଟନ ବିଓବିର କାର୍ଯ୍ୟପାଳକ ନିର୍ଦ୍ଦେଶକ ବୀଣା ୱାହିଦ୍ କରିଥିଲେ।

ଓଡ଼ିଶାରେ ବରୋଦା କିଷାନ୍ ପଖୱାଡା-୨୦୨୪ ସମୟ ମଧ୍ୟରେ ବ୍ୟାଙ୍କ ଅନେକ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହାଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ କୃଷକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା ଏବଂ ମୋଟାମୋଟି ୨୫କୋଟି ଟଙ୍କାର ଋଣ ଅନୁମୋଦନ କରିଛି।

# ଏସ୍‌ଆଇଇପିଏଲ୍‌ର 'ହଲ୍ ଅଫ୍ ଆଚିଭର୍ସ ମିଟ୍'

ଭୁବନେଶ୍ୱର,୩୦।୧୧

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ସୂର୍ଯ୍ୟା ଇଣ୍ଟରନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଆଇଇପିଏଲ୍)ର ପ୍ରମୁଖ ବ୍ରାଣ୍ଡ 'ଇରୋ ସୋଲାର ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହଲ୍ ଅଫ୍ ଆଚିଭର୍ସ ମିଟ୍'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ରାଣ୍ଡର ଡିଷ୍ଟ୍ରିବ୍ୟୁଟର ଓ ଡିଲରଙ୍କୁ ସମ୍ମାନିତ କରିବା ପାଇଁ ଏକ ସମ୍ମାନ ସମାରୋହ ଉତ୍ସବ ନିକଟରେ ଆୟୋଜିତ ହୋଇଯାଇଛି। ସେହିଭଳି ସୂର୍ଯ୍ୟା ଇଣ୍ଟରନ୍ୟାଶନାଲ ଆଗାମୀ ଦିନରେ ନୂଆ ଏବଂ ଉନ୍ନତ ସୋଲାର ସମାଧାନ ସହ ବାଣିଜ୍ୟିକ ଭାଗୀଦାରଙ୍କ ପାଇଁ ବୃତ୍ତିଦାୟକ ଯୋଜନା ଏବଂ ପରିବେଶ ମାଧ୍ୟମରେ ସ୍ଥାୟୀ ଉନ୍ନତିକୁ ଜୋର୍‌ଦେବାକୁ ଲକ୍ଷ୍ୟ ରଖିଛି। ଏପରିକି କମ୍ପାନୀ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ କରୁଥିବାବେଳେ ହିତାଧିକାରୀଙ୍କୁ ସଶକ୍ତ କରିବା ପାଇଁ ଏସ୍‌ଆଇଇପିଏଲ୍‌ର ଏମ୍‌ଡି କମଲେଶ କୁମାର ସିଂ ବିଶେଷ ଭାବେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ବ୍ରାଣ୍ଡର ଦୃଷ୍ଟିକୋଣ ଉପରେ ପାରସ୍ପରିକ ଅଭିବୃଦ୍ଧି ଏବଂ ସଫଳତା କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହ ନୂଆ ଯୋଜନା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଥିଲା। କମ୍ପାନୀ ପକ୍ଷରୁ ରୋମାଞ୍ଚକ କାର୍ଯ୍ୟକ୍ରମ, ଶିକ୍ଷାମୂଳକ ଓ୍ୱାର୍କଶପ୍ ଏବଂ ଆଇରୋ ସୋଲାର ପମ୍ପ୍‌ର ଆନୁଷ୍ଠାନିକ ଲୋକାର୍ପଣ କାର୍ଯ୍ୟକ୍ରମର ଆୟୋଜନ କରିଥିଲା।


# Classified Everyday
0674-2580101, 9692975378



MATRIMONIAL

BRIDE WANTED

Handsome Brahmin boy 1992, 5'7", M.Tech Serving OAS Officer "SUNASANSAR". 9937512659. D-76219

Handsome Chamar Boy 1991, 5'10", B.Tech Serving manager Netionalised Bank. "SUNASANSAR". 9937512659. D-76218



REAL ESTATE
SALE

Ready to move 4BHK duplex bungalow at Botanda, Sundarpada, Bhubaneswar near Sai Villa, Ranging 90lakhs. Contact- 9040521173, 9861125539. D-76033

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**Newly (G+2 3500sqft.) building well-furnished red bricks construction and fully designed Mukunda Prasad Housing Board Colony- Jemadeipur near Industrial Police Station. Bypass Road, Barunei Khordha. Contact- 9337371391, 8895624414, 9438318062.** D-2117

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2110

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

**Gharabari plot 2003SF. near Lingaraj Temple. No Litigation, direct owner. Contact No.- 9178924698. Time-3.30PM to 7P.M.** D-2066

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-2111

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071



CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA by expert therapist. Contact- 8280961126. D-76175

Newly open full body massage relax with new lady therapist. 7205354089. D-76034

LOST

I, Anup Agrawal (39 Years), Director of VA ENTERPRISES PVT. LTD, near TPSL, Lahandabud, P.O.- H. Kantapali, Dist.- Jharsuguda, Odisha- 768202 having consumer No.- 413001050937 have lost the original security deposit money receipt No.- A9 0254159 of Amount Rs.46,764/- issued by WESCO Ltd (Now TPWODL, Jharsuguda). D-2106

AFFIDAVIT

I, PRABHAKAR DAS, Son of BANGALI DAS, aged about 41 Years of Village- Naupal, P.O.- Kaima, Via- Dharmasala, District.- Jajpur-755008 by virtue of an affidavit sworn in before the E.M., Dharmasala vide No.-4320, dated 18.11.24, I have changed my name to PRABHAKAR DAS from GAGAN DAS. Henceforth I shall be known as PRABHAKAR DAS for all purposes. D-2109

By virtue of affidavit before Executive Magistrate, Puri, I Sushil Muduli son of Laxmidhar Muduli have changed my name from Susila Kumar Muduli to Sushil Muduli to correction my driving licence. D-75614

By virtue of an affidavit sworn before the Executive Magistrate, Bhubaneswar CFAB-123, dt. 26.11.2024, I, K.MOKHALINGA SWAMI, Address: At- Brahmakundal, P.O./P.S.- Retanga, Dist.- Khordha, Odisha hereby declare that I have changed my daughter's name from "K. DEVI" (old name) to KORADA DEVI (new name). Henceforth, she shall be known as "KORADA DEVI" for all purposes. D-2105

I, Kamlesh Kumar Nanda, S/o- Late Chimanlal Nanda, resident of Plot No.- 4355/4949/696, Pandab Nagar, Badagada, Bhubaneswar, Dist.- Khordha, Pin-751018 declare by this affidavit No.- 73AA 656018 that now onwards I shall be known as **KAMALESH KUMAR NANDA** for all future purposes. D-75830

Affidavit before Notary, Dhenkanal my surname has changed from DAS to RAY. Henceforth, I shall be known as Dipti Ranjan Ray, S/o- Niranjan Das, At- Nachhipur, P.O.-Kantilo, Dist.-Jagatsinghpur, Odisha for all purpose. Dipti Ranjan Ray. D-2108

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଗୋବିନ୍ଦ ପାତ୍ର**
ଶଙ୍କରପୁର (ତଳସାହି), କଟକ
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୨୧।୧୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ସହ ବିଭୁ ପାଦରେ ସ୍ଥାନ ପାଉ, ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା।
ପୁତ୍ର: ପ୍ରଦୀପ ପାତ୍ର ଓ ପରିବାରବର୍ଗ।
ଧ-୨୧୧୮

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୀତା ମହାନ୍ତି**
ଆବିର୍ଭାବ ୦୮/୦୭/୧୯୫୪
ତିରୋଧାନ ୨୧/୧୧/୨୦୨୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ**
ହତଭାଗ୍ୟ ସ୍ୱାମୀ- ଶ୍ରୀ ଗିରିଜା ନନ୍ଦନ ମହାନ୍ତି
ଦିଅର ଓ ଯାଆମାନେ- ଚୁନୁ ଓ ଗୁନୁ, କୁନିଆ ଓ ମିତାଲି, ପୁଅ ଓ ବୋହୂ- ବାପୁନି ଓ କୁନୁ, ବୁବୁ ଓ ନେହା, ଭଉଣୀ-ଭିଣୋଇ, ପୁତୁରା - ପୁତୁରା ବୋହୂ, ଝିଆରୀ- ଝିଆରୀ ଜ୍ୱାଇଁ, ଭଣଜା- ଭାଣିଜି, ନାତି- ନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ
ଧ-୭୫୫୮୨

**୨୧ତମ ଶ୍ରାଦ୍ଧ ଉପଲକ୍ଷେ**



**୰ରଘୁନାଥ ସାହୁ**
ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୦୨।୧୯୩୪
ତିରୋଧାନ: ୨୩।୧୧।୨୦୦୩
ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୧୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଖୁବ୍‌ଶୀଘ୍ର ହେବ ବୁଥ୍ ସ୍ତରୀୟ କମିଟି

**ଭାଜପା ରାଜ୍ୟସ୍ତରୀୟ ସାଙ୍ଗଠନିକ ନିର୍ବାଚନ କର୍ମଶାଳା**

ଭୁବନେଶ୍ୱର,୩୦।୧୧(ଅନିଲ ଦାସ)

ଭାଜପା ସାଙ୍ଗଠନିକ ନିର୍ବାଚନ କର୍ମଶାଳା ଶନିବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। କର୍ମଶାଳା ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି ଯେ ଭାରତୀୟ ଜନତା ପାର୍ଟିର ଏବେ ସାଙ୍ଗଠନିକ ପର୍ବ ଚାଲିଛି। ପ୍ରାଥମିକ ସଦସ୍ୟତା ଓ ସକ୍ରିୟ ସଦସ୍ୟତା ପ୍ରକ୍ରିୟା ପରେ ଏବେ ତୃଣମୂଳ ସ୍ତରରେ ବୁଥ୍ କମିଟି ଗଠନ କରାଯିବ। ଏହାପରେ ମଣ୍ଡଳ, ଜିଲା ଓ ରାଜ୍ୟ କମିଟି ଗଠନ ହେବ।




ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସଭାପତି ମନମୋହନ ସାମଲ ଓ ଦଳୀୟ ନେତୃବୃନ୍ଦ।

ଏହି କ୍ରମରେ ରାଜ୍ୟ କାର୍ଯ୍ୟାଳୟରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଯେଉଁମାନେ ବୁଥ୍ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବେ ସେମାନଙ୍କୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଛି। ସେମାନେ କିଭଳି ନିରପେକ୍ଷ ଭାବେ ସମସ୍ତଙ୍କ ସହମତିରେ ସୁଚାରୁରୂପେ ଏହି କମିଟି ଗଠନ କରିବେ ସେନେଇ ଏଥିରେ ପ୍ରଶିକ୍ଷଣ ଦିଆଯାଇଛି। ଏହାପରେ ସେମାନେ ବିଭିନ୍ନ ସ୍ତରକୁ ଯାଇ କମିଟି ଗଠନରେ ସହାୟତା କରିବେ। ଭାରତୀୟ ଜନତା ପାର୍ଟିରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିଛି। ପ୍ରତି ୬ ବର୍ଷରେ ଥରେ ଏହି ଦଳର ସଦସ୍ୟମାନେ ପୁନର୍ବାର ସଦସ୍ୟତା ଗ୍ରହଣ କରନ୍ତି। ପ୍ରତି ୩ ବର୍ଷରେ ଦଳର ସଙ୍ଗଠନଗୁଡ଼ିକୁ ନୂତନ ଭାବେ ଗଠନ କରାଯାଇ ଏହାର ନେତୃତ୍ୱରେ ପୁନର୍ବିଚାର କରାଯାଏ। ଏହି ପ୍ରକ୍ରିୟା ଭାଜପାକୁ ଅନ୍ୟ ଦଳଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ଯତୀନ କହିଛନ୍ତି। ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ସଙ୍ଗଠନ ପର୍ବ ରାଷ୍ଟ୍ରୀୟ ପ୍ରଭାରୀ ଦୁଷ୍ମନ୍ତ ଗୌତମ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି, ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ଓ ସୀମାଞ୍ଚଳ ଖଟେଇ ପ୍ରମୁଖ ଯୋଗ ଦେଇ ସଙ୍ଗଠନ ପର୍ବ ପରିଚାଳନା ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଦଳର ବରିଷ୍ଠ ନେତୃବୃନ୍ଦ, ସମସ୍ତ ଜିଲା ସଭାପତି, ଜିଲା ନିର୍ବାଚନ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ଅଧିକାରୀମାନେ ଯୋଗ ଦେଇଥିଲେ।

# ୫ରେ ଶପଥ ନେବ ନୂଆ ମହାରାଷ୍ଟ୍ର ସରକାର

ମୁମ୍ବାଇ,୩୦।୧୧

ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କିଏ ହେବେ, ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବାବେଳେ ନୂଆ ସରକାର ଡିସେମ୍ବର ୫ ତାରିଖ ସନ୍ଧ୍ୟାରେ ମୁମ୍ବାଇର ଆଜାଦ ମଇଦାନରେ ଶପଥ ଗ୍ରହଣ କରିବ ବୋଲି ଭାଜପା ରାଜ୍ୟ ଶାଖା ପକ୍ଷରୁ ଘୋଷଣା କରାଯାଇଛି। ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ। ବିଦାୟୀ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ଭାଜପା ନେତା ମୁଖ୍ୟମନ୍ତ୍ରୀ ପଦ ଦୌଡ଼ରେ ଆଗରେ ରହିଛନ୍ତି।

ବର୍ତ୍ତମାନର କାମଚଳା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଅଚାନକ ନିଜ ଗାଁ ସତରା ଜିଲାର ଡାରେକୁ ପଳାଇଥିବାରୁ ନୂଆ ସରକାରର ରୂପରେଖକୁ ନେଇ ସେ ସନ୍ତୁଷ୍ଟ ନ ଥିବା ଚର୍ଚ୍ଚା ହେଉଛି। ଶିନ୍ଦେ ଅସୁସ୍ଥ ଥିବା ତାଙ୍କର ଜଣେ ସହଯୋଗୀ କହିଛନ୍ତି। ଶିନ୍ଦେଙ୍କ ଘନିଷ୍ଠ ଭାବେ ଜଣାଶୁଣା ସଞ୍ଜୟ ଶିର୍‌ସାତ କହିଛନ୍ତି, ଶିବସେନାକୁ ଗୃହ ବିଭାଗ ନିଶ୍ଚୟ ମିଳିବ। ଅନ୍ୟପକ୍ଷରେ ଶିନ୍ଦେଙ୍କୁ ଦୂରେଇ ରଖିବା ପାଇଁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି। ଡିସେମ୍ବର ୨ରେ ଭାଜପା ବିଧାୟକ ଦଳ ବୈଠକ ବସି ନେତା ନିର୍ବାଚନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଏନ୍‌ସିପି ମୁଖ୍ୟ ଅଜିତ ପାୱାର କହିଛନ୍ତି, ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାଜପାରୁ ହେବେ। ମହାଯୁତିର ଅନ୍ୟ ଦୁଇ ଦଳ ଶିବସେନା ଏବଂ ଏନ୍‌ସିପିକୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିବ ବୋଲି ସେ ଶନିବାର କହିଛନ୍ତି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାକୁ ୧୩୨ ଆସନ ମିଳିଥିବାବେଳେ ଶିବସେନା ଏବଂ ଏନ୍‌ସିପିକୁ ଯଥାକ୍ରମେ ୫୭ ଏବଂ ୪୧ ଆସନ ମିଳିଥିଲା। ତେବେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ, ତାକୁ ନେଇ ଉତ୍କଣ୍ଠା ଲାଗି ରହିଥିବାରୁ ସରକାର ଗଠନ ବିଳମ୍ବିତ ହୋଇଛି।

# କଂଗ୍ରେସ ପକ୍ଷାଘାତର ଶିକାର ହୋଇଛି: ପୃଥ୍ୱୀରାଜ

ଭୁବନେଶ୍ୱର,୩୦।୧୧(ଅନିଲ ଦାସ)

କଂଗ୍ରେସ ଦଳର ସତ୍ତା ଏବେ ହଜିବାରେ ଲାଗିଛି। ସମଗ୍ର ଦେଶରେ କଂଗ୍ରେସ ପକ୍ଷାଘାତର ଶିକାର ହୋଇଛି। ଏପରି କି ନିଜେ ଚାଲିବାର କ୍ଷମତା ହରାଇ ସାରିଛି ବୋଲି ଭାଜପାର ବରିଷ୍ଠ ନେତା ତଥା ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହରିଚନ୍ଦନ କହିଛନ୍ତି, କଂଗ୍ରେସ ଏବେ ଛୋଟ ଛୋଟ ଆଞ୍ଚଳିକ ଦଳର ଆଶାବାଡିକୁ ଧରି ଚାଲିବାକୁ ଉଦ୍ୟମ କରୁଛି। ତଥାପି ପ୍ରକୃତି ଛାଡୁନାହିଁ। କଂଗ୍ରେସ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା ପରେ ଯାଇ ଏହି ପ୍ରକୃତି ଛାଡ଼ିବ ବୋଲି ହରିଚନ୍ଦନ କହିଛନ୍ତି। କଂଗ୍ରେସ ଏବେ ଯେଉଁ ଅବସ୍ଥାରେ ଅଛି ଏଭଳି ସ୍ଥିତିରେ ଦଳ ତଳକୁ ତଳ ଯିବ ସିନା ଉପରକୁ ଉଠିପାରିବ ନାହିଁ ବୋଲି ସେ କହିଛନ୍ତି। ଦେଶ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଆରମ୍ଭ କରି ଦେଶର ବରିଷ୍ଠ ନେତୃତ୍ୱ, ବିଭିନ୍ନ ପ୍ରଦେଶର ଡିଜି, ଆଇଜି, ବିଭିନ୍ନ ସୁରକ୍ଷା ବାହିନୀର ମୁଖ୍ୟମାନେ ଯୋଗଦେଇଛନ୍ତି। ବୈଠକରେ ଦେଶର ଆଇନଶୃଙ୍ଖଳା ପରିସ୍ଥିତିକୁ ଆହୁରି ଅଧିକ କିପରି ଉନ୍ନତ କରାଯାଇ ପାରିବ, ଅପରାଧ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ବିଷୟରେ ଆଲୋଚନା ଚାଲିଛି। ଏନେଇ ସମଗ୍ର ଦେଶର ନଜର ଏବେ ଓଡ଼ିଶା ଉପରେ ରହିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ କଂଗ୍ରେସ ଓ ତା'ର ଛାମୁଆ ସଙ୍ଗଠନଗୁଡ଼ିକର ବାଚାଳାମି ଆରମ୍ଭ ହୋଇଛି। ଏଥିରୁ ଅନୁମାନ ହେଉଛି କି କଂଗ୍ରେସ ଦଳର ଜିନ୍‌ରେ ଖରାପ ଗୁଣବତ୍ତା ପଶିବା ଆରମ୍ଭ କରିଛି। ଜଣେ ଲୋକର ଚରିତ୍ର ପରିବର୍ତ୍ତନ ହେଲେ ଯେପରି ବିଲକ୍ଷଣ ଦେଖିବାକୁ ମିଳେ, ଠିକ୍ ସେଭଳି ପରିବର୍ତ୍ତନ ଏବେ କଂଗ୍ରେସରେ ଦେଖିବାକୁ ମିଳୁଛି। କଂଗ୍ରେସ ଏବେ ସମ୍ପୂର୍ଣ୍ଣ ଦେଶ ବିରୋଧୀ ତତ୍ତ୍ୱ ହେବାକୁ ଆରମ୍ଭ କରିଛି। ବିଦେଶରେ ଯଦି କେହି ଦେଶ ବିରୋଧୀ କଥା କହିଲେ, ଦେଶର ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କଲେ ଓ ଦେଶର ବିକାଶ ବିରୋଧରେ କହିଲେ ତାହା କଂଗ୍ରେସକୁ ସୁହାଉଛି। ଏଭଳି ଟିପ୍ପଣୀକୁ ନେଇ କଂଗ୍ରେସ ଦେଶରେ ଆନ୍ଦୋଳନ କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି। କଂଗ୍ରେସ ଦଳ ଏବେ ଲୋକ ବିରୋଧୀ ହୋଇଯାଇଛି। ଦେଶ ଏବଂ ଓଡ଼ିଶାର ଲୋକେ କ'ଣ ଚାହୁଁଛନ୍ତି ସେଥିପ୍ରତି କଂଗ୍ରେସ ଦଳର ନଜର ନାହିଁ। ପ୍ରଧାନମନ୍ତ୍ରୀ ମୋଦି ଆମ ରାଜ୍ୟରେ ୩ ଦିନ ରହିବା ସମସ୍ତଙ୍କ ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ଓଡ଼ିଶାର ବିକାଶରେ ଏହା ଏକ ନୂଆ ଫର୍ଦ୍ଦ ହୋଇ ଯୋଡ଼ିହେବାକୁ ଯାଉଛି। ମାତ୍ର କଂଗ୍ରେସ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।



ପୃଥ୍ୱୀରାଜ ହରିଚନ୍ଦନ

# ପ୍ରଧାନମନ୍ତ୍ରୀ-ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତକୁ ଯୁବ କଂଗ୍ରେସର ବିରୋଧ

ଭୁବନେଶ୍ୱର,୩୦।୧୧(ସୂର୍ଯ୍ୟକାନ୍ତ ବେହେରା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତକୁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶନିବାର ବିରୋଧ କରାଯାଇଛି । ଯୁବ କଂଗ୍ରେସ ନେତା ରଣଜିତ ପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିଠାରେ ପ୍ରତିବାଦ କରିଥିଲେ। ଶୋଭାଯାତ୍ରା ବେଳେ ପୋଲିସ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌କୁ ଭାଙ୍ଗି ଆଗକୁ ଅଗ୍ରସର ହେଉଥିବା ବେଳେ ସେଠାରେ ଯୁବ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଯୁବ କଂଗ୍ରେସ କର୍ମୀଙ୍କୁ ବିକ୍ଷୋଭସ୍ଥଳରୁ ଗିରଫ କରି ଉଠାଇ ନେଇଥିଲା।

ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ମୋଦି ଓ ଶାହାଙ୍କ ଗସ୍ତ ଓଡ଼ିଶା ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ। ଓଡ଼ିଶାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ଏଠାରେ ଡିଜି ଓ ଆଇଜି ସମ୍ମିଳନୀର କିଛି ମୂଲ୍ୟ ନାହିଁ । ସେହିପରି ରାଜ୍ୟରେ ୨ ଟି ଆଇନ କାମ କରୁଛି, ଗୋଟିଏ ରାଜ୍ୟପାଳ ପୁଅଙ୍କ ପାଇଁ ଏବଂ ଅନ୍ୟଟି ସାଧାରଣ ଜନତାଙ୍କ ପାଇଁ ବୋଲି ଯୁବ କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଘନିଷ୍ଠ ଶିଳ୍ପପତି ଗୌତମ ଅଦାନୀ ସମଗ୍ର ଓଡ଼ିଶାକୁ ଅଧିକାର କରିବାକୁ ପ୍ରଚେଷ୍ଟା ଜାରି ରଖିଛି ବୋଲି ସେମାନେ କହିଛନ୍ତି। ଆଦାନୀ ଧାମରା ଓ ଗୋପାଳପୁର ବନ୍ଦର ଅଧିକୃତ କରିଥିବା ବେଳେ ଭୁବନେଶ୍ୱର ବିମାନ ବନ୍ଦରକୁ ଦଖଲ କରିବା ଏବଂ ଗନ୍ଧମାର୍ଦ୍ଦନ ପର୍ବତକୁ ନେବା ଲାଗି ଚକ୍ରାନ୍ତ ଚଳାଇଛି। ତେଣୁ ଅଦାନୀମୁକ୍ତ ଓଡ଼ିଶା ପାଇଁ ଯୁବ କଂଗ୍ରେସ ସଂଗ୍ରାମ କରିବ ବୋଲି ଯୁବ ନେତାମାନେ କହିଛନ୍ତି। ଏହାଛଡ଼ା ୩୦୦ ୟୁନିଟ୍ ମାଗଣା ବିଜୁଳି, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ନିଯୁକ୍ତି ପ୍ରଭୃତି ନିର୍ବାଚନ ପୂର୍ବରୁ ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା ୬ ମାସ ଶାସନ ପରେ ସେହିପ୍ରତିଶ୍ରୁତିପାଣିର ଗାର ସଦୃଶ ହୋଇଛି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିଭଳି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ଏକ କଳା ତାଲିକାଭୁକ୍ତ କମ୍ପାନୀକି ଦିଆଯାଇଛି ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ତେଣୁ ଏଭଳି ଏକ କମ୍ପାନୀକୁ ଦିଆଯାଇଥିବା ଟେଣ୍ଡର ରଦ୍ଦ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ଏହି ବିକ୍ଷୋଭରେ ଭୁବନେଶ୍ୱର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ୟାସିର ନୱାଜ, ମନୋଜ ବିଶ୍ୱାଳ, ସୁଦୀପ ସାମଲ, ଅଜୟ ସାହୁ ପ୍ରମୁଖ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ଥିଲେ।



ଲୋୟର ପିଏମ୍‌ଜିଠାରେ ଯୁବ କଂଗ୍ରେସ ନେତା ଓ କର୍ମୀମାନେ ଶନିବାର ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସହ ଧସ୍ତାଧସ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେମନ୍ତ ସାଜି**
**ଟାକୁଆ ଗାଲକୁ ବନ ହଳଦୀ।**

ଯୁବତୀମାନେ ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଓ ଆନନ୍ଦ ପାଇଥାନ୍ତି। ଏପରି ସ୍ଥଳେ ଗାଉଁଲୀ ଯୁବତୀର ଫେସନ ବା ବିଚିତ୍ର ବେଶ ପରିପାଟୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କପା ଖାଇ ହେଲା କଟର କଟର**
**ଢୋଲ ବାଜେ ଢାଉଁ ଢାଉଁ**
**ବାବାଜିଙ୍କ ଗୋଡେ ଜଟା ବାଜୁଅଛି**
**ପିଲା କାନ୍ଦେ କାଉଁ କାଉଁ।**

ଯେଝାକୁ ଯେଝା ପ୍ରଯୁଜ୍ୟ। କପା ଖାଇ କଟର କଟର ଶବ୍ଦ କରେ। ଢୋଲ ବଜେଇଲେ ଢାଉଁ ଢାଉଁ ଶବ୍ଦ ସୃଷ୍ଟି କରିଥାଏ। ବାବାଜିଙ୍କର ଲମ୍ବ ଜଟା ଓହଳିବା ପରି ଛୋଟ ପିଲା କଇଁ କଇଁ ହୋଇ କାନ୍ଦିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ରଙ୍ଗ ବଦଳାଇବାରେ ଓସ୍ତାଦ ବିଜେଡି: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୩୦।୧୧(ଅନିଲ ଦାସ)

ଭାଜପା ରଙ୍ଗ କେବେହେଲେ ବଦଳି ନାହିଁ । କିନ୍ତୁ ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି । ନିଜ ଆବଶ୍ୟକତା ପୂରଣ ହୋଇଯିବା ପରେ ବିଜେଡି ୨୦୦୯ରେ ପୁଣି ଥରେ ଭାଜପା ସହ ସମ୍ପର୍କ ଛିନ୍ନ କରିଥିଲା । କଂଗ୍ରେସ ସହ ସାଲିସ କରି ସମ୍ପର୍କ ସ୍ଥାପନ କରିଥିଲା । ବର୍ତ୍ତମାନ ମଧ୍ୟ କଂଗ୍ରେସ ସହ ନିବିଡ ସମ୍ପର୍କ ରହିଛି । ବିଧାନସଭା ଭିତରେ ଓ ବାହାରେ ସାଲିସ ଜାରି ରଖିଛି । ଦୁଇ ଦଳର ଭାଷା ମଧ୍ୟ ସମାନ ରହିଛି ବୋଲି ବରିଷ୍ଠ ଭାଜପା ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଚାପରେ ପଡି ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ନିଜ ଇଚ୍ଛା ବିରୋଧରେ ଅନେକ କଥା କହିଥାନ୍ତି । ଆଜି ମଧ୍ୟ ତାଙ୍କ ମୁହଁରୁ ମିଛ କୁହାଇବାର ପ୍ରୟାସ କରିଛି ବିଜେଡି । ୨୦୧୬ ପୂର୍ବରୁ ଖଣିଜ ସମ୍ପଦର ସମସ୍ତ ଲାଭ କେନ୍ଦ୍ର ନେଉଥିଲା । ଖଣିବହୁଳ ରାଜ୍ୟମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୋଦି ସରକାର ୨୦୧୬ରେ ଏମ୍‌ଏମ୍‌ଡିଆର ଆଇନରେ ସଂଶୋଧନ ଆଣି ପ୍ରଧାନମନ୍ତ୍ରୀ ଖଣିଜ ପଦାର୍ଥ କ୍ଷେତ୍ର କଲ୍ୟାଣ ଯୋଜନା(ପିଏମ୍‌କେକେକେୱାଇ) ପ୍ରଚଳନ କଲେ । ଏହା ଦ୍ୱାରା ଖଣି ସମ୍ପତ୍ତି ଲାଭାଂଶର ସର୍ବନିମ୍ନ ୨ ପ୍ରତିଶତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ପାଣ୍ଠି ଗଠନ ହେଲା । ପରବର୍ତ୍ତୀ ସମୟରେ କମ୍ପାନୀ ଆଇନରେ ସଂଶୋଧନ ଆଣି ସିଏସ୍‌ଆର୍ ପାଣ୍ଠି ଜରିଆରେ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ଟଙ୍କା କେନ୍ଦ୍ରରୁ ଆସିଛି। ଓଡ଼ିଶା ସର୍ବାଧିକ ଲାଭାନ୍ୱିତ ହେଲା। ଏହି ଆଇନ ବଳରେ ବିଜେଡି ସରକାରରେ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ଆସିଛି। ବିଜେଡିଲାଭାନ୍ୱିତ ହେଲା, କିନ୍ତୁ ଓଡ଼ିଶାବାସୀ ଉପକୃତ ହେଲେ ନାହିଁ । ଲୋକଙ୍କ ସ୍ୱାର୍ଥରେ ଖର୍ଚ୍ଚ ନ କରି ଠିକାଦାରମାନଙ୍କୁ ପୋଷିବା ପାଇଁ ବିଜେଡି ନେତା ଖର୍ଚ୍ଚ କରିଛନ୍ତି ବୋଲି ପୂଜାରୀ ଅଭିଯୋଗ କରିଛନ୍ତି।

ବିଜେଡି ଶାସନରେ ଓଡ଼ିଶାର ଏସ୍ଏଚ୍‌ଜି ମହିଳାମାନଙ୍କୁ ସୁଧଯୁକ୍ତ ଋଣ ଦିଆଯାଉଥିଲା। ମୋହନ ମାଝୀ ନେତୃତ୍ୱ ଭାଜପା ସରକାରରେ ସୁଭଦ୍ରା ଯୋଜନାରେ ସିଧାସଳଖ ବାର୍ଷିକ ୧୦ ହଜାର ଟଙ୍କା ୨୧ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ପ୍ରଦାନ କରାଯାଉଛି। ସୋହେଲାଠାରେ ଧାନ କୁଇଣ୍ଟାଲ ପିଛା ୧୦୦ଟଙ୍କାର ବୋନସ ଘୋଷଣା କେବଳ ପ୍ରତିଶ୍ରୁତିରେ ରହିଗଲା । ନବୀନବାବୁଙ୍କ କାର୍ଯ୍ୟକାଳ ସରିଗଲା, କିନ୍ତୁ ଓଡ଼ିଶାର ଚାଷୀକୁଳକୁ ଟଙ୍କାଟିଏ ମିଳିଲା ନାହିଁ । ମୋହନ ମାଝୀଙ୍କ ନେତୃତ୍ୱ ଭାଜପା ସରକାର ଏମ୍‌ଏସ୍‌ପି ଉପରେ ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି (ସ୍ୱତନ୍ତ୍ର ସହାୟତା ରାଶି) ଦେଇଛନ୍ତି । ଆଖି, କାନ ବନ୍ଦ କରିଦେଲେ କିଛି ଦିଶିବ ନାହିଁ କି କିଛି ଶୁଭିବ ନାହିଁ । ଶାସନରୁ ବିଦାହେବା ପରେ ବିଜେଡି ନିଜ ଆଖି ଓ କାନ ବନ୍ଦ କରିଦେଇଛି ବୋଲି ପୂଜାରୀ କହିଛନ୍ତି ।



ସୁରେଶ ପୂଜାରୀ

# କଂଗ୍ରେସ, ଭାଜପା ସମର୍ଥକ ମୁହାଁମୁହିଁ

ବାସୁଦେବପୁର, ୩୦।୧୧(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ କଂଗ୍ରେସ ଓ ଭାଜପା ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ଭାଜପା ସମର୍ଥକ ସ୍ଥାନୀୟ ବିଧାୟକଙ୍କ ସମ୍ପର୍କରେ ଟିପ୍ପଣୀ ରଖିବାରୁ କଂଗ୍ରେସ ସମର୍ଥକ ମଧ୍ୟ ଭାଜପା ବିରୋଧରେ ଆକ୍ଷେପମୂଳକ ଭାବେ କହିଥିଲେ। ଏହାକୁ କେନ୍ଦ୍ରକରି ଦୀର୍ଘ ସମୟ ଧରି କଥା କଟାକଟି ହୋଇଥିବା ଜଣାପଡ଼ିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଦୁଇ ଦଳର ସମର୍ଥକଙ୍କ ମଧ୍ୟରେ ଏପରି ପାଟିତୁଣ୍ଡ ହେବାରୁ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀ ମଧ୍ୟରେ ପରସ୍ପର ପ୍ରତି ଆକ୍ଷେପ, ପ୍ରତ୍ୟାରୋପ ଚାଲିଥିଲା। ସନ୍ଧ୍ୟାରେ ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଦଳରୁ ସାଇଡ୍ ଲାଇନ ହୋଇ ରହିଛି: ଜୟନାରାୟଣ

ଭୁବନେଶ୍ୱର,୩୦।୧୧ (ଅନିଲଦାସ)

ଭାଜପାର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ଭୁବନେଶ୍ୱରରେ ସମୀର ଦେ'ଙ୍କ ସ୍ମୃତି ସଭାରେ ଯୋଗ ଦେବା ଅବସରରେ ସେ କହିଛନ୍ତ, ସମୀର ଦେ'ଙ୍କ ସହିତ ଯାହା ଘଟିଥିଲା, ତାଙ୍କ ସହିତ ମଧ୍ୟ ତାହା ଘଟିଛି । ୨ଜଣ ଯାକ ଏବିଭିପିରେ ଥିଲୁ। ଦୁହେଁ ଏବିଭିପିରୁ ତଡ଼ା ଖାଇଥିଲୁ। ମୁଁ ଭାଜପାରୁ ବି ତଡ଼ା ଖାଇଛି। ସ୍କୁଲରୁ ୨/୩ ଥର , କଲେଜରୁ ୪/୫ ଥର ତଡ଼ା ଖାଇଛି। ଭାଜପାରୁ ଏବେ ବି ମୁଁ ସାଇଡ୍ ଲାଇନ୍ ହୋଇ ରହିଛି। ସମୀର ଦେ'ଙ୍କୁ ପାର୍ଟି ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଇନି। କଟକରେ ତାଙ୍କ ବିରୋଧରେ ଲୋକ ଲଗାଗଲା। ମୋ ବିରୋଧରେ ଲୋକ ଲଗାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ବରିଷ୍ଠ ନେତା ସମୀର ମହାନ୍ତି ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ଜୟନାରାୟଣଙ୍କ ଏଭଳି କ୍ଷୋଭ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଜୟନାରାୟଣଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଏ ଦଳରେ ସମସ୍ତଙ୍କୁ ସମାନ ନ୍ୟାୟ ଦିଆଯାଏ। କାର୍ଯ୍ୟକର୍ତ୍ତାକୁ ଉଚିତ ସମ୍ମାନ ମିଳେ। କୌଣସି ପାତରଅନ୍ତର କରାଯାଏନି। ଆପଣମାନେ ଯାହା ଶୁଣିଛନ୍ତି, ସେମିତି ସେ କିଛି କହି ନାହାନ୍ତି।

HDFC BANK
ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଶାଖା: ଖାରବେଳ ନଗର, ଶାଖା କୋଡ: ୭୦୨୪, ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ ଅଫିସ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, ଫୋ: ୦୬୭୪-୬୬୩୩୩୦୦
CINL65920MH1994PLC080618, ୱେବ୍‌ସାଇଟ୍: www.hdfcbank.com

**ଦଖଲ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ (ମାନ୍ୟବର ଏନ୍‌ସିଏଲଟି-ମୁମ୍ବାଇର ଆଦେଶ ତା.୧୭.୦୩.୨୦୨୩ ରିଖ (ଏଚ୍‌ଡିଏଫ୍‌ସି)ର ଅନୁମୋଦିତ ମିଶ୍ରଣ ଯୋଜନା ଅନୁଯାୟୀ ପୂର୍ବରୁ ଏଚ୍‌ଡିଏଫ୍‌ସି ଲିଃ ସହିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃର ମିଶ୍ରଣ ହୋଇଛି)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍‌ଗୁଡିକ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟି ଦାତା/ଆଇନ୍‌ଗତ ଉତ୍ତରାଧିକାରୀ/ଆଇନ୍‌ଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରଜୁର୍ଯ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

| କ୍ର. ନଂ. | ଋଣଗ୍ରହୀତା(ମାନ)ଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|---|
| ୧. | କ) ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମାଣିକ (ଋଣଗ୍ରହିତା) ଖ) ଶ୍ରୀ ଦୀପକ ମାଣିକ (ସହ-ଋଣଗ୍ରହିତା) | ତା. ୩୧.୦୭.୨୦୨୪ ସୁଦ୍ଧା (ଋଣ ଆକାଉଣ୍ଟ ନଂ: ୬୩୭୪୮୨୧୧୭ ନିମନ୍ତେ) ଟ.୨୮,୩୭,୨୨୫/- | ୦୩.୦୯.୨୦୨୪ | ୨୯.୧୧.୨୦୨୪ (ସାଙ୍କେତିକ) | ଜମିର ମୋଟ୍ ପରିମିତ କ୍ଷେତ୍ର: ଏକର ୦.୨୭ ଡିସିମିଲି ଆପାତତଃ, ତତ୍‌ସହିତ ସେଠାରେ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ନିର୍ମାଣ ଯାହାର ପ୍ଲଟ୍ ନଂ.: ୫୫୬୩, ୫୫୬୩/୯୭୬୬, ଖାତା ନଂ.: ୭୯୭, ୧୯୮୮/୨୯୧, ମୌଜା: ଘାଟିକିଆ, ଥାନା: ଖଣ୍ଡଗିରି ନଂ.: ୫୦,ଏସ୍‌ଆରଓ: ଖଣ୍ଡଗିରି (ମ୍ୟୁନିସିପାଲିଟି ଏରିଆ), ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା । ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୀପକ ମାଣିକଙ୍କ ପ୍ଲଟ, ପଶ୍ଚିମ: ପ୍ରମୋଦ କୁମାର ମାଣିକଙ୍କ ପ୍ଲଟ, ଉତ୍ତର: ସରକାରୀ ପ୍ଲଟ୍ ନଂ.: ୫୫୭୪, ଦକ୍ଷିଣ: ପ୍ଲଟ୍ ନଂ.: ୫୫୬୨ |
| ୨. | କ) ଶ୍ରୀମତୀ ଭେଙ୍କଟ ଅନୁରାଧା କୋଡୁକୁଲା (ଋଣଗ୍ରହିତା) ଖ) ଶ୍ରୀ ରଘୁବୀର କୁମାର କୋଡୁକୁଲା (ସହ-ଋଣଗ୍ରହିତା) | ତା. ୩୧.୦୭.୨୦୨୪ ସୁଦ୍ଧା (ଋଣ ଆକାଉଣ୍ଟ ନଂ: ୬୭୨୫୯୨୯୬୯ ନିମନ୍ତେ) ଟ.୪୬,୩୨,୦୯୧/-, (ଋଣ ଆକାଉଣ୍ଟ ନଂ: ୬୭୨୫୯୩୧୩୫ ନିମନ୍ତେ) ଟ.୧୪,୭୩,୧୦୩/- | ୦୩.୦୯.୨୦୨୪ | ୨୯.୧୧.୨୦୨୪ (ସାଙ୍କେତିକ) | ଇଷ୍ଟ ଭିୟୁ ଆପାର୍ଟମେଣ୍ଟ ବିଲ୍ଡିଂରେ ଥିବା ଫ୍ଲାଟ୍ ଯାହାର ଏରିଆ: ୧୬୪୦ ବର୍ଗଫୁଟ, ଫ୍ଲାଟ ନଂ.: ୪୩୨, ଚତୁର୍ଥ ମହଲା, ବ୍ଲକ୍- ଏଫ୍, ୩ ବିଏଚ୍‌କେ ପ୍ରକାର ସହ ଏକ କାର ପାର୍କିଙ୍ଗ ଯାହାକି ପ୍ଲଟ୍ ନଂ.: ୪୮୬/୨୪୮୮/୪୩୩୯, ୫୦୧, ୪୯୦, ୪୮୬/୨୧୭୭, ୪୮୬/୨୪୮୮, ୫୦୧ (ଅନୁରୂପ ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୦୧/୫୨୩୨, ୪୯୦/୫୨୩୩), ଖାତା ନଂ: ୪୯୩/୧୪୧, ୪୦୨, ୪୭୪/୨୯୬୦, ୪୭୪/୬୬୮, ୪୦୨ (ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୪୯୩/୩୦୮, ୪୭୪/୪୫୬୦, ୪୭୪/୪୫୮୬, ୪୭୪/୪୫୮୭), ମୌଜା: ପଟିଆ, ଥାନା: ନିୟୁ କ୍ୟାପିଟାଲ୍, ହାଲ ଥାନା: ଚନ୍ଦ୍ରଶେଖରପୁର ନଂ.: ୨୨, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା । |

* ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତିତ ପ୍ରଜୁର୍ଯ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ।

ଯେହେତୁ ଉପରୋକ୍ତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନେ) ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ ଏଚ୍‌ଡିଏଫ୍‌ସି ନିକଟରେ ଉତ୍ତରଦାୟୀ ରହିବେ । ଋଣଗ୍ରହୀତା/ଆଇନ୍‌ଗତ ଉତ୍ତରାଧିକାରୀ/ଆଇନ୍‌ଗତ ପ୍ରତିନିଧି (ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ। ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା/ଆଇନ୍‌ଗତ ଉତ୍ତରାଧିକାରୀ/ଆଇନ୍‌ଗତ ପ୍ରତିନିଧିମାନେ ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି ।

ସ୍ଥାନ: ଭୁବନେଶ୍ୱର,
ତାରିଖ : ୦୧.୧୨.୨୦୨୪

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ ତରଫରୁ,
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

Regd. Office: HDFC Bank House, Senapati Bapat Marg, Lower Parel (West), Mumbai - 400013

# ହରର୍ ଶର୍ଟ୍ସ...



ବର୍ତ୍ତମାନ ଇଣ୍ଟରନେଟ୍‌ରେ ଗୋଟିଏ କ୍ଲିକ୍‌ରେ ନୂଆଠୁ ପୁରୁଣା ଯେକୌଣସି ଭିଡିଓ ଖୁବ୍ ସହଜରେ ମିଳିଯାଉଛି । ଯେହେତୁ ଭିଡିଓ ଦେଖିବାର ରୁଚି ସମସ୍ତଙ୍କର ଭିନ୍ନ ଭିନ୍ନ, ତେଣୁ କଣ୍ଟେଣ୍ଟ କ୍ରିଏଟରମାନେ ବି ଦର୍ଶକଙ୍କ ରୁଚିକୁ ଆଖିଆଗରେ ରଖି ବିଭିନ୍ନ ପ୍ରକାରର ଭିଡିଓ ପ୍ରସ୍ତୁତ କରୁଛନ୍ତି । କିଏ ରୋମାଣ୍ଟିକ୍ ତ କିଏ କମେଡି ଆଉ ପୁଣି କାହାକୁ ପସନ୍ଦ ଆସୁଛି ଆକ୍ସନ ତଥା ହରର୍ ଭିଡିଓ । ଯାହା ମଧ୍ୟରୁ ଥ୍ରୀଡି ଇଫେକ୍ଟ ଥିବା ହରର୍ ଶର୍ଟ୍ସ ଏବେ ବେଶ୍ ଟ୍ରେଣ୍ଡ କରୁଛି । ହେଲେ ଏଭଳି ଭିଡିଓ ବି କେବେ କେବେ ସୃଷ୍ଟି କରିଥାଏ ବିଭିନ୍ନ ସମସ୍ୟା । ତେଣୁ ଏଭଳି ହରର୍ ରିଲ୍ସ ଦେଖୁଥିଲେ କିମ୍ବା ପ୍ରସ୍ତୁତ କରୁଥିଲେ କେତୋଟି ଦିଗ ପ୍ରତି ସତର୍କ ହେବା ନିହାତି ଆବଶ୍ୟକ...

**ଶରୀର ଉପରେ ପ୍ରଭାବ:** ମଣିଷର ଶାରୀରିକ ଓ ମାନସିକ ଅବସ୍ଥା ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆନନ୍ଦ, ହସ ଓ ଖୁସି ଆମର ସାରା ଶରୀରର ରକ୍ତ ସଞ୍ଚାଳନ ବୃଦ୍ଧି କରାଇ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ । ତେଣୁ ଯଦି କୌଣସି କମେଡି ବି କୌତୂହଳପୂର୍ଣ୍ଣ ଭିଡିଓ ଦେଖିଲେ ଦେହସାରା ହସର ଲହରୀଟିଏ ଖେଳିଯାଏ, ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୁଏ ଏବଂ ଉଭୟ ମନ ଓ ଶରୀରକୁ ରିଲାକ୍ସ ଅନୁଭବ ହୁଏ । ମଣିଷ କାନ୍ଦିଲେ ହୃତ୍‌ପିଣ୍ଡ ବିଶେଷ ଭାବରେ ଅବସାଦଗ୍ରସ୍ତ ହୋଇଯାଏ । ହେଲେ ହଠାତ୍ ମନରେ ଭୟ ଓ ଆତଙ୍କ ସୃଷ୍ଟି ହେଲେ ହୃତ୍‌ପିଣ୍ଡ ଏତେମାତ୍ରାରେ ପ୍ରଭାବିତ ହୋଇଥାଏ ଯେ, ସଙ୍ଗେ ସଙ୍ଗେ ହାର୍ଟଆଟାକ୍ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।

**ମଜା ନ ହେଉ ସଜା:** ବର୍ତ୍ତମାନ କୌଣସି ଭିଡିଓ ଦେଖିବାମାତ୍ରେ ଅନ୍ୟକୁ ତତ୍‌କ୍ଷଣାତ୍ ଫରୱାର୍ଡ କରିବା ଯେମିତି କେତେଜଣଙ୍କର ଏକ ଜରୁରୀ କାର୍ଯ୍ୟ ପାଲଟିଗଲାଣି । ଆଉ କେତେକ ଯୁବପିଢ଼ି ଅନ୍ୟକୁ ଡରାଇ ମଜା ଦେଖିବା ପାଇଁ ବିଭିନ୍ନ ହରର୍ ଭିଡିଓ ପୋଷ୍ଟ କରିବା କିମ୍ବା କାହାକୁ ପଠାଉଥିବା ଦେଖିବାକୁ ମିଳୁଛି । ହେଲେ ଯେହେତୁ ସମସ୍ତଙ୍କର ଧୈର୍ଯ୍ୟଶକ୍ତି ଏବଂ ସାହସ ସମାନ ନୁହେଁ, ତେଣୁ ଦୁର୍ବଳମନାମାନେ ହଠାତ୍ କୌଣସି ଭୂତ କିମ୍ବା ଡର ଭିଡିଓ ଦେଖିଲେ ଭୟ କରିଯାଆନ୍ତି । ଏହାର ପ୍ରଭାବରେ କାହା କାହାର ମସ୍ତିଷ୍କ ଶକ୍‌କୁ ଚାଲିଯାଏ ତ କାହାର ହୃତ୍‌ପିଣ୍ଡ ଗଭୀର ଭାବେ ପ୍ରଭାବିତ ହୋଇଥାଏ । ଏମିତିକି କେହି ଡରରେ ଅଚେତ ହୋଇପଡ଼ନ୍ତି କିମ୍ବା ହାର୍ଟ ଆଟାକ୍‌ର ଶିକାର ହୁଅନ୍ତି । ତେଣୁ ମଜା ନେବା ଆଳରେ ଏପରି କାର୍ଯ୍ୟ ଆଦୌ କରନ୍ତୁ ନାହିଁ ।

ବର୍ତ୍ତମାନ ସୋସିଆଲ୍ ମିଡିଆରେ ଶର୍ଟ୍ସ ଭିଡିଓ ବା ରିଲ୍ସର ଟ୍ରେଣ୍ଡ ଚାଲିଛି। ଏଭଳି ଭିଡିଓ ନା କେବଳ ଦେଖିବାକୁ ବରଂ ନିଜେ ପ୍ରସ୍ତୁତ କରିବାକୁ ବି ଅନେକ ବେଶ୍ ପସନ୍ଦ କରୁଛନ୍ତି। ତେବେ ଏଥିରେ କିଛି ୟୁନିକ୍ ଭିଡିଓ କରି ଅଧିକ ଭ୍ୟୁ ପାଇବା ନିଶାରେ କେହି କେହି ବିଭିନ୍ନ ହରର୍ ଭିଡିଓ ପ୍ରସ୍ତୁତ କରିବାକୁ ପଛାଉନାହାନ୍ତି। ହେଲେ ଏଭଳି ଭିଡିଓ ବି କେବେକେବେ କାହା ପାଇଁ ଡାକି ଆଣୁଛି ବିପଦ...





**ଗବେଷଣା କୁହେ**
ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ କୌଣସି ହରର୍ ଭିଡିଓ ଦେଖିବା ବେଳେ ବିଶେଷକରି ଅଜାଣତରେ ଏକ ଭିଡିଓ ଲିଙ୍କ୍ ଖୋଲୁ ଖୋଲୁ ହରର୍ ଭିଡିଓ ଆସିଗଲେ ନାଡ଼ି, ହୃତ୍‌ସ୍ପନ୍ଦନ ଏବଂ ନିଃଶ୍ୱାସ ଦ୍ରୁତ ହେବା ସହ ଆଖିର ଡୋଳା ମଧ୍ୟ ଦ୍ରୁତଗତିରେ ବୁଲିଥାଏ । ଯଦ୍ଦ୍ୱାରା ଶରୀରରେ ଷ୍ଟ୍ରେସ୍ ହରମୋନ୍ କର୍ଟିଜୋଲ୍‌ର ପରିମାଣ ବଢ଼ିଯାଏ, ତେଣୁ ଏହା ଶାରୀରିକ ଓ ମାନସିକ ଚାପ ବଢ଼ାଇଦିଏ । ଏହା ମାନସିକ ଅବସାଦ ମଧ୍ୟ ଘଟାଇଥାଏ। ହୃତ୍‌ପିଣ୍ଡରୁ ହାତ ଓ ପାଦକୁ ରକ୍ତ ସଞ୍ଚାଳନର ମାତ୍ରା ବଢ଼ିଯାଏ, ହୃତ୍‌ପିଣ୍ଡ ଯେତେ ଜୋର୍‌ରେ ରକ୍ତ ପମ୍ପ୍ କରିଥାଏ, ସେତିକି ଜୋର୍‌ରେ ହୃତ୍‌ସ୍ପନ୍ଦନ ବଢ଼ିଥାଏ, ନାଡ଼ିର ଗତି ଦ୍ରୁତରୁ ଦ୍ରୁତତର ହୋଇଥାଏ ଏବଂ ନାଡ଼ି ସ୍ପନ୍ଦନର ଗତି ୨୫% ବଢ଼ିଯାଇଥାଏ । ବେଳେବେଳେ ହୃଦ୍‌ଯନ୍ତ୍ରର ସ୍ପନ୍ଦନ ମଝିରେ ମଝିରେ ବନ୍ଦ ହୋଇଯାଏ (ମିସିଂ ଅଫ୍ ବିଟ୍‌ସ)। ଏହାଛଡ଼ା ଭୟ ଓ ଆତଙ୍କକୁ ସାମ୍ନାକଲେ ମାଂସପେଶୀ ଟାଣ ଓ ଶକ୍ତ ହୋଇଯାଏ । ବେଳେବେଳେ ବେଶୀ ହରର୍ ସିନ୍ ଥିଲେ ଭୟରେ ହୃଦ୍‌ଘାତ ମଧ୍ୟ ହୋଇଯାଏ । ତେଣୁ ହୃଦ୍‌ରୋଗୀ ଓ ଅନ୍ୟାନ୍ୟ ରୋଗୀମାନେ ହରର୍ ଭିଡିଓ ନ ଦେଖିବା ଭଲ ।

**ଗାଇଡ୍ ଲାଇନ୍ ରହିବା ଆବଶ୍ୟକ:** ଯେହେତୁ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସୋସିଆଲ୍ ମିଡିଆ ବ୍ୟବହାର କରୁଛନ୍ତି, ତେଣୁ ଏଭଳି ହରର୍ ଭିଡିଓ ପୋଷ୍ଟ କରିବା ଉଚିତ୍ ନୁହେଁ। କାରଣ ଗୋଟିଏ ପରେ ଗୋଟିଏ ଭିଡିଓ ଦେଖୁ ଦେଖୁ ହଠାତ୍ ଏଭଳି ହରର୍ ଭିଡିଓ ଆସିଗଲେ ଭୟରେ ଶରୀରର ଅନେକ କ୍ଷତି ହୋଇଥାଏ । ତେଣୁ ଦୁର୍ବଳମନା ଏଭଳି ଭିଡିଓ ନ ଦେଖିବା ପାଇଁ ପୂର୍ବ ସୂଚନା ଥିବା ଭଳି ଗାଇଡ୍‌ଲାଇନ୍ ରହିବା ନିହାତି ଆବଶ୍ୟକ ।





## ୟୁଥ୍ ଆଲର୍ଟ

# ଦାନ୍ତ ହଳଦିଆ ହେଉଥିଲେ...

**ଦାନ୍ତ ହଳଦିଆ ଦେଖାଗଲେ ନା କେବଳ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିଥାଏ ବରଂ ଏହା ଦର୍ଶାଇଥାଏ ଯେ ଦାନ୍ତ ଅପରିଷ୍କାର ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ତେଣୁ ଜାଣିରଖନ୍ତୁ ଦାନ୍ତ ସଫା ଏବଂ ଧଳା କିପରି ରଖିବେ...**



⏭ସୁନ୍ଦର ଧଳାଦାନ୍ତ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ହେଲେ ଦାନ୍ତ ହଳଦିଆ ହେବା ବର୍ତ୍ତମାନ ଅନେକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏଥିପାଇଁ ପ୍ରତିଦିନ ଠିକ୍ ଭାବେ ଦାନ୍ତ ସଫା ନ କରିବା ମୁଖ୍ୟତଃ ଦାୟୀ । ତେଣୁ ଦାନ୍ତ ସଫା ରଖିବା ଲାଗି ଦିନକୁ ଅତି କମ୍‌ରେ ୨ରୁ ୩ ଥର ବ୍ରଶ୍ କରନ୍ତୁ ।

⏭ଦାନ୍ତ ଧଳା କରିବା ଲାଗି ଅନେକ ଯୁବତୀଯୁବକ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପାଉଡର କିମ୍ବା ପେଷ୍ଟ ଆଣି ଲଗାଉଛନ୍ତି । ହେଲେ ଏହାଦ୍ୱାରା ଦାନ୍ତର ଏନାମେଲ୍ ନଷ୍ଟ ହୋଇଯିବା ସହ ଦାନ୍ତ ଦୁର୍ବଳ ହୋଇଯିବା ମଧ୍ୟ ଦେଖିବାକୁ ମିଳିଥାଏ ।

⏭ଖାଦ୍ୟ, ପାନୀୟରେ ଫ୍ଲୋରାଇଡ୍ ମାତ୍ରା ଅଧିକ ହେଲେ ଦାନ୍ତ ହଳଦିଆ ହୋଇଥାଏ । ବିଶେଷକରି ଯେଉଁ ସ୍ଥାନରେ ପାଣିରେ ଫୋରାଇଡ୍ ମାତ୍ରା ଅଧିକ, ସେଠାରେ ଅନେକଙ୍କଠାରେ ଡେଣ୍ଟାଲ୍ ଫୋରୋସିସ୍ ନାମକ ରୋଗ ଦେଖାଦିଏ । ତେଣୁ ଦାନ୍ତ ସଫା ରଖିବାକୁ ହେଲେ ଫ୍ଲୋରାଇଡ୍ ନ ଥିବା ପାଣି ପଇବା ଆବଶ୍ୟକ ।

⏭ଅନେକଙ୍କ ଦାନ୍ତରେ ହଳଦିଆ ପ୍ୟାଚେସ୍ ହୋଇଯାଏ । ଏହାର କାରଣ ଖାଇବା ପରେ ଠିକ୍ ଭାବେ ଦାନ୍ତ ସଫା ନ କରିବା । ଫଳରେ ଦାନ୍ତ ମୂଳରେ ଖାଦ୍ୟ ଜମି ରହିବା ଦ୍ୱାରା ଧୀରେ ଧୀରେ ତାହା ହଳଦିଆ ପଡ଼ିବା ସହ ଦାନ୍ତର ଏନାମେଲ୍‌କୁ ମଧ୍ୟ ନଷ୍ଟ କରିଥାଏ । ତେଣୁ ଖାଇବା ପରେ ଭଲ ଭାବେ କୁଳି କରନ୍ତୁ ଏବଂ ଖାଦ୍ୟ ଲାଗିଥିଲେ ବ୍ରଶ୍ କରି ଏହାକୁ ସଫା କରନ୍ତୁ ।

⏭ଚା, କଫି, ଆଲ୍‌କହଲ୍ ଅଧିକ ପିଇବା ଦ୍ୱାରା ମଧ୍ୟ ଅନେକଙ୍କଠାରେ ଦାନ୍ତ ହଳଦିଆ ହେବା ଭଳି ସମସ୍ୟା ଉପୁଜିଥାଏ । ତେଣୁ ଏସବୁଠାରୁ ଯଥାସମ୍ଭବ ଦୂରେଇ ରହନ୍ତୁ ।

⏭ଦାନ୍ତ ହଳଦିଆ ହେଲେ ପାଟିରୁ ଗନ୍ଧ ମଧ୍ୟ ଆସିଥାଏ । ତେଣୁ ମଝିରେ ମଝିରେ ଉଷୁମ ଲୁଣ ପାଣିରେ କୁଳି କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ ।



## ଏ ସପ୍ତାହର ପ୍ରଶ୍ନ

୧– ସାମନ୍ଥା ହାର୍ଭି ............ ଉପନ୍ୟାସ ପାଇଁ ଚଳିତବର୍ଷ ବୁକର୍ ପ୍ରାଇଜ୍ ପାଇଛନ୍ତି ?
୨– ଝିରିମେଳା .......... ଠାରେ ଅନୁଷ୍ଠିତ ହୁଏ ?
୩– ସୁମି ନାଗା ଜନଜାତି .............ଠାରେ ମୁଖ୍ୟତଃ ବାସ କରନ୍ତି ?
୪– ନିକଟରେ ଦକ୍ଷ ଭାରତୀୟ ଯୁବତୀ ଯୁବକଙ୍କୁ କାମ ଦେବା ପାଇଁ ଅଷ୍ଟ୍ରେଲିଆରେ ଆରମ୍ଭ କରାଯାଇଥିବା ନୂଆ ସ୍କିମ୍‌ର ନାମ ............ ?
୫– ପୃଥିବୀର ବୃହତ୍ତମ କୋରାଲ୍ କଲୋନି ନିକଟରେ ............ଠାରେ ଆବିଷ୍କାର କରାଯାଇଛି ?

## ଗତ ଥରର ଉତ୍ତର

୧ ଲଣ୍ଡନ
୨ ନଭେମ୍ବର ୮
୩ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଇକୋନୋମିକ୍ ଚେଞ୍ଜ
୪ ଏସ୍. ଜୟଶଙ୍କର
୫ କ୍ରିକେଟ୍

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ମାନସ ପଟ୍ଟନାୟକ ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ସ୍କୁଲ୍



୧. ସିଟି ମଣ୍ଟେସୋରି ସ୍କୁଲ........................................ ଲକ୍ଷ୍ନୌ, ଭାରତ
୨. ଉତ୍ତର ପ୍ରଦେଶ ବୋର୍ଡ ................................ ଉତ୍ତର ପ୍ରଦେଶ, ଭାରତ
୩. ଅନୁବନ୍ ନାଖୋନ ରାଚସିମା ସ୍କୁଲ ................................ ଥାଇଲାଣ୍ଡ
୪. ଆମ୍ବେଡକର ନଗର ଗଭର୍ନମେଣ୍ଟ ଗର୍ଲ୍ସ ଇଣ୍ଟର କଲେଜ.......ଉତ୍ତର ପ୍ରଦେଶ, ଭାରତ
୫. ଏଜୁକେଶନ୍ ଡିପାର୍ଟମେଣ୍ଟ ଅଫ୍ ହେନାନ୍ ପ୍ରୋଭିନ୍ସ .... ହେନାନ୍ ପ୍ରୋଭିନ୍ସ, ଚାଇନା
୬. ଏଜୁକେଶନ୍ ଡିପାର୍ଟମେଣ୍ଟ ଅଫ୍ ବିହାର................................ ଭାରତ
୭. ରଙ୍ଗ କିଓ ସେଡନ୍ ସ୍କୁଲ ................................ ଫୁଝୌ, ଚାଇନା
୮. ବ୍ରୁକ୍‌ଲିନ୍ ଟେକ୍‌ନିକାଲ ହାଇସ୍କୁଲ୍ ........................ ନ୍ୟୁୟର୍କ, ଆମେରିକା
୯. ୱେଷ୍ଟଲେକ୍ ଗର୍ଲ୍ସ ହାଇସ୍କୁଲ.............................. ଅକ୍‌ଲାଣ୍ଡ, ନ୍ୟୁଜିଲାଣ୍ଡ
୧୦. ଫିଲିପ୍ସ ଏକ୍ସେଟର୍ ଏକାଡେମୀ .................. ନ୍ୟୁ ହାମ୍ପସିଅର୍, ଆମେରିକା

## ଜାଣନ୍ତୁ ଦୁନିଆ

# ଅଜବ ପ୍ରାଣୀ

**ପୃଥିବୀରେ ଏମିତି କିଛି ପ୍ରାଣୀ ଅଛନ୍ତି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। କାରଣ ଏମାନଙ୍କର ଶାରୀରିକ ଗଠନ ହେଉ ଅବା କାର୍ଯ୍ୟକଳାପ ସେମାନଙ୍କର ଅନ୍ୟ ପ୍ରଜାତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜାଣିବା ଏଭଳି କିଛି ଅଜବ ପ୍ରାଣୀଙ୍କ ସମ୍ପର୍କରେ...**

**ଉଡୁଥିବା ସାପ :** ସାପକୁ ମାଟିରେ ଦ୍ରୁତ ଗତିରେ ଚାଲୁଥିବା ହେଉ, ଅବା କେବେ ପାଣିରେ ପହଁରୁଥିବା କିମ୍ବା ଗଛରେ ଚଢୁଥିବାର ସମସ୍ତେ ଦେଖିଥିବେ। ହେଲେ ସାପ ଯେ ଉଡ଼ିପାରେ ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ । ହେଲେ ଦକ୍ଷିଣ ଏସିଆ ଏବଂ ଇଣ୍ଡୋନେସିଆରେ ଦେଖାଯାଇଥା'ନ୍ତି



ଏହିଭଳି ଉଡ଼ନ୍ତା ସାପ । ଏହି ସାପ ଗଛଡାଳରୁ ଡାଳ ଏତେ କ୍ଷିପ୍ର ଗତିରେ ଖସି ଖସି ଯାଇଥାଏ ଏବଂ କେବେକେବେ ଖୁବ୍ ଜୋରରେ ଲମ୍ଫ ପ୍ରଦାନ କରିଥାଏ, ଯାହାକୁ ଦେଖିଲେ ତାହା ଉଡୁଥିବାର ଭ୍ରମ ସୃଷ୍ଟି କରେ। ଏହି ସାପ ପେଟର ମାଂସପେଶୀ ସାହାଯ୍ୟରେ ଖୁବ୍‌ଶୀଘ୍ର ଗଛ ଚଢ଼ିଥାଏ ଏବଂ ଅନ୍ୟ ଗଛକୁ ଡେଇଁଥାଏ ।

**ପଥର ପରି ମାଛ:** ପୃଥିବୀର ସବୁଠୁ ବିଷାକ୍ତ ମାଛ ଷ୍ଟୋନ୍ ଫିଶ୍ ଦେଖିବାକୁ ଖଣ୍ଡେ ଅପରିଷ୍କାର ପଥର ଭଳି। ହେଲେ ଏହି ମାଛ ଏତେ ବିଷାକ୍ତ ଯେ, ଏହାକୁ ଖାଇବା ତ ଦୂରର କଥା, ଏହାର ମାତ୍ର ଗୋଟିଏ ବୁନ୍ଦା ବିଷ ମଣିଷକୁ ମୃତ୍ୟୁମୁଖକୁ ଠେଲି ଦେଇପାରେ। ୩୦ରୁ ୪୦ ସେଣ୍ଟିମିଟର ଲମ୍ବା ବିଶିଷ୍ଟ ଏହି ମାଛ ଭାରତ ଏବଂ ପ୍ରଶାନ୍ତ ମହାସାଗରର କେତେକ ଭାଗରେ ଦେଖାଯାଇଥାଏ। ଏହି ମାଛର ପିଠି ଡେଣାରେ ଥିବା ୧୩ଟି କଣ୍ଟାରେ ରହିଛି ଏହି ବିଷ ବାହାରୁ ଥିବା ଥଳି। ଏହାର ରଙ୍ଗ ସାଧାରଣତଃ ପଥର ସହିତ ମିଶି ଯାଉଥିବାରୁ ସହଜରେ ଜଣାପଡ଼ି ନ ଥାଏ। ଏହି ମାଛ ପାଣି ବାହାରେ ମଧ୍ୟ ୨୪ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରହିପାରେ। ତେଣୁ ସମୁଦ୍ର କୂଳରେ ବୁଲିବା ସମୟରେ ପଥର କିମ୍ବା ଶୈବାଳ ଭାବି ଏହା ଉପରେ ଅନେକେ ପାଦ ରଖିଦିଅନ୍ତି ଏବଂ ଏହାର ଶିକାର ହୋଇଥା'ନ୍ତି। ପାଦ ପଡ଼ିବା ମାତ୍ରେ ଏହି ମାଛ ୦.୫ ସେକେଣ୍ଡ ବେଗରେ ବିଷ ଛାଡ଼ିଥାଏ। ଏହି ବିଷ ପାଦରେ ଲାଗିଲେ ମଣିଷର ଗୋଡ଼ କାଟିବାକୁ ପଡ଼ିଥାଏ କିମ୍ବା ବେଳେବେଳେ ମୃତ୍ୟୁର କାରଣ ସାଜିଥାଏ। ଆଉ ଯଦି ଏହା କୌଣସି କାରଣରୁ ଶରୀର ଭିତରକୁ ଚାଲିଯାଏ, ତେବେ ମୃତ୍ୟୁ ସୁନିଶ୍ଚିତ।



## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୩୦।୧୧(ବାଞ୍ଛାନିଧି ଦେ)–୫ ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ କାର୍ତ୍ତିକ ଦଳେଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ୍ ସେବା ପ୍ରାଧିକରଣକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯେ, ୨୦୨୪ ମେ’ ୩ ତାରିଖରେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କ ମା’ ଗାଧୋଇବାକୁ ଯାଇଥିଲେ। ତାଙ୍କର ନାବାଳକ ପୁଅ ଓ ନାବାଳିକା ଝିଅକୁ ସାବୁନ ଆଣିବା ପାଇଁ ଘରକୁ ପଠାଇଥିଲେ। ମା’ ନ ଥିବାର ସୁଯୋଗ ନେଇ ନଳବାହାର ଗ୍ରାମର କାର୍ତ୍ତିକ ଦଳେଇ ଉକ୍ତ ନାବାଳିକାଙ୍କୁ କୁରକୁରେ ଆଣିଦେବାକୁ କହି ସ୍ଥାନୀୟ ବୁଦା ନିକଟକୁ ଡାକି ନେଇ ବଳାତ୍କାର କରିଥିଲେ। ସାବୁନ ଆଣିବାରେ ଡେରି କରିବାରୁ ମା’ ଘରକୁ ଆସି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା’ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୦/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

### ବାପା ହତ୍ୟାକାରୀ ପୁଅଙ୍କୁ ଆଜୀବନ ଜେଲ

କାମାକ୍ଷାନଗର, ୩୦।୧୧ (ସୁଧୀର କୁମାର ପରିଡ଼ା): ବାପାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୁଅଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ ମଧୁମିତା ମହାନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୬ ମାସ ଦଣ୍ଡାଦେଶ ଦେଇଛନ୍ତି।

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଡଙ୍ଗାପାଳ ଆମ୍ବତଇଲା ସାହିର ସନାତନ ମହାନ୍ତ ୨୦୨୧ ମେ’ ୨୪ ତାରିଖ ରାତିରେ ସାନଝିଅ ଲିପିକା ମହାନ୍ତ, ସ୍ତ୍ରୀ ଯାତ୍ରୀ ମହାନ୍ତ ଓ ସାନପୁଅ ଧୀରେନ ମହାନ୍ତଙ୍କ ସହ ନିଜ ଘର ଛାତ ଉପରେ ଶୋଇଥିଲେ। ପାରିବାରିକ କଳହକୁ କେନ୍ଦ୍ରକରି ବଡ଼ପୁଅ ତପନ ରାତିରେ ସନାତନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସନାତନଙ୍କ ଚିତ୍କାର ଶୁଣି ଅନ୍ୟ ପରିବାର ସଦସ୍ୟ ଉଠିପଡ଼ିବାରୁ ତପନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ସନାତନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନେଇ ସନାତନଙ୍କ ସାନଝିଅ ଲିପିକା କଙ୍କଡାହାଡ଼ ଥାନାରେ ଅଭିଯୋଗ କରିଥିଲେ। ଅତିରିକ୍ତ ପ୍ରସିକ୍ୟୁଟର ଦେବରାଜ ବେହେରା ମାମଲା ପରିଚାଳନା କରୁଥିଲେ।

# ଲଲଙ୍କ ନାଁରେ ଯୋଡ଼ିହେଲା ଜାତିଆଣ ମାମଲା

ଯାଜପୁର ଟାଉନ, ୩୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ୍‌ର ବିରଜା ହାଟକୁ ନେଇ ଘଟିଥିବା ହିଂସା ଘଟଣାରେ ଗିରଫ ହୋଇଥିବା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବ ପ୍ରସାଦ ଦାସ (ଲଲ)ଙ୍କ ଅଡୁଆ ବଢ଼ିଯାଇଛି। ୨୦ ତାରିଖ ସନ୍ଧ୍ୟାରେ ବିଜେଡି କର୍ମୀଙ୍କ ରାସ୍ତାରୋକୋ ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ହୋଇଥିଲା। ସେହିପରି ୨୧ ତାରିଖରେ ବିଜେଡି କର୍ମୀମାନେ ବିରଜା ହାଟରେ ବ୍ୟବସାୟୀ ଓ ଚାଷୀମାନଙ୍କୁ ଧମକାଇବା, ଆକ୍ରମଣ କରିବା ଏବଂ ଟଙ୍କା ଛଡ଼ାଇନେବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଲଲଙ୍କ ସମେତ ୧୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ଟାଉନ ଓ ସଦର ଥାନାରେ ୧୭ଟି ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି ଯାଜପୁର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଚାଲିଛି। ତେବେ ଲଲଙ୍କ ନାଁରେ ଗୋଟିଏ ଜାତିଆଣ ମାମଲା ଥିବା ନେଇ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଶନିବାର କୋର୍ଟଙ୍କୁ ଜଣାଇଛନ୍ତି। ଏହାକୁ ଭିତ୍ତିକରି କୋର୍ଟ ସୋମବାର ତାହାର ଶୁଣାଣି କରିବାକୁ ଦିନଧାର୍ଯ୍ୟ କରିଛନ୍ତି। ଲଲ ଏବେ ଜେଲରେ ଥିବାବେଳେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ୪ଟି ମାମଲା ମଧ୍ୟରୁ ଗୋଟିଏରେ ଜିଲା ଦୌରାଜଜ୍ ଜାମିନ ମଞ୍ଜୁର କରିଛନ୍ତି। ଏବେ ତାଙ୍କ ନାଁରେ ଆଉ ଏକ ମାମଲା ଯୋଡ଼ିହୋଇଯାଇଛି।

ଅଭିଯୋଗ ଅନୁଯାୟୀ ଗତ ୨୧ ତାରିଖରେ ବିରଜା ହାଟକୁ ଯାଇଥିବା ମହିଳା ଗ୍ରାହକ ଖୁଣ୍ଟିଆ ସାମଲଙ୍କୁ ଲଲଙ୍କ ସମେତ ୭ଜଣ ବ୍ୟକ୍ତ ଅସଭ୍ୟ ଭାଷା ସମେତ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ତାଙ୍କୁ ମାଡ଼ ମଧ ମାରିଥିଲେ ବୋଲି ଅଭିଯୋଗକାରିଣୀ ସାମଲ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଯାଜପୁର ଥାନାରେ ୪୭୫/୨୦୨୪ ନମ୍ବରରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଏହାର ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀଙ୍କୁ ଦିଆଯାଇଛି। ଏସ୍‌ଡିପିଓ ଏହି ଜାତିଆଣ ମାମଲା ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହି ମାମଲାକୁ ମିଶାଇ ଲଲଙ୍କ ବିରୋଧରେ ମୋଟ ୫ଟି କେସ୍ ରୁଜୁ ହୋଇଛି। ଗୋଟିଏ ମାମଲାରେ ଶୁକ୍ରବାର ଜାମିନ ପାଇଥିବାବେଳେ ଅନ୍ୟ ମାମଲା ପାଇଁ ସେ ଜେଲରୁ ମୁକୁଳି ପାରିନାହାନ୍ତି।

ସୂଚନାଥାଉ କି, ବିରଜା ମନ୍ଦିର ନିକଟରେ କେଉଁ ପୁରୁଣା ସମୟରୁ ପ୍ରତି ଗୁରୁବାର ଓ ରବିବାର ‘ବିରଜା ହାଟ’ ଚାଲିଆସୁଥିଲା। ଏହାକୁ ହାଇଟେକ୍ ମଡେଲରେ ତିଆରି କରିବାକୁ ବିଜେଡି ସରକାର ୨୦୨୩ରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ହାଟକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର ହୋଇଥିଲା। କିନ୍ତୁ ନୂଆ ସ୍ଥାନରେ ହାଟ ବ୍ୟବସାୟ ଭଲ ନ ହେବାରୁ କ୍ଷୁଦ୍ର ବ୍ୟବସାୟୀ ଏବଂ ଚାଷୀମାନେ ବିରୋଧ କରି ଅନେକ ଥର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଫଳରେ ପୁରୁଣା ସ୍ଥାନରେ ହାଟ ଚଳାଇବାକୁ ଜିଲା ପ୍ରଶାସନ ଅନୁମତି ଦେଇଥିଲା। ଏହାକୁ ବିଜେଡି ବିରୋଧ କରି ନଭେମ୍ବର ୨୦ ତାରିଖରେ ରାସ୍ତାରୋକୋ କରାଯାଇଥିବାବେଳେ ୨୧ ତାରିଖରେ ହାଟକୁ ବନ୍ଦ କରିବାକୁ ଉଦ୍ୟମ ହୋଇଥିଲା। ଏଥିଯୋଗୁ ହିଂସା ଘଟିଥିଲା।

# ମାଓବାଦୀ ଏରିଆ କମାଣ୍ଡର ନିହତ

## ସୀମାନ୍ତରେ ଗୁଳି ବିନିମୟ

ରାଉରକେଲା, ୩୦।୧୧(ସଙ୍ଗୀତା ଜେନା)

ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତରେ ଶନିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ଏରିଆ କମାଣ୍ଡର ନିହତ ହୋଇଥିବା ସୂଚନା ମିଳିଛି। ନିହତ ମାଓବାଦୀ ହେଲେ ପଶ୍ଚିମ ସିଂହଭୂମ ବନ୍ଦଗାଁଓ ଥାନା ଅଞ୍ଚଳର ରାଡୁଙ୍ଗ ବୋଦ୍ରା। ତାଙ୍କ ନିକଟରୁ ୨ଟି ପିସ୍ତଲ, ୪ଟି ଗୁଳି, ପିଏଲଏଫ୍‌ଆଇ ଲେଭି ରସିଦ୍, ୭ଟି ମୋବାଇଲ, ୧୦ଟି ସିମ୍‌କାର୍ଡ, ୧ଲକ୍ଷ ୩୨ହଜାର ଟଙ୍କା, ୨ଟି ବାଇକ୍ ଚାବି ଜବତ ହୋଇଛି। ମୃତ ମାଓବାଦୀଙ୍କ ନାମରେ ବନ୍ଦଗାଁଓ ଥାନାରେ ୧୬, ମୁରହୁ ଥାନାରେ ୮ଟି ଆପରାଧିକ ମାମଲା ରହିଥିବାବେଳେ ଟୋବୋ, ଆନନ୍ଦପୁର, ଖୁଣ୍ଟି, ଅଡକି,



ଜବତ ହୋଇଥିବା ଗୁଳି ଓ ମାଓବାଦୀ ସାମଗ୍ରୀ।

ରାନିଆ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନର ୩/୪ଟି ଦଳ ବନ୍ଦଗାଁଓ ତଥା ଟୋବୋ ଥାନା ଅଞ୍ଚଳରେ ସକ୍ରିୟ ଥିଲେ। ସୂଚନା ପାଇ ସୁରକ୍ଷାବଳ ଏବଂ ପୋଲିସ ପକ୍ଷରୁ ଶୁକ୍ରବାର କୋମ୍ବିଂ ଅପେରଶନ ଆରମ୍ଭ ହୋଇଥିଲା। ଶନିବାର ସକାଳେ ଟୋବୋ ଥାନା ଏବଂ ବନ୍ଦାଗାଁଓ ସୀମାବର୍ତ୍ତୀ ତୋମରୋମ ଜଙ୍ଗଲ ଓ ରୋରୋ ନଦୀ କୂଳରେ ସୁରକ୍ଷାବଳ ଉପରକୁ ମାଓବାଦୀମାନେ ଗୁଳି ଚଳାଇଥିଲେ। ସୁରକ୍ଷାବଳର ପ୍ରତିଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ଗୁଳି ବିନିମୟ ବେଳେ ମାଓବାଦୀ କମାଣ୍ଡର ରାଡୁଙ୍ଗ ନିହତ ହୋଇଥିଲେ।

### ସରକାରୀ ଅର୍ଥଆତ୍ମସାତ୍ ମାମଲା
## ଫେରାର କନିଷ୍ଠ ରାଜସ୍ୱ ସହାୟକଙ୍କୁ କୋର୍ଟଚାଲାଣ

ଜୟପୁର, ୩୦।୧୧(ପବନ ପାଣିଗ୍ରାହୀ)– ସରକାରୀ ଟଙ୍କା ଆତ୍ମସାତ ମାମଲାରେ ଗିରଫ ହୋଇଥିବା ବିଷମକଟକ କନିଷ୍ଠ ରାଜସ୍ୱ ସହାୟକ ବନମାଳି କରଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଜୟପୁର ଭିଜିଲାନ୍ସ ଅଫିସରେ ଏସ୍‌ପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ରାୟଗଡା ଜିଲା ବିଷମକଟକ ସବ୍ ରେଜିଷ୍ଟ୍ରାର ଅଫିସର କନିଷ୍ଠ ରାଜସ୍ୱ ସହାୟକ କରଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ରେଜିଷ୍ଟ୍ରେଶନ ଫି, ୟୁଜର ଫି, ଆଦାୟ ହୋଇଥିବା ସରକାରୀ ରାଜସ୍ୱ ବାବଦରେ ୧ କୋଟି ୪୦ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଜୟପୁର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏହା ପରେ ତାଙ୍କ ବିରୋଧରେ ୨୦୨୨ ମେ’ ୬ରେ ମାମଲା ରୁଜୁ ହୋଇଥିବା ବେଳେ ସେବେଠାରୁ ସେ ଫେରାର ରହିଥିଲେ।

# ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ, ୧୬ ମାଓବାଦୀ ଗିରଫ

ମାଲକାନଗିରି, ୩୦।୧୧(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ପୋଲିସ ଓ ଯବାନଙ୍କ ଦ୍ୱାରା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହ ୧୬ ମାଓବାଦୀଙ୍କୁ ଗିରଫ କରାଯାଇଛି। ବିଜାପୁର ଜିଲାର ତିନୋଟି ଥାନା ଅଞ୍ଚଳରୁ ୧୩ ଓ ସୁକ୍‌ମା ଜିଲାରୁ ୩ ମାଓବାଦୀ ଗିରଫ ହୋଇଛନ୍ତି। ସମସ୍ତଙ୍କୁ ରିମାଣ୍ଡରେ କୋର୍ଟରେ ହାଜର କରାଯାଇଛି। ମାଓବାଦୀମାନଙ୍କ ବିୟର ବୋତଲ ବୋମା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବିୟର ବୋତଲରୁ ବୋମା ତିଆରି କରୁଛନ୍ତି। ସୁରକ୍ଷା ବାହିନୀର ସତର୍କତାରୁ ଗଙ୍ଗାଲୁର ଅଞ୍ଚଳରେ ଏକ ବଡ ଅଘଟଣକୁ ଏଡାଇ ଦିଆଯାଇଛି। ପ୍ରଥମ ଥରପାଇଁ ମାଓବାଦୀମାନେ ବିୟର ବୋତଲରେ ୨ କିଲୋ ଆଇଇଡି ବୋମା ଖଞ୍ଜିଥିଲେ। ଏଭଳି ପ୍ରେସର ସୁଇଚ୍ ସିଷ୍ଟମ ବୋମା ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଖଞ୍ଜିଥିଲେ ବୋଲି କୁହାଯାଇଛି। ସେମାନଙ୍କ ନିକଟରୁ ଟିଫିନ ବୋମା, କୋଡେକ୍ସ ତାର ଓ ମାଓବାଦୀ ସାହିତ୍ୟ ପୁସ୍ତିକା ଆଦି ଜବତ କରାଯାଇଛି।

# ପୋଖରୀରୁ ୮ କୁଇଣ୍ଟାଲ ଚୋରି ବିଦ୍ୟୁତ୍ ତାର ଜବତ, ୨ ଅଟକ

ହିଞ୍ଜିଳିକାଟୁ, ୩୦।୧୧( ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଶାସନ ଆମ୍ବଗାଁ ନିକଟ ଏକ ପୋଖରୀରୁ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାୟ ୮ କୁଇଣ୍ଟାଲ ଆଲୁମିନିୟମ ବିଦ୍ୟୁତ୍ ତାର ଜବତ କରିଛି। ଏ ସଂକ୍ରାନ୍ତରେ ୨ ଜଣଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସେମାନଙ୍କଠାରୁ ଚୋରି ତାର ପରିବହନ ପାଇଁ ବ୍ୟବହୃତ ଗୋଟିଏ ଟାଟା ଏସିଇ, ଅଟୋ ଓ ୨ ବାଇକ୍ ଜବତ ହୋଇଛି। ଘଟଣାରେ ଆହୁରି ୪/୫ ଜଣ ସଂପୃକ୍ତ ଥିବା ପୋଲିସ କହିଛି । ତଦନ୍ତରେ ବାଧା ଉପୁଜିବା ନେଇ ଅଟକଙ୍କ ପରିଚୟ ପୋଲିସ ପ୍ରକାଶ କରିନାହିଁ। ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଶାସନଆମ୍ବଗାଁ ରାସ୍ତା ଦେଇ କେତେ ଜଣ ଯୁବକ ୨ଟି ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ସେମାନଙ୍କ ପଛରେ ଏକ ଟାଟା ଏସିଇ ଓ ଏକ ଯାତ୍ରୀବାହୀ ଅଟୋ ଯାଉଥିଲା। ବିଳମ୍ବିତ ରାତିରେ ଗ୍ରାମ ରାସ୍ତା ଦେଇ ଗାଡିଗୁଡିକ ଦ୍ରୁତ ଗତିରେ ଯାଉଥିବାରୁ ଗ୍ରାମର କେତେ ଜଣ ଲୋକ ସନ୍ଦେହ କରିଥିଲେ। ସେମାନେ ଅଟୋ ପିଛା କରିଥିଲେ। ଅଟୋରେ ଆଲୁମିନିୟମ ବିଦ୍ୟୁତ୍ ତାର ବୋଝେଇ ହୋଇଥିଲା। ଲୋକମାନେ ସନ୍ଦେହ କରି ହିଞ୍ଜିଳି ପୋଲିସକୁ ଖବର ଦେଇଥିଲେ।

### ପୋଲିସ ଗୋଡ଼ାଇବାରୁ ପୋଖରୀ ଭିତରକୁ ଫିଙ୍ଗି ଦେଇଥିଲେ

ପୋଲିସ ଲୁଟେରାଙ୍କୁ ଧରିରିବାକୁ ଉଦ୍ୟମ କରିଥିଲା। ମାତ୍ର ପୋଲିସ ଗାଡିକୁ ଦେଖି ଲୁଟେରାମାନେ ଚୋରି କରିଥିବା ଆଲୁମିନିୟମ ବିଦ୍ୟୁତ ତାର ବଣ୍ଡଲଗୁଡିକୁ ନିମି ଗାଁ ନିମେଶ୍ୱର ପୋଖରୀକୁ ଫିଙ୍ଗି ଦେଇ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ । ପୋଲିସ ଘଟଣା ସ୍ଥଳରୁ ୨ ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ । ପୋଲିସ ପୋଖରୀ ପାଣିରୁ ୪ ବିଡା ପ୍ରାୟ ୮ କୁଇଣ୍ଟାଲ ଆଲୁମିନିୟମ ବିଦ୍ୟୁତ୍ ତାର ଉଦ୍ଧାର କରିଛି। ଗତ ପ୍ରାୟ ୧ବର୍ଷ ଧରି ହିଞ୍ଜିଳି ସମେତ ଗୋଳନ୍ଥରା, ଦିଗପହଣ୍ଡି ଓ ବ୍ରହ୍ମପୁର ସଦର ଥାନାର ବିଭିନ୍ନ ଅଞ୍ଚଳରୁ ୩୩କେଭି ବିଦ୍ୟୁତ୍ ସଂଯୋଗ ସକାଶେ ବିଛାଯାଇଥିବା ଆଲୁମିନିୟମ ବିଦ୍ୟୁତ୍ ତାର ସେମାନେ ଚୋରି କରିଥିବା ଅଟକ ୨ ବ୍ୟକ୍ତି ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ହିଞ୍ଜିଳି ଥାନା ଅଞ୍ଚଳରେ ଓଡିଏସଏସ୍ପି–୪ ଯୋଜନାରେ ଗଣ୍ଡଳା ଗ୍ରାମରୁ ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପକାଯାଇଥିବା ବିଦ୍ୟୁତ ତାରକୁ କେହି ଚୋରାଇ ନେଇଥିବା ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲା।

# ୨ ପୂର୍ବତନ ଯନ୍ତ୍ରୀ, ଠିକାଦାରଙ୍କୁ ୪ ବର୍ଷ ଜେଲ

କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସରକାରୀ ଅର୍ଥ ତୋସାରପାତ ମାମଲାର ରାୟ ପ୍ରକାଶ ପାଇଛି। ଘଟଣାରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରଶ୍ମିତା ଦଳାଇ ୨ ପୂର୍ବତନ ଯନ୍ତ୍ରୀ ଓ ଠିକାଦାରଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ୩ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ଆଦେଶ କରିଛନ୍ତି। ଭିଜିଲାନ୍ସ ବିଭାଗ ସୂଚନା ଅନୁଯାୟୀ, ୨୦୧୨–୧୩ରେ ଚମ୍ପୁଆ ପିଏ ଆଇଟିଡିଏ କାର୍ଯ୍ୟାଳୟରେ ଶିବାନନ୍ଦ ପଟ୍ଟନାୟକ ସହକାରୀ ଯନ୍ତ୍ରୀ, ଶକ୍ତିରଞ୍ଜନ ସିଂ ସାମନ୍ତ କନିଷ୍ଠ ଯନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ନିଶ୍ଚିନ୍ତପୁର ଗାଁ ମେମର୍ଦା ନାଳ ଉପରେ ୬ ଲକ୍ଷ ଟଙ୍କା ବିନିମୟରେ ଏକ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ତେବେ କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଠିକାଦାର ଚତୁର୍ଭୁଜ ବେହେରାଙ୍କ ବିଲ୍ ପୈଠ କରିଦିଆଯାଇଥିଲା। ସେମାନେ ୨ ଲକ୍ଷ ୩ ହଜାର ଟଙ୍କାର ଅଧିକ ବିଲ୍ କରି ଅର୍ଥ ବାଟମାରଣ କରିଥିଲେ। ୨୦ ଅଗଷ୍ଟ ୨୦୧୪ ରେ ଭିଜିଲାନ୍ସ ପୋଲ ନିର୍ମାଣରେ ଦୁର୍ନୀତି ହୋଇଥିବା ଅନୁମାନ କରି ନିଜ ଆଡୁ ମାମଲା ରୁଜୁକରି ତଦନ୍ତ କରି ଚାର୍ଜଶିଟ ଦାଖଲ କରିଥିଲା। ମାମଲାର ବିଚାର କରି ଜଜ୍ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ସହକାରୀ ଯନ୍ତ୍ରୀ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସିଂସାମନ୍ତ ଏବଂ ଠିକାଦାର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରକ୍ତ ରାୟ ଶୁଣାଇଥିଲେ। ସହକାରୀ ଯନ୍ତ୍ରୀ ପଟ୍ଟନାୟକ ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ତାଙ୍କ ଘର ବ୍ରହ୍ମପୁର ସିଦ୍ଧାର୍ଥ ନଗରରେ ବୋଲି ଜଣାପଡ଼ିଛି। କନିଷ୍ଠଯନ୍ତ୍ରୀ ସିଂସାମନ୍ତ ବର୍ତ୍ତମାନ କଟକ ଯୋବ୍ରା ଜଳସେଚନ ବିଭାଗରେ ସହକାରୀ ଯନ୍ତ୍ରୀଭାବେ କାର୍ଯ୍ୟ କରୁଛନ୍ତି। ଠିକାଦାର ବେହେରାଙ୍କ ଘର ଚମ୍ପୁଆ କରଞ୍ଜିଆ ଅଞ୍ଚଳରେ ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।

### ସରକାରୀ ଅର୍ଥ ତୋସରପାତ ମାମଲା

# ବାଘଛାଲ ଜବତ ଘଟଣାରେ ୨ ଗିରଫ



ଗିରଫ ଅଭିଯୁକ୍ତ। ଜବତ ବାଘଛାଲ ଓ ଦେଶୀ ବନ୍ଧୁକ।

ଜି.ଉଦୟଗିରି/ଫୁଲବାଣୀ,୩୦।୧୧(ଚିନ୍ମୟ କୁମାର ସେଠୀ/ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଜି.ଉଦୟଗିରି ବନ ବିଭାଗ ଗୋଟିଏ କଲରାପତରିଆ ବାଘଛାଲ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପ୍ରମୋଦ ପ୍ରଧାନ ଓ ଭବାନୀ ଶଙ୍କର ପ୍ରଧାନ। ପ୍ରମୋଦଙ୍କଠାରୁ ଦେଶୀ ବନ୍ଧୁକ ଜବତ ହୋଇଛି। ବାଘଛାଲ କିଣାବିକା ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜି. ଉଦୟଗିରି ବନ ବିଭାଗ କର୍ମଚାରୀ ଗତ ୨୮ ତାରିଖ ଭୋର୍ ୩ଟାରେ କଳିଙ୍ଗା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଭବାନୀ ଶଙ୍କର ପ୍ରଧାନଙ୍କୁ ଲିଙ୍ଗାଛକ ନିକଟ ରାସ୍ତାରେ ଠିଆ ହୋଇଥିବା ଦେଖି ତାଙ୍କୁ କ’ଣ ପାଇଁ ଏଠାରେ ଛିଡା ହୋଇଛ ବୋଲି ପଚାରିଥିଲେ। ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ସନ୍ଦେହରେ କର୍ମଚାରୀମାନେ ତାଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କଠାରୁ ଗୋଟିଏ ବ୍ୟାଗରୁ କଲରାପତରିଆ ବାଘଛାଲ ଥିବା ଦେଖିବାକୁ ମିଳିଥିଲା। ଏହା ରଖିବା ପାଇଁ ତାଙ୍କ ନିକଟରେ କୌଣସି ପ୍ରମାଣ ପତ୍ର ନ ଥିବାରୁ ଭବାନୀଙ୍କୁ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ଅଟକ ରଖି ବନବିଭାଗ ଅଧିକାରୀ ଅଧିକ ଯାଞ୍ଚ କରିଥିଲେ। ଉକ୍ତ ବାଘ ଚମଡ଼ାର ଲମ୍ବା ୨୩୯ ସେଣ୍ଟିମିଟର ହୋଇଥିବା ବେଳେ ବାଘର ବୟସ ଅନୁମାନ ୫ ରୁ ୮ବର୍ଷ ହେବ। ଏସିଏଫ କାଜଲ କୁମାରୀ ନାୟକ ଏହାର ଅଧିକ ତଦନ୍ତ କରିଥିଲେ। ଏଥିରେ ମାଲାନସୁଗା, ପୁଲୁଲିଙ୍ଗିଆ, ଗମ୍ଭାରିଗୁଡା ଓ ଲିଙ୍ଗା ଗ୍ରାମର ଷଡ଼ଙ୍ଗୀ ପ୍ରଧାନ, ଲଣ୍ଡା ପ୍ରଧାନ, ହେମନ୍ତ ପ୍ରଧାନ, ପ୍ରମୋଦ ପ୍ରଧାନ, ମୁଟେଙ୍ଗା ପ୍ରଧାନଙ୍କ ସମ୍ପୃକ୍ତି ଥିବା ଭବାନୀଙ୍କଠାରୁ ଜାଣିବାକୁ ପାଇଥିଲେ। ପ୍ରମୋଦ ପ୍ରଧାନଙ୍କ ଘର ଯାଞ୍ଚ କରାଯାଇ ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଛୁରି ଓ ଛୋଟ ମୋବାଇଲ ଜବତ କରାଯାଇଥିଲା।

### ୪ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଜାରି ରହିଛି ପ୍ରୟାସ

ସୂଚନାଯୋଗ୍ୟ, ଏହି ଘଟଣା ମାସକ ପୂର୍ବରୁ ଜି.ଉଦୟଗିରି ଓ କଳିଙ୍ଗା ବନ ବିଭାଗ ବନାଞ୍ଚଳର ପୁଲୁଲିଙ୍ଗିଆ ଓ ମାଲାନସୁଗା ମଧ୍ୟରେ ଥିବା ବ୍ରଡିସରୁ ଜଙ୍ଗଲ ଅଞ୍ଚଳରେ ଉପରୋକ୍ତ ବ୍ୟକ୍ତିମାନଙ୍କ ଚାଷ ଜମି ନିକଟରେ ବାର୍ହା ଶିକାର ପାଇଁ ସେମାନେ ଫାଶ ଲଗାଇଥିଲେ। ଫାଶରେ ଏହି କଲରାପତରିଆ ବାଘ ପଡିଥିଲା। ବାଘକୁ ଦେଖି ଦେଶୀ ବନ୍ଧୁକରେ ଭବାନୀ, ଲଣ୍ଡା, ଷଡ଼ଙ୍ଗୀ ଓ ପ୍ରମୋଦ ବନ୍ଧୁକରେ ଗୁଳି କରି ମାରିଥିଲେ। ବାଘ ମରିଗଲା ପରେ ସେମାନେ ବାଘଛାଲ ବାହାର କରି ମାଂସ ଖାଇଥିଲେ। ଚମଡ଼ାକୁ ବିକ୍ରି ପାଇଁ ୨୮ ତାରିଖରେ କେଉଁଆଡ଼େ ନେଉଥିବା ସମୟରେ ଧରା ପଡ଼ିଥିଲେ। ଏଥିରେ ସମ୍ପୃକ୍ତ ୪ ଜଣ ଫେରାର ଅଛନ୍ତି। ନଂ.୧୦୬/୨୪/୨୫ରେ ମାମଲା ରୁଜୁ ହୋଇଛି। ଅନ୍ୟମାନଙ୍କୁ ଗିରଫ କରାଯିବାକୁ ପ୍ରୟାସ ଚାଲିଛିବୋଲିଏସିଏଫ୍ ନାୟକ କହିଛନ୍ତି।



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧ ଡିସେମ୍ବର, ୨୦୨୪ | Bhubaneswar, Sunday, 1 December, 2024

# ବିଜୟ ଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି

## ଆଇଏସ୍‌ଏଲ୍

ଭୁବନେଶ୍ୱର,୩୦।୧୧(ସରୋଜ ଜେନା)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଏହାର ପରବର୍ତ୍ତୀ ମ୍ୟାଚ୍ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ। ଟେବୁଲ ଟପ୍ପର ବେଙ୍ଗାଲୁରୁ ବିପକ୍ଷରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ନେଇ ଆଶା କରାଯାଉଛି। ଏହି ମ୍ୟାଚ୍‌କୁ ଜିତିବା ସହ ବିଜୟ ଧାରା ବଜାୟ ରଖିବାକୁ ଓଏଫ୍‌ସି ପ୍ରୟାସ କରିବ। ଓଡ଼ିଶା ଏଫ୍‌ସି ଏହାର ଅନ୍ତିମ ମ୍ୟାଚ୍‌ରେ ହାଇଦ୍ରାବାଦ ଏଫ୍‌ସିକୁ ୬-୦ରେ ପରାସ୍ତ କରିଥିଲା। ଦଳର ସମସ୍ତ ଫରୱାର୍ଡ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିଲେ। ଏପରିକି ଗୋଲକିପର ଅମରିନ୍ଦର ସିଂ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ୟ ପକ୍ଷରେ ଚଳିତ ସିଜନରେ ଆରମ୍ଭରୁ ବେଙ୍ଗାଲୁରୁ ଏଫ୍‌ସି ଭଲ ପ୍ରଦର୍ଶନ କରିବା ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଦଳ ଏଯାଏ ୯ ମ୍ୟାଚ୍ ଖେଳି ୬ ବିଜୟ ସହ ୨୦ ପଏଣ୍ଟ ଅର୍ଜନ କରିଛି।

ସମାନ ଭାବରେ ଓଏଫ୍‌ସି ୯ ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ, ପରାଜୟ ଓ ଡ୍ର ସହିତ ୧୨ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ତେବେ ହାଇଦ୍ରାବାଦ ବିପକ୍ଷରେ ଦଳର ସମସ୍ତ ଖେଳାଳିଙ୍କ ଅଲରାଉଣ୍ଡ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଫରୱାର୍ଡ ଖେଳାଳି ଆଇଜାକ ଭନଲାଲରୁଆଟଫେଲା ଯୋଗ ଦେଇଥିଲେ। ବେଙ୍ଗାଲୁରୁ ଏକ ଭଲ ଦଳ। ଏହି ଦଳରେ ଅନେକ ତାରକା ଖେଳାଳି ରହିଥିଲେ ମଧ୍ୟ ଆମେ କୌଣସି ଖେଳାଳିଙ୍କ ପାଇଁ ନୁହେଁ ବରଂ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବୁ ବୋଲି ମୁଖ୍ୟ କୋଚ୍ ଲୋବେରା କହିଥିଲେ। ଏହା ସହ ପୂର୍ବ ମ୍ୟାଚ୍‌ର ଫଳାଫଳକୁ ନେଇ ଉତ୍ସାହିତ ହେବା ଅନୁଚିତ ବୋଲି ମଧ୍ୟ ସେ କହିଥିଲେ। ଗତ ମ୍ୟାଚ୍‌ର ପରିବେଶ ଓ କମ୍ବିନେଶନ ଭିନ୍ନ ଚଳିତ ମ୍ୟାଚ୍ ଏକ ନୂତନ ଚ୍ୟାଲେଞ୍ଜ ରହିବ। ସବୁ ପ୍ରକାରର ଚ୍ୟାଲେଞ୍ଜ ପାଇଁ ଦଳ ପ୍ରସ୍ତୁତ ବୋଲି ସେ କହିଥିଲେ। ଦଳର ପ୍ରମୁଖ ଫରୱାର୍ଡ ଖେଳାଳି ରୟ କ୍ରିଷ୍ଣା ଆହତ ଥିବା ବେଳେ ସେ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରୁ ବାଦ ପଡ଼ିବେ। ଅନ୍ୟତମ ଫରୱାର୍ଡ ଡିଏଗୋ ମରିସିଓ ଓଡ଼ିଶା ଆକ୍ରମଣର ନେତୃତ୍ୱ ନେବେ। ଅନ୍ୟ ପକ୍ଷରେ ବେଙ୍ଗାଲୁରୁ ଏହାର ଅନ୍ତିମ ମ୍ୟାଚ୍‌ରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଥିବା ବେଳେ ଏହା ମଧ୍ୟ ଆତ୍ମବିଶ୍ୱାସରେ ରହିଛି। ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଓଏଫ୍‌ସି ଏହାର ଅନ୍ତିମ ୨ ମ୍ୟାଚ୍‌ରେ ବିଜୟୀ ହୋଇଛି। ସେହିପରି ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବାରୁ ଓଏଫ୍‌ସି ଆଉ ଏକ ବିଜୟ ସନ୍ଧାନରେ ରହିବ।


ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଆଇଜାକ ଭନଲାଲରୁଆଟଫେଲା। (ଫଟୋ: ବିକାଶ ନାୟକ)

# ପଞ୍ଚମ ରାଉଣ୍ଡ ମ୍ୟାଚ୍ ଡ୍ର

## ବିଶ୍ୱ ଚେସ୍ ଚାମ୍ପିୟନଶିପ

ସିଙ୍ଗାପୁର,୩୦।୧୧(ପି.ଟି.)

ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଡିଙ୍ଗ୍ ଲିରେନ୍‌ଙ୍କ ବିପକ୍ଷ ପଞ୍ଚମ ରାଉଣ୍ଡ ମ୍ୟାଚ୍ ଡ୍ର ରଖିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ଏହା ସହ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଶୁକ୍ରବାର ଡ୍ର ରହିଥିଲା। ପଞ୍ଚମ ରାଉଣ୍ଡରେ ଗୁକେଶ ଧଳା ଗୋଟିରେ ଖେଳୁଥିବା ବେଳେ ତାଙ୍କୁ ମ୍ୟାଚ୍ ଫେଭରିଟ ବିବେଚନା କରାଯାଉଥିଲା। ତେବେ ୪୦ ମୁଭ ପରେ ଉଭୟ ଖେଳାଳି ଡ୍ର ପାଇଁ ସହମତି ପ୍ରକାଶ କରିଥିଲେ। ପଞ୍ଚମ ରାଉଣ୍ଡ ଖେଳ ସମାପ୍ତ ହୋଇଥିବା ବେଳେ ଉଭୟ ଖେଳାଳି ୨.୫ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ତୃତୀୟ ରାଉଣ୍ଡରେ ପ୍ରଥମ ବିଜୟ ହାସଲ କରିଥିବା ଗୁକେଶ ଏହି ମେଗା ପ୍ରତିଯୋଗିତାରେ ମ୍ୟାଚ୍ ଡ୍ର ରଖିଛନ୍ତି। ଫଳରେ ଉଭୟ ଖେଳାଳି ଗୋଟିଏ ଲେଖାଏ ବିଜୟ ଓ ଦୁଇଟି ଡ୍ର ସହିତ ସମାନ ସ୍ଥିତିରେ ରହିଛନ୍ତି। ସର୍ବକନିଷ୍ଠ ଚ୍ୟାଲେଞ୍ଜର ଭାବରେ ଗୁକେଶ ଏହି ଟୁର୍ନାମେଣ୍ଟରେ ଭାଗ ନେଉଛନ୍ତି। ଉଭୟଙ୍କ ମଧ୍ୟରେ ଯିଏ ପ୍ରଥମେ ୭.୫ ପଏଣ୍ଟ ହାସଲ କରିବେ ସେ ଏହି ସମ୍ମାନଜନକ ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ। କଳା ଗୋଟିରେ ଖେଳୁଥିବା ଗୁକେଶଙ୍କ ନିକଟରେ ଶେଷ ଆଡ଼କୁ ବିଜୟୀ ହେବାର ସୁଯୋଗ ଆସିଥିଲା। ତେବେ କଳା ଗୋଟିରେ ବିଜୟ ସମ୍ଭବ ହୋଇ ନ ଥିବା ବେଳେ ଡ୍ର'ରେ ସନ୍ତୁଷ୍ଟ ରହିଥିଲେ ଗୁକେଶ। ଉଲ୍ଲେଖଯୋଗ୍ୟ ଯେ, ଚମତ୍କାର ଫର୍ମରେ ଥିବା ଗୁକେଶ ଅପ୍ରତ୍ୟାଶିତ ଭାବେ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ପରବର୍ତ୍ତୀ ରାଉଣ୍ଡ ମ୍ୟାଚ୍ ଡ୍ର ରହିଥିବା ବେଳେ ତୃତୀୟ ରାଉଣ୍ଡରେ ଗୁକେଶ ବିଜୟୀ ହୋଇଥିଲେ। ଶୁକ୍ରବାର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଡ୍ର ରହିଥିଲା।



ଶନିବାର ମ୍ୟାଚ୍ ପରେ ଡି. ଗୁକେଶ(ବାମ) ଓ ଡିଙ୍ଗ୍ ଲିରେନ୍।

## ଜୁନିୟର ଏସିଆ କପ୍ ହକି
# ସେମିରେ ଭାରତ

ମସ୍କଟ, ୩୦।୧୧ (ପି.ଟି.)

ଚାଇନିଜ ତାଇପେକୁ ୧୬-୦ରେ ପରାସ୍ତ କରିବା ପରେ ଭାରତ ଏଠାରେ ଚାଲିଥିବା ଜୁନିୟର ଏସିଆ କପ୍ ପୁରୁଷ ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଦିଲରାଜ ସିଂ ସର୍ବାଧିକ ୪ ଗୋଲ ଦେଇଥିବା ବେଳେ ରୋସନ କୁଜୁର ଓ ସୌରଭ ଆନନ୍ଦ କୁଶୱାହା ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। କ୍ରମାଗତ ୩ ବିଜୟ ସହ ପି.ଆର୍. ଶ୍ରୀଜେଶଙ୍କଠାରୁ କୋଚିଂ ନେଉଥିବା ଏହି ଦଳ ୯ ପଏଣ୍ଟ ସହ ଜାପାନ (୬)ଠାରୁ ଆଗରେ ପୁଲ୍ 'ଏ'ର ଶୀର୍ଷ ସ୍ଥାନ ଅଧିକାର କରି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଭାରତ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ୍ ରବିବାର କୋରିଆ ବିପକ୍ଷରେ ଖେଳିବ। ଡିସେମ୍ବର ୩ରେ ସେମିଫାଇନାଲ ଖେଳାଯିବ। ଏହି ଟୁର୍ନାମେଣ୍ଟକୁ ଆସନ୍ତାବର୍ଷ ଭାରତରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ରୂପେ ମଧ୍ୟ ବିବେଚନା କରାଯାଉଛି। ଏଥିପାଇଁ ଶ୍ରେଷ୍ଠ ୬ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଭାରତ ଆୟୋଜକ ଦେଶ ଭାବେ ପୂର୍ବରୁ ଆପେ ଯୋଗ୍ୟତା ଅର୍ଜନ କରିସାରିଛି। ଦଳ ଆହୁରି ମଧ୍ୟ ଏଠାରେ ଶ୍ରେଷ୍ଠ ୬ଟି ଦଳ ମଧ୍ୟରେ ରହିଛି। ତେଣୁ ୭ମ ଦଳ ମଧ୍ୟ ଯୋଗ୍ୟତା ଅର୍ଜନ କରିବ। ଜୁନିୟର ଏସିଆ କପ୍ ଇତିହାସରେ ଭାରତ ହେଉଛି ସବୁଠାରୁ ସଫଳ ଦଳ। ଭାରତ ୨୦୦୪, ୨୦୦୮, ୨୦୧୫ ଓ ୨୦୨୩ରେ ୪ଥର ଟାଇଟଲ ଜିତିବାରେ ସମର୍ଥ ହୋଇପାରିଛି।

# ଓଡ଼ିଶା ଖେଳାଳିଙ୍କୁ ୧୧ ପଦକ



ରାଜ୍ୟଗୋଷ୍ଠୀ କରାଟେରେ ପଦକ ବିଜେତା ଓଡ଼ିଆ ଖେଳାଳି।

## ରାଜ୍ୟଗୋଷ୍ଠୀ କରାଟେ

ଭୁବନେଶ୍ୱର,୩୦।୧୧(ସରୋଜ ଜେନା)

ଦକ୍ଷିଣ ଆଫ୍ରିକାର ଡର୍ବାନରେ ଅନୁଷ୍ଠିତ ରାଜ୍ୟ ଗୋଷ୍ଠୀ କରାଟେରେ ଓଡ଼ିଶା ଖେଳାଳିମାନେ ୧୧ ପଦକ ବିଜୟୀ ହୋଇଛନ୍ତି। ଏହା ମଧ୍ୟରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ ରହିଛି। ଓଡ଼ିଶାରୁ ୧୬ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶୁଭକାନ୍ତ ବିଶ୍ୱାଳ, ସୁରୋମିତା ସିହ୍ନା, ଆଲିଶା ସୁବୁଦ୍ଧି ଓ ମହିଳା କାଟା ଟିମ୍(ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା ଓ ସୁପ୍ରିୟା ମହାନ୍ତି) ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜୁନିୟର ପୁରୁଷ କାଟା ଇଭେଣ୍ଟରେ ପୁଲକ ପାଢ଼ୀ, ସୂର୍ଯ୍ୟପ୍ରକାଶ ଘଡ଼େଇ, ଆର୍ଯ୍ୟବ୍ରତ ବିଶ୍ୱାଳଙ୍କ ଯୋଡ଼ି ଓ ମହିଳା କାଟା ଇଭେଣ୍ଟରେ ପ୍ରିୟଦର୍ଶିନୀ ସାହୁ, ସୁପ୍ରିୟା ମହାନ୍ତି, ଅମୈଷି ଝା ଓ ତମନ୍ନା ମେହେରଙ୍କ ଦଳ ରୌପ୍ୟ ପଦକ ଜିତିଥିଲେ। ସେହିପରି ରୀତେଶ ରାୟ, ଲୋମା ସ୍ୱାଇଁ, ଭାଲେନା ଭାଲେଣ୍ଟିନା, ପୁନିତ କୁମାର ମହାନ୍ତ ଓ ବେଦାନ୍ତ ଦାସ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସମସ୍ତ ପଦକ ବିଜେତା ଖେଳାଳିଙ୍କୁ ଓଡ଼ିଶା କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଇନୋଭାରେ କପ୍
# ସିସିସି, ଇନୋଭାରେ, ସୋଆ, ଏସ୍‌ଏସି ବିଜୟୀ

ଭୁବନେଶ୍ୱର,୩୦।୧୧(ସରୋଜ ଜେନା)

ଭୁବନେଶ୍ୱରର ଇଡ୍‌କୋ ଓ ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ଇନୋଭାରେ କପ୍‌ରେ ରବିବାର ସିସିସି, ଇନୋଭାରେ, ସୋଆ ଓ ଏସ୍‌ଏସି ବିଜୟୀ ହୋଇଛନ୍ତି। ଇଡକୋ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସିସିସି ୨୧ ରନ୍‌ରେ ଟିସିଏସ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସିସିସି ୨୦ ଓଭରରେ ୮ ଉଇକେଟରେ ୨୧୩ ରନ୍ କରିଥିଲା। ଜବାବରେ ଟିସିଏସ୍ ୧୯୨/୫ରେ ସୀମିତ ରହିଥିଲା। ବିଶ୍ୱଜିତ ବଡୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଇନୋଭାରେ କ୍ଲାଉଡ୍ସ ୨ ଉଇକେଟରେ ରୟାଲ ରେଞ୍ଜର୍ସକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ରୟାଲ ରେଞ୍ଜର୍ସ ୨୦ ଓଭରରେ ୫ ଉଇକେଟରେ ୧୪୬ ରନ୍ କରିଥିଲା। ଜବାବରେ ଇନୋଭାରେ ୧୯.୪ ଓଭରରେ ୮ ଉଇକେଟରେ ୧୪୮ ରନ୍ କରିଥିଲା। ଅସୀମ ରାଉତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

ସୋଆ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଏଲ୍‌ଟି ମାଇଣ୍ଡ ଟ୍ରିକୁ ୧୩ ରନ୍‌ରେ ପରାସ୍ତ କରିଛି ସୋଆ। ପ୍ରଥମେ ବ୍ୟାଟିଂ କରିଥିବା ସୋଆ ୯୯ ରନ୍ କରିଥିବା ବେଳେ ମାଇଣ୍ଡ ଟ୍ରି ୮୬ ରନ୍‌ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଇନ୍‌ଫୋସିସ୍ ୭ ଉଇକେଟରେ ଏସ୍‌ଏସିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଏସ୍‌ଏସି ୨୦ ସଭରରେ ୮ ଉଇକେଟ ହରାଇ ୧୨୬ ରନ୍ କରିଥିଲା। ଜବାବରେ ଇନ୍‌ଫୋସିସ୍ ୧୮.୧ ଓଭରରେ ୩ ଉଇକେଟରେ ୧୩୧ ରନ୍ କରିଥିଲା।

# ପ୍ରଥମ ଦିବସ ଖେଳ ବାତିଲ

## ଭାରତ-ପ୍ରଧାନମନ୍ତ୍ରୀ ଏକାଦଶ ମ୍ୟାଚ

କାନବେରା, ୩୦।୧୧ (ପି.ଟି.)

ଲଗାଣ ବର୍ଷା ଯୋଗୁ ଏଠାରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ବନାମ ଭାରତ ମଧ୍ୟରେ ଆୟୋଜିତ ଦୁଇଦିନିଆ ଅଭ୍ୟାସ ମ୍ୟାଚର ପ୍ରଥମ ଦିବସ ଖେଳକୁ ବାତିଲ କରି ଦିଆଯାଇଛି। ଫଳରେ ଆଡିଲେଡ୍‌ଠାରେ ଆୟୋଜିତ ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ବିଶିଷ୍ଟ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପୂର୍ବରୁ ରୋହିତ ଶର୍ମା ଓ ଶୁବମନ ଗିଲ୍ ପିଙ୍କ୍ ବଲ୍‌ରେ ଅଭ୍ୟାସରୁ ବଞ୍ଚିତ ହୋଇଛନ୍ତି। ରବିବାର ମ୍ୟାଚର ଦ୍ୱିତୀୟ ଦିବସରେ ପାଗ ଯଦି ଅନୁକୂଳ ରହେ ତେବେ ଉଭୟ ଦଳ ଏକ ୫୦ ଓଭର-ଏ-ସାଇଡ୍ ମ୍ୟାଚ ଖେଳିବା ଲାଗି ରାଜି ହୋଇଛନ୍ତି। ପିଙ୍କ୍ ବଲ୍ ଟେଷ୍ଟ ଡିସେମ୍ବର ୬ରୁ ଆରମ୍ଭ ହେବ। ପରିବାରରେ ପୁତ୍ର ସନ୍ତାନର ଆଗମନ ଦୃଷ୍ଟିରୁ ରୋହିତ ପ୍ରଥମ ଟେଷ୍ଟରୁ ଓହରିଯାଇଥିଲେ। ଭାରତୀୟ ଅଧିନାୟକ ଯଦିଓ ପିଙ୍କ୍ ବଲ୍‌ରେ କେତେଜଣ କ୍ୱାଲିଟି ବୋଲରଙ୍କ ସହ ନେଟ୍ସରେ ଅଭ୍ୟାସ କରିଛନ୍ତି, ମ୍ୟାଚରେ କିନ୍ତୁ ପରିସ୍ଥିତି ଭିନ୍ନ। ଭାରତ ଏହାର ଗତ ଦିବାରାତ୍ର ଟେଷ୍ଟ ୨୦୨୨ରେ ବେଙ୍ଗାଲୁରୁରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲା। ଆଙ୍ଗୁଠିରେ ଆଘାତ ଯୋଗୁ ଗିଲ୍ ପ୍ରଥମ ଟେଷ୍ଟରେ ଖେଳି ନ ଥିଲେ। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ଏହି ଟପ୍ ଅର୍ଡର ବ୍ୟାଟର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ପୂର୍ବରୁ ଗିଲ୍ ମଧ୍ୟ ଶୁକ୍ରବାର ନେଟ୍ସରେ ଭଲ ରୂପେ ଅଭ୍ୟାସ କରିଛନ୍ତି। ଆଡିଲେଡ ଟେଷ୍ଟରେ ରୋହିତ ଓ ଗିଲ୍ ଯଥାକ୍ରମେ ଦେବଦତ୍ତ ପଡ଼ିକାଲ ଓ ଧ୍ରୁବ ଜୁରେଲଙ୍କ ସ୍ଥାନରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ସୂଚନାଯୋଗ୍ୟ, ଭାରତ ଏପର୍ଯ୍ୟନ୍ତ ସୁଦ୍ଧା ୪ ପିଙ୍କ୍ ବଲ୍ ଟେଷ୍ଟ ଖେଳିଛି। ତନ୍ମଧ୍ୟରୁ ଭାରତ ୨୦୧୯ରେ କୋଲକାତାରେ ବାଂଲାଦେଶ ବିପକ୍ଷରେ ବିଜୟ ହାସଲ କରିଥିବା ବେଳେ ୨୦୨୦ରେ ଆଡିଲେଡ୍‌ଠାରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଥିଲା। ପରେ ଦଳ ଘରୋଇ ପିଚ୍‌ରେ ୨୦୨୧ରେ ଅହମଦାବାଦରେ ଇଂଲଣ୍ଡ ଏବଂ ୨୦୨୨ରେ ବେଙ୍ଗାଲୁରୁଠାରେ ଶ୍ରୀଲଙ୍କା ବିପକ୍ଷରେ ବିଜୟୀ ହୋଇଥିଲା।

# ସର୍ବଭାରତୀୟ ବେସାମରିକ ଟେବୁଲ ଟେନିସ

ଭୁବନେଶ୍ୱର, ୩୦।୧୧ (ବିଜୟ ରଣା)

ନୂଆଦିଲ୍ଲୀସ୍ଥିତ ତ୍ୟାଗରାଜ ଷ୍ଟାଡିୟମଠାରେ ଡିସେମ୍ବର ୧୬ରୁ ୨୦ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଟେବୁଲ ଟେନିସ (ଉଭୟ ପୁରୁଷ ଓ ମହିଳା) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟା ରବିବାର (ଡିସେମ୍ବର-୧) ସକାଳେ ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବୁଲ ଟେନିସ ଏକାଡେମୀ, ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ସେଦିନ ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଆୟୋଜନ କରାଯାଇଛି। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ରହିଥିବା ବ୍ୟକ୍ତିମାନେ ଭାଗ ନେଇପାରିବେ। ସେମାନଙ୍କୁ ନିଜର ସେବାପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ସାଇଜ ଫଟୋ ସହିତ ଉପରୋକ୍ତ ସ୍ଥାନରେ ଉପସ୍ଥିତ ରହି ନାମ ପଞ୍ଜୀକରଣ ସହ ଚୟନପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ନିବେଦନ କରାଯାଇଛି।

# ପାକିସ୍ତାନଠାରୁ ହାରିଲା ଭାରତ

## ୧୯ ବର୍ଷରୁ କମ୍ ଏସିଆ କପ୍

ଦୁବାଇ,୩୦।୧୧

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ପାକିସ୍ତାନ ନିକଟରୁ ୪୩ ରନ୍‌ରେ ପରାଜିତ ହୋଇଛି ଭାରତ। ଶାହାଜେବ୍ ଖାନ୍‌ଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୫୦ ଓଭରରେ ୭ ଉଇକେଟ ହରାଇ ୨୮୧ ରନ୍ କରିଥିଲା। ଜବାବରେ ଭାରତ ୪୭.୧ ଓଭରରେ ୨୩୮ ରନ୍‌ରେ ଅଲଆଉଟ ହୋଇଥିଲା।

ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଉସ୍‌ମାନ ଖାନ୍(୬୦) ଓ ଶାହାଜେବ୍ ଖାନ୍(୧୫୯) ପ୍ରଥମ ଉଇକେଟରେ ୧୬୦ ରନ୍ ଯୋଡ଼ିଥିଲେ। ୯୪ ବଲ୍ ଖେଳିଥିବା ଉସ୍‌ମାନ ୬ ଚୌକା ସହ ୬୦ ରନ୍ କରିଥିଲେ। ତେବେ ଧୂଆଁଧାର ବ୍ୟାଟିଂ କରି ଶାହାଜେବ୍ ୧୪୭ ବଲ୍‌ରୁ ୧୫୯ ରନ୍ କରିଥିଲେ। ୧୪୭ ବଲ୍ ଖେଳି ସେ ୫ ଚୌକା ଓ ୧୦ ଛକା ମାରିଥିଲେ। ଭାରତ ପକ୍ଷରୁ ସମର୍ଥ ନାଗରାଜ ୩, ଆୟୁଷ ମାତ୍ରେ ୨, ଯୁଦ୍ଧଜିତ ଗୁହା ଓ କିରନ ଚୋରମାଲେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୮୨ ରନ୍‌ର ପିଛା କରୁଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ନିଖିଲ କୁମାର ସର୍ବାଧିକ ୬୭ ରନ୍ କରିଥିବା ବେଳେ ମହମ୍ମଦ ଏନାନ ୩୦ ଓ ହରବଂଶ ସିଂ ୨୬ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ଅଲି ରାଜା ୩, ଅବଦୁଲ ଶୁଭାନ ଓ ଫହାମ ଉଲ ହକ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶାହାଜେବ୍ ଖାନ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୫୦ ଓଭରରେ ୨୮୧/୭ (ଉସ୍‌ମାନ ଖାନ୍-୬୦, ଶାହାଜେବ୍ ଖାନ୍-୧୫୯, ମହମ୍ମଦ ରିଆଜୁଲ୍ଲା-୨୭, ସମର୍ଥ ନାଗରାଜ-୩/୪୫, ଆୟୁଷ ମାତ୍ରେ-୨/୩୦)। ଭାରତ ୪୭.୧ ଓଭରରେ ୨୩୮/୧୦ (ନିଖିଲ କୁମାର-୬୭, ମହମ୍ମଦ ଏନାନ-୩୦, ହରବଂଶ ସିଂ-୨୬, ଅଲି ରାଜା-୩/୩୬, ଅବଦୁଲ ଶୁଭାନ-୨/୪୬, ଫହାମ ଉଲ ହକ୍-୨/୪୧)।



ଶାହାଜେବ୍ ଖାନ୍

## ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ
# ସିନ୍ଧୁ, ଲକ୍ଷ୍ୟ ସେନ୍ ଫାଇନାଲରେ

ଲକ୍ଷ୍ନୌ, ୩୦।୧୧ (ପି.ଟି.)

ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ। ଟପ୍ ସିଡ୍ ସିନ୍ଧୁ ଶନିବାର ସେମିଫାଇନାଲରେ ୧୭ ବର୍ଷୀୟା ଉନ୍ନତି ହୁଡାଙ୍କୁ ୨୧-୧୨, ୨୧-୯ରେ ହରାଇ ଦେଇଥିଲେ। ଲକ୍ଷ୍ୟ ସେନ୍ ୨୧-୮, ୨୧-୧୪ରେ ଜାପାନର ଶେଗୋ ଓଗାୱାଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ଭାରତୀୟ ମିକ୍ସଡ ଡବଲ୍ସ ଯୋଡ଼ି ତନିଶା କାଷ୍ଟ୍ରୋ ଓ ଧ୍ରୁବ କାପିଲା ଚାଇନାର ୨୧-୧୬, ୨୧-୧୫ ସେଟରେ ଝି ହଙ୍ଗ ଝୋ ଓ ଜିଆ ୟି ୟାଙ୍ଗଙ୍କ ବିପକ୍ଷରେ ବିଜୟ ଲାଭ କରିଥିଲେ। ପୁରୁଷ ଡବଲ୍ସ ଯୋଡ଼ି ପୃଥ୍ୱୀ କ୍ରିଷ୍ଣାମୂର୍ତ୍ତି ରୟ ଓ ସାଇ ପ୍ରତୀକ କେ. ୨୧-୧୭, ୧୭-୨୧, ୨୧-୧୬ରେ ଇଶାନ ଭଟନାଗର ଓ ଶଙ୍କର ପ୍ରସାଦ ଉଦୟକୁମାରଙ୍କୁ ଓ ମହିଳା ଯୋଡ଼ି ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୧୮-୨୧, ୨୧-୧୮, ୨୧-୧୦ରେ ଥାଇଲାଣ୍ଡର ବେନୟାପା ଏମ୍‌ସାର୍ଡ ଓ ନୁତକରନ ଏମସାର୍ଡଙ୍କୁ ହରାଇଛନ୍ତି।

# କିଟ୍ ପୁରୁଷ ଟେନିସ ଦଳ ଚାମ୍ପିୟନ

ଭୁବନେଶ୍ୱର, ୩୦।୧୧ (ବିଜୟ ରଣା)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଟେନିସ ଚାମ୍ପିୟନଶିପ୍ ୨୦୨୪-୨୫ରେ କିଟ୍ ଟେନିସ ଦଳ ଚାମ୍ପିୟନ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ (ଏଆଇୟୁ) ତତ୍ତ୍ୱାବଧାନରେ ଜୟପୁରର ମଣିପାଲ ୟୁନିଭର୍ସିଟି ଆନୁକୂଲ୍ୟରେ ନଭେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ କିଟ୍ ୟୁନିଭର୍ସିଟି ୩:୦ ସ୍କୋର ଲାଇନ୍‌ରେ କେଏଲ୍‌ଇଏଫ୍ ୟୁନିଭର୍ସିଟିକୁ ହରାଇ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଲାଭ କରିଛି। ଦଳ ଗତ ସଂସ୍କରଣରେ ରୌପ୍ୟ ଜିତିଥିଲା। ଶନିବାର ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ହେଲେ ଡ. ବଲଜିତ ସିଂ ସେଖନ (ନୂଆଦିଲ୍ଲୀ, ଏଆଇୟୁର କ୍ରୀଡ଼ା ଯୁଗ୍ମ ସମ୍ପାଦକ) ; ଡେଭିଡ ଆଣ୍ଟନ ସ୍କିମୁଡ୍ (ଚେୟାର ଅଫ୍ ୟୁନିଭର୍ସିଟି ସ୍ପୋର୍ଟ୍ସ ଇନ୍ ଅଷ୍ଟ୍ରେଲିଆ ଆଣ୍ଡ ଏକ୍ଜ୍ୟୁଟିଭ କମିଟି ମେମ୍ବର ଅଫ୍ ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ) ଏବଂ ଡ. ରୀନା ପୁନିଆ (ମଣିପାଲ ୟୁନିଭର୍ସିଟି, କ୍ରୀଡ଼ା ନିର୍ଦ୍ଦେଶକ)। କିଟ୍ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ହେଲେ କବିର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟାଂଶୁ ମହାନ୍ତି ଓ ଦେବାଶିଷ ସାହୁ। ଏହି ପରିପ୍ରେକ୍ଷୀରେ ଖେଳାଳିମାନେ ସେମାନଙ୍କୁ ବିଶ୍ୱସ୍ତରର ସୁବିଧା ଅଦମ୍ୟ ସମର୍ଥନ ଯୋଗାଇ ଆସିଥିବା ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପ୍ରତି ସେମାନଙ୍କ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଟ୍ରଫି ସହ କିଟ୍ ପୁରୁଷ ଟେନିସ ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ